# ଧରିତ୍ରୀ
DHARITRI

ରାୟଗଡ଼ା, ରବିବାର, ଏପ୍ରିଲ ୧୮/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) Rayagada, Sunday, April 18/2021 ★

୧୧ଶ ଭାଗ ୭୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-





**ଦୋସ୍ତାନା-୨ରୁ କାର୍ତ୍ତିକ ଆଉଟ୍**
ଧର୍ମା ପ୍ରଡକ୍ସନର ଅପ୍‌କମିଂ ଫିଲ୍ମ ଦୋସ୍ତାନା-୨ରୁ ବାଦ୍ ପଡ଼ିଛନ୍ତି ଅଭିନେତା କାର୍ତ୍ତିକ ଆର୍ଯ୍ୟନ। **୧୪**

**୧୬** **ହାମିଲଟନଙ୍କୁ ପୋଲ୍ ପୋଜିଶନ**
ଇମିଲିଆ ରୋମାଗ୍ନା ଗ୍ରାଁ ପ୍ରି ପାଇଁ ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ପୋଲ୍ ପୋଜିଶନ ହାସଲ କରିଛନ୍ତି।





# ଖୋଲା ବଜାରରେ ଟିକା ମିଳୁ

## ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୪(ବ୍ୟୁରୋ)

ରାଜ୍ୟରେ ଟିକା ଅଭାବ ସମସ୍ୟା ଦୂର ହେଉନାହିଁ। ରାଜ୍ୟ ସରକାର ଟିକା ଯୋଗାଇବା ପାଇଁ କେନ୍ଦ୍ରକୁ ବାରମ୍ବାର ଚିଠି ଲେଖୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଆବଶ୍ୟକ ପରିମାଣର ଟିକା ଆସୁ ନ ଥିବାରୁ ଅଧିକାଂଶ ଟିକାକରଣ କେନ୍ଦ୍ର ବନ୍ଦ ହେବାରେ ଲାଗିଛି। ଏ ପରିସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ଖୋଲା ବଜାରରେ କରୋନା ଟିକା ଉପଲବ୍ଧ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ଟିକା ଖୋଲା ବଜାରରେ ମିଳିଲେ ଲୋକେ ସହଜରେ ଟିକା କିଣି ନେଇପାରିବେ ବୋଲି ସେ ଉଲ୍ଲେଖ କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଆଉ ୩ଟି ପ୍ରସ୍ତାବ ମଧ୍ୟ ଦେଇଛନ୍ତି। ବିଶ୍ୱରେ ସ୍ୱୀକୃତ ଟିକାକୁ ଆମ ଦେଶରେ ଜରୁରୀ ବ୍ୟବହାର ପାଇଁ ଅନୁମତି ମିଳୁ। ଏପରି ହେଲେ ଟିକା ଯୋଗାଣ ବୃଦ୍ଧି କରାଯାଇପାରିବ। ଭାରତରେ ଟିକା ଉତ୍ପାଦନ ନେଇ ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଛି। ତେଣୁ ଟିକା ଉତ୍ପାଦନ ବୃଦ୍ଧି ନିମନ୍ତେ ସମ୍ପୃକ୍ତ କମ୍ପାନୀଗୁଡ଼ିକୁ ଉଭୟ କେନ୍ଦ୍ର



ନବୀନ ପଟ୍ଟନାୟକ


ଓ ରାଜ୍ୟ ସରକାର ସହଯୋଗ କରିବା ଉଚିତ୍। କୋଭିଡ୍ ସଂକ୍ରମଣ ହାର ସର୍ବାଧିକ ଥିବା ଅଳ୍ପ କେତୋଟି ମେଟ୍ରୋପଲିଟାନ୍ ସହରରେ ବୟସ କଟକଣା ହଟାଯାଇ ଟିକାକରଣକୁ ପ୍ରାଥମିକତା ଦିଆଯାଉ। ମେଟ୍ରୋପଲିଟାନ୍ ସହର ଦେଶ ଅର୍ଥନୀତିର ପେଣ୍ଠ ହୋଇଥିବାରୁ କୌଣସି ପ୍ରକାର ଲକ୍‌ଡାଉନ୍ ଘୋଷଣା କରାଗଲେ ଶ୍ରମିକମାନେ ଗୃହାଭିମୁଖୀ ହେବେ ଓ ଦେଶର ବାକି ଅଞ୍ଚଳକୁ ଏହା ପ୍ରଭାବିତ କରିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ସେ ଆହୁରି ମଧ୍ୟ ଲେଖିଛନ୍ତି, ଟିକା ନେଇଥିବା ଲୋକଙ୍କଠାରୁ ସକାରାତ୍ମକ ମତାମତ ମିଳୁଛି। କିନ୍ତୁ ଚାହିଦା ମୁତାବକ ଟିକା ମିଳୁ ନ ଥିବାରୁ ଟିକାକରଣ ଅଗ୍ରଗତିରେ ବାଧା ଆସୁଛି।

### ତେଜିଲା ଭାକ୍ସିନ ରାଜନୀତି

ଦୈନିକ ୩ ଲକ୍ଷ ଟିକାକରଣ ଲାଗି ଆମକୁ ୨୫ ଲକ୍ଷ ଟିକା ଯୋଗାଇ ଦେବାକୁ ଅନୁରୋଧ କରାଯାଇଥିଲା। ରାଜ୍ୟର ସମସ୍ତ ୪୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ଟିକା ଦେବାକୁ ଆମକୁ ୧୬୦ ଦିନ ଲାଗିବ। କେନ୍ଦ୍ର ସରକାର ଟିକା ଯୋଗାଣ ବୃଦ୍ଧି ପାଇଁ ଯୋଜନା କରୁଥିବା ନେଇ ସୁନିଶ୍ଚିତ ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଲେଖିଛନ୍ତି।

ସେପଟେ ଟିକା ଅଭାବ ଓ ଟିକାକରଣ ବନ୍ଦ ହେବାକୁ ନେଇ ☞ପୃଷ୍ଠା-୧୧


## ୩ ହଟ୍‌ସ୍ପଟ୍ ଜିଲାରେ ଟିକାକରଣ ବନ୍ଦ



ଟିକା ନ ଥିବାରୁ ସୀମାନ୍ତ ୩ ହଟ୍‌ସ୍ପଟ୍ ଜିଲା ଝାରସୁଗୁଡ଼ା, ନୂଆପଡ଼ା ଓ କୋରାପୁଟରେ ଟିକାକରଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି ବୋଲି ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟର ୧,୫୦୦ କେନ୍ଦ୍ର ମଧ୍ୟରୁ ୧,୦୭୩ଟିରେ ଟିକାକରଣ ବନ୍ଦ ରଖାଯାଇଛି। ୧୦ ସୀମାନ୍ତ ଜିଲାର ସହରାଞ୍ଚଳରେ ହୋଇଥିବା ସପ୍ତାହାନ୍ତ ଶଟ୍‌ଡାଉନ ଯୋଗୁ ସେଠି ମଧ୍ୟ ଟିକାକରଣ ବନ୍ଦ ରଖାଯାଇଛି। ରାଜ୍ୟରେ ଯେତିକି ଟିକା ରହିଛି, ତାହା ୨ରୁ ୩ ଦିନ ଟିକାକରଣ ହୋଇପାରିବ। ଏବେ ରାଜ୍ୟରେ ୩.୬ ଲକ୍ଷ କୋଭିଶିଲ୍ଡ ଟିକା ଓ ୨.୩ ଲକ୍ଷ କୋଭାକ୍ସିନ ଟିକା ରହିଛି। ଟିକା ଅଭାବ ସମ୍ପର୍କରେ ଆମେ କେନ୍ଦ୍ର ସରକାରଙ୍କ ନିକଟକୁ ବାରମ୍ବାର ଚିଠି ଲେଖୁଛୁ ବୋଲି ପାଣିଗ୍ରାହୀ କହିଛନ୍ତି।

# ଗାଇଡ୍‌ଲାଇନରେ ଚାଲିବ ଶିକ୍ଷାନୁଷ୍ଠାନ

**ରାତ୍ରି କର୍ଫ୍ୟୁ ଆରମ୍ଭ** | **କଟକ-ଭୁବନେଶ୍ୱରରେ ୧୪୪**



ଭୁବନେଶ୍ୱର ରସୁଲଗଡ଼ ଛକରେ ଶନିବାର ରାତ୍ରି କର୍ଫ୍ୟୁ ବେଳେ ପୋଲିସର ଯାଞ୍ଚ।

ଭୁବନେଶ୍ୱର,୧୭।୪(ବ୍ୟୁରୋ)

ସମଗ୍ର ରାଜ୍ୟରେ ଶନିବାରଠାରୁ ରାତ୍ରି କର୍ଫ୍ୟୁ ଲାଗୁ କରାଯାଇଛି। ଛତିଶଗଡ଼ ସୀମାନ୍ତବର୍ତ୍ତୀ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରି ଜିଲାରେ ଶନିବାର ସନ୍ଧ୍ୟା ୬ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରି କର୍ଫ୍ୟୁ ଲାଗୁ କରାଯିବା ସହ ସପ୍ତାହାନ୍ତ ଶଟ୍‌ଡାଉନ୍ ଆରମ୍ଭ ହୋଇଛି। ଅପରପକ୍ଷରେ ଭୁବନେଶ୍ୱର, କଟକ ମହାନଗର ନିଗମ ସମେତ ରାଜ୍ୟର ୨୦ ଜିଲାର ସମସ୍ତ ସହରାଞ୍ଚଳରେ ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରି କର୍ଫ୍ୟୁ ଲାଗୁ କରାଯାଇଛି। ଏହି ସମୟରେ ଅତ୍ୟାବଶ୍ୟକ ସେବା ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟ ବନ୍ଦ ରହିଛି। ତେବେ ରାତ୍ରି କର୍ଫ୍ୟୁ ଏବଂ ସପ୍ତାହାନ୍ତ ଶଟଡାଉନ ସମୟରେ ଶିକ୍ଷାନୁଷ୍ଠାନ ଖୋଲା ☞ପୃଷ୍ଠା-୧୧

# ମେ' ୧୩ରେ ପିପିଲି ଭୋଟ



### ୨୬ରେ ନାମାଙ୍କନ

ଭୁବନେଶ୍ୱର, ୧୭।୪(ବ୍ୟୁରୋ)

ପିପିଲି ଉପନିର୍ବାଚନ ପାଇଁ ସାନି ତାରିଖ ଘୋଷଣା କରାଯାଇଛି। ଆସନ୍ତା ମେ' ୧୩ ତାରିଖରେ ଭୋଟ ଗ୍ରହଣ ହେବ। ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଶନିବାର ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଏପ୍ରିଲ ୨୬ ତାରିଖରେ ନାମାଙ୍କନପତ୍ର ଦାଖଲ ହେବ। ୨୭ରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ୨୯ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଶେଷ ସମୟ ଧାର୍ଯ୍ୟ କରାଯାଇଛି। ତେବେ ଭୋଟ ଗଣତି ନେଇ କୌଣସି ସୂଚନା ଦିଆଯାଇ ନାହିଁ। ମେ' ୧୫ କିମ୍ବା ୧୬ ତାରିଖରେ ଭୋଟ ଗଣତି ହୋଇପାରେ। ଭାରତର ନିର୍ବାଚନ କମିଶନ(ଇସିଆଇ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପରେ ତାହା ସ୍ପଷ୍ଟ ହେବ। ମେ' ୧୮ ତାରିଖ ସୁଦ୍ଧା ନିର୍ବାଚନ ☞ପୃଷ୍ଠା-୧୧

**କୁମ୍ଭମେଳା ଉପରେ ଲାଗିଲା କଟକଣା**




## ଟ୍ରକ୍‌ରେ ମହିଳାଙ୍କୁ ୨୧ ଦିନ ରଖି ବଳାତ୍କାର

### ଜଳେଶ୍ୱରରୁ ଅପହରଣ କରାଯାଇଥିଲା

ନୟାଗଡ଼ ଅଫିସ,୧୭।୪

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ଖୁଲୁଡା ବଜାରରୁ ଜଣେ ବିବାହିତା ମହିଳାଙ୍କୁ ଅପହରଣ କରାଯାଇ ଏକ ଟ୍ରକ୍ କଣ୍ଟେନରରେ ୨୧ ଦିନ ଧରି ରଖାଯାଇଥିଲା। ଏହି ସମୟ ମଧ୍ୟରେ ତାଙ୍କୁ ୪ ଥର ବଳାତ୍କାର କରାଯାଇଥିବା ନୟାଗଡ଼ ଜିଲା ଫତେଗଡ଼ ଥାନାରେ ଅଭିଯୋଗ ହୋଇଛି। ପୀଡ଼ିତା ଅପହରଣକାରୀଙ୍କଠାରୁ କୌଶଳକ୍ରମେ ଖସି ଆସିବା ପରେ ଏହି ଘଟଣା ସାମ୍ନାକୁ ଆସିଛି। ଏନେଇ ଫତେଗଡ଼ ଥାନାରେ ଆଇପିସି ଦଫା ୩୬୩, ୩୬୫, ୩୭୬(୨), ୫୦୬, ୩୪ ଅନୁଯାୟୀ ଏକ ମାମଲା(ନଂ.୭୨/୨୧) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁସାରେ ପୀଡ଼ିତାଙ୍କ ଘର ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଞ୍ଚଳରେ। ସେ ଖୁଲୁଡ଼ା ବଜାରରେ ରହୁଥିଲେ। ଗତ ମାର୍ଚ୍ଚ ୨୪ରେ ସେ ଖୁଲୁଡ଼ା ବଜାରକୁ କିଛି କାଗଜପତ୍ର ଜେରକ୍ସ କରିବାକୁ ଯାଉଥିଲେ। ☞ପୃଷ୍ଠା-୧୧



**ଆଜିର ସମ୍ପାଦକୀୟ**
ବିଶ୍ୱ ଦୃଷ୍ଟିରେ ଭାରତ







# କାଷ୍ଟ୍ରୋ ଯୁଗର ଅବସାନ



### କମ୍ୟୁନିଷ୍ଟ ପାର୍ଟି ନେତା ପଦରୁ ରାଉଲ କାଷ୍ଟ୍ରୋଙ୍କ ଇସ୍ତଫା

ହାଭାନା, ୧୭।୪

କ୍ୟୁବା କମ୍ୟୁନିଷ୍ଟ ପାର୍ଟି (ପିସିସି)ର ନେତା ପଦରୁ ଅବସର ଘୋଷଣା କରିଛନ୍ତି ରାଉଲ କାଷ୍ଟ୍ରୋ। ଏଥିସହିତ କ୍ୟୁବାରେ କାଷ୍ଟ୍ରୋ ଯୁଗର ଅବସାନ ଘଟିଛି। ଦୀର୍ଘ ୬୨ ବର୍ଷ ଧରି କାଷ୍ଟ୍ରୋ ଭ୍ରାତା କ୍ୟୁବାକୁ ଶାସନ କରିଆସୁଥିଲେ।

କ୍ୟୁବା ବିପ୍ଳବର ନେତୃତ୍ୱ ନେଉଥିବା ଫିଡେଲ କାଷ୍ଟ୍ରୋ ଓ ତାଙ୍କ ସହଯୋଗୀ ଗୋଷ୍ଠୀ ୧୯୫୯ ଜାନୁୟାରୀ ୧ରେ ଫୁଲଗେନସିଓ ବାଟିଷ୍ଟା ସରକାରଙ୍କୁ କ୍ଷମତାଚ୍ୟୁତ କରିଥିଲେ। ଏହା ପରେ ଫିଡେଲ ଦେଶର ପ୍ରଧାନମନ୍ତ୍ରୀ ଭାବେ ୧୯୫୯ରୁ ୧୯୭୬ ପର୍ଯ୍ୟନ୍ତ ରହିଥିଲେ। ସେ ମଧ୍ୟ ୧୯୬୧ରୁ ୨୦୧୧ ପର୍ଯ୍ୟନ୍ତ କ୍ୟୁବା କମ୍ୟୁନିଷ୍ଟ ପାର୍ଟିର ପ୍ରଥମ ସମ୍ପାଦକ ରହିଥିଲେ, ଯାହା ସର୍ବୋଚ୍ଚ ପଦବୀ। ୧୯୭୬ରେ ଫିଡେଲ୍ କ୍ୟୁବାର ରାଷ୍ଟ୍ରପତି ହୋଇ ୨୦୦୮ ପର୍ଯ୍ୟନ୍ତ ଏହି ପଦବୀରେ ରହିଥିଲେ। ଏହା ପରେ ସେ ତାଙ୍କ ଭାଇ ରାଉଲ କାଷ୍ଟ୍ରୋଙ୍କୁ ରାଷ୍ଟ୍ରପତି ପଦବୀ ହସ୍ତାନ୍ତର କରିଥିଲେ ହେଁ ନିଜେ ୨୦୧୧ ପର୍ଯ୍ୟନ୍ତ କମ୍ୟୁନିଷ୍ଟ ପାର୍ଟିର ପ୍ରଥମ ସମ୍ପାଦକ ରହିଥିଲେ। ଫିଡେଲଙ୍କ ଶାସନ କାଳରେ କ୍ୟୁବାର ☞ପୃଷ୍ଠା-୧୧

## ବାଂଲାଦେଶ ପୋଲିସ ଗୁଳିରେ ୫ ମୃତ

ଚାଇନାର ଏକ ଯୌଥ ଉଦ୍ୟୋଗ କାରଖାନାରେ ଶନିବାର ବାଂଲାଦେଶ ପୋଲିସ ଗୁଳିରେ ୫ ଜଣ କର୍ମଚାରୀଙ୍କ ମୃତ୍ୟୁ ଘଟିଛି ଓ ୧୫ରୁ ଅଧିକ ଆହତ ହୋଇଛନ୍ତି। ବେତନ ପୈଠ ଦାବିରେ ଚିଟାଗଙ୍ଗ ଅଞ୍ଚଳର ବନଶଖାଲିଠାରେ ଥିବା ଉକ୍ତ ତାପଜ ବିଦ୍ୟୁତ୍ ପ୍ଲାଣ୍ଟର କର୍ମଚାରୀମାନେ ଶୁକ୍ରବାରଠାରୁ ଆନ୍ଦୋଳନ କରୁଥିଲେ। ଆହତ କର୍ମଚାରୀମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ସଂକ୍ଷେପରେ

### କୁମ୍ଭମେଳା ସମାପନ ଘୋଷଣା କଲା ଜୁନା ଆଖଡ଼ା

**ହରିଦ୍ୱାର, ୧୭।୪:** ଦେଶରେ କରୋନା ସଂକ୍ରମଣ ଅଭୂତପୂର୍ବ ଭାବେ ବଢ଼ିଚାଲିଥିବାରୁ ଏଥର ହରିଦ୍ୱାର କୁମ୍ଭମେଳାକୁ କେବଳ ପ୍ରତୀକାତ୍ମକ ଭାବେ ପାଳନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁରୋଧ କରିଥିଲେ। ଏହାର କିଛି ସମୟ ପରେ ଦେଶର ଅନ୍ୟତମ ଶୀର୍ଷ ସନ୍ଥ ସ୍ୱାମୀ ଅବଧେଶାନନ୍ଦ ଗିରି ଜୁନା ଆଖଡ଼ା ପାଇଁ କୁମ୍ଭମେଳା ଶେଷ ହେଲା ବୋଲି ଘୋଷଣା କରିଛନ୍ତି। ଉତ୍ସବ ଅପେକ୍ଷା ଲୋକଙ୍କ ସୁରକ୍ଷା ଆମର ପ୍ରାଥମିକତା। ତେଣୁ ଆମେ ସବୁ ଦେବଦେବୀଙ୍କ ବିସର୍ଜନ କଲୁ ବୋଲି ସେ ଟୁଇଟ୍ କରିଛନ୍ତି। ଅନ୍ୟ ସନ୍ଥମାନେ ମଧ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶକୁ ରକ୍ଷା କରି ଦୁଇଟି ଶାହି ସ୍ନାନରେ କେବଳ ପ୍ରତୀକାତ୍ମକ ଭାବେ ଭାଗ ନେବା ପାଇଁ ଅବଧେଶାନନ୍ଦ ଏକ ଭିଡିଓ ବାର୍ତ୍ତାରେ ଅନୁରୋଧ କରିଛନ୍ତି।

### ଲାଲୁଙ୍କୁ ଜାମିନ



**ପାଟନା, ୧୭।୪:** ବହୁଚର୍ଚ୍ଚିତ ଚାରା ଦୁର୍ନୀତି ମାମଲାରେ ଆର୍‌ଜେଡି ସୁପ୍ରିମୋ ଲାଲୁପ୍ରସାଦ ଯାଦବଙ୍କୁ ଶନିବାର ଜାମିନ ମିଳିଛି। ଝାଡ଼ଖଣ୍ଡ ହାଇକୋର୍ଟ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଦୁମ୍‌କା କୋଷାଗାରରୁ ବେଆଇନ ଭାବେ ୩.୧୩ କୋଟି ଟଙ୍କା ଉଠାଇବା ଅଭିଯୋଗରେ ତାଙ୍କୁ ଜେଲ୍ ଦଣ୍ଡ ହୋଇଥିଲା। ଅସୁସ୍ଥତା କାରଣରୁ ଲାଲୁ ଏବେ ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। ହସ୍ପିଟାଲରୁ ଫେରିବା ପରେ ସେ ସିଧାସଳଖ ଘରକୁ ଯାଇପାରିବେ। ଏଥିସହ ମୁଚାଲିକା ପାଇଁ ୧ ଲକ୍ଷ ଏବଂ ୧୦ ଲକ୍ଷ ଟଙ୍କା ସେ ଜରିମାନା ବାବଦରେ ପ୍ରଦାନ କରିବେ। ଲାଲୁ ବିନା ଅନୁମତିରେ ଦେଶ ଛାଡ଼ିପାରିବେନାହିଁ କିମ୍ବା ତାଙ୍କ ଘର ଠିକଣା ଓ ମୋବାଇଲ ନମ୍ବର ବଦଳାଇପାରିବେ ନାହିଁ ବୋଲି କୋର୍ଟ କହିଛନ୍ତି।

### ଜାମିନ ପରେ ଦୀପ ସିଦ୍ଧୁ ଗିରଫ




**ନୂଆଦିଲ୍ଲୀ, ୧୭।୪:** ଜାନୁୟାରୀ ୨୬ ଲାଲକିଲ୍ଲା ହିଂସା ମାମଲାରେ ଗିରଫ ପଞ୍ଜାବ ଅଭିନେତା ଦୀପ ସିଦ୍ଧୁଙ୍କୁ ଶନିବାର ଦିଲ୍ଲୀର ଏକ କୋର୍ଟ ଜାମିନ୍ ପ୍ରଦାନ କରିବାର କିଛି ଘଣ୍ଟା ପରେ ଦିଲ୍ଲୀ କ୍ରାଇମବ୍ରାଞ୍ଚ ପୋଲିସ ତାଙ୍କୁ ପୁଣି ଗିରଫ କରିଛି। ଦୀପ ସର୍ବସାଧାରଣଙ୍କ ସମ୍ପତ୍ତି ନଷ୍ଟ କରିବାକୁ ଉଦ୍ୟମ କରିଥିବା ନେଇ ଭାରତର ପ୍ରତ୍ନତତ୍ତ୍ୱ ବିଭାଗ ଶନିବାର ଅଭିଯୋଗ କରିବା ପରେ ତାଙ୍କୁ ଗିରଫ କରାଯାଇଛି। ସାଧାରଣତନ୍ତ୍ର ଦିବସରେ କୃଷକଙ୍କ ଟ୍ରାକ୍ଟର ରାଲି ସମୟରେ ହିଂସାକାଣ୍ଡକୁ ଉସୁକାଇଥିବା ନେଇ ଗତ ଫେବୃୟାରୀ ୯ ତାରିଖରେ ତାଙ୍କୁ ଗିରଫ କରାଯାଇଥିଲା। ଶନିବାର ଦିଲ୍ଲୀ କୋର୍ଟ ୩୦ ହଜାର ଟଙ୍କା ବ୍ୟକ୍ତିଗତ ମୁଚାଲିକା ବଦଳରେ ଜାମିନ ପ୍ରଦାନ କରିଥିଲେ। ଥାନାରେ ହାଜର ହେବା ସହ ପାସ୍‌ପୋର୍ଟ ଜମା କରିବା, କୌଣସି ପ୍ରମାଣ ନଷ୍ଟ ନ କରିବାକୁ କୋର୍ଟ ସର୍ତ୍ତ ରଖିଥିଲେ।

### ରେମ୍‌ଡେସିଭିର୍ ଦାମ୍ କମିଲା


**ମୁମ୍ବାଇ, ୧୭।୪(ଆଇଏଏନ୍‌ଏସ୍):** କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଜୀବନ ରକ୍ଷାକାରୀ ଔଷଧ ଭାବେ ବ୍ୟବହୃତ ହେଉଥିବା ରେମ୍‌ଡେସିଭିର୍ ଇଞ୍ଜେକ୍ସନ ଦାମ୍ ସରକାର ପାଖାପାଖି ୫୦ ପ୍ରତିଶତ ହ୍ରାସ କରିଛନ୍ତି। ଏବେ ଏହି ଇଞ୍ଜେକ୍ସନ ୨,୪୫୦ ଟଙ୍କାରେ ଉପଲବ୍ଧ ହେବ। ଫଳରେ ବହୁସଂଖ୍ୟାରେ କରୋନା ରୋଗୀ ଉପକୃତ ହୋଇପାରିବେ। ତୁରନ୍ତ ନୂଆ ଦର ଲାଗୁ କରିବା ପାଇଁ ସାର ଓ ରସାୟନ ମନ୍ତ୍ରଣାଳୟର ଫାର୍ମାସ୍ୟୁଟିକାଲ ବିଭାଗ (ମୂଲ୍ୟ) ଉପଦେଷ୍ଟା ଏନ୍.ଆଇ.ଚୌଧୁରୀ ସମସ୍ତ ଫାର୍ମା କମ୍ପାନୀକୁ ନିର୍ଦ୍ଦେଶ ଦେଇଛନ୍ତି।

## କୁମାରସ୍ୱାମୀଙ୍କୁ ବେଡ୍ ମିଳିଲାନି



କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍‌ଡି କୁମାରସ୍ୱାମୀ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ସୁଧାକରଙ୍କ ଅନୁରୋଧ ସତ୍ତ୍ୱେ କୁମାରସ୍ୱାମୀଙ୍କୁ ମଣିପାଲ ହସ୍ପିଟାଲରେ ବେଡ୍ ମିଳି ନ ଥିବା ଜଣାପଡ଼ିଛି। ଶୁକ୍ରବାର ସେ ବେଙ୍ଗାଲୁରୁକୁ ଫେରିବା ପରେ ଅସୁସ୍ଥତା ଅନୁଭବ କରିବାରୁ କରୋନା ଟେଷ୍ଟ କରାଇଥିଲେ। କିଛି ଦିନ ତଳେ ହାର୍ଟ ଅପରେଶନ ହୋଇଥିବା କୁମାରସ୍ୱାମୀ କରୋନା ଚିକିତ୍ସା ପାଇଁ ମଣିପାଲ ହସ୍ପିଟାଲରେ ଆଡମିଟ୍ ହେବାକୁ ଯାଇଥିଲେ ହେଁ ଶଯ୍ୟା ଅଭାବରୁ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଅନ୍ୟ ଏକ ଘରୋଇ ହସ୍ପିଟାଲକୁ ତାଙ୍କୁ ନିଆଯାଇଥିବା ଜଣାପଡ଼ିଛି।

## ସୋନୁ ସୁଦ୍ ସଂକ୍ରମିତ



ବଲିଉଡ୍ ଅଭିନେତା ସୋନୁ ସୁଦ୍ କରୋନାରେ ସଂକ୍ରମିତ ହୋଇଛନ୍ତି। ସପ୍ତାହେ ତଳେ ସେ ପଞ୍ଜାବ ଅମୃତସରର ଏକ ହସ୍ପିଟାଲରେ କୋଭିଡ୍ ଟିକା ନେଇଥିଲେ। ଶନିବାର ତାଙ୍କ କରୋନା ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିଛି ବୋଲି ସୋନୁ ଟୁଇଟ୍ କରିଛନ୍ତି। ସେ ନିଜକୁ କ୍ୱାରାଣ୍ଟାଇନରେ ରଖିଛନ୍ତି। ମୁଁ ସର୍ବଦା ତୁମମାନଙ୍କ ପାଇଁ ଅଛି, ତେଣୁ କେହି ବ୍ୟସ୍ତ ହୁଅନ୍ତୁ ନାହିଁ ବୋଲି ସେ କହିଛନ୍ତି। ଗତବର୍ଷ ଅନେକ ପ୍ରବାସୀ ଶ୍ରମିକଙ୍କୁ ଘରେ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରିବା ସହ ସେମାନଙ୍କୁ ଆର୍ଥିକ ସହାୟତା କରି ସୋନୁ ବିପୁଳ ପ୍ରଶଂସା ସାଉଣ୍ଟିଥିଲେ। ନିକଟରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ବାତିଲ କରିବାକୁ ମଧ ସ୍ୱର ଉଠାଇଥିଲେ।

# ଭାକ୍ସିନ ବନାମ ଭାଇରସ୍

**କୋଭିଡ୍‌କୁ ବାଡ଼ ଦେବାକୁ ଟିକାକରଣ ଛଡ଼ା ଅନ୍ୟ ବିକଳ୍ପ ଥିବା ପରି ମନେହେଉନି। ଲୋକଙ୍କୁ ଯେତେଶୀଘ୍ର ଭାକ୍ସିନ ଦେବା ଦୌଡ଼ରେ ସାମିଲ ହୋଇଛନ୍ତି ପ୍ରାୟ ସବୁଦେଶ। ଛୋଟ ତଥା ଗରିବ ଦେଶ ବି ଯେପରି ଭାକ୍ସିନେଶନରୁ ବାଦ୍ ନ ପଡ଼େ ସେ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ବାରମ୍ବାର ପ୍ରାଥମିକତା ଦେଇଆସୁଛି। ସମଗ୍ର ବିଶ୍ୱରେ ଶନିବାର ସୁଦ୍ଧା ପ୍ରାୟ ୮୮ କୋଟି ଲୋକଙ୍କର ଟିକାକରଣ ସରିଛି। ବ୍ରିଟେନରେ ସର୍ବାଧିକ ୪୦ କୋଟି ଟିକାକରଣ କରାଯାଇଥିବା ରିପୋର୍ଟ କହୁଛି। ସର୍ବାଧିକ ସଂକ୍ରମିତ ଦେଶ ଆମେରିକାରେ ଟିକାକରଣ ଶନିବାର ସୁଦ୍ଧା ୨୦ କୋଟି ଟପିଛି। ଏହା ସତ୍ତ୍ୱେ ଥମିପାରୁନି ମୃତ୍ୟୁସଂଖ୍ୟା। ଗତ ବର୍ଷ ସେପ୍ଟେମ୍ବରରୁ ଚଳିତ ଫେବୃୟାରୀ ସୁଦ୍ଧା ବିଶ୍ୱରେ କରୋନା ମୃତ୍ୟୁ ସଂଖ୍ୟା ହଠାତ୍ ବୃଦ୍ଧି ପାଇ ୨୦ ଲକ୍ଷ ଅତିକ୍ରମ କରିଥିଲା। ଏଥିପାଇଁ ସମୟ ଲାଗିଥିଲା ମାତ୍ର ୫ ମାସ। ବର୍ତ୍ତମାନର ସ୍ଥିତି ଆହୁରି ଗମ୍ଭୀର ହୋଇଛି। ମାତ୍ର ୨ ମାସରେ କୋଭିଡ୍ ସଂକ୍ରମିତଙ୍କ ମୃତ୍ୟୁ ସଂଖ୍ୟା ୧୦ ଲକ୍ଷ ଟପିବା ଚିନ୍ତା ବଢ଼ାଇଛି।**

## ଟିକାକରଣ ସତ୍ତ୍ୱେ କମୁନି ମୃତ୍ୟୁସଂଖ୍ୟା



ମହାରାଷ୍ଟ୍ରର କରଡ଼ଠାରେ କରୋନାରେ ପ୍ରାଣ ହରାଇଥିବା ୪ ଜଣଙ୍କୁ ଗୋଟିଏ ଜୁଇରେ ଦାହ ପାଇଁ ପ୍ରସ୍ତୁତି କରାଯାଉଛି।

- ବିଶ୍ୱରେ ଗଲାଣି ୩୦ ଲକ୍ଷ ଜୀବନ
- ୨ ମାସରେ ୧୦ ଲକ୍ଷ
- ସଂଖ୍ୟା ବଢ଼ାଉଛନ୍ତି ୪ ଦେଶ
- ମ୍ୟୁଟେଶନ ସଂକ୍ରମଣ ବୃଦ୍ଧିର ପ୍ରମୁଖ କାରଣ

**ନୂଆଦିଲ୍ଲୀ,୧୭।୪**

ଦ୍ରୁତଗତିରେ କରୋନା ସଂକ୍ରମଣ ବଢ଼ିଚାଲିଥିବାବେଳେ ଟିକା ନେଇଥିବା ଲୋକଙ୍କ ସଂଖ୍ୟା ବଢ଼ୁଛି। ହେଲେ ଏହା ତାଲ ଦେଇଛି କୋଭିଡ୍ ମୃତ୍ୟୁ ହାର। ସାରା ବିଶ୍ୱରେ କୋଭିଡ୍‌ରେ ପ୍ରାଣ ହରାଇଥିବା ଲୋକଙ୍କ ସଂଖ୍ୟା ୩୦ ଲକ୍ଷ ୧୫ ହଜାର ଟପିଛି। ସଂକ୍ରମଣ ରୋକିବାକୁ ଦେଶଗୁଡ଼ିକ ସଂଘର୍ଷ କରୁଥିବାବେଳେ ସମସ୍ୟା ବଢ଼ାଇଛି ନୂଆ ମ୍ୟୁଟେଶନ। କରୋନାର ନୂଆ ଷ୍ଟ୍ରେନ ଭାରିଆଣ୍ଟ ବ୍ୟାପକ ସଂକ୍ରମଣର ପ୍ରମୁଖ କାରଣ ପାଲଟିଛି, ଯାହାସହ ଲଢ଼େଇ କରିବା ଚ୍ୟାଲେଞ୍ଜ ପାଲଟିଛି। ୨୦୨୦ ସେପ୍ଟେମ୍ବର ୨୧ ସୁଦ୍ଧା ମୃତ୍ୟୁସଂଖ୍ୟା ୧୦ ଲକ୍ଷ ତଳେ ରହିଥିଲା। ହେଲେ ୫ ମାସ ପରେ ତାହା ହଠାତ୍ ବୃଦ୍ଧି ପାଇ ଗତ ଫେବୃୟାରୀରେ ୨୦ ଲକ୍ଷ ଅତିକ୍ରମ କଲା। ଏବେ ମାତ୍ର ୨ ମାସରେ ମୃତକଙ୍କ ସଂଖ୍ୟା ୧୦ ଲକ୍ଷ ଟପିଛି। ସଂକ୍ରମଣ ସମେତ ମୃତ୍ୟୁହାରରେ ଆମେରିକା ସବୁଠାରୁ ଆଗରେ ରହିଥିବାବେଳେ ଏହାତଳକୁ ବ୍ରାଜିଲ, ମେକ୍ସିକୋ ରହିଛି। ଏହି ରେସ୍‌ରେ ଭାରତ ମଧ ଧୀରେ ଧୀରେ ସାମିଲ ହେଉଛି। ଏ ସବୁକୁ ଦେଖିଲେ ମନେ ହେଉଛି ଯେମିତି ଭାକ୍ସିନକୁ ଟକ୍କର ଦେଉଛି କୋଭିଡ୍-୧୯ ଭାଇରସ୍। ଟିକାକରଣ ସତ୍ତ୍ୱେ ମୃତ୍ୟୁ ସଂଖ୍ୟା ବୃଦ୍ଧିକୁ ଅଟକାଯାଇ ନ ପାରିବା ମେଡିକାଲ ସାଇନ୍ସ ଆଗରେ ଆହ୍ୱାନ ହୋଇ ଛିଡ଼ା ହୋଇଛି।

### ଆମେରିକାରେ ୫୭୦ରେ ଜଣେ

କରୋନା ଭୂତାଣୁ ବିଶ୍ୱକୁ ବ୍ୟାପିବା ସମୟରେ ଏକ ସର୍ଭେରେ କୁହାଯାଇଥିଲା ଯେ, ଆମେରିକା ସଂକ୍ରମଣ ରୋକିବାରେ ସଫଳ ଦେଶ ହୋଇ ଉଭାହେବ। ହେଲେ ତାହା ଭୁଲ୍ ପ୍ରମାଣିତ ହେଲା। କେବଳ ଆମେରିକାରେ ୫୭୯,୯୫୧ ଜଣ ଭୂତାଣୁ କବଳରେ ପ୍ରାଣ ହରାଇସାରିଲେଣି। ଏଠାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୨,୩୦୮,୫୫୭ରେ ପହଞ୍ଚିଛି। ଦେଶରେ ଟିକାକରଣ ୨୦ କୋଟି ଟପିଛି। ଦିନକୁ ୩୦ ଲକ୍ଷ ଲୋକଙ୍କୁ ଟିକା ପ୍ରଦାନ କରାଯାଉଥିବା ସତ୍ତ୍ୱେ ପ୍ରାୟ ୫୭୦ ଜଣରେ ଜଣଙ୍କ ମୃତ୍ୟୁ ଘଟୁଛି, ଯାହା କି ଅନ୍ୟ କୌଣସି ଦେଶ ତୁଳନାରେ ସର୍ବାଧିକ। ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରୋଗ ବ୍ୟାପିବାକୁ ବ୍ୟାପକ ପଦକ୍ଷେପ ନ ନେବା, କଟକଣା ଜାରି ନ କରିବା, ଟେଷ୍ଟିଂକୁ ଗୁରୁତ୍ୱ ନ ଦେବା ଏପରିକି ଗତ ଜୁଲାଇ ମାସ ପର୍ଯ୍ୟନ୍ତ ନିଜେ ଟ୍ରମ୍ପ୍ ମାସ୍କ ନ ପିନ୍ଧିବା ଆଦି କାରକ ସଂକ୍ରମଣ ବଢ଼ାଇବାରେ ଲାଗିଥିଲା ବୋଲି ବିଶେଷଜ୍ଞ ମତ ଦିଅନ୍ତି।

### ବୋଲସୋନାରୋଙ୍କ ବେଖାତିର୍

ସଂକ୍ରମଣଜନିତ ମୃତ୍ୟୁସଂଖ୍ୟାରେ ଦ୍ୱିତୀୟ ସ୍ଥାନରେ ରହିଛି ବ୍ରାଜିଲ। ଶନିବାର ସୁଦ୍ଧା ଦେଶରେ ୩୬୯,୦୨୪ ଜଣ ଭୂତାଣୁ କବଳରେ ପ୍ରାଣ ହାରିସାରିଲେଣି। ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୩,୮୩୪,୩୪୨ରେ ପହଞ୍ଚିଛି। କିଛି ସପ୍ତାହ ହେଲା ବ୍ରାଜିଲରେ ପ୍ରତି ୪ ଜଣରେ ଜଣଙ୍କ ମୃତ୍ୟୁ ଘଟୁଥିବା ରିପୋର୍ଟ କହୁଛି। ସେହିପରି ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ଏଠାରେ ଟିକା ଦିଆଯାଇଛି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ପରି ବ୍ରାଜିଲ ରାଷ୍ଟ୍ରପତି ଜୈର ବୋଲସୋନାରୋଙ୍କ ବେଖାତିର ନୀତିକୁ ଏଥିପାଇଁ ଦାୟୀ କରାଯାଉଛି। କରୋନାକୁ ସାଧାରଣ ଥଣ୍ଡା ଅଭିହିତ କରିବା, ଟିକାର ପରିହାସ କରିବା, କଟକଣା ଲାଗୁ ନ କରିବା ଆଦି ପାଇଁ ଦେଶରେ ଭୂତାଣୁ କୋପ ବଢ଼ିବା ସହ ମୃତ୍ୟୁସଂଖ୍ୟା ମଧ ବୃଦ୍ଧି ପାଇପାରେ ଲାଗିଛି। ଆସନ୍ତା ଜୁଲାଇ ସୁଦ୍ଧା ବ୍ରାଜିଲରେ କରୋନା ମୃତ୍ୟୁ ୫ ଲକ୍ଷ ଟପିଯିବ ବୋଲି ୱାଶିଂଟନ ୟୁନଭର୍ସିଟି ଆକଳନ କରିଛି।

### ଭାରତରେ ଅଣାୟତ୍ତ ସ୍ଥିତି

ଦୈନିକ ସଂକ୍ରମଣରେ ଭାରତର ସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିଲେ ହେଁ ଆକ୍ରାନ୍ତଙ୍କ ତୁଳନାରେ ମୃତ୍ୟୁ ସଂଖ୍ୟା କମ୍ ରହିଛି। ହେଲେ ଟିକା ଅଭାବ, ଚିକିତ୍ସା ପାଇଁ କେତେକ ରାଜ୍ୟରେ ହସ୍ପିଟାଲରେ ବେଡ୍ ନ ମିଳିବା, ଲୋକେ କରୋନା ଗାଇଡ୍‌ଲାଇନ ନ ମାନିବା ଆଦି ଏହି ସଂଖ୍ୟା ବୃଦ୍ଧି କରିବାରେ ବଡ଼ କାରକ ସାଜିବ ଏବଂ ବିଶ୍ୱରେ କୋଭିଡ୍ ମୃତ୍ୟୁ ବ୍ୟାପକ ବଢ଼ାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଦେଶରେ ଶନିବାର ସୁଦ୍ଧା ଟିକାକରଣ ୧୨ କୋଟିର ନିକଟତର ହୋଇଛି। ସଂକ୍ରମଣଜନିତ ମୃତ୍ୟୁ ହାର ଭାରତରେ ୦.୦୮ ପ୍ରତିଶତ ଥିବାବେଳେ ଆମେରିକାରେ ଏହା ୦.୬ ପ୍ରତିଶତ ରହିଛି, ଯାହା କି ଭାରତଠାରୁ ପ୍ରାୟ ୮ ଗୁଣ ଅଧିକ। ଭାରତରେ ଯୁବଗୋଷ୍ଠୀଙ୍କ ସଂଖ୍ୟା ଅଧିକ ଥିବାରୁ ମୃତ୍ୟୁହାର ଅପେକ୍ଷାକୃତ କମ୍ ରହିଥିବା କୁହାଯାଉଛି।

### ଛୋଟ ଦେଶରେ ବଡ଼ ସଂଖ୍ୟା

ମାତ୍ର ୧୩ କୋଟି ଲୋକସଂଖ୍ୟାକୁ ନେଇ ଗଠିତ ମେକ୍ସିକୋ କିନ୍ତୁ କରୋନା ସଂକ୍ରମଣଜନିତ ମୃତ୍ୟୁରେ ବେଶ୍ ଆଗରେ ରହିଛି। ଶନିବାର ସୁଦ୍ଧା ଏହି ଉତ୍ତର ଆମେରିକୀୟ ଦେଶରେ ଭୂତାଣୁ କବଳରେ ୨୩ ଲକ୍ଷ ସଂକ୍ରମିତ ହୋଇଥିବାବେଳେ ୨,୧୧,୬୯୩ ଜଣ ପ୍ରାଣ ହାରିଲେଣି, ଯାହା କି ସାରା ବିଶ୍ୱରେ ତୃତୀୟ ସର୍ବାଧିକ। ତେବେ ଟେଷ୍ଟିଂ ଅଭାବ ଯୋଗୁ ପ୍ରକୃତରେ ଏହି ସଂଖ୍ୟା ୩୩୦,୦୦୦ ଟପିଥିବା ଆକଳନ କରାଯାଉଛି। ପ୍ରାୟ ୩୩ ଲକ୍ଷଙ୍କୁ ଟିକା ପ୍ରଦାନ କରାଯାଇଛି। ତେବେ ଲୋକମାନଙ୍କୁ ଆବଶ୍ୟକ ମୁତାବକ ମାସ୍କ ନ ମିଳିବା, ଭ୍ରମଣ ଉପରେ ରୋକ ନ ଲାଗିବା, ସୁରକ୍ଷା ଉପକରଣର ଅଭାବ, ସାମାଜିକ ଦୂରତା ପାଳନ କରା ନ ଯିବା ଆଦି ଏହି ଛୋଟ ଦେଶରେ ବଡ଼ ଧରଣର ସଂକ୍ରମଣ ପଛର କାରଣ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କହିଛି।

## ୮୬% କୋଭିଡ୍ ମୃତ୍ୟୁ ୧୦ ରାଜ୍ୟରେ

**ନୂଆଦିଲ୍ଲୀ, ୧୭।୪(ଆଇଏଏନ୍‌ଏସ୍)**

### ଦିନକରେ ୨.୩୪ ଲକ୍ଷ ସଂକ୍ରମିତ



ଭାରତରେ ଗତ ୨୪ ଘଣ୍ଟା ମଧରେ କରୋନା ଭୂତାଣୁ ୧,୩୪୧ ଜଣଙ୍କ ଜୀବନ ନେଇଛି। ମୃତ୍ୟୁସଂଖ୍ୟାର ୮୫.୮୩ ପ୍ରତିଶତ କେବଳ ୧୦ଟି ରାଜ୍ୟରୁ ଆସିଥିବାବେଳେ ୫୦ ପ୍ରତିଶତରୁ ଅଧିକ ମହାରାଷ୍ଟ୍ର, ଦିଲ୍ଲୀ, ଛତିଶଗଡ଼ରୁ ବୋଲି ଜଣାପଡ଼ିଛି। ଗୋଟିଏ ଦିନରେ ମହାରାଷ୍ଟ୍ରରେ ସର୍ବାଧିକ ୩୯୮ ଜଣଙ୍କର କରୋନାରେ ମୃତ୍ୟୁ ହୋଇଥିବାବେଳେ ଦିଲ୍ଲୀରେ ୧୪୧, ଛତିଶଗଡ଼ରେ ୧୩୮, ଉତ୍ତରପ୍ରଦେଶରେ ୧୦୩, ଗୁଜରାଟରେ ୯୪, କର୍ନାଟକରେ ୭୮, ମଧ୍ୟପ୍ରଦେଶରେ ୬୦, ଝାଡ଼ଖଣ୍ଡରେ ୫୬, ପଞ୍ଜାବରେ ୫୦ ଏବଂ ତାମିଲନାଡୁରେ ୩୩ ଜଣଙ୍କ ଜୀବନ ନେଇଛି ଭୂତାଣୁ। ଗତ ୨୪ ଘଣ୍ଟା ମଧରେ ୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କୋଭିଡ୍‌ରେ କାହାର ମୃତ୍ୟୁ ଘଟିନାହିଁ। ଶନିବାର ସକାଳ ୮ଟା ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ଦେଶରେ ୨,୩୪,୬୯୨ ଜଣ କରୋନାରେ ସଂକ୍ରମିତ ହୋଇଛନ୍ତି। ଏଥିସହିତ ମୋଟ ସକ୍ରିୟ ମାମଲା ସଂଖ୍ୟା ୧୬,୭୯,୭୪୦କୁ ବୃଦ୍ଧି ପାଇଛି, ଯାହା କି ମୋଟ ସଂକ୍ରମଣର ୧୧.୫୬ ପ୍ରତିଶତ। ମୋଟ ସକ୍ରିୟ ମାମଲାର ୬୫.୦୨ ପ୍ରତିଶତ ୫ଟି ରାଜ୍ୟରେ ଦେଖାଦେଇଛି। ସେଗୁଡ଼ିକ ହେଲା ମହାରାଷ୍ଟ୍ର, ଛତିଶଗଡ଼, ଉତ୍ତରପ୍ରଦେଶ, କର୍ନାଟକ ଏବଂ କେରଳ। ମୋଟ ସକ୍ରିୟ ମାମଲାର ୩୮.୦୯ ପ୍ରତିଶତ ମହାରାଷ୍ଟ୍ରରେ ରହିଛି।

## ୫ମ ପର୍ଯ୍ୟାୟରେ ୭୮.୩୬% ମତଦାନ

**କୋଲକାତା, ୧୭।୪**



### ଗଣ୍ଡଗୋଳ ଅଭିଯୋଗରେ ୧୨୩ ଗିରଫ

ପଶ୍ଚିମବଙ୍ଗରେ ଶନିବାର ପଞ୍ଚମ ପର୍ଯ୍ୟାୟରେ ୪୫ ଆସନ ଲାଗି ମତଦାନ ଅନୁଷ୍ଠିତ ହୋଇଛି। ଅପରାହ୍ନ ୫ଟା ସୁଦ୍ଧା ୭୮.୩୬ ପ୍ରତିଶତ ମତଦାନ ହୋଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ଆରିଜ୍ ଅଫତାବ ସୂଚନା ଦେଇଛନ୍ତି। ଜଲପାଇଗୁଡ଼ିରେ ସର୍ବାଧିକ ୮୧.୭୩ ପ୍ରତିଶତ ଭୋଟିଂ ହୋଇଥିବାବେଳେ ପୂର୍ବ ବର୍ଦ୍ଧମାନରେ ୮୧.୭୨, ନଦିଆରେ ୮୧.୫୭, ଉତ୍ତର ୨୪ ପ୍ରଗଣାରେ ୭୪.୮୩, ଦର୍ଜିଲିଂରେ ୭୪.୩୧ ଏବଂ କଲିମପୋଙ୍ଗରେ ୬୯.୫୬ ପ୍ରତିଶତ ମତଦାନ ହୋଇଛି। ଅଳ୍ପ କେତୋଟି ଛୋଟମୋଟ ହିଂସାକୁ ବାଦ୍ ଦେଲେ ଶନିବାରର ନିର୍ବାଚନ ମୋଟାମୋଟି ଶାନ୍ତିପୂର୍ଣ୍ଣ ହୋଇଥିବା ଅଫ୍‌ତାବ କହିଛନ୍ତି। ଗଣ୍ଡଗୋଳ ଅଭିଯୋଗରେ ୧୨୩ ଜଣଙ୍କୁ ଗିରଫ କରାଯାଇଛି। ଦେଶୀ ବନ୍ଧୁକ ଧରି ଏକ ବୁଥ୍ ବାହାରେ ଥିବା ସ୍ୱାଧୀନ ପ୍ରାର୍ଥୀ କୌଶିକ ଦଶପରାଙ୍କୁ ଗିରଫ କରାଯାଇଛି ଓ ବନ୍ଧୁକ ଜବତ ହୋଇଛି। ଆକ୍ରମଣ ଅଭିଯୋଗରେ ଶାନ୍ତିପୁରରୁ ୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଗୟେସପୁରରେ ଭଙ୍ଗାରୁଜା କରିବା ଅଭିଯୋଗରେ ଦୁଇଜଣ ଗିରଫ ହୋଇଛନ୍ତି। ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ପରିଚାଳନା ଲାଗି ୮୫୩ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ନିୟୋଜିତ କରାଯାଇଥିଲା।

## ମମତାଙ୍କ ଅଡିଓ କ୍ଲିପ୍‌କୁ ନେଇ ବିବାଦ

**କୋଲକାତା, ୧୭।୪**



- ଦିଦି ମୃତଦେହ ଉପରେ ରାଜନୀତି କରୁଛନ୍ତି: ମୋଦି
- ନିର୍ବାଚନ କମିଶନଙ୍କୁ ଫେରାଦ ହେଲା ଟିଏମ୍‌ସି

ପଶ୍ଚିମବଙ୍ଗ ବିଧାନସଭା ଲାଗି ଶନିବାର ପଞ୍ଚମ ପର୍ଯ୍ୟାୟ ମତଦାନ ଚାଲିଥିବାବେଳେ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଅଧକ୍ଷା ମମତା ବାନାର୍ଜୀଙ୍କ ଏକ ଅଡିଓ କ୍ଲିପ୍‌କୁ ଭାଜପାର ଆଇଟି ସେଲ୍ ଲିକ୍ କରିଦେଇଛି। ଏହାକୁ ନେଇ ଦୁଇ ଦଳ ମଧରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଥିବାବେଳେ ଭାଜପା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଟିଏମ୍‌ସି ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛି। ପ୍ରଚାରରେ ଟିଏମ୍‌ସି ସହ ଟକ୍କର ଦେଇପାରୁ ନ ଥିବା ଭାଜପା ଷଡ଼ଯନ୍ତ୍ର କରୁଛି। ସେମାନଙ୍କ ଗୁପ୍ତଚର ବୃତ୍ତିର ସିଆଇଡି ତଦନ୍ତ ପାଇଁ ନିର୍ଦ୍ଦେଶ ଦେବେ ବୋଲି ମୁଖ୍ୟମନ୍ତ୍ରୀ ମମତା କହିଛନ୍ତି। ଗୁପ୍ତଚର ବୃତ୍ତି ପଛରେ କିଏ ତାହା ସେ ଜାଣନ୍ତି ଏବଂ କାହାକୁ ଛାଡ଼ିବେ ନାହିଁ ବୋଲି ତୃଣମୂଳ କଂଗ୍ରେସ ନେତ୍ରୀ ଏକ ରାଲିରେ ଉଦ୍‌ବୋଧନ ଦେବା ଅବସରରେ କହିଛନ୍ତି।

ଟିଏମ୍‌ସିର ଶୀତଳକୁଚି ପ୍ରାର୍ଥୀ ପାର୍ଥ ପ୍ରତିମ ରାୟଙ୍କ ସହ ମମତାଙ୍କ କଥାବାର୍ତ୍ତାର ଅଡିଓ କ୍ଲିପ୍‌କୁ ଭାଜପା ଲିକ୍ କରିଦେବା ଫଳରେ ବିବାଦ ଜୋର୍‌ଦାର ହୋଇଛି। ଗତ ୧୦ ତାରିଖରେ ସୁରକ୍ଷା ବଳ ଗୁଳିରେ ପ୍ରାଣ ହରାଇଥିବା ୪ ଜଣଙ୍କ ମୃତଦେହକୁ ନେଇ ରାଲି କରାଇବା ପାଇଁ ମମତା ପାର୍ଥଙ୍କୁ କହିଥିବା ଉକ୍ତ ଟେପ୍‌ରୁ ଜଣାପଡ଼ିଛି। ମମତା ମୃତଦେହକୁ ନେଇ ରାଜନୀତି କରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଅନ୍ୟପକ୍ଷରେ ଭୁଲ୍ ତଥ୍ୟ ପ୍ରଚାର କରିବା ପାଇଁ ବିରୋଧୀ ଦଳ ଅଡିଓ କ୍ଲିପ୍‌ର ବିଷୟବସ୍ତୁକୁ ବିକୃତ କରିଥିବା ଟିଏମ୍‌ସି ଅଭିଯୋଗ କରିଛି। ମୁଖ୍ୟମନ୍ତ୍ରୀଙ୍କ ଫୋନ୍‌କୁ ଭାଜପା ନିଜ ସ୍ୱାର୍ଥ ପାଇଁ ଟ୍ୟାପିଂ କରି ଏହାକୁ ନିର୍ବାଚନ ପୂର୍ବରୁ ଲିକ୍ କରିବା ଅଭୂତପୂର୍ବ। ଭାଜପାର ଏଭଳି ବେଆଇନ କାର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଟିଏମ୍‌ସି ନିର୍ବାଚନ କମିଶନଙ୍କ ନିକଟକୁ ପତ୍ର ଲେଖିଛି। ମୁଖ୍ୟମନ୍ତ୍ରୀଙ୍କ କଥାବାର୍ତ୍ତାକୁ ରେକର୍ଡ କରିବା ସମ୍ବିଧାନର ସମ୍ପୂର୍ଣ୍ଣ ଉଲ୍ଲଂଘନ ସହିତ ଭାରତୀୟ ଟେଲିଗ୍ରାଫ୍ ଆଇନ, ସୂଚନା ପ୍ରଯୁକ୍ତି ଆଇନ ଏବଂ ଆଇପିସିର ଉଲ୍ଲଂଘନ ବୋଲି ଟିଏମ୍‌ସି କହିଛି। ଭାଜପା କାର୍ଯ୍ୟାଳୟରେ ଏହି ଅଡିଓ କ୍ଲିପ୍ ଲିକ୍ ବେଳେ ସେଠାରେ ଭାଜପା ଆଇଟି ସେଲ୍ ପ୍ରଭାରୀ ଅମିତ ମାଲବ୍ୟ ଏବଂ ଏମ୍‌ପି ଲକେଟ ଚାଟାର୍ଜୀ ଉପସ୍ଥିତ ଥିଲେ। ମମତା ଦଙ୍ଗାକୁ ଉସୁକାଉଥିବା ଅଡିଓ ଟେପ୍‌ରୁ ସ୍ପଷ୍ଟ ହୋଇଛି ବୋଲି ମାଲବ୍ୟ କହିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୪,୧୦,୩୮,୦୯୭ | ୩୦,୧୭,୮୨୫ | ୧୧,୯୭,୧୩,୭୦୫ |
| ଭାରତ | ୧,୪୭,୬୨,୩୫୧ | ୧,୭୭,୯୭୮ | ୧,୨୭,୯୨,୬୮୭ |
| ଓଡ଼ିଶା | ୩,୬୪,୫୯୪ | ୧୯୪୨(+୫୩) | ୩,୪୩,୫୨୨ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଅଜିତଙ୍କ ପରେ ଆଖିବୁଜିଲେ ମା'

ଡେଲାଙ୍ଗ(ଡି.ଏନ୍.ଏ)/ପିପିଲି(ସ୍ୱ.ପ୍ର) ୧୭।୪: କରୋନାରେ ସଂକ୍ରମିତ ହୋଇ ଚିକିତ୍ସିତ ହେଉଥିବା କଂଗ୍ରେସ ନେତା ତଥା ପିପିଲି ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ଅଜିତ ମଙ୍ଗରାଜଙ୍କ ମୃତ୍ୟୁର ୨ଦିନ ପରେ ଅର୍ଥାତ୍ ଶୁକ୍ରବାର ରାତିରେ ତାଙ୍କ ମା' କ୍ଷେତ୍ରମଣି ମଙ୍ଗରାଜଙ୍କ ମଧ ମୃତ୍ୟୁ ଘଟିଛି। କ୍ଷେତ୍ରମଣି କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଦୀର୍ଘଦିନ ହେବ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ୩ଦିନ ଅନ୍ତରରେ ପୁଅ ଓ ମା'ଙ୍କ ମୃତ୍ୟୁରେ ତାଙ୍କ ପରିବାର ତଥା ପିପିଲି ଓ ଡେଲାଙ୍ଗ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏପରି କି ଅଜିତ୍‌ଙ୍କ ପରିବାରର ଅନ୍ୟଜଣେ ସଦସ୍ୟ ନିମୋନିଆରେ ଆକ୍ରାନ୍ତ ହୋଇ ଶୁକ୍ରବାର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଗତ ୪ଦିନ ମଧ୍ୟରେ ଡେଲାଙ୍ଗ ବ୍ଲକରେ ୩ଜଣଙ୍କ କରୋନାରେ ମୃତ୍ୟୁ ଘଟିଲାଣି। ଶୁକ୍ରବାର ବେରବୋଇ ଗ୍ରାମର ଅଧାପକ ପ୍ରକାଶ ନାୟକଙ୍କ ମଧ କରୋନାରେ ମୃତ୍ୟୁ ଘଟିଛି। ତାଙ୍କ ପରିବାରର ଆଉ ୪ଜଣ ସଦସ୍ୟ ମଧ କରୋନା ସଂକ୍ରମିତ ହୋଇ ଚିକିତ୍ସିତ ହେଉଛନ୍ତି। ଗତ ୧୪ତାରିଖରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଅଜିତ୍‌ଙ୍କ କରୋନାରେ ମୃତ୍ୟୁ ହୋଇଥିଲା। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଟେଲିଫୋନ କରି ଅଜିତଙ୍କ ବିଧବା ସ୍ତ୍ରୀ ବନ୍ଦନାଙ୍କୁ ସମବେଦନା ଜଣାଇବା ସହ ଧୈର୍ଯ୍ୟ ଧରିବାକୁ ନିବେଦନ କରିଥିଲେ। ଅଜିତଙ୍କ ମୃତ୍ୟୁ ପରେ ଏପ୍ରିଲ ୧୭ରେ ହେବାକୁ ଥିବା ପିପିଲି ଉପନିର୍ବାଚନକୁ ସ୍ଥଗିତ ରଖାଯିବା ସହ ମେ' ୧୩ରେ ସାନି ନିର୍ବାଚନ ହେବାକୁ ଶନିବାର ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

### ଦାଦାବଟି ମାଗି ଯୁବକ ଗିରଫ

ପୁରୀ ଅଫିସ, ୧୭।୪: ପୁରୀ ସଦର ଥାନା ପୋଲିସ ରାହାଜାନି କରିବା ଓ ଦାଦାବଟି ମାଗିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସଦର ଥାନା ଅନ୍ତର୍ଗତ ଗୁଣ୍ଡିପିଳିପିଳା ଗ୍ରାମର ସନ୍ତୋଷ ସାହୁ (୨୬)। ପୋଲିସ ତାଙ୍କ ନିକଟରୁ ଗୋଟିଏ ଛୁରି ଓ ୫୦୦ ଟଙ୍କା ଜବତ କରିଛି। ଏ ନେଇ କେସ୍ ନଂ. ୧୩୫/୨୧ ରୁଜୁ ହୋଇଛି। ପୁରୀ ଜଗନ୍ନାଥ ସଡ଼କରେ ଜଣେ ବ୍ୟକ୍ତି ଛୁରି ଦେଖାଇ ଗାଡ଼ି ଡ୍ରାଇଭରମାନଙ୍କଠାରୁ ଦାଦାବଟି ଆଦାୟ କରୁଥିବା ଖବର ପାଇ ସଦର ଥାନା ପୋଲିସର ଏକ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତ ସନ୍ତୋଷଙ୍କୁ ଧରିଥିଲା।

### ହାଇଦର ଫେରାର ଘଟଣା: ୩ ଗିରଫ

କଟକ ଅଫିସ, ୧୭।୪: ହାଇଦର ଫେରାର ମାମଲାରେ ଜଣେ ଯୁବତୀଙ୍କ ସମେତ ୩ ଜଣଙ୍କୁ ମଙ୍ଗଳାବାଗ ପୋଲିସ ଗିରଫ କରିଛି। ସେମାନେ ହେଲେ ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଞ୍ଚଳର ଅର୍ଚ୍ଚନା ପରିଡା(୧୮), କେନ୍ଦ୍ରାପଡା ଅଞ୍ଚଳର ଶେଖ୍ ରୈସୁଦ୍ଦିନ୍ (୨୬) ଓ ମାଲଗୋଦାମ ଥାନା ଯୋବ୍ରା ଟିଣପିଟା ସାହିର ଶେଖ୍ ଇମ୍ରାନ୍(୨୦) ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଏ ନେଇ ମଙ୍ଗଳାବାଗ ଥାନାରେ ଏକ ମାମଲା(ନଂ.୧୦୧/୨୧) ରୁଜୁ ହୋଇଥିଲା। ଅନ୍ୟପକ୍ଷରେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି।

# ରେଡ୍ ଜୋନ୍‌ରେ ଆଉ ୨ ଜିଲା

## ଦିନକରେ ୩,୧୪୪ ପଜିଟିଭ୍, ୪ ମୃତ

- ମୁକାବିଲା ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ
- ସୋମବାରରୁ ୫୦ ହଜାର ଟେଷ୍ଟ

ଭୁବନେଶ୍ୱର, ୧୭।୪(ବ୍ୟୁରୋ)



ରାଜ୍ୟରେ କରୋନା ସ୍ଥିତି ଜଟିଳ ହେବାରେ ଲାଗିଛି। ଖୋର୍ଦ୍ଧା ସମେତ ସୀମାନ୍ତ ଜିଲାଗୁଡ଼ିକରେ ସଂକ୍ରମଣ ଭୟଙ୍କର ଭାବେ ମାଡ଼ି ଚାଲିଛି। ଗୋଟିଏ ପରେ ଗୋଟିଏ ଜିଲା ରେଡ୍ ଜୋନ୍‌କୁ ଚାଲି ଯାଉଛି। ପୂର୍ବରୁ ସୁନ୍ଦରଗଡ଼ ଓ ଖୋର୍ଦ୍ଧା ରେଡ୍ ଜୋନ୍‌ରେ ରହିଥିବାବେଳେ ଏବେ ଆଉ ଦୁଇ ଜିଲା ନୂଆପଡ଼ା ଓ ସମ୍ବଲପୁର ସାମିଲ ହୋଇଛି। ବର୍ତ୍ତମାନ ସୁନ୍ଦରଗଡ଼ରେ ସର୍ବାଧିକ ୩,୬୭୧ ସକ୍ରିୟ ରୋଗୀ ରହିଥିବାବେଳେ ଖୋର୍ଦ୍ଧାରେ ୨,୮୯୯, ସମ୍ବଲପୁରରେ ୧,୦୯୭ ଓ ନୂଆପଡ଼ାରେ ୧,୦୨୬ଜଣ ଅଛନ୍ତି। ଏଥିସହ ୭ ଜିଲା ୟେଲୋ ଜୋନ୍‌ରେ ରହିଛି।

ଶେଷ ୨୪ ଘଣ୍ଟାରେ ରାଜ୍ୟରେ ଆଉ ୩,୧୪୪ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୪ଜଣଙ୍କ ମୃତ୍ୟୁ ଘଟିଛି। ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ସୁନ୍ଦରଗଡ଼ ଜିଲାରେ ସର୍ବାଧିକ ୫୨୩ଜଣ ରହିଛନ୍ତି। ସେହିପରି ଖୋର୍ଦ୍ଧାରେ ୪୯୭, ନୂଆପଡ଼ା ୩୯୫, ବରଗଡ଼ ୧୫୬, ସମ୍ବଲପୁର ୧୪୯, କଟକ ୧୪୦, ପୁରୀ ୧୨୯, କେନ୍ଦୁଝର ୧୨୮, ଝାରସୁଗୁଡ଼ା ୧୧୯, ନବରଙ୍ଗପୁର ୯୬, ବଲାଙ୍ଗୀର ୯୨, ମୟୂରଭଞ୍ଜ ୬୮, ଗଜପତି ୬୭, ଯାଜପୁର ୭୬, କଳାହାଣ୍ଡି ୫୩ ଓ ଭଦ୍ରକରେ ୫୧ଜଣ ଆକ୍ରାନ୍ତ ହୋଇଛନ୍ତି। ଫଳରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩, ୬୪,୫୯୪ରେ ପହଞ୍ଚିଛି। ସେହିପରି ୪ ମୃତକଙ୍କ ମଧ୍ୟରେ କଳାହାଣ୍ଡି ଜିଲାର ଜଣେ ୬୦ ବର୍ଷୀୟା ମହିଳା ଥିବାବେଳେ ସମ୍ବଲପୁରର ଜଣେ ୩୮ବର୍ଷୀୟ, ଝାରସୁଗୁଡ଼ାର ଜଣେ ୫୦ ବର୍ଷୀୟ ଓ ବଲାଙ୍ଗୀର ଜିଲାର ଜଣେ ୬୨ ବର୍ଷୀୟ ପୁରୁଷ ରହିଛନ୍ତି। ଏହାକୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୯୪୨କୁ ବୃଦ୍ଧି ପାଇଛି।

ସେପଟେ ପଜିଟିଭ ସଂଖ୍ୟା ବଢ଼ିଲେ ତାହାକୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ବୋଲି କହିଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର। ସେ କହିଛନ୍ତି, କରୋନାର ଚେନ୍ ଭାଙ୍ଗିବା ପାଇଁ ସରକାର ସବୁ ପଦକ୍ଷେପ ନେଇଛନ୍ତି। ଛତିଶଗଡ଼ ସୀମାବର୍ତ୍ତୀ ଜିଲାରେ ଶଟ୍‌ଡାଉନ୍ ଓ ଲକ୍‌ଡାଉନ୍ ଲାଗୁ କରାଯାଇଛି। ଛତିଶଗଡ଼ରୁ ଯେଉଁମାନେ ଆସିଛନ୍ତି, ଜଣଙ୍କଠାରୁ ୩୦ଜଣ ସଂକ୍ରମିତ ହେଉଛନ୍ତି। କରୋନା ଡ୍ରପ୍‌ଲେଟ ବାୟୁମଣ୍ଡଳରେ ବୁଲୁଛି। ତେଣୁ ନିହାତି କାମ ନ ଥିଲେ ବାହାରକୁ ବାହାରନ୍ତୁନାହିଁ। ରାତିରେ କର୍ଫ୍ୟୁ ଅଛି ଭାବି ବଜାରରେ ଭିଡ଼ ଜମାନ୍ତୁ ନାହିଁ। ଅମାନିଆଙ୍କ ପାଇଁ ସଂକ୍ରମଣ ବଢ଼ୁଛି। ତେଣୁ ଦାୟିତ୍ୱ ନେବାର ସମୟ ଆସିଛି। ପ୍ରତ୍ୟେକ ଦିନ ତଳ ସ୍ତରରୁ ତଦାରଖ କରୁଛୁ। ଆଗକୁ ଯଦି ସଂକ୍ରମଣ ଆହୁରି ବଢ଼ିବ, ତେବେ କିପରି ସଫଳ ମୁକାବିଲା କରିହେବ ତାହାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଛୁ। ଅଧିକ ଲୋକ ସଂକ୍ରମିତ ହେଲେ ଗୃହ ସଙ୍ଗରୋଧ ଉପରେ ଗୁରୁତ୍ୱ ଦିଆଯିବ ବୋଲି ମହାପାତ୍ର କହିଛନ୍ତି।

ଅନ୍ୟପଟେ ସୋମବାରଠାରୁ ରାଜ୍ୟରେ ଦୈନିକ ୫୦ହଜାର କୋଭିଡ୍ ଟେଷ୍ଟ କରିବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଆର୍‌ଟି-ପିସିଆର୍ ଟେଷ୍ଟକୁ ଦିନକୁ ୨୦ହଜାର ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ଦୁଇଟି ଘରୋଇ ଲାବରେଟୋରିକୁ କୁହାଯାଇଛି। ଆଉ ୩୦ହଜାର ନମୁନା ପରୀକ୍ଷା ପାଇଁ ରାପିଡ୍ ଆଣ୍ଟିଜେନ୍ କିଟ୍ ବ୍ୟବହାର କରାଯିବ। ଆଗକୁ ଆଉ ୫ଟି ଘରୋଇ ଲାବରେଟୋରିରେ ପରୀକ୍ଷା ହେବ ବୋଲି ଜଣାପଡ଼ିଛି। ଅଧିକ ଟେଷ୍ଟ ହେଲେ ଅଧିକ ପଜିଟିଭ୍ ଚିହ୍ନଟ ହେବେ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ, ରାଜ୍ୟରେ ଏବେ ଦୈନିକ ପ୍ରାୟ ୩୨ହଜାର କୋଭିଡ୍ ଟେଷ୍ଟ କରାଯାଉଥିବାବେଳେ ୩ହଜାର ଉପରେ ଆକ୍ରାନ୍ତ ବାହାରୁଛନ୍ତି।

### କରୋନାରେ ୨ ମୃତ

ସମ୍ବଲପୁର,୧୭।୪(ବ୍ୟୁରୋ): ସମ୍ବଲପୁର ଜିଲାରେ ଦିନକରେ ୧୪୮ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି କରୋନା ଦ୍ୱିତୀୟ ଲହରରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରେ ଜଣେ ୬୫ ବର୍ଷର ବୃଦ୍ଧ ଓ ଜଣେ ୩୮ ବର୍ଷର ଯୁବକ ଅଛନ୍ତି। ବୁର୍ଲା ଭିମ୍‌ସାର କୋଭିଡ୍ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଏମାନଙ୍କର ମୃତ୍ୟୁ ଘଟିଥିଲା। ଯୁବକ ଜଣଙ୍କ ପୂର୍ବରୁ ଯକ୍ଷ୍ମା ରୋଗରେ ପୀଡିତ ଥିଲେ ବୋଲି ସୂଚନା ଦିଆଯାଇଛି। ଅନ୍ୟପକ୍ଷେ ଜିଲାରେ ମୋଟ ସଂକ୍ରମଣ ସଂଖ୍ୟା ୧୧,୫୨୮ରେ ପହଞ୍ଚିଛି।

### ନାବାଳିକାଙ୍କୁ ବଳାତ୍କାର

ସମ୍ବଲପୁର, ୧୭।୪ (ବ୍ୟୁରୋ): ସମ୍ବଲପୁର ଜିଲା ଅଇଁଠାପାଲି ଥାନା ବରେଇପାଲି ଅଞ୍ଚଳର ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଜଣେ ଯୁବକ ଶାରୀରିକ ସମ୍ପର୍କ ରଖିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ କହିବାନୁସାରେ, ୧୭ ବର୍ଷିୟା ନାବାଳିକାଙ୍କୁ ଅଭିଯୁକ୍ତ ଯୁବକ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗରେ ଦର୍ଶାଯାଇଛି।



ରାତ୍ରି କର୍ଫ୍ୟୁର ପ୍ରଥମ ଦିନରେ ଭୁବନେଶ୍ୱରସ୍ଥିତ ରାଜମହଲ ଛକ ଜନଶୂନ୍ୟ।

## ସ୍ମାର୍ଟ ସିଟିରେ କରୋନା ଆତଙ୍କ

**ଉଦିତନଗର ଇନକମ୍ ଟ୍ୟାକ୍ସ କଲୋନୀ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍**

ରାଉରକେଲା ଅଫିସ୍, ୧୭।୪

ରାଉରକେଲା ସ୍ମାର୍ଟ ସିଟିରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। କରୋନାର ଭୟାବହତାକୁ ଆଖି ଆଗରେ ରଖି ଶନିବାରଠାରୁ ସହରରେ ସପ୍ତାହାନ୍ତ ସଟ୍‌ଡାଉନ୍ କରାଯାଇଛି। ସଟ୍‌ଡାଉନ ଯୋଗୁ ସହରରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ ଭୋର ପ୍ରାୟ ୫ଟାରେ ଉଦିତନଗର ପରେଡ ପଡ଼ିଆରେ ବରିଷ୍ଠ ପୋଲିସ ଅଧିକାରୀ, ସମସ୍ତ ଥାନା ଅଧିକାରୀଙ୍କୁ ଡକାଇ କଡାକଡି ଯାଞ୍ଚ ଉପରେ ପରାମର୍ଶ ଦେଇଥିଲେ। ସହରର ୩୦ଟି ସ୍ଥାନ ଚିହ୍ନଟ କରାଯାଇ ସେସବୁ ସ୍ଥାନରେ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ମୁତୟନ କରାଯାଇଛି। ସହରର ପ୍ରବେଶ ପଥ ପାନପୋଷ, ବିର୍ସାମୁଣ୍ଡା ଛକରେ ବ୍ୟାପକ ପୋଲିସ ମୁତୟନ ସହ ଯାଞ୍ଚକୁ କଡାକଡି କରାଯାଇଛି। କରୋନା ସଂକ୍ରମଣ ବୃଦ୍ଧିକୁ ଆଖି ଆଗରେ ରଖି ରାଉରକେଲା ମହାନଗର ଅଞ୍ଚଳର ଉଦିତନଗର ଇନକମ୍ ଟ୍ୟାକ୍ସ କଲୋନୀକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଏହି ଅଞ୍ଚଳରୁ କରୋନା ସଂକ୍ରମିତଙ୍କ ସଂଖ୍ୟା ଅଧିକ ଭାବେ ଚିହ୍ନଟ ହେବା ଯୋଗୁ ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡା ଏହି ଅଞ୍ଚଳକୁ କଣ୍ଟନମେଣ୍ଟ ଜୋନ୍ ଭାବେ ଘୋଷଣା କରିଛନ୍ତି।

# ହାଇଦରଙ୍କୁ କରୋନା, ରିମାଣ୍ଡ ସ୍ଥଗିତ

କଟକ ଅଫିସ, ୧୭।୪



ହାଇଦର

ଗ୍ୟାଙ୍ଗଷ୍ଟର ଶେଖ୍ ହାଇଦର କରୋନରେ ଆକ୍ରାନ୍ତ ହୋଇଛନ୍ତି। ଶୁକ୍ରବାର ତାଙ୍କର ଆର୍‌ଟି-ପିସିଆର୍ ଟେଷ୍ଟ କରାଯାଇଥିଲା। ରିପୋର୍ଟ ପଜିଟିଭ ଆସିବା ପରେ ହାଇଦର କରୋନାରେ ଆକ୍ରାନ୍ତ ହୋଇଥିବା କଟକ ଡିସିପି ପ୍ରତୀକ୍ ସିଂ କହିଛନ୍ତି। ତାଙ୍କୁ ଚୌଦ୍ୱାର ଜେଲ୍‌ର ଆଇସୋଲେଶନ ୱାର୍ଡରେ ରଖାଯାଇଛି। ଏବେ ତାଙ୍କ ରିମାଣ୍ଡ ସ୍ଥଗିତ ରଖାଯାଇଛି। ସେ କରୋନାରୁ ସୁସ୍ଥ ହେବା ପରେ ପୁଣି ଥରେ ରିମାଣ୍ଡରେ ଆଣିବାକୁ ଆବେଦନ କରାଯିବ ବୋଲି ଡିସିପି କହିଛନ୍ତି। ଅନ୍ୟପକ୍ଷରେ ହାଇଦରଙ୍କୁ ଧରିଥିବା ବାଦାମବାଡ଼ି ଥାନା ଆଇଆଇସି ରଶ୍ମିରଞ୍ଜନ ମହାପାତ୍ର ଏବଂ ଆଉ କେତେଜଣ ପୋଲିସ କର୍ମଚାରୀ ଆଇସୋଲେଶନରେ ରହିଥିବା ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲ ସର୍ଜରି ବିଭାଗର ୫ନଂ. ୱାର୍ଡରେ ହାଇଦର ଚିକିତ୍ସିତ ହେଉଥିଲେ। ଗତ ୧୦ ତାରିଖ ଅପରାହ୍ନରେ ସେଠାରେ ମୁତୟନ ହୋଇଥିବା କନଷ୍ଟେବଲ ମହମ୍ମଦ ମୌସୀମ୍‌ଙ୍କ ଉପରକୁ ନିଶାଦ୍ରବ୍ୟ ଫିଙ୍ଗି ଅଚେତ କରାଯିବା ପରେ ହାଇଦର ଫେରାର ହୋଇଯାଇଥିଲେ। ପ୍ରାୟ ୧୨୦ ଘଣ୍ଟା ପରେ ତେଲଙ୍ଗାନାର ସାଙ୍ଗାରେଡ୍ଡୀ ଜିଲା ଜାହିରାବାଦ ଅଞ୍ଚଳରୁ ବାଦାମବାଡି ଆଇଆଇସି ରଶ୍ମିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଗଠିତ ଟିମ୍ ତେଲଙ୍ଗାନା ଓ ହାଇଦ୍ରାବାଦ ପୋଲିସ ଟିମ୍ ସହାୟତାରେ ହାଇଦରଙ୍କୁ ଗିରଫ କରିଥିଲା। ବିଳମ୍ବିତ ରାତିରେ ଜାହିରାବାଦ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଣାଯାଇଥିଲା। ଶୁକ୍ରବାର ସେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ କଟକ ଡିସିପିଙ୍କ କାର୍ଯ୍ୟାଳକୁ ନିଆଯାଇଥିଲା। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ପଚରାଉଚରା କରାଯାଇଥିଲା। ଅପରାହ୍ନରେ ତାଙ୍କୁ କଟକ ଜେଏମ୍‌ଏଫ୍‌ସିରେ ହାଜର କରାଯାଇଥିଲା। କୋର୍ଟ ତାଙ୍କୁ ୭ ଦିନିଆ ରିମାଣ୍ଡରେ ନେବା ପାଇଁ ଅନୁମତି ଦେଇଥିଲେ। ପରେ ତାଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଥିଲା। ମଙ୍ଗଳାବାଗ ପୋଲିସ ତାଙ୍କୁ ପଚରାଉଚରା କରିବା ପାଇଁ ଶନିବାରଠାରୁ ରିମାଣ୍ଡରେ ନେବାକୁ ଥିବାବେଳେ ସେ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା।

## ମହଙ୍ଗା ପଡ଼ିଲା ଯୁବତୀ ପ୍ରେମ

କେନ୍ଦ୍ରାପଡ଼ା ଅଫିସ, ୧୭।୪

୫୮ ବର୍ଷୀୟ ଦୁର୍ଦ୍ଦାନ୍ତ ଗ୍ୟାଙ୍ଗଷ୍ଟର ଶେଖ୍ ହାଇଦରଙ୍କ ସହ କେନ୍ଦ୍ରାପଡ଼ା ବଡ଼ ମୂଳବସନ୍ତର ଜଣେ ଯୁବତୀଙ୍କ ପ୍ରେମ ମହଙ୍ଗା ପଡ଼ିଛି। ଏସ୍‌ସିବିରୁ ଚମ୍ପଟ ମାରିବା ପରେ ହାଇଦର ତାଙ୍କର ଯେଉଁ ତିନି ପ୍ରେମିକାଙ୍କ ସହ ମୋବାଇଲ୍‌ରେ କଥା ହୋଇଥିଲେ, ସେମାନଙ୍କ ମଧ୍ୟରୁ ଏହି ଯୁବତୀଙ୍କ ସନ୍ଧାନ ପୋଲିସ ପାଇଥିଲା। ଯୁବତୀ ଓ ହାଇଦରଙ୍କ ବାର୍ତ୍ତାଳାପକୁ ପୋଲିସ ଟ୍ରାକ୍ କରି ତାଙ୍କୁ ଧରିବାରେ ସଫଳ ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଚାଲିଛି। କମିଶନରେଟ ପୋଲିସ ଅନ୍ୟ ୨ ପ୍ରେମିକାଙ୍କୁ ଗିରଫ କରିଥିବାବେଳେ କେନ୍ଦ୍ରାପଡ଼ା ପୋଲିସ ସ୍ଥାନୀୟ ବଡ଼ ମୂଳବସନ୍ତର ଏହି ଯୁବତୀଙ୍କୁ ଧରି କମିଶନରେଟ ପୋଲିସକୁ ଶୁକ୍ରବାର ହସ୍ତାନ୍ତର କରିଛନ୍ତି। ଗିରଫ ଯୁବତୀଙ୍କ ବୟସ ୧୮ରୁ୧୯ ବର୍ଷ। ତାଙ୍କ ୪୫ ବର୍ଷୀୟା ମାଆ କହିଛନ୍ତି, ହାଇଦର ତାଙ୍କ ଧରମ ପୁଅ। ତେବେ ହାଇଦର ଯେତେବେଳେ ବି କଟକ ମେଡ଼ିକାଲ ଆସିଛନ୍ତି, ମେଡିକାଲ କ୍ୟାବିନରେ ଯୁବତୀ ଜଣକ ଅନେକ ରାତି ବିତାଇଥିବା ପ୍ରମାଣ ପୋଲିସ ହାତରେ ଲାଗିଥିବା ସୂଚନା ମିଳିଛି। ସେହିପରି ହାଇଦରଙ୍କୁ ଫେରାର ହେବାରେ ସହଯୋଗ କରିଥିବା ତାଙ୍କ ଦୁଇ ପୁଅ ଅଜ୍ଜୁ ଓ ଚୁନ୍ନେଇ ଏବଂ ପୁତୁରା ରାଜୁ ଫେରାର ଥିବାବେଳେ କେନ୍ଦ୍ରାପଡ଼ା ଜିଲା ପୋଲିସ ଜୟପୁରାର ଅନ୍ୟ ଜଣେ ସହଯୋଗୀ ପିଣ୍ଟୁକୁ ଧରି କମିଶନରେଟ ପୋଲିସକୁ ହସ୍ତାନ୍ତର କରଛି। ଅନ୍ୟପକ୍ଷେ ଏହି ଘଟଣା ପରେ ପୋଲିସ ଭୟରେ ହାଇଦରଙ୍କ ଝିଅ ଓ ଦୁଇ ଜ୍ୱାଇଁଙ୍କ ପରିବାର ଲୋକେ ଫେରାର ହୋଇଯାଇଛନ୍ତି।

## କୁମ୍ଭମେଳା ଫେରନ୍ତାଙ୍କ ପାଇଁ ଆର୍‌ଟି-ପିସିଆର୍ ବାଧ୍ୟତାମୂଳକ

ଭୁବନେଶ୍ୱର,୧୭।୪(ବ୍ୟୁରୋ)



ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିଭିନ୍ନ ପ୍ରକାର କଡ଼ା ସତର୍କତା ଅବଲମ୍ବନ କରୁଛନ୍ତି। ଏହି କ୍ରମରେ ଉତ୍ତରାଖଣ୍ଡ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ହୋଇଥିବା ତଥା କୁମ୍ଭମେଳାରୁ ଓଡ଼ିଶା ଫେରୁଥିବା ଲୋକଙ୍କୁ ଆର୍‌ଟି-ପିସିଆର ରିପୋର୍ଟ ଦେଖାଇବାକୁ ବାଧ୍ୟତାମୂଳକ କରାଯାଇଛି। ଯେଉଁମାନେ ଯାଇଛନ୍ତି ସେମାନଙ୍କୁ ଚିହ୍ନଟ କରି ଓଡ଼ିଶା ଆସିବା ପୂର୍ବରୁ ସେଠାରେ ଆର୍‌ଟି-ପିସିଆର ଟେଷ୍ଟ କରାଇବା ଲାଗି ପରାମର୍ଶ ଦେବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା ଶନିବାର ସମସ୍ତ ଜିଲାପାଳ ଏବଂ ମହାନଗର ନିଗମ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୁମ୍ଭମେଳାରେ ଯୋଗ ଦେଇଥିବା ସମସ୍ତ ଲୋକ ଘରେ କିମ୍ବା ଅସ୍ଥାୟୀ ମେଡିକାଲ ଶିବିର(ଟିଏମ୍‌ସି)ରେ ୧୪ ଦିନ କ୍ୱାରାଣ୍ଟାଇନରେ ରହିବେ। ଏଥିସହିତ ବାଧ୍ୟତାମୂଳକ ଭାବେ ସେମାନଙ୍କ ଆର୍‌ଟି-ପିସିଆର ଟେଷ୍ଟ କରାଯିବ। ଆଶା ଓ ଅଙ୍ଗନୱାଡ଼ି କର୍ମୀ ସେମାନଙ୍କ ଘର କିମ୍ବା ଟିଏମ୍‌ସିକୁ ନିୟମିତ ଯାଇ ସ୍ୱାସ୍ଥାବସ୍ଥା ତଦାରଖ କରିବେ। ଯେଉଁମାନେ କୁମ୍ଭମେଳାକୁ ଯାଇଛନ୍ତି ସେମାନେ ସ୍ୱେଚ୍ଛାକୃତ ଭାବେ ନିଜକୁ ଅଲଗା ରଖିବା ସହ ନିଜ ଅଞ୍ଚଳର ବିଡିଓ, ମ୍ୟୁନିସିପାଲିଟି, ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇବାକୁ ଅନୁରୋଧ କରାଯାଇଛି। ଜିଲାପାଳ ଓ ମହାନଗର ନିଗମ କମିଶନରମାନେ ସ୍ୱାସ୍ଥ୍ୟ ବିଭାଗ ଓ ଏସ୍‌ଆର୍‌ସି କାର୍ଯ୍ୟାଳୟକୁ ନିୟମିତ ଭାବେ ଜଣାଇବାକୁ କୁହାଯାଇଛି।


# ଜହ୍ନରେ କିଣିଲେ ଜାଗା

- ଜନ୍ମଦିନରେ ସ୍ତ୍ରୀଙ୍କୁ ଉପହାର ଦେଲେ ସାଜନ୍
- ୫୧୯ ଡଲାର ଦେଇ କ୍ରୟ କଲେ ୫ ଏକର

ଢେଙ୍କାନାଳ ଅଫିସ, ୧୭।୪



ସ୍ତ୍ରୀ ନାଜିଆଙ୍କ ସହ ମହମ୍ମଦ ସାଜନ୍। ଜମିର ସାଟେଲାଇଟ୍ ଚିତ୍ର(ଇନ୍‌ସେଟ୍)



ସ୍ତ୍ରୀଙ୍କୁ ଜନ୍ମଦିନରେ ଉପହାର ସ୍ୱରୂପ ମିଳିଛି ୫ ଏକର ଜାଗା। ତେବେ ପୃଥିବୀରେ ନୁହେଁ, ବରଂ ଜହ୍ନରେ କିଣାଯାଇଛି ଏହି ଜମି। ଏଭଳି ଏକ ନିଆରା ଉପହାର ଦେଇ ଉଦାହରଣ ସୃଷ୍ଟି କରିଛନ୍ତି ଢେଙ୍କାନାଳ ସହର କାରିଗରସାହି ଅଞ୍ଚଳର ମହମ୍ମଦ ସାଜନ୍ (୩୨)।

ମହମ୍ମଦ ସାଜନ୍ ପେସାରେ ଜଣେ ସଫ୍ଟୱେର ଇଞ୍ଜିନିୟର। ସେ କୁଏତରେ କାର୍ଯ୍ୟ କରୁଥିଲେ। କରୋନା ପାଇଁ ଢେଙ୍କାନାଳ ଫେରି ଆସିଥିବାବେଳେ ଏବେ ୱାର୍କଫ୍ରମ୍ ହୋମ୍ କରୁଛନ୍ତି। ଗତବର୍ଷ ସ୍ତ୍ରୀ ନାଜିଆ ଇପ୍‌ତେଫାରଙ୍କ ଜନ୍ମଦିନରେ ଜହ୍ନରେ ଜାଗା କିଣି ଉପହାର ଦେବେ ବୋଲି ମନସ୍ଥ କରିଥିଲେ ସାଜନ। ତେବେ କରୋନା ସଂକ୍ରମଣଜନିତ ଅଚଳାବସ୍ଥା କାରଣରୁ ୱେବ୍‌ସାଇଟ୍‌ରେ କାଗଜପତ୍ର ପାଇବାରେ ବିଳମ୍ବ ହୋଇଥିଲା। ଗତ ଏପ୍ରିଲ ୮ରେ ତାଙ୍କୁ ଏହି କାଗଜପତ୍ର ପ୍ରାପ୍ତ ହୋଇଛି। ନାଜିଆଙ୍କ ଜନ୍ମଦିନ ଅକ୍ଟୋବର ୨୯ରେ। ସାଜନଙ୍କୁ ହସ୍ତଗତ ହୋଇଥିବା କାଗଜପତ୍ରରେ ଉକ୍ତ ତାରିଖ ଅନୁଯାୟୀ ଜମି ରେଜିଷ୍ଟ୍ରେଶନ ହୋଇଛି।

ନିଜ ପ୍ରତିକ୍ରିୟାରେ ସାଜନ କୁହନ୍ତି, ବଲିଉଡ୍‌ର ଦିବଂଗତ ଅଭିନେତା ସୁଶାନ୍ତ ସିଂ ରାଜପୁତ ଜହ୍ନରେ ଜାଗା କିଣିଥିବା ସମ୍ପର୍କରେ ଏକ ୟୁଟ୍ୟୁବରୁ ସୂଚନା ମିଳିଥିଲା। ଏହାପରେ ସ୍ତ୍ରୀ ନାଜିଆଙ୍କ ଜନ୍ମଦିନରେ ଅନୁରୂପ ଭାବେ ଜହ୍ନରେ ଜାଗା କିଣି ଉପହାର ଦେବାକୁ ମନ ବଳାଇଥିଲେ। ଏଥିଲାଗି ସେ ଆମେରିକାର ଲୁନାର ରେଜିଷ୍ଟ୍ରି ୱେବସାଇଟ୍‌ର ସହାୟତା ନେଇଥିଲେ। ଏଥିରେ ୫୧୯ ଆମେରିକୀୟ ଡଲାର ଖର୍ଚ୍ଚ ହୋଇଛି। ଭାରତୀୟ ମୁଦ୍ରାରେ ଏହାର ମୂଲ୍ୟ ୩୭ ହଜାର ଟଙ୍କାରୁ ଅଧିକ। ଦୀର୍ଘଦିନର ଇଚ୍ଛା ପୂରଣ ହୋଇଥିବାରୁ ଆନନ୍ଦିତ ବୋଲି ସାଜନ୍ କହିଛନ୍ତି। ନାଜିଆ କୁହନ୍ତି, ସ୍ୱାମୀ ଏମିତି ଏକ ଉପହାର ଦେବେ ବୋଲି ସେ ଭାବି ନ ଥିଲେ। ଏଥିରେ ସେ ବହୁତ ଖୁସି ଏବଂ ଗର୍ବିତ।




ଆଜିର ମନ୍ତବ୍ୟ

କୁମ୍ଭମେଳା ଫେରନ୍ତା ଶ୍ରଦ୍ଧାଳୁ ପ୍ରସାଦ ବାଣ୍ଟିଲା ଭଳି କରୋନା ସଂକ୍ରମଣ କରାଇବେ। -କିଶୋରୀ ପେଡନେକର, ମୁମ୍ବାଇ ମେୟର



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ସାନ୍ ସେଖ୍ ପରିବାରବର୍ଗ



ସାଇ ସମୀକ୍ଷା ପରିବାରବର୍ଗ


ଲିଜି ପରିବାରବର୍ଗ


ଋିଥିକା ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ତେଲେଙ୍ଗାନାରେ ପ୍ରବାସୀ ଶିଶୁ କନ୍ୟାର ମୃତ୍ୟୁ

■ ହତ୍ୟା ଅଭିଯୋଗରେ ବାପାଙ୍କୁ ଅଟକ ରଖିଛି ସ୍ଥାନୀୟ ପୋଲିସ

■ ଉଦ୍ଧାର କରିବାକୁ ଜିଲା ଶ୍ରମ ଅଧିକାରୀ, ଡାବୁଗାଁ ବିଧାୟକଙ୍କୁ ନିବେଦନ

ନବରଙ୍ଗପୁର, ୧୭।୪ (ବି.ପ୍ର.)

ତେଲେଙ୍ଗାନାରେ ଦାଦନ ଶ୍ରମିକ ଭାବେ କାମ କରୁଥିବା ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମଇଦଲପୁର ପଞ୍ଚାୟତ ନୀଳାଦ୍ରିଗୁଡ଼ା ଗ୍ରାମର ଅରୁଣ ଶ୍ରୀଙ୍କ ୪ବର୍ଷର ଶିଶୁକନ୍ୟାର ଶୁକ୍ରବାର ମୃତ୍ୟୁ ହୋଇଯାଇଛି। ପରିବାର ଲୋକେ ଝିଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କିନ୍ତୁ ଝିଅକୁ ହତ୍ୟା କରିବା ଅଭିଯୋଗରେ ଅରୁଣଙ୍କ ଅଟକ ରଖି ପଚରାଉଚରା କରୁଛି। ଏପଟେ ଇଟାଭାଟି ମାଲିକ ଅରୁଣଙ୍କ ପରିବାର ଓ ତାଙ୍କ ଗାଁର ଅନ୍ୟ ଲୋକଙ୍କୁ ନବରଙ୍ଗପୁର ଛାଡ଼ୁ ନାହାନ୍ତି। ତୁରନ୍ତ ସେମାନଙ୍କୁ ତେଲେଙ୍ଗାନାରୁ ଉଦ୍ଧାର କରିବାକୁ ଏଠାରେ ରହୁଥିବା ସେମାନଙ୍କ ପରିବାର ଲୋକ ପାପଡାହାଣ୍ଡି ପୋଲିସକୁ ନିବେଦନ କରିଛନ୍ତି। ଡିସେମ୍ବରରେ ଅରୁଣ ଶ୍ରୀ ଖୀର ହରିଜନ, ୪ ବର୍ଷର ଝିଅ ଏଲିନା ଏବଂ ୭ ବର୍ଷର ପୁଅଙ୍କ ସହ ତେଲେଙ୍ଗାନାକୁ କାମ କରିବାକୁ ଯାଇଥିଲେ। ଗାଁର ଅନ୍ୟ ୩ ପରିବାର ମଧ୍ୟ ସେମାନଙ୍କ ସହ ଯାଇଥିଲେ। ସେମାନେ ଇଟାଭାଟି ନିକଟରେ ରହୁଥିଲେ। ଶୁକ୍ରବାର ଅରୁଣଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ସେ କାମକୁ ନଯାଇ ଘରେ ଶୋଇଥିଲେ। ଅପରାହ୍ନରେ ଇଟାଭାଟି ମୁନ୍‌ସୀ ସେଠାକୁ ଆସି ଅରୁଣ ଓ ତାଙ୍କ ସ୍ତ୍ରୀଙ୍କୁ କାମକୁ ଯିବାକୁ କହିଥିଲେ। ଶୋଇଥିବା ଅବସ୍ଥାରେ ପିଲାଙ୍କୁ ଛାଡ଼ି ସେମାନେ କାମକୁ ଯାଇଥିଲେ। କାମ ସାରି ସନ୍ଧ୍ୟାରେ ଘରକୁ ଯାଇ ଏଲିନାଙ୍କୁ ଡାକିବାରୁ ସେ ଉଠି ନ ଥିଲେ। ସେମାନେ ତାଙ୍କୁ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ଏଲିନାଙ୍କୁ ମୃତ ଘୋଷଣା କରିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ଅରୁଣଙ୍କୁ ସନ୍ଦେହ କରି ପଚରାଉଚରା କରିବାକୁ ଥାନାକୁ ନେଇଥିଲେ। ସେଠାରେ ତାଙ୍କୁ ନିର୍ଯାତନା ଦିଆଯାଇଥିବା ନେଇ ଅରୁଣଙ୍କ ପରିବାର ଅଭିଯୋଗ କରିଛନ୍ତି। ଶନିବାର ସକାଳେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅରୁଣଙ୍କୁ ଛାଡ଼ିବାକୁ ତାଙ୍କ ପରିବାର ଲୋକେ କହିବାରୁ ଏଲିନା ହତ୍ୟା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ କହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗଳାଜଡ଼ପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ରାହୁଙ୍କ ନକ୍ଷତ୍ରରେ ଅବସ୍ଥାନ କରି ଭୁଲ୍ ମାର୍ଗରେ ଅନୁଧାବିତ କରାଉଥିବାରୁ ଅନେକ କ୍ଷେତ୍ରରେ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇ ଚେଷ୍ଟା କରୁଥିବା କାମ ହାସଲ କରିବେ। ବନ୍ଧୁମାନଙ୍କ ସହାୟତାରେ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ। ସମ୍ପର୍କୀୟମାନଙ୍କ ପ୍ରତିରୋଧ ବ୍ୟବସାୟରୁ ବିଶୃଙ୍ଖଳିତ କରିବ।

**ବୃଷ** ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବାରେ ବିଶେଷ କଷ୍ଟ ହେବନି। ଚନ୍ଦ୍ରଙ୍କ ପ୍ରଭାବରୁ ବନ୍ଧୁଙ୍କ ପ୍ରତ୍ୟେକ କଥାକୁ ସରଳ ଭାବରେ ଗ୍ରହଣ କରି ଜଟିଳତା ଭିତରକୁ ଟାଣି ହୋଇଥାଉଛନ୍ତି କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଶତ୍ରୁଙ୍କ ଅଭିସନ୍ଧିମୂଳକ ମନ୍ତବ୍ୟକୁ ବୁଝିବାରେ ଅସମର୍ଥ ହୋଇପାରନ୍ତି।

**ମିଥୁନ** କର୍ମାଧିପ ବୃହସ୍ପତିଙ୍କ ପ୍ରଭାବରୁ ସମସ୍ୟା ବେଶୀ ସମୟ ସ୍ଥାୟୀ ହେବ ନାହିଁ। ଅଫିସରେ ମିଠା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁଁ ଆଗେଇ ଯାଇପାରିବେ। ପାରିବାରିକ ସ୍ଥିତି, ସାମାଜିକ ପରିସ୍ଥିତି ଓ ସାଂଗଠନିକ କାର୍ଯ୍ୟରେ ସାଧାରଣ ବ୍ୟତିକ୍ରମ ସୃଷ୍ଟି ହୋଇପାରେ।

**କର୍କଟ** ବୃହସ୍ପତିଙ୍କ ସ୍ଥିତି ଆପଣଙ୍କ ଯୋଜନା ଓ ବିଚାରଧାରାକୁ ସଫଳ ଗତିରେ ନେଇପାରେ। ତଥାପି କର୍ମସ୍ଥ ଶୁକ୍ର ସାମୟିକ ସମସ୍ୟା ମଧ୍ୟରେ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପ୍ରଦାନ କରିବ। ଆତ୍ମୀୟଙ୍କ ସହାୟତାରେ ହାତକୁ ନେଇଥିବା କାର୍ଯ୍ୟ ସମ୍ପନ୍ନ ଆଶା ରଖିପାରିବେ।

**ସିଂହ** ଭାଗ୍ୟଭାବସ୍ଥ ଗ୍ରହମାନେ ପ୍ରତ୍ୟେକ ଚିନ୍ତା ଓ ଯୋଜନାକୁ ସାକାର କରିବାରେ ସହାୟକ ହେବେ। କିନ୍ତୁ ପୂର୍ବ ଫାଲ୍‌ଗୁନୀ ନକ୍ଷତ୍ରର ଆର୍ଥିକ ଅନଟନ ଓ ପାରିବାରିକ କ୍ଷେତ୍ରରେ ରହିଥିବା ବ୍ୟତିକ୍ରମରୁ ମାନସିକ ଶାନ୍ତି ବିଘ୍ନିତ ହେବ। ରାଜନୈତିକ କିମ୍ବା ସାଂଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ସମ୍ଭାବନା ରହିଛି।

**କନ୍ୟା** ନୀଚଭିମୁଖୀ ମଙ୍ଗଳ ହେତୁ ନିଜ ସପକ୍ଷରେ ଲଢ଼ିବା ସକାଶେ ଆତ୍ମୀୟଙ୍କୁ ମନାଇବା ଚେଷ୍ଟା କରି ବିଫଳ ହୋଇପାରନ୍ତି। ଅବଶ୍ୟ ଆଇନ ଓ ଗଣତନ୍ତ୍ରର ଗ୍ରହ ଶନି ହେତୁ ଅଦାଲତରୁ ସୁଫଳ ପାଇବାରେ ଅସୁବିଧା ହେବ ନାହିଁ। ଜମିଜମା କ୍ଷେତ୍ର ପାଇଁ ପ୍ରତିକୂଳତା ସୃଷ୍ଟି ହେବ। ବନ୍ଧୁଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟା ସମାଧାନ ହୋଇଯିବ।

**ତୁଳା** ଅଷ୍ଟମସ୍ଥ ରାହୁ ଓ ଚନ୍ଦ୍ରଙ୍କ ପ୍ରଭାବଜନିତ ଭାରାକ୍ରାନ୍ତ ମନ ନେଇ କାମ କରିବେ। ଅଧିକାଂଶ ସମୟ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବା କାରଣରୁ ନୀରବତାରୁ ପ୍ରାଥମିକତା ଦେଇପାରନ୍ତି। କିନ୍ତୁ ଚିତ୍ରା ନକ୍ଷତ୍ରର ବୈଦ୍ଧିକ ଦୁର୍ବଳତା ଯୋଗୁଁ ମନୋବଳ କମି ଯାଇପାରେ। ନୂତନ ସ୍ଥାନ ଦର୍ଶନର ସୁଯୋଗ ମାନସିକ ଅସ୍ଥିରତା ଦୂର କରିବାରେ ସହାୟକ ହେବ।

**ବିଛା** କୌଣସି ବିବାଦୀୟ ପରିସ୍ଥିତିରୁ ଆଶଙ୍କାଜନକ ଭାବେ ମୁକ୍ତି ମିଳିବ। ଅଭାବ ପୂରଣ ସକାଶେ ଧାର ସୂତ୍ରରେ ଅର୍ଥ ଆଣିବା ପାଇଁ ଆଲୋଚନା କରି ରଖିବା ଠିକ୍ ହେବ। ପାରିବାରିକ ଭିତ୍ତିରେ ସମ୍ପତ୍ତି ଘରୋଇବା ପାଇଁ ବନ୍ଧୁଙ୍କ ପରାମର୍ଶକୁ ପ୍ରାଧାନ୍ୟ ଦେଇପାରନ୍ତି। ସପ୍ତମାଧିପତି ଶୁକ୍ରଙ୍କ ସ୍ଥିତି କ୍ରମେ ବାଣିଜ୍ୟ ବ୍ୟବସାୟରେ ପରିସ୍ଥିତି ପୂର୍ବପରି ରହିବ।

**ଧନୁ** ଶନିକ୍ଷେତ୍ରସ୍ଥ ବୃହସ୍ପତିଙ୍କ ଯୋଗୁ ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରମିକ ରୋଗରେ କଷ୍ଟ ପାଇବେ। ଲକ୍ଷ୍ୟସ୍ଥଳକୁ ଯିବାରେ କୌଣସି ଅସୁବିଧା ହେବ ନାହିଁ। ଉତ୍ତରାଷାଢ଼ା ନକ୍ଷତ୍ର ପ୍ରତି କାରବାର, ଆଲୋଚନା ଓ ପରିଚ୍ଛନ୍ନତାରେ ସମସ୍ୟାର ସରଳ ସମାଧାନ ହୋଇଯିବ। ଆଳସ୍ୟ ଓ ଅବହେଳାରୁ କେତେକ କ୍ଷେତ୍ରରେ ଅନୁତାପ କରିବାକୁ ପଡ଼ିପାରେ।

**ମକର** ମଙ୍ଗଳ ଓ ଶନିଷଡ଼ାଷ୍ଟକ ସ୍ଥିତିରେ ରହିଥିବାରୁ ଧନିଷ୍ଠା ନକ୍ଷତ୍ର ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରା କରିବା ସକାଶେ ମନ ବଳାଇପାରନ୍ତି। ପୂର୍ବରୁ ସୁପରିକଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାର ସମ୍ଭାବନା ଅର୍ଜନ କରିବେ। ଆର୍ଥିକ ସ୍ଥିତି ଚିନ୍ତାଜନକ ନ ହେଲେ ମଧ୍ୟ ଏଥିପାଇଁ ମୁକ୍ତ ଖେଳାଇ କାମ କରିବାକୁ ପଡ଼ିବ।

**କୁମ୍ଭ** ଅର୍ଥଭାବ ଦୂରେଇବା ସାଙ୍ଗକୁ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ଦୂରାଇ ଦେବେ। ଅତଏବ ରହିଥିବା କାମକୁ କୌଶଳରେ ହାସଲ କରିବେ। ରବିଙ୍କ ପ୍ରଭାବରୁ ବିଶିଷ୍ଟ ବ୍ୟକ୍ତିଙ୍କ ସାନିଧ୍ୟ ଲଭିବେ। ଭ୍ରମଣହେତୁ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ, କଳା, ସାହିତ୍ୟ, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ଶନିଙ୍କ କୁପ୍ରଭାବରେ ଆଜି ଭ୍ରାତୃ ସମ୍ପର୍କ କ୍ଷୁଣ୍ଣ ଆଶଙ୍କା ରହିଛି। ମନର ଭାବକୁ ଗୋପନ ରଖି ବନ୍ଧୁଙ୍କ ସହ ଭାବ ବିନିମୟ କରିବାକୁ ମନସ୍ଥ କରିପାରନ୍ତି। ପ୍ରତ୍ୟେକ ସ୍ତରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ରେବତୀନକ୍ଷତ୍ର ବାଣିଜ୍ୟ, ବ୍ୟବସାୟକ୍ଷେତ୍ରରେ କେତେକ ଆକସ୍ମିକ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

ଆଜି ଚୈତ୍ର ଶୁକ୍ଳ ଷଷ୍ଠୀ ରବିବାର, ଶ୍ରୀମନ୍ଦିର ବେଢ଼ାସ୍ଥିତ ସୂର୍ଯ୍ୟଦେବଙ୍କ ଚୈତ୍ର ଗୁଣ୍ଡିଚାଯାତ୍ରା, ସାୟଂକାଳେ ମୁକ୍ତାଭି ଦେବୀଙ୍କ ବିଲ୍ୱାଧିବାସ, ଏପ୍ରିଲ ୧୮ ତାରିଖ, ବିଶ୍ୱ ଐତିହ୍ୟ ଦିବସ, ରାଶିନକ୍ଷତ୍ର-ଆର୍ଦ୍ରା/ମିଥୁନ, ମେଷ ରାଶିର ରାତ୍ରଗତ, କନ୍ୟାରାଶିର ଘାତଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୦ ଗତେ ଘ.୦୯।୪୦ ମଧ୍ୟେ ଅମୃତବେଳା। ସକାଳ ଘ.୦୫।୩୦ ଗତେ ଘ.୦୬।୨୦ ମଧ୍ୟେ, ଘ.୦୧।୦୧ ଗତେ ଘ.୦୧।୫୧ ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୪।୧୨ ଗତେ ଘ.୦୬।୦୨ ମଧ୍ୟେ ରାହୁକାଳ।

## ଉଗଡ଼ମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳସୁଆ ମାଇପର ଫାଲୁଆ ଗୁଣ୍ଡା, ଚାହିଁ ରହିଥାଏ ଗେରସ୍ତ ହୁଣ୍ଡା**

କେତେଜଣ ନାରୀ ଅତ୍ୟନ୍ତ ଅଳସୁଆ ପ୍ରକୃତିର ହୋଇଥାନ୍ତି। କାମଦାମ ନ କରି ଖାଇପିଇ ଘରେ ଖୁଣ୍ଟ ପରି ବସିରହିଥାନ୍ତି। ଏପରି ନାରୀଙ୍କୁ ଘର କାମରେ ମନୋନିବେଶ କରେଇବା କଷ୍ଟକର। ଅଳସୁଆ ନାରୀର ବେଶୀ ଖାଇବା ସ୍ୱଭାବ ଦେଖି ସ୍ୱାମୀ ବିଚରା ହତବାକ ହୋଇଯାଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯିଏ ଉଦାରୀ ପାନ ଖାଇଛି, ଦି' କଳ ପିକ ବୋହି ଯାଇଛି**

ଯିଏ କେବେ ପାନ ଖାଏ ନାହିଁ, ସେ ନୂଆ କରି ପାନ ଖୁଲେ ପାଟିରେ ପୂରେଇଲେ ଛେଳି ଦୋବେଇବା ଭଳି ପାକୁଳି କରି ଚୋବେଇଥାଏ। ଫଳ ସ୍ୱରୂପ ଦୁଇ କଳ ଦେଇ ପାନ ପିକ ବୋହିଚାଲିଥାଏ। ପରୋକ୍ଷରେ ନିଜେ ଯେତେ ନୁହେଁ ତାହାରୁ ଅଧିକ ଅତିରଞ୍ଜିତ କରି ଅନ୍ୟ ଆଗରେ ଗପିବା ଦ୍ୱାରା ନିଜର ଗୁମର ପଦାରେ ପଡ଼ିଯିବା ସାର ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ

## ଜୁଏଲେରି ଦୋକାନରୁ ଚୋରି

ନବରଙ୍ଗପୁର,୧୭।୪ (ବି.ପ୍ର.)

ନବରଙ୍ଗପୁର ସହର ମୁଖ୍ୟ ରାସ୍ତା ନିକଟ ନୂଆବନ୍ଧ ସାହିରେ ଥିବା ଏକ ସୁନାଦୋକାନରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଶଟର ତାଡ଼ି ପ୍ରାୟ ୨ଲକ୍ଷ ଟଙ୍କାର ରୁପା ଗହଣା ଚୋରି କରି ନେଇଛନ୍ତି। ନବରଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ନୂଆବନ୍ଧ ସାହିସ୍ଥିତ ଶ୍ରୀହରି ଜୁଏଲର୍ସର ଲୁହା ଗେଟ୍ ତାଡ଼ି ଦୋକାନ ଭିତରେ ପଶିଥିଲେ। ଦୋକାନରେ ଲାଗିଥିବା ସିସିଟିଭିକୁ ପ୍ରଥମେ ଅପରାପାର୍ଶ୍ୱକୁ ବୁଲାଇ ତା' ପରେ ଚୋରି ଆରମ୍ଭ କରିଥିଲେ। ସେମାନେ ଦୋକାନରେ ଥିବା ପ୍ରାୟ ୨ଲକ୍ଷ ଟଙ୍କାର ରୁପା ଗହଣା ଚୋରି କରି ନେଇଥିଲେ। ଲକରରେ ଥିବା ସୁନା ସବୁକୁ ଚୋରି କରିବା ସମୟରେ ସାଇରନ ବାଜିବାରୁ ସେମାନେ ଦୋକାନ ଛାଡ଼ି ପଳାଇଥିଲେ। ସାଇରନ ଶୁଣି ଦୋକାନ ମାଲିକ ସେଠାରେ ପହଞ୍ଚିବାରୁ ଚୋରମାନେ ଚମ୍ପଟ ମାରି ସାରିଥିଲେ। ଦୋକାନୀ ଏ ନେଇ ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନଘନା ଆରମ୍ଭ କରିଛି।

## ବାଇକ୍‌ରୁ ଖସି ଚାଳକଙ୍କ ପ୍ରାଣ ଗଲା


### ମାସ୍କ, ହେଲମେଟ ଯାଞ୍ଚ ବେଳେ ଖସି ପଳାଉଥିଲେ

ରାଇରଙ୍ଗପୁର,୧୭।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ବଡ଼ଗଡ଼ିଆ-ବିଜାଠିଆ ରାସ୍ତାର ଦାମୁଡିଗୁଡ଼ା ଗ୍ରାମ ନିକଟରେ ଶନିବାର ପୋଲିସ ପକ୍ଷରୁ ମାସ୍କ ଏବଂ ହେଲମେଟ୍ ଯାଞ୍ଚ ଚାଲିଥିଲା। ଏହି ସମୟରେ ଜଣେ ନାବାଳକଙ୍କ ସହ ୨ ଯୁବକ ପୋଲିସକୁ ଦେଖି ବାଇକ୍‌ରେ ଖସି ପଳାଉଥିଲେ। ଦ୍ରୁତଗତି ଯୋଗୁ ରାସ୍ତାର ଏକ ହମ୍ପ ପାର୍ଶ୍ୱରେ ବାଡ଼େଇ ହୋଇଯିବାରୁ ବାଇକ୍‌ରୁ ଖସି ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ନାବାଳକ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଗୋରୁମହିଷାଣୀ ଥାନା ଅଧୀନ ବାଲିଆଡ଼ିପା ଗ୍ରାମର ଦାସମାଡ ମାରାଣ୍ଡି। ସୂଚନା ଅନୁଯାୟୀ, ଏହି ୩ ଜଣ ଗୁଲେଇପାଟ ଅଞ୍ଚଳରୁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ଖବର ପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ସେମାନଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦାସମାଡଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରି ତଦନ୍ତ ଜାରି ରହିଥିବା ପୋଲିସ କହିଛି।


# classifieds

**Everyday 0674-2580101, 2549302**




## BRIDE WANTED

Bride Wanted: 40years SC Boy Govt. Employee, Caste- no-bar. Contact No-8249993227. D-70918

Khandayat boy 1986 5'9" B.Sc. serving Manager Nationalised Bank "Sunasansar". 9937512659, 8249969649. D-20541

## GROOM WANTED

Government job/ Business କରୁଥିବା ବ୍ରାହ୍ମଣ ବରପାତ୍ର ଆବଶ୍ୟକ। Contact: 7653915602. D-70829




## SALE

ଭୁବନେଶ୍ୱର ପାଖ ହଂସପାଳ Puri main canal କଡ଼ରେ 30' road boundary, electricpoll ଥାଇ S.C. plot ମିଳୁଛି। 9438056978. D-20537

ରବିଟିକିଜ ଛକ ପାଖରୁ ମାତ୍ର 6 କିଲୋମିଟର ଟଙ୍ଗପାଣି ରୋଡ୍ ସାଇ ମନ୍ଦିର ନିକଟ ବାଙ୍କୁଆଳରେ ପାଚେରି ହୋଇଥିବା ଘରବାରି ପ୍ଲଟ୍ ବିକ୍ରୟହେବ। ବ୍ୟାଙ୍କ ଫାଇନାନ୍ସ ସୁବିଧା ଅଛି। 6372897984, 8144658008. D-20524

6BHK house on 4400 sqft. land for sale infront of Khemka Mall near Income Tax Office, Dhenkanal. Call: 9078123112. D-20535

**2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989.** D-70836

ଭୁବନେଶ୍ୱର ଯାଆଁଳା NH ରୁ ½km ଦୂରତାରେ 30' ରାସ୍ତାରେ plot ଏବଂ AIIMS ପାଖରେ sqft. 650/- ବିକ୍ରୟ। 9348767829. D-70837

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity with 30ft. road sqft.650/-ରେ ମିଳୁଛି। Contact: 7008045582, 7749800648.** D-20490

Shree Krishna developer 55acres township plotting project near Sum Hospital for enquiry. 8337900881. D-70582

**ଭୁବନେଶ୍ୱର ନିକଟସ୍ଥ ବାଲିଅନ୍ତା ନିକଟରେ ସର୍ବସୁବିଧା ଘର କଲାଭଳି boundarywall, electricity ଥାଇ gharabari plot ବିକ୍ରି କରାଯାଉଅଛି ଏବଂ invest କଲେ ମଧ୍ୟ 2years ମଧ୍ୟରେ ଭଲ return ପାଇ ପାରିବେ। sqft. 550/-. Contact: 9937161494.** D-20527

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-20464

4000sqft. free hold plot sale at Sahidnagar. Phone: 7978388025. D-20526

**Plot for Sale Near Pipili Toll Gate, Just 16 K.M. from Bhubaneswar, Kalpana Square. Contact: 9937446498.** D-70581

ନିକଟ ସ୍ୱଳ୍ପକନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୮୦୦/- ରୋ ରଙ୍ଗୀନ ଟ୪୨୦୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୫ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Schedulecaste gharabari plot sale 6k.m. from Nakhara, Brahmanjharilo mainroad side 1200sqft. 9,60,000/-, Anantapur 2k.m. from main road 1500sqft. 9,75,000/-, 9439006524. D-70840

**ଭୁବନେଶ୍ୱର ଖୋର୍ଦ୍ଧା NH side ପିତାପଲ୍ଲୀ ଛକ ନିକଟରେ plot ମିଳୁଛି। owner 9090963952.** D-70831

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9776974912. D-70842

**1/2/3 BHK ready to move apartment for sale at DHPL Enclave 2 Kalarahanga. Contact 9937059891.** D-20409

3BHK duplex, Gudiapokhari, Bhubaneswar. 1km from NH, Bank Finance, low price. Gated community. 8217477600. D-70587

**Gharabari BDA yellowzone plot near Gandhi College sqft. 1250/- Jatani Niser 650/-. 7978230118, 8249477254.** D-70825

Gharabari boundary wall plot at Aiginia Square, Bhubaneswar just hundred meters from NH. 9439778849. D-67790

**ଭୁବନେଶ୍ୱର ନଖରା East Engineering College backside ଘରବାରି developed plot with electricity available. ୨୦୧୫ରୁ ୨୦୧୮ – 9937111658, 7381029351 (limited plots).** D-70816

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Plot for Sale, 2000sqft (10nos) per sqft-1800 Yellowzone infront of Tata ariana, Vipul Garden Backside Ghatikia Mouza-sankarpur, BBSR. Water & Electricity available 30' Road NH-5 to 1km Contact: 7381564227.** D-20497

Gharabari Residential Plot for Sale- S.C Plot- 1200/- UttaraNH, Rangabazar- 700/- Near BJEM-2, Sundarpada- 1450/-, Samantarapur- 1750- 3600/-. 9439049194, 7978551614. D-20516

## PURCHASE

**Require more than 15 acres land within 7 kilometers from Khurda collectorate preferably blacktop roadside. Require plots for Apartment project in Bhubaneswar. 7008563697.** D-20517




HIG 2BHK with 4wheeler large Garage in Pragati Enclave Chandrasekharpur. 8618781596. D-69393

3 BHK independent corner house for rent in LEWIS ROAD. Ample Parking, Ideal for both office and family. Contact: 9078123112. D-20536

2BHK on Sum Hospital road, Sampur, Rs. 6000/-. 6370627933. D-20504

3BHK Omnniloy A201 near Flyover Shahid Nagar, Family/ Office. 7032925529, 9337555288. D-20496

**10000sqft. open land for Godown or Commercial use purpose, NH 316, Lingipur, Bhubaneswar. M.9437110900.** D-20530

Ground floor 2Bedroom independent house Laxmisagar, Bhubaneswar. Contact: 9437075580, 9437557580. D-69496

Shoproom (10'x10') opposite BijuPatnaik College, Jayadev Vihar main road. Contact: 9938511622. D-20540

Two Bedroom (Ground floor) house for rent in Sahid Nagar. Contact: 7978275771. D-69984

Four thousand sqft. land with fifteen hundred sqft. shed with boundarywall at Dumuduma Square just hundred meters from NH. 9439778849. D-67791




Zen SPA positively health benefits with experts therapeutic genuinely massage. 7205084157. D-70585

Swarna SPA newly open positively health benefits with expert therapist. 9556978408. D-70584

Newly open full body massage ladies and gents. 9040900385. D-69547

Monalisa massage club : All types body massage with hiprofile smart lady rooms service available 9708545108. D-20518

New opening Saikrupa Panchakarma and Spa jointpain, fullbody massage, 8984068077. D-65915




ModularKitchen&interior ପାଇଁ ଯୋଗାଯୋଗ କରନ୍ତୁ। Contact: 7064200050, 7681835913. D-20543

## AFFIDAVIT

I Smt. Chitratula Pande(36 yrs), W/o Chaitu Pande, R/o Udheipali, P.O- Uttam, PS/Tah- Ambabhona, Dist- Bargarh, Odisha declare that both the name Chitratula Pande and Indira Bisi is the name of same and single person for all purposes. D-20538

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କୌଣସି ଦାୟୀ ରହିବେ ନାହିଁ।





ଭୁବନେଶ୍ୱର ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ଶନିବାର ଆଇଆଇସି ଏବଂ ଏସିପିମାନଙ୍କ ସହ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ଉମାଶଙ୍କର ଦାଶ ଆଲୋଚନା କରୁଛନ୍ତି।

ଲୋୟର ପିଏମ୍‌ଜିରେ କମିଶନରେଟ୍ ପୋଲିସ ପକ୍ଷରୁ ମକ୍ ପାଟ୍ରୋଲିଂ।

# ‘ବିଜୁବାବୁଙ୍କ ପ୍ରେରଣା ଉଦ୍‌ବୁଦ୍ଧ କରୁଥିବ’

## ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ବିଜୁଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୭।୪(ବ୍ୟୁରୋ)

ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୪ତମ ପବିତ୍ର ଶ୍ରାଦ୍ଧ ଦିବସ ଶନିବାର ରାଜ୍ୟବ୍ୟାପୀ କୋଭିଡ୍ କଟକଣାରେ ପାଳିତ ହୋଇଯାଇଛି। ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟରେ ଦଳର ଉପସଭାପତି ଦେବୀ ପ୍ରସାଦ ମିଶ୍ର, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମା, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମନ୍ତ୍ରୀ ଟୁକୁନି ସାହୁ, ବିଧାୟକ ପ୍ରଫୁଲ୍ଲ ସାମଲ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ସାଧାରଣ ସମ୍ପାଦକ (ଗଣମାଧ୍ୟମ ବ୍ୟାପାର) ମାନସ ମଙ୍ଗରାଜ ପ୍ରମୁଖ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

ଏହି ଅବସରରେ ରାଜ୍ୟ ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମା କହିଛନ୍ତି, ବିଜୁବାବୁ ଥିଲେ ଜଣେ ତୁଙ୍ଗ ନେତୃତ୍ୱ। ସାରା ବିଶ୍ୱକୁ ତାଙ୍କ ନେତୃତ୍ୱ ପ୍ରସାରିତ ଥିଲା। ଏକ ସମୃଦ୍ଧ ଓଡ଼ିଶା ଗଠନ କରିବାର ସଂକଳ୍ପ ତାଙ୍କୁ ଜଣେ କାଳଜୟୀ ନେତା ଭାବେ ମର୍ଯ୍ୟାଦା ଦେଇଛି। ସମୃଦ୍ଧ ଓଡ଼ିଶା ଗଠନରେ ତାଙ୍କର ବଳିଦାନ, ଅସୀମ ତ୍ୟାଗ, ଚିନ୍ତା ଓ ଚେତନା ସବୁବେଳେ ଆମକୁ ପ୍ରେରଣା ଦେଉଥିବ। ବିଜୁବାବୁ ଦେଖିଥିବା ସ୍ୱପ୍ନକୁ ଯଦି ଆମେ କିଛି ପରିମାଣରେ ରୂପାୟିତ କରିପାରିବା, ତାହା ହିଁ ବିଜୁ ପଟ୍ଟନାୟକଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଥିଲେ। ଦଳର ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଥିଲେ, ବିଜୁବାବୁ ଓଡ଼ିଆ ଜାତିର ଚିର ନମସ୍ୟ। ତାଙ୍କର ପ୍ରେରଣା, ସଂଘର୍ଷ ଆମକୁ ସବୁବେଳେ ଉଦ୍‌ବୁଦ୍ଧ କରୁଥିବ। ସେ ଥିଲେ ଜାତୀୟତାର ପ୍ରତୀକ। ସମୃଦ୍ଧ ଓଡ଼ିଶା ଗଠନରେ ତାଙ୍କର ସମଗ୍ର ଜୀବନ ସମର୍ପିତ ଥିଲା।

ଏହି ଅବସରରେ ରାଜ୍ୟବ୍ୟାପୀ ସମସ୍ତ ନିର୍ବାଚନମଣ୍ଡଳୀ, ଜିଲା ସଦର ମହକୁମାରେ ପ୍ରବାଦପୁରୁଷଙ୍କ ପ୍ରତି ଶ୍ରଦ୍ଧାଞ୍ଜଳିଅର୍ପଣ କରାଯିବା ସହିତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। କରୋନା ମହାମାରୀ ସମୟରେ ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ବିଜୁବାବୁଙ୍କ ୨୪ତମ ଶ୍ରାଦ୍ଧ ଉତ୍ସବକୁ ସମ୍ପୂର୍ଣ୍ଣ ନିରାଡ଼ମ୍ବର ଓ କରୋନା କଟକଣାକୁ ଅନୁପାଳନ କରି ପାଳନ କରାଯାଇଛି।




ବିଜେଡି ମୁଖ୍ୟାଳୟରେ ଶନିବାର ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ନେତା ଓ କର୍ମୀଙ୍କ ଶ୍ରଦ୍ଧାଞ୍ଜଳି।

# ଜୀବନ ହାରିଲେ ଜେଲ ଫେରନ୍ତା

ପରଜଙ୍ଗ, ୧୭।୪(ଡି.ଏନ.ଏ.)

- ଶ୍ୱଶୁରଘର ବାଡ଼ିପଟୁ ମିଳିଲା ସ୍ୱାଇଁଙ୍କ ମୃତଦେହ
- ପାରିବାରିକ କଳହରୁ ଆତ୍ମହତ୍ୟା କରିଥିବା ଅଭିଯୋଗ

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ଝରଣାବାହାଳ ଗ୍ରାମସ୍ଥିତ ଶ୍ୱଶୁରଘର ବାଡ଼ିପଟୁ ସନ୍ଦେହଜନକ ଅବସ୍ଥାରେ ଜେଲ ଫେରନ୍ତା ସ୍ୱାଇଁଙ୍କ ମୃତଦେହ ଠାବ କରାଯାଇଛି। ମୃତକ ହେଲେ ଅନୁଗୋଳ ଜିଲା ସମଲ ଥାନା ଶରଧାପୁର ଗ୍ରାମର ଭାସ୍କର ମହାନ୍ତିଙ୍କ ପୁଅ ଜଜୁ। ପାରିବାରିକ କଳହକୁ ନେଇ ସ୍ୱାମୀ ଆତ୍ମହତ୍ୟା କରିଥିବା ଜଜୁଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ଗତ ୧୨ ଦିନ ମଧ୍ୟରେ ପରଜଙ୍ଗ ଥାନା ଅଞ୍ଚଳରେ ଏଭଳି ୩ ଘଟଣା ଘଟିଲାଣି, ଯାହା ଏବେ ଚର୍ଚ୍ଚାର ବିଷୟ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଜଜୁ ଝରଣାବାହାଳ ଗ୍ରାମରେ ବିବାହ କରିଥିଲେ। କୌଣସି କାରଣରୁ ତାଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇଥିଲା। ସ୍ତ୍ରୀଙ୍କ ଅଭିଯୋଗ କ୍ରମେ ସେ ଜେଲରେ ଥିଲେ। ଜାମିନରେ ଆସିବା ପରେ ସେ ଶୁକ୍ରବାର ଶ୍ୱଶୁର ଘରକୁ ଆସିଥିଲେ। ତେବେ ଶନିବାର ବାରିପଟୁ ତାଙ୍କର ମୃତଦେହ ସନ୍ଦେହଜନକ ଅବସ୍ଥାରେ ଗଛରେ ଝୁଲୁଥିବା ଅବସ୍ଥାରେ ମିଳିଥିଲା। ସେ ଆତ୍ମହତ୍ୟା କରିଥିବା ମୃତ ଜଜୁଙ୍କ ସ୍ତ୍ରୀଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସଂକ୍ରାନ୍ତରେ ନଂ. ୧୨/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି।

ଉଲ୍ଲେଖଯୋଗ୍ୟ, ଗତ ୧୨ଦିନ ଭିତରେ ପରଜଙ୍ଗ ଥାନା ଅଞ୍ଚଳରେ ଏଭଳି ତିନି ତିନୋଟି ଘଟଣା ସାମ୍ନାକୁ ଆସିଛି। ଗତ ୬ତାରିଖରେ ସାଆନ୍ଦା ଫାଣ୍ଡି ଅଧୀନ ଖଇରପଶି ଗ୍ରାମରେ ବିବାହ କରିଥିବା ତାଳଚେର ଥାନା ହାଣ୍ଡିଧୁଆ ଅଞ୍ଚଳର ମିଥୁନ ବେହେରାଙ୍କ ମୃତଦେହ ଶ୍ୱଶୁର ଘର ଗ୍ରାମର ଏକ ବିଲରୁ ସନ୍ଦେହଜନକ ଅବସ୍ଥାରେ ମିଳିଥିଲା। ସେହିପରି ପରଜଙ୍ଗ ଗ୍ରାମରେ ବିବାହ କରିଥିବା ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପ୍ରସାଦ ଗ୍ରାମର ପିଣ୍ଟୁ ନାଏକଙ୍କ ମୃତଦେହ ଶ୍ୱଶୁର ଘର ନିକଟ ଏକ ଗଛରୁ ମିଳିଥିଲା।



ବିଧାନସଭା ପରିସରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# ବିଜୁଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୭।୪(ବ୍ୟୁରୋ)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୪ତମ ଶ୍ରାଦ୍ଧ ଦିବସ ଶନିବାର ବିଧାନସଭା ପରିସରରେ ପାଳିତ ହୋଇଯାଇଛି। କୋଭିଡ୍ କଟକଣା ମଧ୍ୟରେ ବିଧାନସଭାସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ଉପ ବାଚସ୍ପତି ରଜନୀକାନ୍ତ ସିଂ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବିଧାୟକ ପ୍ରଫୁଲ୍ଲ କୁମାର ସାମଲ ଯୋଗଦେଇଥିଲେ। ଏହି ଉପଲକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପିତାଙ୍କ ଉଦ୍ଦେଶ୍ୟରେ ଟୁଇଟ୍ କରି କହିଛନ୍ତି ଯେ, ଓଡ଼ିଶାର ବରପୁତ୍ର ତଥା ମହାନ୍ ଜନନାୟକ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସରେ ବିନମ୍ର ଶ୍ରଦ୍ଧାଞ୍ଜଳି। ସବୁବେଳେ ଲୋକଙ୍କ ସହ ରହିବା ଏବଂ ପ୍ରତିଟି ଲୋକର କଲ୍ୟାଣ ଓ ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ସେ ଦେଖାଇଥିବା ମାର୍ଗ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିଛି। ବିଧାନସଭାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମକୁ ବିଧାନସଭା ସଚିବ ଦାଶରଥୀ ଶତପଥୀ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ‘ଶାଶ୍ୱତୀ’ ସାଂସ୍କୃତିକ ଅନୁଷ୍ଠାନର ସଂଗୀତ ଶିଳ୍ପୀମାନେ ବିଜୁ ବାବୁଙ୍କ ଉପରେ ଆଧାରିତ ସଂଗୀତ ଗାନ କରିଥିଲେ।

# ସରପଞ୍ଚଙ୍କ ସହ ଆଲୋଚନା କଲେ ଜିଲାପାଳ

**କେନ୍ଦୁଝର, ୧୭।୪(ସ୍ୱ.ପ୍ର.):** କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଥିବାରୁ ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି। କୋଭିଡ ହସ୍‌ପିଟାଲ, କରୋନା କେୟାର ସେଣ୍ଟର ଗୁଡିକ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରିସାରିଥିବା ବେଳେ ପଞ୍ଚାୟତ ସ୍ତରରେ ଥିବା ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକ କାର୍ଯ୍ୟକ୍ଷମ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଶନିବାର ଏନେଇ ଜିଲାପାଳ ଆଶୀଷ ଠାକରେ, ସିଡିଏମଓ ଡକ୍ଟର ଅଶୋକ ଦାସ ଓ ପିଡିଡିଆରଡିଏ ଡ.ଉଦ୍ଧବ ଚରଣ ମାଝୀ ଅନ୍‌ଲାଇନ୍‌ରେ ଜିଲାର ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ସହ ଆଲୋଚନା କରିବାସହ ବାହାରୁ ଆସୁଥିବା ଲୋକଙ୍କୁ ଚିହ୍ନଟ କରିବା ଆଦି ଉପରେ ଗୁରୁତ୍ୱାରୋପ କରିଛନ୍ତି।

Maintaining COVID-19 Precaution with Social Distancing for Training Program

**ADMISSION NOTICE**

**DIPLOMA IN TOOL & DIE MAKING AND DIPLOMA IN MECHATRONICS**

Applications are invited in the prescribed form from intending candidates for admission to **four years Diploma in Tool & Die Making and** three years **Diploma in Mechatronics** course for the Session **2021-2022**.

**Eligibility :** Matriculation or equivalent examinations from a recognised Board with Mathematics & Science (Physics or Chemistry or both) with minimum 50% marks (40% in case of candidate belonging to SC/ST) in aggregate.

**Age :** Between 15 to 19 years for General candidates **(born in between 02.07.2002 to 01.07.2006) and** Relaxable to 22 years for SC/ST candidates **(born in between 02.07.1999 to 01.07.2006)** as on **01.07.2021**.

**Selection :** Selection will be made through written test at Bhubaneswar. The written test which comprises of objective & subjective type questions will be held on **04.07.2021 (Sunday) at 09.00 a.m.** Candidates awaiting result of 10th can also appear for written test. However the result should be available at the time of admission.

**How to apply :** Application form along with prospectus can be obtained in person from the administrative office by paying **Rs.500/-** (**Rs.200/-** in case of SC/ST candidates) or by sending demand draft of **Rs.550/-** (**Rs.250/-** for SC/ST candidates) in favour of **"Central Tool Room & Training Centre", payable at Bhubaneswar** to get the prospectus by Speed Post/Courier. DD should accompany self addressed envelop of size 20cm x 25cm. SC/ST candidates should send proof of caste.

The application form along with the prospectus is also available on our website **www.cttc.gov.in.** The application form can be downloaded from the website and filled in application form along with demand draft or online through **State Bank of India collect link** available in our website by paying **Rs.500/-** (**Rs.200/-** in case of SC/ST candidates) can be sent by post.

**For offline Application :** The application in the proforma prescribed should be filled in by the candidate's own handwriting and addressed to the Managing Director, Central Tool Room & Training Centre, Plot No.: B-36, Chandaka Industrial Area, Bhubaneswar - 751024. Application form should have the superscription on the top of the envelop as "Application for Diploma in Tool & Die Making / Mechatronics".

**For online Application :** The application in the proforma prescribed should be filled online. After filling up the mandatory details & uploading their photo in the application form, candidates are required to make the payment online, sign the declaration at the end and upload an image file of their left hand thumb impression. Based on completeness of the application and payment, candidates will be called for Written test to be held at Bhubaneswar. The admit card for applying the written test can be downloaded from CTTC website **www.cttc.gov.in**

Reservations as per Govt. of India rules. 22.5% seats are reserved for SC/ST candidates for whom no fee will be charged subject to production of two photo copies of self attested Caste Certificate & Aadhaar Card. Caste Certificate & Aadhaar Card in original from competent authority is to be produced for verification at the time of admission which may be re-verified from the Issuing Authority.

***Last date of Issue & Receipt of application is dt.26.06.2021***
***For details contact : Sr. Manager (Training)***

Ministry of MSME Govt. of India

**CENTRAL TOOL ROOM & TRAINING CENTRE**
(Ministry of Micro, Small & Medium Enterprises , Govt. of India)
B-36, Chandaka Industrial Area, Bhubaneswar - 751024,
Ph. No.- 09658066689, 09861376680
E-mail : cttc@cttc.gov.in, Website : www.cttc.gov.in


ISO-9001, ISO-14001 OHSAS 18001

# ନାରାୟଣନଙ୍କୁ ଫସାଇବା ପାଇଁ ଚାପ ପକାଯାଇଥିଲା

## ସତ ଓକାଳିଲେ ମାଳଦ୍ୱୀପର ମହିଳା

ଥିରୁଭାନନ୍ତପୁରମ୍, ୧୭।୪

ଇସ୍ରୋର ୨୭ ବର୍ଷର ପୁରୁଣା ଗୁପ୍ତଚର ବୃତ୍ତି ମାମଲାରେ ଷଡ଼ଯନ୍ତ୍ର ହୋଇଥିଲା କି ନାହିଁ ତାହାର ସାନି ତଦନ୍ତ ପାଇଁ ସୁପ୍ରିମକୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଥିଲେ। ଏହାର ଦୁଇ ଦିନ ପରେ ମାଳଦ୍ୱୀପର ଜଣେ ମହିଳା ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ସେତେବେଳେ ତାଙ୍କୁ ଇସ୍ରୋ ବୈଜ୍ଞାନିକଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣିବା ପାଇଁ ଚାପ ପକାଯାଇଥିଲା। କେରଳ ପୋଲିସ ତାଙ୍କୁ ନିର୍ଯାତନା ଦେଇ ଇସ୍ରୋ ବୈଜ୍ଞାନିକ ଏସ୍. ନମ୍ବି ନାରାୟଣନଙ୍କ ନାଁ ନେବା ପାଇଁ ବାଧ କରିଥିଲା ବୋଲି ମହିଳା ଜଣକ କହିଛନ୍ତି। ୧୯୯୪ରେ ନାରାୟଣନଙ୍କ ବିରୋଧରେ ଗୁପ୍ତଚର ବୃତ୍ତି ଅଭିଯୋଗ ଆସିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ତାଙ୍କ ସହ ଇସ୍ରୋର ଅନ୍ୟ ଜଣେ ବରିଷ୍ଠ ଅଧିକାରୀ, ଦୁଇଜଣ ମାଳଦ୍ୱୀପ ମହିଳା ଓ ଜଣେ ବ୍ୟବସାୟୀ ମଧ୍ୟ ଗିରଫ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଏବେ ଶ୍ରୀଲଙ୍କାରେ ରହୁଥିବା ଫୌସିଆ ହାସନ ଏକ ଟିଭି ଚ୍ୟାନେଲକୁ କହିଛନ୍ତି, ସେ ନାରାୟଣନଙ୍କ ନାଁ ଶୁଣି ନ ଥିଲେ। ନାରାୟଣନଙ୍କ ବିରୋଧରେ ଅଭିଯୋଗ ନ ଆଣିଲେ କେରଳ ପୋଲିସ ଫୌସିଆଙ୍କ ଝିଅକୁ ଗିରଫ କରିବା ସହ ବଳାତ୍କାର କରିବ ବୋଲି ଧମକ ଦେଇଥିଲା। ଏହା ପରେ ସେ ନାରାୟଣନଙ୍କ ବିରୋଧରେ ଇସ୍ରୋର ଗୁପ୍ତ ତଥ୍ୟ ପ୍ରଦାନ ପାଇଁ ଉତ୍କୋଚ ନେଇଥିବା ଅଭିଯୋଗ ଆଣିଥିଲେ ବୋଲି ଫୌସିଆ କହିଛନ୍ତି।



ଏସ୍. ନମ୍ବି ନାରାୟଣନ



ଫୌସିଆ ହାସନ



ପ୍ରଭୁ! ଆମ ଭିତରେ ଯାହାକିଛି କୃତ୍ରିମତା ଓ ମିଥ୍ୟାଚାର ରହିଛି– ଯାହାକିଛି ରହିଛି ପ୍ରତାରଣା, ଛଳନା– ସେସବୁ କିଛି ଏହି ବର୍ଷଠି ସହିତ ଲୋପ ପାଇଯାଉ। ଯାହାକିଛି ସଂପୂର୍ଣ୍ଣ ସତ୍ୟ, ନିଷ୍ପାପ, ସରଳ ଓ ଶୁଦ୍ଧ ତାହା ଯେପରି ଆଗାମୀ ବର୍ଷଟି ଆମ ପ୍ରକୃତି ଭିତରେ ସଂଚାରିତ ହେଉ। –ଶ୍ରୀମା



# ବିଶ୍ୱ ଦୃଷ୍ଟିରେ ଭାରତ



ଆକାର ପଟେଲ

କେଉଁ ପ୍ରକାର ଭାରତରେ ଏବେକାର ପିଢି ବଢୁଛନ୍ତି ଏବଂ ସେମାନେ ଆଗକୁ କେମିତି ଓ କାହା ମାଧ୍ୟମରେ ବଞ୍ଚିବେ? ମୋ ବୟସ ୫୦ ଟପିଗଲାଣି ଓ ସୁସ୍ଥ ଥିଲେ ମୋ ଭାଗ୍ୟ ବି ଟାଣ ଓ ମୁଁ ଆଉ ୨୦ ବର୍ଷ ନିଶ୍ଚିତ ବଞ୍ଚିବି। କିନ୍ତୁ କାର୍ଯ୍ୟଦକ୍ଷତା ଦୃଷ୍ଟିରୁ ମୋର ଶ୍ରେଷ୍ଠ ବର୍ଷଗୁଡ଼ିକ ମୋ ପଛରେ ରହିଗଲାଣି। ଏବେ ଆମ ଦେଶର ଭବିଷ୍ୟତ ଆଜିର ପିଲା ଓ ଯୁବକଙ୍କ ହାତରେ। ସେମାନଙ୍କ ପାଇଁ ଦେଶର ଷ୍ଟୋରରେ କ'ଣ ଗଚ୍ଛିତ ରହିଛି? ଆଗକୁ ପ୍ରକାଶ ପାଇବାକୁ ଥିବା ମୋ ବହି ପାଇଁ ଗତ ୭ ବର୍ଷର ସମ୍ପୂର୍ଣ୍ଣ ଖବର ଓ ତଥ୍ୟ ଖୋଜିବା ଭିତରେ ମୁଁ ସେମାନଙ୍କ ଭବିଷ୍ୟତକୁ କିଛି ମାତ୍ରାରେ ଦେଖିପାରିଛି ଏବଂ ଷ୍ଟୋରରେ କ'ଣ ଗଚ୍ଛିତ ରହିଛି ତାହା ଜାଣିପାରିଛି। ମୁଁ ଯେତେବେଳେ ଚାକିରି ବା ନିଯୁକ୍ତି ବଜାରକୁ ଆସିଥିଲି ସେତେବେଳେ ଯାହା ଥିଲା ଆର୍ଥିକ ଦୃଷ୍ଟିକୋଣରୁ ତାହା ଆଗକୁ ଭିନ୍ନ ରହିବ। ମୋଟେ ୧୧ ବର୍ଷ ହୋଇଥିଲାବେଳେ ଭାରତ ଉଦାର ଅର୍ଥନୀତି ଆପଣାଇଥିଲା। ଏହାର କିଛି ବର୍ଷ ପରେ ସହରରେ ବିପୁଳ ନିଯୁକ୍ତି ବଜାର ସୃଷ୍ଟି ହୋଇଥିଲା। ଏପରି କି ବିଶେଷ ଦକ୍ଷତା ନ ଥାଇ କେବଳ ଇଂଲିଶ ଜ୍ଞାନ ଥିବା ତଥା ସାଧାରଣ କଲେଜ ଡିଗ୍ରୀ ହାସଲ କରିଥିବା ବ୍ୟକ୍ତି ଭଲ ଚାକିରିଟିଏ ପାଇପାରୁଥିଲା। ଉଚ୍ଚମାନର ସ୍କୁଲ ଶିକ୍ଷା ମିଳୁଥିବା ମଧ୍ୟବିତ୍ତ ବର୍ଗ ଏଥିରେ ବେଶି ଲାଭାନ୍ୱିତ ହେଉଥିଲେ। କିନ୍ତୁ କାର୍ଯ୍ୟ ଦୃଷ୍ଟିରୁ ସେମାନଙ୍କ ପାଇଁ ଅଧିକ ବିକଳ୍ପ ନ ଥିଲା (ଯେଉଁଥିପାଇଁ ଏବେ ଅଭିଭାବକମାନେ ବିଶେଷ ଶିକ୍ଷା ଉପରେ ଜୋର ଦେଇ ପିଲାମାନଙ୍କୁ ଡାକ୍ତର ଓ ଇଞ୍ଜିନିୟର ହେବାକୁ କହୁଛନ୍ତି)। ଏପରିକି ଜଣେ ବିଏ କିମ୍ବା ବି.କମ୍ ଡିଗ୍ରୀ ହାସଲ କରିଥିବା ମହିଳା କିମ୍ବା ପୁରୁଷଙ୍କୁ ଉଚ୍ଚ ଶ୍ରେଣୀର ଜୀବନଶୈଳୀ ମିଳିବା ସମ୍ଭବ ହେଉଥିଲା। ଅବଶ୍ୟ ସଂଖ୍ୟାଧିକ ଭାରତୀୟ ଏଥିରେ ଉପକୃତ ହୋଇ ନ ଥିଲେ। କାରଣ, ସେମାନେ ବଡ଼ ସହରରେ ପହଞ୍ଚି ପାରୁ ନ ଥିଲେ କି ଉଚିତ ଶିକ୍ଷା ପାଇପାରୁ ନ ଥିଲେ। କିନ୍ତୁ ସେମାନଙ୍କର ଆଶା ରହିଥିଲା। ଶିକ୍ଷା ପାଇଁ ହଜାର ହଜାର ଘରୋଇ ଶିକ୍ଷାନୁଷ୍ଠାନ ସହରଗୁଡ଼ିକରେ ସେମାନଙ୍କର ଶାଖା ମେଲାଇ ଚାଲିଲେ। ହେଲେ ଏହି ସମୟ ଏବେ ଶେଷ ହୋଇଯାଇଛି। ଭାରତରେ ସହରି ନିଯୁକ୍ତି ବା ରୋଜଗାର ସବୁଠୁ ଉଚ୍ଚରେ ରହିଥିଲେ ବି ଭାରତୀୟ ଶ୍ରମ ଶକ୍ତିର ଯୋଗଦାନ ସବୁଠୁ କମ୍ ରହିଛି। ଏଥିରୁ ସୂଚନା ମିଳୁଛି ଯେ, କାର୍ଯ୍ୟ କରିବାର ବୟସ (୧୫ ବର୍ଷ ବୟସରୁ ଊର୍ଦ୍ଧ୍ୱ)ର କୋଟି କୋଟି ଭାରତୀୟଙ୍କ ଚାକିରି ପାଇବା ଆଶା ଛାଡ଼ି ଦେଇଛନ୍ତି। ଏପରି କି ମହାମାରୀ ପୂର୍ବରୁ ଏହି ପରିସ୍ଥିତି ଥିଲା ଏବଂ ୩ ବର୍ଷ ହେବ ଏହା ଚାଲି ଚାଲିଛି। ସମୟକ୍ରମେ କାମ ବା ରୋଜଗାର ଅଭାବରୁ ନୈରାଶ୍ୟ ଦେଖାଦେବ ଏବଂ ବହୁ ପରିଣାମ ସାମ୍ନାକୁ ଆସିବ। ଅରାଜକତା ଏବଂ ଅପରାଧ ବଢ଼ିବ। ବାଣିଜ୍ୟ ଏବଂ ନିଯୁକ୍ତି ଦୃଷ୍ଟିକୋଣରୁ ଦୀର୍ଘମିଆଦି ବୈଶ୍ୱିକ ଧାରା ନକାରାତ୍ମକ ରହିଛି। ଏଣୁ ଅତୀତରେ ଆମେ ଯେମିତି ଉପକୃତ ହୋଇଥିଲୁ ଏବେକାର ଯୁବପିଢି ଭବିଷ୍ୟତରେ ସେମିତି ଆଶା କରିବାର ସମ୍ଭାବନା ନାହିଁ।

ମୋ ଜାଣିବାରେ ଯେଉଁ ଭାରତୀୟ ସାମାଜିକ ବ୍ୟବସ୍ଥାରେ ମୁଁ ବଢିଥିଲି ତାହା ମଧ୍ୟ ପରିବର୍ତ୍ତନ ହୋଇଯାଇଛି। ଭାରତ ତା'ର ଧର୍ମ ନିରପେକ୍ଷତାର ବାସ୍ତବତାକୁ ସ୍ୱୀକାର କରିବାରେ ସବୁବେଳେ ସମସ୍ୟା ରହିଆସିଛି। ଏହାଯୋଗୁ ସାମ୍ପ୍ରଦାୟିକ ହିଂସା ଘଟି ଚାଲିଛି। ୧୯୮୦ ଏବଂ ୯୦ ଦଶକ ହିସାବୁ ଏହାର ପ୍ରମାଣ ମିଳିଛି। ତେବେ ଏହି ସାମ୍ପ୍ରଦାୟିକ ଶକ୍ତି ବା ଆବେଗକୁ କମ୍ କରିବାରେ ସେତେବେଳେ ସରକାରଙ୍କ ଉଦ୍ୟମ ଦୁର୍ବଳ ହୋଇଥାଇପାରେ, କିନ୍ତୁ ସରକାର ସକ୍ରିୟ ଭାବେ ଏହାକୁ ଉସୁକାଇ ନ ଥିଲେ, ଯେମିତି ୨୦୧୪ ପରେ ଘଟିଚାଲିଛି। ଦେଶ ଭିତରେ ଏବଂ ବାହାରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଭାରତରେ ଆମ ରାଜନୀତି ଅନ୍ଧକାରମୟ ହୋଇଯାଇଛି। ନିର୍ବାଚନ ପ୍ରଚାର ପ୍ରଭାବଶାଳୀ ପାର୍ଟି ଦ୍ୱାରା ହେଉଛି ଏବଂ ସକ୍ରିୟ ଭାବେ ମୁସଲମାନଙ୍କୁ ଟାର୍ଗେଟ କରାଯାଉଛି। ଏହାଦ୍ୱାରା ଭାରତର ସାମାଜିକ ବ୍ୟବସ୍ଥା ନଷ୍ଟ ହେବା ସହ ଆମ ପଡ଼ୋଶୀରେ ହିଂସା ସୃଷ୍ଟି କରୁଛି। ଏଠାରେ ଏକ ଉଦାହରଣ ଦିଆଯାଇପାରେ। ୨୦୧୫ ପୂର୍ବରୁ ବିଫ୍ ଲିଂଚିଂ ନ ଥିଲା ଓ ପରେ ତାକୁ ନୂଆ ହିଂସା ଭାବେ ଆରମ୍ଭ କରିଛୁ।

ଏହାର ପ୍ରଭାବ ଅର୍ଥନୀତି ଉପରେ ପଡ଼ିବ ଓ ଏହା ଦ୍ୱାରା ଜନସଂଖ୍ୟାର ଏକ ସିଂହଭାଗ ପ୍ରଭାବିତ ହେବେ। କିନ୍ତୁ ଏ ସମ୍ପର୍କରେ ଆଲୋଚନା କରିବାର ସରକାରଙ୍କ ମନୋବୃତ୍ତି ନାହିଁ। ଆମ ହିଂସା ପ୍ରତି ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ୧୪ ଏପ୍ରିଲରେ ୟୁରୋପିଆନ ପାର୍ଲାମେଣ୍ଟରେ ପ୍ରକାଶ କରାଯାଇଛି ଯେ, ପାର୍ଲାମେଣ୍ଟର ସଦସ୍ୟମାନେ ଜାତିସଂଘ ହାଇ କମିଶନ ଫର୍ ହ୍ୟୁମାନ ରାଇଟସ୍ ଏବଂ ଜାତିସଂଘର ଅନେକ ରାଷ୍ଟ୍ରଦୂତମାନଙ୍କ ମନ୍ତବ୍ୟକୁ ବାରମ୍ବାର ଦର୍ଶାଇ ଭାରତରେ ମାନବ ଅଧିକାରର ଅଧୋପତନ ଘଟୁଛି ବୋଲି ଚିନ୍ତା ପ୍ରକଟ କରିଛନ୍ତି। ଏହା ସହ ଦେଶରେ ମାନବ ଅଧିକାରର ରକ୍ଷକ ଏବଂ ସାମ୍ବାଦିକମାନେ କାର୍ଯ୍ୟ କରିବା ପାଇଁ ସୁରକ୍ଷିତ ପରିବେଶ ପାଉ ନ ଥିବା ରିପୋର୍ଟରେ ପ୍ରକାଶ କରିଛି। ଏହି ରିପୋର୍ଟ ମଧ୍ୟ ଭାରତୀୟ ନାଗରିକତ୍ୱ ସଂଶୋଧନ ଆଇନ ଉପରେ ସତର୍କ କରିଦେଇଛି। ୟୁନାଇଟେଡ ନେସନ୍ସ ହାଇ କମିଶନର ଫର୍ ହ୍ୟୁମାନ ରାଇଟସ୍ ଅନୁଯାୟୀ ମୁସଲମାନଙ୍କ ବିରୋଧରେ ଏହି ଆଇନ ମୌଳିକ ଭାବେ ଭେଦଭାବପୂର୍ଣ୍ଣ ଏବଂ ଏକ ବିପଜ୍ଜନକ ବିଭାଜନ। ଏଭଳି ବିଷୟ ପାର୍ଲାମେଣ୍ଟରେ ୬୧ ଭୋଟରେ ଅନୁମୋଦନ ଲାଭ କରିଥିବାବେଳେ ୬ଟି ଭୋଟ ଏହା ବିରୋଧରେ ମିଳିଛି। ଏହାକୁ ଅଣଦେଖା କିମ୍ବା ସମାଲୋଚନାକୁ ହାଲୁକା କରିବା ପାଇଁ ଭାରତର ଚେଷ୍ଟା ବିଫଳ ହେଲା। ଭାରତ ସରକାର ଚଳିତବର୍ଷର ଅନେକ ରିପୋର୍ଟ ଭଳି ଏହାକୁ ମଧ୍ୟ ସରକାର ଉପେକ୍ଷା କରିବେ। କିନ୍ତୁ ଏହାର ପରିଣାମ ନିଶ୍ଚିତ ପ୍ରକାଶ ପାଇବ। ବିଭାଜନ ଓ ଭେଦଭାବ ଉପରେ କ'ଣ କରୁଛ ତାହା ବିଶ୍ୱ ଦେଖୁଥିବାବେଳେ ଜାତିସଂଘ ସୁରକ୍ଷା ପରିଷଦରେ ଭାରତ ପହଞ୍ଚିବା ପଦ ଦୂରେ ଥାଉ କରିପାରିବ ନାହିଁ। ଯେଉଁମାନେ ଏବେ ଭାରତ ଉପରେ ଅନୁଧ୍ୟାନ କରୁଛନ୍ତି ସେମାନଙ୍କ ଦୃଷ୍ଟିକୋଣ ଏବେ ପରିବର୍ତ୍ତନ ହୋଇଯାଇଛି। ଏହା ମଧ୍ୟ ଖୁବ୍‌ଶୀଘ୍ର ସାରା ବିଶ୍ୱର ଦୃଷ୍ଟିକୋଣ ବଦଳାଇଦେବ। ଜଣେ ଭାରତୀୟ ଭାବେ ଏହାକୁ ରେକର୍ଡ କରିବା ନୈରାଶ୍ୟଜନକ, କିନ୍ତୁ ଜଣେ ଯାହା ପାଉଛି ତାହାକୁ କେହି ଅଣଦେଖା ବା ଦୂରେଇ ଦେଇପାରିବେ ନାହିଁ।

Email:aakar.patel@gmail.com

# ସଂରକ୍ଷଣ ଓ ସଂରକ୍ଷିତ ବର୍ଗ



ଅନିଲ କୁମାର ମଲ୍ଲିକ

ସଂରକ୍ଷଣ ଦେଶକୁ ବର୍ବାଦ କରିଦେଉଛି। ସଂରକ୍ଷଣ ବ୍ୟବସ୍ଥା ଯୋଗ୍ୟତାଧାରୀ ଛାତ୍ରୀଛାତ୍ରଙ୍କ ପ୍ରତି ଅନ୍ୟାୟ କରୁଛି। ସଂରକ୍ଷଣ ଦ୍ୱାରା ଅଯୋଗ୍ୟ ବ୍ୟକ୍ତିମାନେ ସରକାରୀ ପଦପଦବୀ ମାଡ଼ି ବସୁଛନ୍ତି – ଏପରି ଅନେକ ସମ୍ବିଧାନବିରୋଧୀ ମନ୍ତବ୍ୟ ଆମ ଦେଶରେ ନିତିଦିନ ସାମ୍ନାକୁ ଆସେ। ସର୍ବଦା ଏକ ଗୁଜବ ସମାଜରେ ପ୍ରଚାରିତ ହୁଏ କେବଳ ଅନୁସୂଚିତଜାତି ଓ ଜନଜାତି ବର୍ଗ ସଂରକ୍ଷଣ ପାଉଛନ୍ତି। ଏହି ବର୍ଗଙ୍କ ବିରୋଧରେ ସଂରକ୍ଷଣକୁ ନେଇ ଅନେକ ପ୍ରକାର କଟାକ୍ଷ ଓ ସମାଲୋଚନା କରାଯାଏ। କିନ୍ତୁ ସେହି କଟାକ୍ଷ ଓ ସମାଲୋଚନା କରୁଥିବା ବ୍ୟକ୍ତିବିଶେଷମାନେ ଭୁଲିଯାʼନ୍ତି ଯେ ଆଜିର ଦିନରେ ପ୍ରତ୍ୟେକ ବର୍ଗ ସଂରକ୍ଷଣ ବ୍ୟବସ୍ଥାର ସୁବିଧା ପ୍ରାପ୍ତ କରୁଛି। ସଂରକ୍ଷଣ କେବଳ ଭାରତରେ ନୁହେଁ, ଆମେରିକା, ଚାଇନା, ରୁଷିଆ, ଜାପାନ, ଆଫ୍ରିକା, ବ୍ରାଜିଲ, ଅଷ୍ଟ୍ରେଲିଆ, କାନାଡା ଭଳି ରାଷ୍ଟ୍ରରେ ପ୍ରଦାନ କରାଯାଉଛି।

ଦେଶର ୮୫% ଲୋକ(ଅନୁସୂଚିତଜାତି, ଜନଜାତି ଓ ପଛୁଆବର୍ଗ)କଳଙ୍କିତ ଜାତିପ୍ରଥାର ଶିକାର ହେଉଛନ୍ତି ଏବଂ ଦେଶର ୨୫% ଲୋକ(ଅନୁସୂଚିତଜାତି ଓ ଜନଜାତି)ଅସ୍ପୃଶ୍ୟତାର ଶିକାର ହେଉଛନ୍ତି। ଦେଶର ଏହି ସାମାଜିକ ଓ ଶୈକ୍ଷିକ ଦୃଷ୍ଟିକୋଣରୁ ଅନଗ୍ରସର ଓ ପଛୁଆବର୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ସହ ସମତା ଓ ଏକତାଭିତ୍ତିକ ସମାଜ ଗଠନ କରିବା ପାଇଁ ସମସ୍ତ କ୍ଷେତ୍ରରେ ସମାନ ଅଧିକାର ଲାଗି ସଂଖ୍ୟାନୁପାତିକ ପ୍ରତିନିଧିତ୍ୱର ସୃଷ୍ଟି। ସେହି ସଂଖ୍ୟାନୁପାତିକ ପ୍ରତିନିଧିତ୍ୱକୁ ସଂରକ୍ଷଣ କୁହାଯାଉଛି। ବ୍ରିଟିଶ ଶାସନକାଳରେ ଭାରତରେ ଏହି ବଞ୍ଚିତବର୍ଗଙ୍କୁ ଶିକ୍ଷାର ଅଧିକାର ଦେବାପାଇଁ ଶିକ୍ଷା ଆନ୍ଦୋଳନର ଜନକ ମହାତ୍ମା ଜ୍ୟୋତିବା ଫୁଲେ ଇଂଲଣ୍ଡରୁ ୧୮୮୨ରେ ଆସିଥିବା ହଣ୍ଟର କମିଶନଙ୍କୁ ପ୍ରଥମେ ଶିକ୍ଷାକ୍ଷେତ୍ରରେ ପ୍ରତିନିଧିତ୍ୱ ବା ସଂରକ୍ଷଣ ଦାବି କରିଥିଲେ। ଛତ୍ରପତି ଶିବାଜୀ ମହାରାଜଙ୍କ ବଂଶଜ ତଥା କୋହ୍ଲାପୁରର ରାଜା ଶାହୁଜୀ ମହାରାଜ ପ୍ରଥମେ ତାଙ୍କ ରାଜ୍ୟରେ ପଛୁଆବର୍ଗଙ୍କୁ ୫୦% ସଂରକ୍ଷଣ ୧୯୦୨ରେ ପ୍ରଦାନକରି ଭାରତରେ ଏକ ନୂତନ ଇତିହାସ ସୃଷ୍ଟି କଲେ। କାରଣ ସେ ଲକ୍ଷ୍ୟକରିଥିଲେ ତାଙ୍କ ରାଜଦରବାର ସହ ରାଜ୍ୟରେ ସମସ୍ତ କର୍ମଚାରୀ କେବଳ ସବର୍ଣ୍ଣବର୍ଗର ଥିଲେ। ୧୯୧୮ରେ ଭାରତକୁ ଆସିଥିବା ସାଉଥବରୋ କମିଶନଙ୍କୁ ବାବାସାହେବ ଡ. ଭୀମରାଓ ଆମ୍ବେଦକର ଭେଟି ଅସ୍ପୃଶ୍ୟବର୍ଗଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନ କ୍ଷେତ୍ର, ରାଜନୀତି କ୍ଷେତ୍ରରେ ପ୍ରତିନିଧିତ୍ୱ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ନିର୍ବାଚନ କ୍ଷେତ୍ର ଦାବି କରିବାକୁ ନେଇ ସବର୍ଣ୍ଣ ଗୋଷ୍ଠୀମାନେ ହିନ୍ଦୁସମାଜକୁ ଆମ୍ବେଦକର ଭାଗକରୁଥିବା ମିଥ୍ୟାଭିଯୋଗ ଆଣି ବିରୋଧ ଆରମ୍ଭ କରିଦେଲେ; ଯାହା ପାଇଁ ସାଉଥବରୋ କମିଶନ ଏହି ବର୍ଗଙ୍କୁ ଅଧିକାର ପ୍ରଦାନ କରିପାରି ନ ଥିଲେ। ୧୯୨୮ରେ ଭାରତକୁ ଆସିଥିବା ସାଇମନ କମିଶନଙ୍କୁ ଡ. ଆମ୍ବେଦକର ପୁଣିଥରେ ଭେଟି ଅସ୍ପୃଶ୍ୟ ସମାଜ ଓ ପଛୁଆବର୍ଗଙ୍କ ଅଧିକାର ପାଇଁ ଦାବି ଉପସ୍ଥାପନ କରିଥିଲେ। କିନ୍ତୁ ଯେଉଁମାନେ ଏହି ବର୍ଗଙ୍କ ଅଧିକାର ବିରୋଧୀ ଥିଲେ ସେମାନେ ଆମ୍ବେଦକରଙ୍କୁ ଦେଶଦ୍ରୋହୀ କହିବାକୁ ପଛାଇ ନ ଥିଲେ। ସାଇମନ କମିଶନଙ୍କୁ ଅତ୍ୟନ୍ତ ବିରୋଧ ହେବା ଦ୍ୱାରା ପୁନର୍ବାର ଏହି ବର୍ଗଙ୍କୁ ଅଧିକାର ମିଳିପାରି ନ ଥିଲା।

ଏହାପରେ ଲଣ୍ଡନରେ ବ୍ରିଟିଶ ସରକାର ଦ୍ୱାରା ଗୋଲଟେବୁଲ ବୈଠକ କରାଗଲା। କଂଗ୍ରେସର ନେତୃତ୍ୱ ନେଉଥିବା ଗାନ୍ଧିଜୀ ଏହି ବୈଠକକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏ ବୈଠକରେ ଅସ୍ପୃଶ୍ୟ ଓ ପଛୁଆବର୍ଗଙ୍କ ପ୍ରତିନିଧି ଭାବରେ ଡ. ଆମ୍ବେଦକର ଯୋଗଦେଇ ୪ଟି ଦାବି ଉପସ୍ଥାପନ କରିଥିଲେ। ୧. ମତଦାନର ଅଧିକାର, ୨. ସ୍ୱତନ୍ତ୍ର ନିର୍ବାଚନ କ୍ଷେତ୍ର, ୩. ଦୁଇଟି ଭୋଟ ଦେବାର ଅଧିକାର, ୪. ସଂଖ୍ୟାନୁପାତିକ ପ୍ରତିନିଧିତ୍ୱ। ଏହି ୪ଟି ଦାବି ଉପସ୍ଥାପନ ସହ ଯୁକ୍ତିଯୁକ୍ତ ତର୍କପରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ରାମସେ ମ୍ୟାକଡୋନାଲ୍ଡ ଏସବୁକୁ ଗ୍ରହଣ କରିନେଇଥିଲେ। ଦ୍ୱିତୀୟ ଗୋଲଟେବୁଲ ବୈଠକରେ ଗାନ୍ଧିଜୀ ଉପସ୍ଥିତ ରହି ଆମ୍ବେଦକରଙ୍କ ୪ଟି ଦାବିକୁ ବିରୋଧ କରିଥିଲେ। ସେ ଅସ୍ପୃଶ୍ୟସମାଜକୁ ସ୍ୱତନ୍ତ୍ର ନିର୍ବାଚନ କ୍ଷେତ୍ର ଦେବା ସପକ୍ଷରେ ନ ଥିଲେ। କିନ୍ତୁ ସ୍ୱତନ୍ତ୍ର ନିର୍ବାଚନ କ୍ଷେତ୍ର Indian Council Act ୧୯୦୯ରେ ମୁସଲିମମାନଙ୍କ ପାଇଁ ପ୍ରଥମ ପାରିତ ହୋଇଥିଲା ଏବଂ Govt.of India Act ୧୯୧୯ ଆଧାରରେ ଶିଖ, ଖ୍ରୀଷ୍ଟିଆନ, ଆଙ୍ଗ୍ଲୋଇଣ୍ଡିଆନମାନଙ୍କୁ ପ୍ରଦାନ କରାଯାଇଥିଲା। ଗାନ୍ଧିଜୀ ଅସ୍ପୃଶ୍ୟମାନଙ୍କୁ ହିନ୍ଦୁସମାଜର ଅଭିନ୍ନ ଅଂଶ ବୋଲି ଦାବି କରୁଥିଲେ। କିନ୍ତୁ ସେହି ବର୍ଗଙ୍କ ଅଧିକାରକୁ କାହିଁକି ବିରୋଧ କରୁଥିଲେ, ତାହା ବଡ଼ ପ୍ରଶ୍ନବାଚୀ? ଆମ୍ବେଦକରଙ୍କ ଦାବିଗୁଡ଼ିକୁ ତୀବ୍ର ବିରୋଧକରି ଗାନ୍ଧିଜୀ ୧୬ ସେପ୍ଟେମ୍ବର ୧୯୩୨ଠାରୁ ୟେରୱାଡା ଜେଲରେ ଆମରଣ ଅନଶନ ଆରମ୍ଭ କରିଦେଲେ। ତାଙ୍କ ଜୀବନରକ୍ଷା ପାଇଁ କଂଗ୍ରେସ ନେତୃଗଣ ଡ. ଆମ୍ବେଦକରଙ୍କୁ ଦାବିଗୁଡ଼ିକ ପ୍ରତ୍ୟାହାର କରିନେବାକୁ ନିବେଦନ କଲେ। ୮ ଦିନର ଅନଶନ ପରେ ଗାନ୍ଧିଜୀ ଓ ଆମ୍ବେଦକରଙ୍କ ମଧ୍ୟରେ ଏକ ଚୁକ୍ତି ୨୪ସେପ୍ଟେମ୍ବର ୧୯୩୨ରେ ହେଲା। ଏହାକୁ 'ପୁନା ଚୁକ୍ତି' କୁହାଗଲା। ବହୁସଂପର୍କ କରି ଅସ୍ପୃଶ୍ୟସମାଜ ଓ ପଛୁଆବର୍ଗଙ୍କ ପାଇଁ ଆଣିଥିବା ଅଧିକାରଗୁଡ଼ିକ ମଧ୍ୟରୁ ସ୍ୱତନ୍ତ୍ର ନିର୍ବାଚନକ୍ଷେତ୍ର ଓ ଦୁଇଟି ଭୋଟ ଦେବାର ଅଧିକାର ହଟାଇ ଦିଆଗଲା। କେବଳ ଭୋଟଦେବାର ଅଧିକାର ରହିଲା ଏବଂ ସଂଖ୍ୟାନୁପାତିକ ପ୍ରତିନିଧିତ୍ୱକୁ ସଂରକ୍ଷଣ ଭାବରେ ନାମିତ କରାଗଲା। ସମ୍ବିଧାନର ଧାରା ୧୫(୪)ରେ ସାମାଜିକ ଓ ଶୈକ୍ଷିକ ଦୃଷ୍ଟିକୋଣରୁ ଅନଗ୍ରସର ଓ ପଛୁଆବର୍ଗଙ୍କୁ ବା ଅନୁସୂଚିତଜାତି ଓ ଜନଜାତିବର୍ଗଙ୍କ ପାଇଁ ସ୍ୱତନ୍ତ୍ର ପ୍ରାବଧାନ ପାଇଁ ବ୍ୟବସ୍ଥା କରାଗଲା। ଧାରା ୧୬(୪)ଆଧାରରେ ସଂଖ୍ୟାନୁପାତିକ ପ୍ରତିନିଧିତ୍ୱ ପ୍ରାବଧାନ କରାଗଲା। ଧାରା ୩୪୦ ଆଧାରରେ ପଛୁଆବର୍ଗଙ୍କ ପାଇଁ ସ୍ଥିତି ନିରାକରଣ ସହ ସ୍ୱତନ୍ତ୍ରବ୍ୟବସ୍ଥା କରିବା ପାଇଁ କମିଶନ ବସାଇବାର ବ୍ୟବସ୍ଥା କରାଗଲା।

ସମାଜରେ ସର୍ବଦା ମିଥ୍ୟାକଥା ପ୍ରସାରିତ ହେଉଛି, ଚାକିରି ଓ ଶିକ୍ଷାକ୍ଷେତ୍ରରେ ଥିବା ସଂରକ୍ଷଣ ୧୦ବର୍ଷ ପାଇଁ ସମ୍ବିଧାନରେ ପ୍ରଦାନ କରାଯାଇଥିଲା। ଧାରା ୩୩୪ଆଧାରରେ ଅନୁସୂଚିତଜାତି ଓ ଜନଜାତିଙ୍କ ପାଇଁ ବିଧାନସଭା ଓ ପାର୍ଲାମେଣ୍ଟ ଆସନରେ ରାଜନୈତିକ ସଂରକ୍ଷଣ ଓ ଆଙ୍ଗ୍ଲୋଇଣ୍ଡିଆନଙ୍କ ପାଇଁ ପ୍ରତିନିଧିତ୍ୱର ବ୍ୟବସ୍ଥା ସମ୍ବିଧାନ ପ୍ରଣୟନରୁ ୧୦ବର୍ଷ ପର୍ଯ୍ୟନ୍ତ ଥିଲା। ୧୯୬୦ରେ ଏହି ସଂରକ୍ଷଣର ଅନ୍ତ ଘଟିଥା'ନ୍ତା କିନ୍ତୁ ସମ୍ବିଧାନର ୮ମ ସଂଶୋଧନରେ କଂଗ୍ରେସ ସରକାର ଦ୍ୱାରା ଏହାକୁ ୧୯୭୦ ପର୍ଯ୍ୟନ୍ତ ବଢାଇ ଦିଆଗଲା। ପୁନର୍ବାର ଏହାର ଅବଧିକୁ ୧୯୮୦ରୁ ୨୦୨୦ ପର୍ଯ୍ୟନ୍ତ ଅନେକ ସମ୍ବିଧାନ ସଂଶୋଧନରେ ବଢ଼ାଇ ଦିଆଗଲା ଏବଂ ଭାଜପା ସରକାର ଦ୍ୱାରା ଜନିଏରେ ୧୦୪ତମ ସମ୍ବିଧାନ ସଂଶୋଧନରେ ୨୦୩୦ ପର୍ଯ୍ୟନ୍ତ ଏହାର ଅବଧିକୁ ବୃଦ୍ଧି କରାଯାଇଛି। ରାଜନୈତିକ ସଂରକ୍ଷଣ ଦ୍ୱାରା ଅନୁସୂଚିତବର୍ଗଙ୍କର କୌଣସି ଉନ୍ନତି ପରିଲକ୍ଷିତ ହେଉନାହିଁ। ସଂରକ୍ଷିତ ଆସନରୁ ବିଧାୟକ, ସାଂସଦ ବନୁଥିବା ରାଜନେତାମାନେ ଅନୁସୂଚିତବର୍ଗଙ୍କ ଉନ୍ନତି ପରିବର୍ତ୍ତେ ନିଜ ରାଜନୈତିକ ଦଳର ପୁତ୍ତଳିମାନଙ୍କ ଇସାରାରେ ପରିଚାଳିତ ହେଉଛନ୍ତି। କେବଳ ଏହି ବର୍ଗଙ୍କ ଭୋଟ ହାସଲ କରିବା ପାଇଁ ଏହି ରାଜନୈତିକ ସଂରକ୍ଷଣର ଅବଧିସମାପ୍ତି ପରେ ବି କଂଗ୍ରେସ ଭାଜପା ଏହାକୁ ବୃଦ୍ଧି କରିଚାଲିଛନ୍ତି। ୧୦ବର୍ଷ ପାଇଁ ଥିବା ରାଜନୈତିକ ସଂରକ୍ଷଣର ଅବଧିକୁ ବାରମ୍ବାର ବୃଦ୍ଧି କରାଉଥିବା କଂଗ୍ରେସ ଓ ଭାଜପାକୁ ସମାଲୋଚନା ପରିବର୍ତ୍ତେ ଚାକିରି ଓ ଶିକ୍ଷାକ୍ଷେତ୍ରରେ ୧୦ବର୍ଷ ପାଇଁ ସଂରକ୍ଷଣ ଥିବା କହି ଅପପ୍ରଚାର କରିବା କେତେଦୂର ସମୀଚୀନ?

ସଂରକ୍ଷଣ କେବଳ ଅନୁସୂଚିତବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ ବା ସଂରକ୍ଷଣ ବ୍ୟବସ୍ଥା ଗରିବୀ ଉନ୍ମୂଳନ ଯୋଜନା ନୁହେଁ ବା ସମାଜରେ ଗରିବୀ ଆଧାରରେ ଛୁଆଁଅଛୁଆଁ ଭେଦଭାବ ଓ ଅତ୍ୟାଚାର ହୁଏନାହିଁ। କିନ୍ତୁ ଦେଶର ୧୨୪ତମ ସମ୍ବିଧାନ ସଂଶୋଧନ କରି ସବର୍ଣ୍ଣମାନଙ୍କୁ ଆର୍ଥିକ ଆଧାରରେ ୧୦% ଶିକ୍ଷା ଓ ଚାକିରି କ୍ଷେତ୍ରରେ ସଂରକ୍ଷଣ ଦିଆଗଲା। ପଛୁଆବର୍ଗଙ୍କ ପାଇଁ ମଧ୍ୟ ସଂରକ୍ଷଣ ୨୭% ରହିଛି।

ଦେଶରେ ଅସ୍ପୃଶ୍ୟତା ବିଲକୁଲ ନାହିଁ, ଜାତିପ୍ରଥା ବିଲୋପ ହୋଇଥିବା କଥା ମଧ୍ୟ ବହୁତ ତର୍କ ହୁଏ। ଆଉଟଲୁକ୍ ମାଗାଜିନର ୨୬ ଅକ୍ଟୋବର ୨୦୧୭ର ରିପୋର୍ଟ ଆଧାରରେ ଉତ୍ତରପ୍ରଦେଶର ଜଣେ ଅନୁସୂଚିତ ଜାତିର ଗର୍ଭବତୀ ମହିଳା ନଳକୂପରୁ ପାଣି ଆଣିବାକୁ ଯାଇଥିବା ସମୟରେ ଠାକୁର ପରିବାରର ବାଲ୍ଟିଛୁଇଁଦେବାରୁ ତାଙ୍କୁ ପିଟିପିଟି ମାରିଦିଆଯାଇଥିଲା। ଟାଇମ୍ସ ଅଫ ଇଣ୍ଡିଆ ୨୦୧୬ରେ ପ୍ରକାଶିତ ଏକ ସର୍ଭେ ରିପୋର୍ଟ ଆଧାରରେ ମଧ୍ୟପ୍ରଦେଶର ୯୦% ଅନୁସୂଚିତବର୍ଗର ଛାତ୍ରୀଛାତ୍ରମାନେ ସ୍କୁଲରୁ ପାଣି ପିଇ ପାରୁନାହାନ୍ତି। ଏହା କ'ଣ ଅସ୍ପୃଶ୍ୟତା ନୁହେଁ? ଏଭଳି ଅନେକ ଘୃଣ୍ୟ ହୀନ ଅସ୍ପୃଶ୍ୟତା ଓ ଜାତିବାଦ ଦେଖିହେଉଛି; ଯାହାଫଳରେ ଅନୁସୂଚିତବର୍ଗ ଜାତିଭିତ୍ତିକ ହିଂସା ଓ ଅସ୍ପୃଶ୍ୟତାର ଶିକାର ହେଉଛନ୍ତି। ଜାତିପ୍ରଥା ଓ ଅସ୍ପୃଶ୍ୟତା ବିରୋଧରେ ସ୍ୱର ଉତ୍ତୋଳନ ନ କରି ବର୍ତ୍ତମାନ ସବର୍ଣ୍ଣବର୍ଗ ସଂରକ୍ଷିତବର୍ଗ ହେବାପରେ ମଧ୍ୟ କେବଳ ଅନୁସୂଚିତଜାତି ଓ ଜନଜାତିବର୍ଗଙ୍କୁ ସଂରକ୍ଷିତବର୍ଗ କହି କଟାକ୍ଷକରିବା ଓ ସମାଲୋଚନା କରିବା କେତେଦୂର ସମୀଚୀନ?


ଗରିବୀ ଆଧାରରେ ସଂରକ୍ଷଣ ଦାବି କରିଆସୁଥିବା ସବର୍ଣ୍ଣବର୍ଗ ଗରିବୀ ଆଧାରରେ ଚାକିରି ଓ ଶିକ୍ଷାକ୍ଷେତ୍ରରେ ସଂରକ୍ଷଣ ପାଇଲେ। କିନ୍ତୁ ଗରିବୀ ଆଧାରରେ ସେମାନଙ୍କୁ ରାଜନୀତି କ୍ଷେତ୍ରରେ ସଂରକ୍ଷଣ କାହିଁକି ଦିଆଗଲା ନାହିଁ? ଯଦି ଅନୁସୂଚିତବର୍ଗର ରାଜନୈତିକ ସଂରକ୍ଷଣର ସମାପ୍ତି ପରେ ସମ୍ବିଧାନ ସଂଶୋଧନ କରି ସେହି ସରକାର ଅବଧି ବୃଦ୍ଧି କରାଇପାରୁଛନ୍ତି, ତେବେ ଗରିବ ସବର୍ଣ୍ଣମାନଙ୍କୁ ରାଜନୀତି କ୍ଷେତ୍ରରେ ସଂରକ୍ଷଣରୁ କାହିଁକି ବଞ୍ଚିତ କରି ରଖିଛନ୍ତି ସରକାର। ଦେଶରେ ମାତ୍ର ୧% ସରକାରୀ ଚାକିରିରେ ସୁବିଧା ରହିଛି। ସେହି ୧% ମଧ୍ୟରୁ ପ୍ରତ୍ୟେକବର୍ଗଙ୍କୁ ସଂରକ୍ଷଣର ସୁବିଧା ପ୍ରଦାନ କରାଯାଉଛି। କିନ୍ତୁ ଦେଶର ବେସରକାରୀ ସଂସ୍ଥାରେ ଥିବା ୯୯% ଚାକିରି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ପାଇଁ ଅନୁସୂଚିତବର୍ଗଙ୍କ ସହ ସବର୍ଣ୍ଣସମାଜ ସ୍ୱର ମିଳାଇ ଲଢ଼େଇ କରିବାକୁ ଆଗେଇ ଆସିବେ କି?

ଦେଶର ସମ୍ବିଧାନକୁ ଶତପ୍ରତିଶତ ଲାଗୁ କରାଗଲେ, ଦେଶର କୌଣସି ବର୍ଗର ଆର୍ଥିକ ଦୁରବସ୍ଥା ରହିବ ନାହିଁ। ବିଶ୍ୱର ସର୍ବଶ୍ରେଷ୍ଠ ସମ୍ବିଧାନକୁ ଶତପ୍ରତିଶତ ଲାଗୁକରିବା ପାଇଁ ସମସ୍ତେ ଏକ ହୋଇ ସ୍ୱର ଉତ୍ତୋଳନ କରନ୍ତୁ, ତେବେ ଦେଶ ପୁନାର ଭାରତ ହୋଇଯିବ। ଏକତା ଓ ସମତାଭିତ୍ତିକ ସମାଜ ଗଠନ ହୋଇପାରିବ ଏବଂ କୌଣସିବର୍ଗଙ୍କୁ ସଂରକ୍ଷଣ ବିରୋଧରେ ବା ସମର୍ଥନରେ ସ୍ୱର ଉତ୍ତୋଳନ କରିବାକୁ ପଡ଼ିବ ନାହିଁ।

ନାଉଗାଁ, ଜଗତସିଂହପୁର
ମୋ-୯୪୩୮୦୯୯୧୪୭

# ନିର୍ବାଚନ ନିୟନ୍ତ୍ରକ

ବ୍ୟକ୍ତିତ୍ୱ



ସୁଶୀଲ ଚନ୍ଦ୍ରା

ରାଜ୍ୟ ବିଧାନସଭା, ପାର୍ଲାମେଣ୍ଟ ଏବଂ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ପରିଚାଳନା କରିବା ସକାଶେ ସମ୍ବିଧାନର ୩୨୪ ଧାରାରେ ମୁଖ୍ୟ ନିର୍ବାଚନ କମିଶନରଙ୍କୁ କ୍ଷମତା ଦିଆଯାଇଛି। ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନରଙ୍କୁ ରାଷ୍ଟ୍ରପତି ନିଯୁକ୍ତ କରିଥାନ୍ତି। କେବଳ ସୁପ୍ରିମକୋର୍ଟ ବିଚାରପତିଙ୍କ ଭଳି ମୁଖ୍ୟ ନିର୍ବାଚନ କମିଶନର ବହିଷ୍କୃତ ହେବାର ବ୍ୟବସ୍ଥା ରହିଛି। ବିଶ୍ୱର ଦ୍ୱିତୀୟ ବୃହତ୍ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତରେ ନିର୍ବାଚନ ପରିଚାଳନା ଏକ କଠିନ ବ୍ୟାପାର ରହିଆସିଛି। ସେଥିପାଇଁ ନିର୍ବାଚନ ନିୟନ୍ତ୍ରକ ବା ମୁଖ୍ୟ ଜଣେ ଦକ୍ଷ ଓ ଦୂରଦର୍ଶୀସମ୍ପନ୍ନ ବ୍ୟକ୍ତି ହୋଇଥିଲେ, ଏହି ଗଣତାନ୍ତ୍ରିକ ପ୍ରକ୍ରିୟା ସମ୍ପନ୍ନ କରିବା ସୁଗମ ହୋଇଥାଏ। ଇତିମଧ୍ୟରେ ତାମିଲନାଡ଼ୁ, କେରଳ, ଆସାମ ଓ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀରେ ଭୋଟ ଗ୍ରହଣ ଶେଷ ହୋଇଛି। ପଶ୍ଚିମବଙ୍ଗରେ ୫ ପର୍ଯ୍ୟାୟ ମତଦାନ ୧୭ ଏପ୍ରିଲରେ ଶେଷ ହୋଇଛି। ଏହାର ୩ ଦିନ ପୂର୍ବରୁ ୧୪ ଏପ୍ରିଲରେ ସୁଶୀଲ ଚନ୍ଦ୍ରା ଦେଶର ମୁଖ୍ୟ ନିର୍ବାଚନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୪ ମେ ୨୦୨୨ରେ ତାଙ୍କ କାର୍ଯ୍ୟକାଳ ଶେଷ ହେବ। ଏହି ସମୟ ମଧ୍ୟରେ ଗୋଆ, ମଣିପୁର, ଉତ୍ତରାଖଣ୍ଡ, ପଞ୍ଜାବ ଓ ଦେଶର ସର୍ବବୃହତ୍ ରାଜ୍ୟ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ସୁଶୀଲ କେତେ ନିରପେକ୍ଷତା ଅବଲମ୍ବନ କରି ନିର୍ବାଚନ କମିଶନ (ଇସି) ଭଳି ଏକ ବୈଧାନିକ ସଂସ୍ଥାର ମର୍ଯ୍ୟାଦା ରକ୍ଷା କରିବେ, ତାହା ତାଙ୍କ ଦକ୍ଷତାର ପ୍ରମାଣ ହେବ ବୋଲି କୁହାଯାଇପାରେ। ଅବଶ୍ୟ କାର୍ଯ୍ୟରେ ଯୋଗ ଦେବା ପରେ ସେ ତତ୍କ୍ଷଣାତ୍ କେତେଟି ନିଷ୍ପତ୍ତି ନେଇ ସମସ୍ତଙ୍କ ନଜରକୁ ଆସିଛନ୍ତି। ପଶ୍ଚିମବଙ୍ଗ ଭାଜପା ରାଜ୍ୟ ସଭାପତି ଦିଲିପ ଘୋଷଙ୍କ ସମେତ କେତେ ଜଣ ଭାଜପା ନେତା ଦେଇଥିବା ମନ୍ତବ୍ୟକୁ ଅନୁଧ୍ୟାନ କରିବା ପରେ ସେମାନଙ୍କ ବିରୋଧରେ ସେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଭୋଟଗ୍ରହଣ ଲାଗି ବାକି ଥିବା ପର୍ଯ୍ୟାୟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ସହିତ କମିଶନ ପ୍ରଚାରକୁ ମତଦାନର ୭୨ ଘଣ୍ଟା ପୂର୍ବରୁ ବନ୍ଦ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏହା ୪୮ ଘଣ୍ଟା ଥିଲା।

୧୫ ଏପ୍ରିଲ ୧୯୫୭ରେ ସୁଶୀଲ ଜନ୍ମଗ୍ରହଣ କରିଥିଲେ। ରୁଡ଼କି ବିଶ୍ୱବିଦ୍ୟାଳୟରୁ ସେ ବି.ଟେକ୍ ଏବଂ ଡେରାଡୁନ ଡିଏଭି କଲେଜରୁ ଆଇନରେ ସ୍ନାତକ କରିଥିଲେ। ୧୯୮୦ରେ ଭାରତୀୟ ରାଜସ୍ୱ ସେବାରେ ଯୋଗଦେବା ପୂର୍ବରୁ ସେ ଭାରତୀୟ ଇଞ୍ଜିନିୟରିଂ ସେବାରେ କାର୍ଯ୍ୟରତ ଥିଲେ। ସେ ୩୮ ବର୍ଷ ରାଜସ୍ୱ ସେବାରେ କଟାଇଛନ୍ତି। ନଭେମ୍ବର ୨୦୧୬ରୁ ଫେବୃଆରୀ ୨୦୧୯ ଯାଏ ସେ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ (ସିବିଡିଟି)ର ଅଧ୍ୟକ୍ଷ ଥିଲେ। କୁହାଯାଏ କେନ୍ଦ୍ର ସରକାରଙ୍କ କଳାଧନ ବିରୋଧୀ ଅଭିଯାନରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ରାଜସ୍ୱ ସେବାରେ ଥିବା ବେଳେ ସୁଶୀଲ ଉତ୍ତରପ୍ରଦେଶ, ରାଜସ୍ଥାନ, ଦିଲ୍ଲୀ, ଗୁଜରାଟ ଏବଂ ମୁମ୍ବାଇରେ କାର୍ଯ୍ୟ କରିଥିଲେ। ଅନ୍ତର୍ଜାତୀୟ ଟିକସ ବ୍ୟବସ୍ଥା ଉପରେ ତାଙ୍କର ଦଖଲ ରହିଛି। ଦିଲ୍ଲୀଠାରେ ସେ ଅନ୍ତର୍ଜାତୀୟ ଟିକସ ଆୟକର (ଆବେଦନ)ର କମିଶନର ମଧ୍ୟ ଥିଲେ।

ନିର୍ବାଚନ କମିଶନର ଭାବେ ଯୋଗଦେବା ପରେ ସେ ଇସିରେ ଅନେକ ନୂଆ ପଦକ୍ଷେପ ନେଇଛନ୍ତି। ନାମାଙ୍କନପତ୍ର ଅନ୍‌ଲାଇନ୍‌ରେ ପୂରଣ କରିବା, ପୋଷ୍ଟାଲ ବାଲଟ ସୁବିଧା ଓ ଭୋଟର କାର୍ଡର ଡାଉନଲୋଡ୍ ଭର୍ସନ ଆଦି ପ୍ରଯୁକ୍ତି ସମ୍ବଳିତ ବ୍ୟବସ୍ଥା ବିକଶିତ କରି ନିର୍ବାଚନ ପ୍ରକ୍ରିୟାକୁ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ନିର୍ବାଚନ ସତ୍ୟପାଠ ଫର୍ମାଟକୁ ସେ ବ୍ୟବସ୍ଥିତ କରିଥିବାରୁ ପ୍ରାର୍ଥୀମାନେ ସମ୍ପତ୍ତି ବିଷୟରେ ଉଲ୍ଲେଖ କଲାବେଳେ ଠିକ୍ ତଥ୍ୟ ଦେବା ସୁନିଶ୍ଚିତ ହୋଇପାରିଛି।

ସାଧାରଣରେ ଅଭିଯୋଗ ହୋଇଥାଏ, କେନ୍ଦ୍ରରେ ଶାସନ କରୁଥିବା ରାଜନୈତିକ ଦଳ ଇସି ଉପରେ ପ୍ରଭାବ ପକାଇ ଫାଇଦା ନେଇଥାଆନ୍ତି। ସେଥିପାଇଁ ପ୍ରତ୍ୟେକ ନିର୍ବାଚନ ସମୟରେ ଶାସକ ଦଳକୁ ବିରୋଧୀ ଟାର୍ଗେଟ କରିଥାଆନ୍ତି। କିନ୍ତୁ ଇସିରେ ନିରପେକ୍ଷତା ରହିଲେ କେହି ଅଙ୍ଗୁଳି ନିର୍ଦ୍ଦେଶ କରିବାକୁ ସାହସ ପାଆନ୍ତେ ନାହିଁ। ଦାୟିତ୍ୱ ଗ୍ରହଣ ଆରମ୍ଭରୁ ସୁଶୀଲ ଯେଭଳି କ୍ଷିପ୍ର ପଦକ୍ଷେପ ନେଇ ଚର୍ଚ୍ଚାକୁ ଆସିଛନ୍ତି, ଆଗକୁ ତାହା ବଜାୟ ରହିଲେ ଗଣତାନ୍ତ୍ରିକ ବ୍ୟବସ୍ଥାର ଆଧାରଶିଳା ନିର୍ବାଚନ ବ୍ୟବସ୍ଥା ନିର୍ମଳ ହେବାକୁ ବଳ ପାଆନ୍ତା। ସେତେବେଳେ ନିରପେକ୍ଷତାର ଏହି ବ୍ୟକ୍ତିଙ୍କ ଯୁବପିଢ଼ି ନିଜର ଆଦର୍ଶ ମାନିବାକୁ ବାଧ୍ୟ ହୁଅନ୍ତେ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଦୃଢ଼ ଇଚ୍ଛାଶକ୍ତି ଆଗରେ ସବୁ ବାଧା ଟଳିଯାଏ, ବ୍ୟକ୍ତି ନିଜ ଲକ୍ଷ୍ୟରେ ପହଞ୍ଚିଥାଏ; ଯାହା ପାଇଁ ଅଙ୍କିତା ଶାହଙ୍କ ଜୀବନରେ। ଅହମଦାବାଦର ଅଙ୍କିତା ଜଣେ ଭିନ୍ନକ୍ଷମ। ତେବେ ସବୁ ସମସ୍ୟାକୁ ସାମ୍ନା କରି ଅଟୋ ଚଳାଇ ଗୁଜୁରାଣ ମେଣ୍ଟାଉଛନ୍ତି ସେ ଅହମଦାବାଦର ପ୍ରଥମ ଭିନ୍ନକ୍ଷମ ମହିଳା ଅଟୋଚାଳକ। ଅଙ୍କିତାଙ୍କ ବୟସ ୩୮। ତାଙ୍କ ବୟସ ୧ ବର୍ଷ ହୋଇଥିବାବେଳେ ସେ ପୋଲିଓ ଆକ୍ରାନ୍ତ ହୋଇ ଆଉ ଚାଲିପାରୁ ନ ଥିଲେ। ତେବେ ଜୀବନ ସଂଗ୍ରାମରେ ଆଗକୁ ବଢ଼ି ଅର୍ଥନୀତିରେ ଡିଗ୍ରୀ ହାସଲ କରିପାରିଛନ୍ତି। ପରେ ୨୦୦୯ରେ ସେ ଅହମଦାବାଦ ଯାଇ ଚାକିରି ଖୋଜି ପାଇବାରେ ସକ୍ଷମ ନ ହେବାରୁ ଅଟୋ ଚଳାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ପରିବାରର ୭ ଜଣ ସଦସ୍ୟଙ୍କ ଭରଣପୋଷଣ ଦାୟିତ୍ୱ ତାଙ୍କ ଉପରେ ରହିଥିବାରୁ ସେ ଏଭଳି କ୍ଷେତ୍ରରେ ପାଦଥାପିବାକୁ ବାଧ୍ୟ ହୋଇଥିଲେ। ତେବେ ଏବେ ସେ ମାସକୁ ପାଖାପାଖି ୨୫,୦୦୦ ଟଙ୍କା ରୋଜଗାର କରୁଛନ୍ତି। ସକାଳ ୧୦ଟାରେ ଅଟୋ ନେଇ ବାହାରି ଯାଉଛନ୍ତି ଓ ଫେରୁଛନ୍ତି ରାତି ୮ଟାରେ।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଏପ୍ରିଲ ୧୯୯୬

- ପୃଥିବୀର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଶ୍ରୀମାଭୋ ଭିରିମାଭୋ ବନ୍ଦରନାୟକେ ୮୦ ବର୍ଷ ବୟସରେ ପଦାର୍ପଣ କରିଛନ୍ତି।
- ହିମାଚଳ ପ୍ରଦେଶ ରାଜ୍ୟପାଳ ଶ୍ରୀମତୀ ଶୀଳା କାଉଲଙ୍କ ବିରୁଦ୍ଧରେ ବେଆଇନ ଭାବେ ଗୃହ ଆବଣ୍ଟନ ଅଭିଯୋଗ ନେଇ ସିବିଆଇ ପକ୍ଷରୁ ଗୁରୁତର ଅଭିଯୋଗ।
- କଲିକତା ସ୍ପୋର୍ଟ୍ସ ଜର୍ଣ୍ଣାଲିଷ୍ଟ ଆସୋସିଏସନ ପକ୍ଷରୁ ଆନ୍ଧ୍ରପ୍ରଦେଶର ମହିଳା ୱେଟ୍ ଲିଫ୍ଟର ଶେର-ମାଲେଶ୍ୱରୀ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ହାସଲ କରିଛନ୍ତି।

## su do ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | 6 | | 8 | 4 |
| 4 | | | | 5 | | | 1 | |
| | | | | 3 | 8 | 7 | | |
| | | | | | 1 | | | |
| 8 | | | 9 | 5 | | | | |
| 2 | 6 | | | | | | 8 | |
| | | 9 | 8 | | 1 | | 3 | | 2 |
| | | 1 | | | 2 | | 5 | | 6 |
| | | | | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 4 | 6 | 9 | 3 | 8 | 7 | 5 |
| 8 | 5 | 3 | 1 | 7 | 2 | 4 | 6 | 9 |
| 6 | 7 | 9 | 8 | 5 | 4 | 3 | 2 | 1 |
| 7 | 2 | 1 | 9 | 8 | 6 | 5 | 3 | 4 |
| 9 | 4 | 5 | 7 | 3 | 1 | 6 | 8 | 2 |
| 3 | 6 | 8 | 4 | 2 | 5 | 9 | 1 | 7 |
| 1 | 8 | 6 | 2 | 4 | 9 | 7 | 5 | 3 |
| 5 | 9 | 2 | 3 | 6 | 7 | 1 | 4 | 8 |
| 4 | 3 | 7 | 5 | 1 | 8 | 2 | 9 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅବାଧ ଗୃହ ନିର୍ମାଣ ଚାଲିଛି

ମହାଶୟ,

ସମ୍ବଲପୁର ସହରରେ ସରକାରୀ ଜମି ଓ ରାସ୍ତା ଉପରେ ଅବାଧ ଗୃହ ନିର୍ମାଣ ଚାଲିଛି। ବୁଢ଼ାରାଜା ପାହାଡ଼ର ଅନେକ ସ୍ଥାନ ଜବରଦଖଲକାରୀଙ୍କ କବ୍ଜାରେ। ଅବାଧ ଗୃହ ନିର୍ମାଣ ଓ ଜଙ୍ଗଲ ପୋଡ଼ି ଏକ ଭୟଙ୍କର ସମସ୍ୟା ହେଲାଣି। କେନାଲର ଦୁଇ ପାଖ ସ୍ଥାନ ଜବରଦଖଲ କରୁଛନ୍ତି ଲୋକେ। ଏବେ ଦେଖାଗଲାଣି ଯେ ସରକାରୀ ରାସ୍ତା ଉପରେ ଅସାମାଜିକ ଲୋକ ଘର ତିଆରି କରୁଛନ୍ତି। ଉଦାହରଣ ସ୍ୱରୂପ,ସରକାରୀ ରାସ୍ତା ଅଇଁଠାପାଲି ମଦନାବତୀ ପାଖରୁ ବାହାରି ସମ୍ବଲପୁର ଝାରସୁଗୁଡ଼ା ରୋଡ଼ରେ ମିଶିଛି। ଏହି କଂକ୍ରିଟ ରାସ୍ତା ଉପରେ ଅବାଧରେ ଘର ନିର୍ମାଣ ଚାଲିଛି। ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ପ୍ରଶାସନ ଏକ ପ୍ରକାର ସ୍ଥାଣୁ ଅବସ୍ଥାରେ ଅଛି। ଏହାର ତୁରନ୍ତ ପ୍ରତିକାର ପାଇଁ ଲୋକେ ଦାବି କରୁଛନ୍ତି।

ସଦାନନ୍ଦ ଭୋଇ, ଅଇଁଠାପାଲି, ସମ୍ବଲପୁର

## ଚିରନ୍ତନୀ

ଦିଅ ଆଶୀର୍ବାଦ ତା'ରେ ଲଭୁ ସେହି
ଅଦ୍ୱିତୀୟ ସତ୍ୟ
ସେ ଯେ ତବ ପୁନର୍ଜନ୍ମ, ସେ ଯେ ତବ
ମହା ଭବିଷ୍ୟତ!
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସାଉଥ କମେଡିଆନ ବିବେକଙ୍କ ପରଲୋକ

**ଚେନ୍ନାଇ,୧୭।୪:** ଲୋକପ୍ରିୟ ତାମିଲ ଅଭିନେତା ତଥା କମେଡିଆନ ବିବେକଙ୍କ ଶନିବାର ପରଲୋକ ଘଟିଛି। ତାଙ୍କୁ ୫୯ ବର୍ଷ ହୋଇଥିଲା। ଗତ ଗୁରୁବାର ସେ କୋଭିଡ୍ ଟିକା ନେଇଥିଲେ। ଶୁକ୍ରବାର ହୃଦ୍‌ଘାତ ହେବାରୁ



ତାଙ୍କୁ ଚେନ୍ନାଇର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଇସିଏମ୍‌ଓ ସପୋର୍ଟରେ ରଖାଯାଇ ବାହାରୁ ଶରୀର ମଧ୍ୟରେ କୃତ୍ରିମ ଉପାୟରେ ରକ୍ତ ସଞ୍ଚାଳନ ପ୍ରକ୍ରିୟା ଜାରି ଥିଲା। ଶନିବାର ଭୋର ପ୍ରାୟ ସାଢ଼େ ୪ଟାରେ ତାଙ୍କ ମୃତ୍ୟୁ ଘଟିଥିଲା। ତେବେ ଭାକ୍ସିନ ନେବା ଯୋଗୁ ବିବେକଙ୍କ ମୃତ୍ୟୁ ଘଟି ନ ଥିବା ତାମିଲନାଡୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ତାଙ୍କ ପରଲୋକରେ ଫିଲ୍ମ ଇଣ୍ଡଷ୍ଟ୍ରିରେ ଶୋକର ଛାୟା ଖେଳିଯାଇଛି। ତାମିଲ ଚଳଚ୍ଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବିବେକ ରଜନୀକାନ୍ତ, କମଲ ହାସନ ଅଜିତ, ବିଜୟ ଓ ମାଧବନଙ୍କ ଭଳି ବର୍ଷୀୟାନ ଅଭିନେତାଙ୍କ ସହ କାମ କରିଛନ୍ତି। ଫିଲ୍ମ ଜଗତରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିବେକଙ୍କ ନିଧନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ସଙ୍ଗୀତକାର ଏ. ଆର ରେହମାନ, ରାଧିକା ଶରଥକୁମାର, ମୋହନ ରାଜା, ଗୌତମ କାର୍ତ୍ତିକ ପ୍ରମୁଖ ଅନେକ କଳାକାର ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କ ପରିବାରରେ ସ୍ତ୍ରୀ ଓ ଦୁଇ ଝିଅ ରହିଛନ୍ତି। କିଛି ବର୍ଷ ଡେଙ୍ଗୁରେ ଆକ୍ରାନ୍ତ ହୋଇ ବିବେକଙ୍କ ପୁଅଙ୍କ ମୃତ୍ୟୁ ଘଟିଥିଲା।

### ଶାଳକଙ୍କ ମାଡ଼ରେ ଭିଣୋଇ ମୃତ

**ସୋର, ୧୭।୪(ଡି.ଏନ.ଏ.):** ସ୍ୱାମୀଙ୍କ ଅତ୍ୟାଚାର ସହି ନ ପାରି ଭାଇଙ୍କୁ ଘରକୁ ଡାକିଥିଲେ ଭଉଣୀ। ଶନିବାର ସନ୍ଧ୍ୟାରେ ଭଉଣୀ ଘରେ ପହଞ୍ଚି ଭାଇ ନିଶାଗ୍ରସ୍ତ ଭିଣୋଇଙ୍କୁ ମାଡ଼ ମାରିବା ବେଳେ ତାଙ୍କର ମୃତ୍ୟୁ ହେବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଘଟଣା ଘଟିଛି ସୋର ବ୍ଲକ ନିଶ୍ଚିନ୍ତପୁର ପଞ୍ଚାୟତ କୁଡ଼େଇ ଗ୍ରାମରେ। ସଞ୍ଜୟ ପ୍ରଧାନ ମହୁମୁହାଣ ପଞ୍ଚାୟତ ଗୋହିରାପଦା ଗ୍ରାମର କୌଶଲ୍ୟା ସାହୁଙ୍କୁ ବିବାହ କରିଥିଲେ। ସେ ଅଧିକାଂଶ ଦିନ ନିଶାଗ୍ରସ୍ତ ଅବସ୍ଥାରେ ଘରକୁ ଫେରି ସ୍ତ୍ରୀଙ୍କୁ ମାଡ଼ ମାରିବା ସହିତ ମାନସିକ ନିର୍ଯାତନା ଦେଇଆସୁଥିଲେ। ସଞ୍ଜୟ ଅତ୍ୟଧିକ ମାରଧର କରୁଥିବାରୁ କୌଶଲ୍ୟା ତାଙ୍କର ଭାଇ ଜଗଦା ସାହୁଙ୍କୁ ଡାକିଦେଇଥିଲେ। ଜଗଦା ସେଠାରେ ପହଞ୍ଚି ସଞ୍ଜୟଙ୍କୁ ମାଡ଼ମାରିଥିଲେ। ଏହି ସମୟରେ ସେ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଦାଦା ଗୌରାଙ୍ଗ ପ୍ରଧାନ ୧୦୮ ଆମ୍ବୁଲାନ୍ସ ଯୋଗେ ସୋର ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଞ୍ଜୟଙ୍କ ଭଉଣୀ ସ୍ୱପ୍ନାରାଣୀ ଖୁଣ୍ଟିଆ ଭାଇଙ୍କୁ ପିଟି ମାରି ଦେଇଥିବା ସମ୍ପର୍କରେ ସୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଉଭୟଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ବେଆଇନ କଳାପଥର ଖନନର ତଦନ୍ତ କରିବ ଭିଜିଲାନ୍ସ

## ନିର୍ଦ୍ଦେଶ ଦେଲେ ଲୋକାୟୁକ୍ତ

**ଯାଜପୁର ଅଫିସ,୧୭।୪**

ଯାଜପୁର ଜିଲା ଧର୍ମଶାଳା ବ୍ଲକର ବିଛାଖଣ୍ଡି ପାହାଡ଼ରେ ଚାଲିଥିବା ବେଆଇନ କଳାପଥର ଖନନର ତଦନ୍ତ ପାଇଁ ଭିଜିଲାନ୍ସକୁ ଲୋକାୟୁକ୍ତ ନିର୍ଦ୍ଦେଶ ଜାରି କରିଛନ୍ତି। ଲୋକାୟୁକ୍ତ ୧୨/୨୦୨୧ ନମ୍ବର ମାମଲା ଉପରେ ଗତ ୧୨ ତାରିଖରେ ଶୁଣାଣି କରି ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଭ୍ୟ ଦର୍ଶାଇଛନ୍ତି ଯେ, ବିଛାଖଣ୍ଡି ପାହାଡ଼ ଏବଂ ଜଙ୍ଗଲ ଜମି ଅଞ୍ଚଳର ଅନେକ ସ୍ଥାନରେ ଅବାଧ ଖଣି କାର୍ଯ୍ୟକଳାପ ଚାଲିଛି, ଯାହାକୁ ତୁରନ୍ତ ଧ୍ୟାନ ଦିଆଯିବା ଆବଶ୍ୟକ। ବର୍ତ୍ତମାନ କୌଣସି ସରକାରୀ କର୍ମଚାରୀଙ୍କ ବିରୋଧରେ ପ୍ରତିକୂଳ ମନ୍ତବ୍ୟ ଦେଉନାହୁଁ। ପୂର୍ବରୁ ଯାଜପୁର ଜିଲାପାଳଙ୍କ ଉତ୍ତର ନିଶ୍ଚିତ କରିଛି ଯେ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ କଳାପଥର ଚୋରି, ଚୋରାଚାଲାଣ, ବେଆଇନ ଉତ୍ତୋଳନ ଏବଂ ପରିବହନ କରାଯାଇଛି। ବେଆଇନ କାର୍ଯ୍ୟକଳାପକୁ ରୋକିବା ପାଇଁ ପ୍ରଭାବଶାଳୀ ପଦକ୍ଷେପ ନିଆଯାଉଛି ଏବଂ ଏଥିରେ କୌଣସି ଦୁର୍ନୀତି ନାହିଁ। ଏହି ଉତ୍ତରକୁ ଦୃଷ୍ଟିରେ ରଖି ଲେକାୟୁକ୍ତ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ପ୍ରାଥମିକ ଅନୁସନ୍ଧାନ କରିବାକୁ ନିର୍ଦ୍ଦେଶ ଦେବା ଉଚିତ ବୋଲି ବିବେଚନା କରୁଛୁ। ଏହି ମାମଲାରେ ଆଗକୁ ବଢ଼ିବା ପାଇଁ କୌଣସି ସରକାରୀ କର୍ମଚାରୀ କିମ୍ବା ବ୍ୟକ୍ତିଙ୍କ ବିରୋଧରେ ମାମଲା ଅଛି କି ନାହିଁ ତାହା ଭିଜିଲାନ୍ସ ନିର୍ଦ୍ଦେଶକ ନିଶ୍ଚିତ କରିବେ ଏବଂ ପ୍ରାଥମିକ ଅନୁସନ୍ଧାନର ରିପୋର୍ଟ ୨ ମାସ ମଧ୍ୟରେ ଦାଖଲ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି।



ବିଛାଖଣ୍ଡି ପାହାଡ଼।

ଗତ ଫେବୃୟାରୀ ୯ରେ ଲୋକାୟୁକ୍ତରେ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଅଭିଯୋଗ କରିଥିଲେ ଯେ, ବିଛାଖଣ୍ଡି ପାହାଡ଼ରେ ପ୍ରଶାସନ ସହାୟତାରେ ଖଣି ମାଫିଆମାନେ ବିନା ଲିଜ୍‌ରେ ବିପୁଳ ପରିମାଣର ଖଣିଜ ପଥର ଲୁଟ୍ କରି ଚାଲିଛନ୍ତି। ଖଣିଜ ପଥର ଲୁଟ୍ ଯୋଗୁ ଆଖପାଖ ଅଞ୍ଚଳର ପରିବେଶ ନଷ୍ଟ ସହ ଲୋକଙ୍କ ଜୀବନ ଯାଉଛି। ଏହାଦ୍ୱାରା ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଛନ୍ତି। ଏଣୁ ବେଆଇନ ଖଣି ଉତ୍ତୋଳନ ବନ୍ଦ କରିବା ସହିତ ଏହି ଖଣି ଚୋରିରେ ସମ୍ପୃକ୍ତ ଅଧିକାରୀ ଓ ଖଣି ମାଫିଆଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଲୋକାୟୁକ୍ତଙ୍କ ନିକଟରେ ଦାବି କରିଥିଲେ। ସୂଚନାଯୋଗ୍ୟ, ଏହି ବେଆଇନ ଖଣି ଉତ୍ତୋଳନ ବିରୋଧରେ ଅଭିଯୋଗ ଯୋଗୁ ତାଙ୍କ ଜୀବନ ପ୍ରତି ବିପଦ ଥିବାର ଅଭିଯୋଗରେ ସେ କହିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କୁ ବୋମାମାଡ଼ କରି ହତ୍ୟା କରିବାକୁ ଷଡଯନ୍ତ୍ର ହୋଇଥିଲା।

କଟକ ବନଖଣ୍ଡ ଅନ୍ତର୍ଗତ ଡାଲିଯୋଡ଼ା ରେଞ୍ଜ ଅନ୍ତର୍ଗତ ୪୫ ଏକର ବିଶିଷ୍ଟ ବିଛାଖଣ୍ଡି ଜଙ୍ଗଲ ଜମିକୁ ୧୯୮୪ରୁ ୨୦୦୭ ପର୍ଯ୍ୟନ୍ତ ଅଞ୍ଚଳବାସୀ ସୁରକ୍ଷା ଦେଇ ଆସୁଥିଲେ। ବିଛାଖଣ୍ଡି ପାଇକରାପୁର, ପାଟପୁର, କଲାଣ୍ଡ, ଏଣ୍ଡଲବା, ରଖିଦେଇପୁର, ମାଳ, ରାଇଛନ୍ଦା, କଣ୍ଟାପାଟଣା ପ୍ରଭୃତି ଗ୍ରାମକୁ ନେଇ ବନସୁରକ୍ଷା ସମିତି ଗଠନ କରାଯାଇଥିଲା। ତେବେ ପ୍ରାକୃତିକ ଶୋଭାରେ ଭରପୂର ଏହି ଜଙ୍ଗଲ କିସମ ଜମି ଏବେ ପଥର ମାଫିଆଙ୍କ ଚରାଭୂମି ପାଲଟିଛି। କେତେଜଣ ପ୍ରଭାବଶାଳୀଙ୍କ ପ୍ରୋତ୍ସାହନରେ ଗତ ପ୍ରାୟ ୧୦ ବର୍ଷ ହେବ ବେଆଇନ ଖନନ ଆରମ୍ଭ ହୋଇଛି। ଏନେଇ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ପୂର୍ବରୁ କଟକ ଡିଏଫ୍‌ଓ, ଯାଜପୁର ଜିଲାପାଳ, ଧର୍ମଶାଳା ତହସିଲଦାର, ଜେନାପୁର ଥାନା ପୋଲିସର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ।

# ଈଶ୍ୱରଙ୍କ ଶରଣାପନ୍ନ ହେଲେ ଟିଟିପିଏସ୍ କର୍ମଚାରୀ



ଟିଟିପିଏସ୍ ସମ୍ମୁଖରେ ଶ୍ରମିକମାନଙ୍କ ପକ୍ଷରୁ ହୋମଯଜ୍ଞ କରାଯାଉଛି।

## ପ୍ଲାଣ୍ଟ ଚାଲୁ, ନୂଆ ୟୁନିଟ୍ ସ୍ଥାପନ ଉଦ୍ଦେଶ୍ୟରେ ହୋମଯଜ୍ଞ

**ତାଳଚେର,୧୭।୪(ନି.ପ୍ର.)**

ଅନୁଗୋଳ ଜିଲା ତାଳଚେରଠାରେ ଥିବା ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍) ବନ୍ଦ ହେବାର ୨ ସପ୍ତାହ ବିତିଗଲାଣି। ସରକାରଙ୍କ ସହ ବୈଠକ ବେଳେ ଏନ୍‌ଟିପିସି କର୍ତ୍ତୃପକ୍ଷ ଏହା ପୁନଃ ଚାଲୁ କରାଯିବା ସଂକ୍ରାନ୍ତରେ ଅନୁଧ୍ୟାନ କରାଯିବ ବୋଲି କହିଥିଲେ ହେଁ ଏଯାଏ ପଦକ୍ଷେପ ନେଇନାହାନ୍ତି। ପ୍ଲାଣ୍ଟ ବନ୍ଦକୁ ନେଇ ପ୍ରତିବାଦର ସ୍ୱର ଉଠାଇଥିବା ରାଜନେତାମାନେ ମଧ୍ୟ ନୀରବ ପଡ଼ିଗଲେଣି। ତେଣୁ ସବୁଆଡୁ ନିରାଶ ହେବାପରେ ଛଟେଇ ଶ୍ରମିକମାନେ ଈଶ୍ୱରଙ୍କ ଶରଣାପନ୍ନ ହୋଇଛନ୍ତି। ପୁରୁଣା ପ୍ଲାଣ୍ଟ ଚାଲୁ ଓ ନୂଆ ୟୁନିଟ୍ ସ୍ଥାପନ ଆଶାରେ ସେମାନେ ଶନିବାର ଟିଟିପିଏସ୍ ସମ୍ମୁଖରେ ଜଗନ୍ନାଥ ଓ ମା' ହିଙ୍ଗୁଳାଙ୍କ ଉଦ୍ଦେଶ୍ୟରେ ହୋମଯଜ୍ଞ କରିଛନ୍ତି।

ପ୍ରକାଶ ଯେ, ମାର୍ଚ୍ଚ ୩୧ ତାରିଖରେ ଏନ୍‌ଟିପିସି ପରିଚାଳନାଧୀନ ଟିଟିପିଏସ୍‌କୁ ବିଧିବଦ୍ଧ ଭାବେ ବନ୍ଦ ଘୋଷଣା କରାଯାଇଥିଲା। ଫଳରେ ୧୪ ଶହରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ହାତରୁ କାମ ଚାଲିଯାଇଥିଲା। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ମୁତୟନ ହୋଇଥିବା ସତ୍ତ୍ୱେ ଏକତା ମଞ୍ଚ ପକ୍ଷରୁ ପ୍ଲାଣ୍ଟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଜାରି ରହିଛି। ଗତ ୫ ତାରିଖରେ ମୁଖ୍ୟ ଶାସନ ସଚିବଙ୍କ ସହ ଏନ୍‌ଟିପିସି କର୍ତ୍ତୃପକ୍ଷଙ୍କ ବୈଠକ ପରେ ଶ୍ରମିକମାନଙ୍କ ମନରେ ନୂଆ ଆଶା ସଞ୍ଚାର ହୋଇଥିଲା। କିନ୍ତୁ ଉକ୍ତ ବୈଠକକୁ ୧୧ ଦିନ ବିତିଯାଇଥିଲେ ମଧ୍ୟ ଏନ୍‌ଟିପିସି ପକ୍ଷରୁ କୌଣସି ଘୋଷଣା କରାଯାଇ ନାହିଁ। ତେଣୁ ଅନିଶ୍ଚିତ ଭବିଷ୍ୟତ ମଧ୍ୟକୁ ଠେଲି ହୋଇଯାଇଥିବା ଛଟେଇ ଶ୍ରମିକମାନେ ଶେଷରେ ହୋମଯଜ୍ଞ, ପୂଜାପାଠ କରି ଈଶ୍ୱରଙ୍କ ଆଶିଷ ଭିକ୍ଷା କରିଛନ୍ତି। ପୁରୁଣା ପ୍ଲାଣ୍ଟ କିଭଳି ଜୀବନଦାନ ପାଇବ ଓ ନୂତନ ପ୍ଲାଣ୍ଟ କାମ ଆରମ୍ଭ ହେବ ସେହି ଆଶା ନେଇ ପୂଜାପାଠ କରାଯାଇଥିବା ସରୋଜ ନାଥ, ବିନୋଭାନନ୍ଦ ତ୍ରିପାଠୀ, ପ୍ରଦୀପ ସାମଲ, ଦିଲୀପ ନନ୍ଦ ପ୍ରମୁଖ ପ୍ରକାଶ କରିଛନ୍ତି।

# ୧୦ ଦିନରେ ୨.୯୮ କୋଟିରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

## ଓଡ଼ିଶା ପୋଲିସର ସ୍ପେଶାଲ ଡ୍ରାଇଭ୍

**କଟକ ଅଫିସ, ୧୭।୪**

କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ କରାଯାଇଥିବା ସ୍ପେଶାଲ ଡ୍ରାଇଭ୍ ଶୁକ୍ରବାର ଶେଷ ହୋଇଛି। ଗତ ୭ରୁ ୧୬ ତାରିଖ ମଧ୍ୟରେ କରାଯାଇଥିବା ଏହି ସ୍ପେଶାଲ ଡ୍ରାଇଭ୍‌ରେ ୧,୦୧,୦୫୭ ଜଣ ବ୍ୟକ୍ତିଙ୍କଠାରୁ ୨ କୋଟି ୯୮ ଲକ୍ଷ ୨୧ ହଜାର ୯୯୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଶୁକ୍ରବାର ସାମାଜିକ ଦୂରତା ନିୟମ ଭଙ୍ଗ କରିଥିବା ୮୦୪ ଜଣ ବ୍ୟକ୍ତିଙ୍କଠାରୁ ୧,୪୨,୧୫୦ ଟଙ୍କା ଏବଂ ସର୍ବସାଧାରଣ ସ୍ଥାନରେ ମାସ୍କ ପିନ୍ଧି ନ ଥିବା ୮୨୨୮ ବ୍ୟକ୍ତିଙ୍କଠାରୁ ୨୫,୯୭,୮୯୦ ଟଙ୍କା ଜରିମାନା ଆଦାୟ କରାଯାଇଛି । ରାଜ୍ୟରେ କରୋନା ନିୟମ ଉଲ୍ଲଂଘନକାରୀଙ୍କ ଉପରେ ରୋକ୍ ଲଗାଇବା ପାଇଁ ୧୩୬ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା ବୋଲି ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ପ୍ରେସ୍ ବିବୃତିରେ ଶନିବାର ସୂଚନା ଦିଆଯାଇଛି।

# ଫାର୍ମାସିଷ୍ଟ କୋର୍ଟ ଚାଲାଣ

## ମହିଳାଙ୍କୁ ଅସଦାଚରଣ ଅଭିଯୋଗ

**ବ୍ରହ୍ମପୁର ଅଫିସ,୧୭।୪**

ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ପାଣିଟାଙ୍କି ରୋଡ଼ରେ ଥିବା ପାତ୍ର କ୍ଲିନିକ୍‌ରେ ଜଣେ ମହିଳାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ପରେ ଉକ୍ତ କ୍ଲିନିକ୍‌ରେ କାମ କରୁଥିବା ଫାର୍ମାସିଷ୍ଟଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଗୋଷାଣୀନୂଆଗାଁ ଶକ୍ତିନଗର ପ୍ରଥମ ଲେନ୍‌ର ଅଶ୍ୱିନୀ କୁମାର ଆଚାର୍ଯ୍ୟ। ମାମଲା ନମ୍ବର ୬୯/୨୧ରେ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି ବୋଲି ଥାନାଧିକାରୀ ସୁରେଶ କୁମାର ତ୍ରିପାଠୀ କହିଛନ୍ତି।

ଡାକ୍ତର ଶଙ୍କର୍ଷଣ ପାତ୍ରଙ୍କର ପାଣିଟାଙ୍କି ରୋଡ଼ରେ ପାତ୍ର କ୍ଲିନିକ୍ ରହିଛି। ଶୁକ୍ରବାର ସନ୍ଧ୍ୟାରେ ଜଣେ ମହିଳାଙ୍କ ଆଣ୍ଠୁରେ ଯନ୍ତ୍ରଣା ହେବାରୁ ସେ ଡାକ୍ତରଙ୍କ ପରାମର୍ଶରେ ଉକ୍ତ କ୍ଲିନିକ୍‌କୁ ଏକ୍ସ-ରେ କରିବା ପାଇଁ ଆସିଥିଲେ। ସେଠାରେ କାମ କରୁଥିବା ଫାର୍ମାସିଷ୍ଟ ଅଶ୍ୱିନୀ ମହିଳାଙ୍କୁ ଏକ୍ସ-ରେ କରାଯାଉଥିବା ପ୍ରକୋଷ୍ଠକୁ ନେଇ ବେଡ୍‌ରେ ଶୋଇବାକୁ କହି ସେଠାରେ ତାଙ୍କୁ ଅସଦାଚରଣ କରିଥିଲେ। ମହିଳା ଜଣଙ୍କ ଏହାର ପ୍ରତିବାଦ କରିବାରୁ ଅଶ୍ୱିନୀ ତାଙ୍କୁ ଧମକଚମକ ଦେଇଥିଲେ। ଶୁକ୍ରବାର ରାତିରେ ପୀଡ଼ିତା ଏନେଇ ଟାଉନ ଥାନାରେ ଏତଲା ଦେଇଥିଲେ।

# 'କୋଭିଡ୍ ପରିଚାଳନାରେ କେନ୍ଦ୍ର ବିଫଳ'

**ନୂଆଦିଲ୍ଲୀ, ୧୭।୪(ପି.ଟି.)**

କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର କୋଭିଡ୍ ପରିଚାଳନାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ବର୍ଷକର ପ୍ରସ୍ତୁତି ସତ୍ତ୍ୱେ ଦେଶବାସୀ ଏବେ ଅସୁରକ୍ଷିତ। ଦ୍ରୁତ ବେଗରେ କାୟା ମେଲାଇ ଚାଲିଛି କରୋନା। ଟିକାକରଣର ସର୍ବନିମ୍ନ ବୟସ ୨୫ ବର୍ଷ ରଖିବା ସହ ଲୋକଙ୍କୁ ଆୟ ସହାୟତା ଯୋଗାଇଦେବା ଲାଗି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ପ୍ରସ୍ତାବ ଦେଇଛନ୍ତି। ଏଥିସହିତ କରୋନା ଚିକିତ୍ସାରେ ଲାଗୁଥିବା ସମସ୍ତ ଉପକରଣ, ଔଷଧ ଏବଂ ଯନ୍ତ୍ରପାତିକୁ ଜିଏସ୍‌ଟି ମୁକ୍ତ କରିବା ଲାଗି କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ଅଧ୍ୟକ୍ଷତା କରୁଥିବା ସୋନିଆ ଆହ୍ୱାନ ଦେଇଛନ୍ତି। କରୋନା ମହାମାରୀ ବିରୋଧରେ ଲଢ଼େଇ ଏକ ଜାତୀୟ ଚ୍ୟାଲେଞ୍ଜ ହୋଇଥିବାରୁ ଏହାକୁ ଦଳୀୟ ରାଜନୀତିଠାରୁ ଊର୍ଦ୍ଧ୍ୱରେ ରଖିବା ଉପରେ କଂଗ୍ରେସ ବିଶ୍ୱାସ କରେ। ତେଣୁ ବାସ୍ତବ ଗଣତାନ୍ତ୍ରିକ ପରମ୍ପରାକୁ ସମ୍ମାନ ଦେଇ ତାଙ୍କ ପ୍ରସ୍ତାବକୁ ସରକାର କାର୍ଯ୍ୟକାରୀ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। କଂଗ୍ରେସ ଓ ବିରୋଧୀ ଦଳ ଶାସିତ ରାଜ୍ୟ ସରକାରଙ୍କ ଅନୁରୋଧକୁ କେନ୍ଦ୍ର ସରକାର ଗ୍ରହଣ ନ କରି ଭାଜପା ଶାସିତ ରାଜ୍ୟକୁ ଚିକିତ୍ସା କ୍ଷେତ୍ରରେ ପ୍ରାଧାନ୍ୟ ଦେଉଥିବା ଅଭିଯୋଗ ହୋଇଥିଲା। ଏଭଳି ଚ୍ୟାଲେଞ୍ଜିଂ ସମୟରେ ରାଜନୈତିକ ବିରୋଧୀ ନୁହେଁ ସମସ୍ତଙ୍କୁ ଭାରତୀୟ ଭାବେ ଦେଖିବା ପ୍ରକୃତ ରାଜଧର୍ମ ବୋଲି ସୋନିଆ କହିଥିଲେ।



ସୋନିଆ ଗାନ୍ଧୀ

## ଟିକାକରଣର ସର୍ବନିମ୍ନ ବୟସ ୨୫ ବର୍ଷ ରଖାଯାଉ

ବୈଠକରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ଅନ୍ୟ ପ୍ରମୁଖ ନେତାମାନେ କରୋନାର ଦ୍ରୁତ ସଂକ୍ରମଣ, ଟିକା, ଅମ୍ଳଜାନ ଆଦିର ନିଅଣ୍ଟ ସ୍ଥିତି ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଟିକା ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକୁ ଉପଯୁକ୍ତ ମୂଲ୍ୟ ପାଇବାର ସୁଯୋଗ ମିଳିଲେ ସେମାନେ ଚାହିଦା ଅନୁଯାୟୀ ଯୋଗାଣ ବଢ଼ାଇପାରିବେ ବୋଲି ମନମୋହନ କହିଥିଲେ। ବିଶ୍ୱର ସର୍ବାଧିକ ଟିକା ଉତ୍ପାଦନକାରୀ ଦେଶ ଏବେ ସବୁଠୁ ଅଧିକ ସଂକ୍ରମିତ। ବର୍ଷକ ମଧ୍ୟରେ ଭଲ ପ୍ରସ୍ତୁତି କରାଯାଇପାରିଥାନ୍ତା ବୋଲି ରାହୁଲ କହିଥିଲେ। ସୁପରସ୍ପ୍ରେଡର ଉତ୍ସବ, ରାଲି ଆଦିକୁ ତୁରନ୍ତ ବନ୍ଦ କରିବା ଲାଗି ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଆହ୍ୱାନ ଦେଇଥିଲେ।

# ପ୍ରଚାରରେ ବ୍ୟସ୍ତ ମୋଦି

**ନୂଆଦିଲ୍ଲୀ/ମୁମ୍ବାଇ, ୧୭।୪**

ଦେଶରେ କରୋନା ସଂକ୍ରମଣର ଭୟାବହ ସ୍ଥିତି। ଦିନକୁ ପାଖାପାଖି ଅଢ଼େଇ ଲକ୍ଷ ନୂଆ ମାମଲା ସାମ୍ନାକୁ ଆସୁଛି। ଅତ୍ୟଧିକ ସଂକ୍ରମିତ ଅଧିକାଂଶ ରାଜ୍ୟରେ ରୋଗୀଙ୍କୁ ରଖିବା ଲାଗି ଆବଶ୍ୟକ ସଂଖ୍ୟାରେ ହସ୍ପିଟାଲ ଓ ବେଡ୍ ନାହିଁ। ରୋଗୀଙ୍କ ପାଇଁ ଅକ୍ସିଜେନ୍ ମିଳୁନି। ଟିକାକରଣ ବଢ଼ାଇବା ଜରୁରୀ ହୋଇପଡ଼ିଥିବାବେଳେ ପର୍ଯ୍ୟାପ୍ତ ପରିମାଣର ଟିକା ମିଳୁ ନ ଥିବାରୁ ଅନେକ ଟିକାଦାନ କେନ୍ଦ୍ର ବନ୍ଦ ହୋଇଗଲାଣି। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୋନା ମୁକାବିଲାକୁ ଗୁରୁତ୍ୱ ଦେବା ପରିବର୍ତ୍ତେ ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାରରେ ବ୍ୟସ୍ତ ରହିବାକୁ ଅନେକେ ଭଲ ଦୃଷ୍ଟିରେ ଦେଖୁନାହାନ୍ତି। ସର୍ବାଧିକ ସଂକ୍ରମିତ ରାଜ୍ୟ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଶନିବାର କୋଭିଡ୍ ସ୍ଥିତି ଏବଂ ଅକ୍ସିଜେନ୍ ଅଭାବ ଆଦି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ଚାହିଁଥିଲେ। ତେବେ ସେ ପ୍ରଚାରରେ ବ୍ୟସ୍ତ ଥିବାରୁ ତାଙ୍କ ତରଫରୁ କେନ୍ଦ୍ରମନ୍ତ୍ରୀ ଡ. ହର୍ଷ ବର୍ଦ୍ଧନ ଏବଂ ପୀୟୂଷ ଗୋୟଲ ଉଦ୍ଧବଙ୍କ ଫୋନ୍ କଲ୍‌ର ଉତ୍ତର ଦେଇଥିଲେ।

କେବଳ ମହାରାଷ୍ଟ୍ର ନୁହେଁ, ଦିଲ୍ଲୀ, ଛତିଶଗଡ଼ ସମେତ ବିଭିନ୍ନ ରାଜ୍ୟ ଟିକା ଅଭାବ ନେଇ ଅଭିଯୋଗ କରିଆସୁଛନ୍ତି। ଦିଲ୍ଲୀରେ ସ୍ଥିତି ସଙ୍ଗିନ ହେଉଥିବାବେଳେ ବେଡ୍ ଓ ଅକ୍ସିଜେନ ଅଭାବ ନେଇ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଅଭିଯୋଗ ଆଣିଛନ୍ତି। ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ତାଙ୍କ ସରକାର ସମସ୍ତ ଆବଶ୍ୟକ ପଦକ୍ଷେପ ନେଉଥିବା ସେ କହିଛନ୍ତି।



ନରେନ୍ଦ୍ର ମୋଦି

## ଉଦ୍ଧବଙ୍କ ଫୋନ୍ କଲ୍‌ର ଉତ୍ତର ଦେଲେ ମନ୍ତ୍ରୀ

ମହାରାଷ୍ଟ୍ରକୁ ପର୍ଯ୍ୟାପ୍ତ ତଥା ନିରବଚ୍ଛିନ୍ନ ମେଡିକାଲ ଅକ୍ସିଜେନ ଯୋଗାଇ ଦିଆଯିବା ସହ ୧,୧୨୧ ଭେଣ୍ଟିଲେଟର ପଠାଯାଉଥିବା ହର୍ଷ ବର୍ଦ୍ଧନ କହିଥିଲେ। ଅନ୍ୟପକ୍ଷରେ ଉଦ୍ଧବ ଛୋଟ ଛୋଟ କଥାକୁ ନେଇ ରାଜନୀତି କରୁଥିବା ରେଳମନ୍ତ୍ରୀ ଗୋୟଲ କହିବା ସହ ତାଙ୍କ ସରକାର ଦୁର୍ନୀତିଗ୍ରସ୍ତ ଓ ଅପାରଗ ବୋଲି ଅଭିଯୋଗ କରିଛନ୍ତି। ମହାରାଷ୍ଟ୍ରକୁ ସର୍ବାଧିକ ଅକ୍ସିଜେନ ଯୋଗାଇ ଦିଆଯାଇଛି। କେନ୍ଦ୍ର ସରକାର ପ୍ରତିଦିନ ଏହି ରାଜ୍ୟ ସହ ଯୋଗାଯୋଗରେ ରହିଛନ୍ତି ବୋଲି ଗୋୟଲ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି।




## ସଂକ୍ଷେପରେ

### ରାୟଗଡ଼ା ସହରାଞ୍ଚଳରେ ସଂକ୍ରମଣ ବଢ଼ୁଛି

ରାୟଗଡ଼ା ଅଫିସ,୧୭।୪- ରାୟଗଡ଼ା ସହରାଞ୍ଚଳରେ ସଂକ୍ରମଣ ବୃଦ୍ଧିପାଉଛି। ଗତ ୨୪ ଘଣ୍ଟା ମଧ୍ୟରେ ଜିଲାରୁ ୪୪ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଏଥିରେ କେବଳ ରାୟଗଡ଼ା ସହରାଞ୍ଚଳରୁ ୩୪ ଜଣ ରହିଛନ୍ତି। ସେହିପରି କାଶୀପୁର ବ୍ଲକ୍‌ରୁ ୨, ପଦ୍ମପୁରରୁ ୧ ଏବଂ ରାୟଗଡ଼ା ଗ୍ରାମାଞ୍ଚଳରୁ ୭ ଜଣ ରହିଛନ୍ତି। ଏହାକୁ ମିଶାଇ ଜିଲାରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୨୭୪ ରେ ପହଞ୍ଚିଛି।

### ବିଜୁବାବୁଙ୍କ ପୁଣ୍ୟତିଥିରେ ୬୦ ୟୁନିଟ ରକ୍ତ ସଂଗ୍ରହ

ମୁନିଗୁଡ଼ା,୧୭।୪(ଡି.ଏନ୍.ଏ.)- ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୪ତମ ଶ୍ରାଦ୍ଧ ଦିବସ ମୁନିଗୁଡ଼ା ବ୍ଲକ୍ ବିଜେଡି ପକ୍ଷରୁ ପାଳନ କରାଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଏକ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୬୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ମନ୍ତ୍ରୀ ଜଗନ୍ନାଥ ସାରକା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର କୁମାର ଦାସ, ଯୁବ ଜନତା ଦଳର ବ୍ଲକ୍ ସଭାପତି ରତନଲାଲ୍ ଜୈନ ଓ ବିଜେଡି ଜିଲା ସମ୍ପାଦକ ପୂର୍ଣଚନ୍ଦ୍ର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

### ଡାବୁଗାଁରୁ ୩ ପଜିଟିଭ

ଡାବୁଗାଁ, ୧୭।୪ (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ପଞ୍ଚାୟତ ଡୁମୁଣିଗୁଡ଼ା,ମେଦନା ପଞ୍ଚାୟତ ଚାଟିଗୁଡା ଏବଂ ଡ଼ଙ୍ଗରିଗୁଡ଼ା ପଞ୍ଚାୟତ ବୋରିପଦର ଗ୍ରାମରୁ ଶନିବାର ଜଣେ ଲେଖାଏଁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାପରେ ଆକ୍ରାନ୍ତମାନଙ୍କ ଘରକୁ ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଉକ୍ତ କଣ୍ଟେନମେଣ୍ଟ ଜୋନ ଚଳିତ ମାସ ୨୭ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସୂଚନା ମିଳିଛି।

### ଜିଆର୍‌ଏସ୍‌ଙ୍କ ସମେତ ୨ ଗିରଫ

#### ଆବାସ ଯୋଜନା ଅର୍ଥ ହଡ଼ପ ଅଭିଯୋଗ

ପାପଡାହାଣ୍ଡି,୧୭।୪,(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ନୂଆକୋଟ ପଞ୍ଚାୟତର ଜଣେ ହିତାଧିକାରୀଙ୍କ ଆବାସ ଯୋଜନା ଅର୍ଥ ହଡପ ଅଭିଯୋଗରେ ପୋଲିସ ଦୁଇ ଜଣକୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ନୂଆକୋଟ ଜିଆର୍‌ଏସ୍ ଡିକ୍ରେସେନ ନାୟକ ଓ ବ୍ଲକ ଏସିପି(ସହକାରୀ କମ୍ପ୍ୟୁଟର ପ୍ରୋଗ୍ରାମର )ସତୀଶ ପାଲ। ସୂଚନା ଅନୁଯାୟୀ, ପିତାରୀଗୁଡା ଗ୍ରାମର ହିତାଧିକାରୀ ବିସେମ୍ବର ବିଶୋଇଙ୍କ ଆବାସ ଯୋଜନାର ଶେଷ ବିଲ ବାବଦକୁ ୧୭,୩୮ ଟଙ୍କା ପାଇବାର ଥିଲା। କିନ୍ତୁ ସେ ତାହା ପାଇ ନ ଥିଲେ। ଏ ନେଇ ତାଙ୍କ ବାପା ଭୁବନେଶ୍ୱର ବିଶୋଇ ବିଡ଼ିଓ ଓ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ପିଡି ରମାକାନ୍ତ ନାୟକଙ୍କୁ ଜଣାଇଥିଲେ। ପାପଡାହାଣ୍ଡି ଥାନାରେ ଏ ନେଇ ପିଡି ଅଭିଯୋଗ କରିଥିଲେ। ପୋଲିସ ୫୬/୨୧ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ୧୮ ପଜିଟିଭ ଚିହ୍ନଟ

କୋରାପୁଟ,୧୭।୪(ସ୍ୱ.ପ୍ର.)- କୋରାପୁଟ ଜିଲାରୁ ପୁଣି ୧୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୨ଜଣ ପୁରୁଷ ଓ ୬ ଜଣ ମହିଳା ରହିଥିବା ଜଣାଯାଇଛି। ସମସ୍ତେ କରୋନା ପଜିଟିଭଙ୍କ ସଂସ୍ପର୍ଶରେ ଆସି ପଜିଟିଭ ହୋଇଥିବା ଜଣାଯାଇଛି। ଜିଲାର ଜୟପୁର ପୌରାଞ୍ଚଳରୁ ୫ ଜଣ, ସୁନାବେଡ଼ା ପୌରାଞ୍ଚଳରୁ ୩, କୋଟପାଡ୍ ଏନ୍‌ଏସିରୁ ଜଣେ, ଜୟପୁର ବ୍ଲକରୁ ଜଣେ, କୋରାପୁଟ ବ୍ଲକରୁ ୨, ବୋରିଗୁମ୍ମା ବ୍ଲକରୁ ୩, ଲକ୍ଷ୍ମୀପୁର ବ୍ଲକରୁ ଜଣେ, କୋଟପାଡ୍ ବ୍ଲକରୁ ୨ ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ବିବାଦୀୟ କାଜୁ ଜମିରେ ପହଞ୍ଚି ଯାଞ୍ଚକଲେ ଅଧିକାରୀ

ଝରିଗାଁ, ୧୭।୪(ସ୍ୱ.ପ୍ର.)


ଦେଉଳକଣାଠାରେ ଗ୍ରାମବାସୀଙ୍କ ସହ ଉପଜିଲାପାଳ ଓ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**କାଜୁବଗିଚାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ବିବାଦ ଘଟଣା**
- କାଜୁ ଜମିରେ ୧୪୪ ଜାରି
- ଜମିକୁ ନ ଯିବାକୁ ଗ୍ରାମବାସୀଙ୍କୁ ଚେତାବନୀ
- କାଜୁ ଚୋରି ପ୍ରତି ନଜର ରଖିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ପଲସଗାଁ, କୁହୁରାକୋଟ, ଦେଉଳକୋଣା ଏବଂ ଜବାଧୋଡ଼ିରେ ଥିବା ବିବାଦୀୟ କାଜୁ ଜମିକୁ ଶନିବାର ନବରଙ୍ଗପୁର ଉପଜିଲାପାଳ ଭାସ୍କର ରଇତ ଯାଇ ଯାଞ୍ଚ କରିଛନ୍ତି। ସେଠାକୁ ନ ଯିବାକୁ ସେମାନେ ଗ୍ରାମବାସୀଙ୍କୁ ଚେତାବନୀ ଦେଇଛନ୍ତି। ଜମିରୁ ଯେପରି କାଜୁ ଚୋରି ନ ହୁଏ ସେଥିପ୍ରତି ଦୃଷ୍ଟିଦେବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁଯାୟୀ, ୧୯୮୨ରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ପଲସଗାଁ, ଦେଉଳକୋଣା, ଜବାଧୋଡ଼ି ଏବଂ ବାଣ୍ଟୁଆଗୁଡ଼ାରେ କାଜୁ ପ୍ଲାଣ୍ଟେଶନ କରାଯାଇ ମୌଜାର ଭୂମିହୀନ ଲୋକଙ୍କୁ କାଜୁ ବଗିଚା ପ୍ରଦାନ କରାଯାଇଥିଲା। ପ୍ରାୟ ୩ ବର୍ଷ ହେବ ଉକ୍ତ ଜମିଗୁଡ଼ିକରେ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗିରହିଛି। ଗୋଟିଏ ଗୋଷ୍ଠୀ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିବାବେଳେ ଆଉ ଏକ ଗୋଷ୍ଠୀ ମାର୍ଚ୍ଚ ୨୨ରୁ ଧାରଣାରେ ବସିଥିଲେ। ପ୍ରଶାସନିକ ଅଧିକାରୀମାନେ ବିବାଦ ସମାଧାନ କରିବାକୁ ପ୍ରତିଶ୍ରୁତି ଦେବାରୁ ୨୫ ଦିନ ପରେ ଶୁକ୍ରବାର ଏହି ଧାରଣା ହଟିଥିଲା। ଉପଜିଲାପାଳଙ୍କ ଏହି ଗସ୍ତବେଳେ ତହସିଲଦାର ହୃଷୀକେଶ ଗଣ୍ଡ, ଥାନା ଏସ୍‌ଆଇ ସନ୍ତୋଷ କୁମାର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ପଛୁଆବର୍ଗଙ୍କ ସାମାଜିକ, ଶିକ୍ଷାଗତ ସ୍ଥିତିର ହେବ ସର୍ଭେ

ରାୟଗଡ଼ା ଅଫିସ,୧୭।୪

**ବ୍ଲକସ୍ତରୀୟ ଏନ୍ୟୁମରେଟର, ସୁପରଭାଇଜରଙ୍କୁ ତାଲିମ**

ରାୟଗଡ଼ା ଜିଲା ସଦର ବ୍ଲକ୍ ଅଧୀନ ବିଭିନ୍ନ ଗ୍ରାମାଞ୍ଚଳରେ ପଛୁଆବର୍ଗର ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତିର ସର୍ଭେ ନିମନ୍ତେ ନିୟୋଜିତ ୬୨ ଏନୁମରେଟର ଓ ୭ ସୁପରଭାଇଜରଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଡିଆର୍‌ଡିଏ ସଦ୍‌ଭାବନା ସଭାଗୃହ ଓ ବ୍ଲକ୍ ସଦଭାବନା ଗୃହରେ ଏହି ତାଲିମ କାର୍ଯ୍ୟକ୍ରମ ହୋଇଥିଲା। ଉଭୟ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଏବଂ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ତାଲିମର ଉଦ୍ଦେଶ୍ୟ ଓ ସର୍ଭେ ପ୍ରଣାଳୀ ବିଷୟରେ ଆଲୋଚନା କରିଥିଲେ। ତ୍ରୁଟିଶୂନ୍ୟ ସର୍ଭେ ନିମନ୍ତେ ସୁପରଭାଇଜର ଓ ଏନୁମରେଟରଙ୍କ ଭୂମିକା ବିଷୟରେ ଏଠାରେ ଆଲୋଚନା କରାଯାଇଥିଲା। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ୨ଟି ସ୍ଥାନରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ରାୟଗଡ଼ା ତହସିଲଦାର ଉମାଶଙ୍କର ବେହେରା ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଦୈତାରୀ ଟୁଡୁ ଏବଂ ବ୍ଲକ୍‌ଠାରେ ଅନୁଷ୍ଠିତ ଶିବିରରେ ବିଡିଓ ରାଜେନ୍ଦ୍ର ମାଝି ଓ ଅତିରିକ୍ତ ତହସିଲଦାର ସୁନୀଲ ଖରା ସମ୍ବଳ ବ୍ୟକ୍ତି ଭାବେ ତାଲିମ ଦେଇଥିଲେ। ମେ ୧ ରୁ ୨୦ ପର୍ଯ୍ୟନ୍ତ ସମସ୍ତ ପଞ୍ଚାୟତର ସର୍ଭେ କେନ୍ଦ୍ରଗୁଡ଼ିକରେ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବ। ତେଣୁ ପଛୁଆବର୍ଗର ପରିବାର ପଞ୍ଜୀକରଣ ନିମନ୍ତେ ଆବଶ୍ୟକ ତଥ୍ୟ ପ୍ରଦାନ କରି ଫର୍ମ ପୂରଣ କରିବା ନିମନ୍ତେ ଅତିରିକ୍ତ ଜିଲାପାଳ ଆହ୍ୱାନ କରିଥିଲେ। ଏପ୍ରିଲ ୨୬ ରେ ୨ୟ ପର୍ଯ୍ୟାୟ ତାଲିମ ଅନୁଷ୍ଠିତ ହେବ ବୋଲି ବିଡିଓ ମାଝି କହିଛନ୍ତି। ଡିଆରଡିଏଠାରେ ପିଏ ଗୋପାଳ ପଣ୍ଡା ଏବଂ ବ୍ଲକ୍‌ଠାରେ ନିଳାଞ୍ଚଳ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବନ୍ଦ ରହିବ ତେନ୍ତୁଳିଖୁଣ୍ଟି ସାପ୍ତାହିକ ହାଟ

ତେନ୍ତୁଳିଖୁଣ୍ଟି, ୧୭।୪(ଡି.ଏନ୍.ଏ.)

ତେନ୍ତୁଳିଖୁଣ୍ଟି ସାପ୍ତାହିକ ହାଟ ଅନିର୍ଦ୍ଧିଷ୍ଟ କାଳ ପାଇଁ ବନ୍ଦ ରହିଛି। ଏ ନେଇ ଶନିବାର ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଚାର କରାଯାଇଥିଲା। କରୋନା ବଢୁଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ମଙ୍ଗଳବାର ସାପ୍ତାହିକ ହାଟରେ ଜନଗହଳି ହେଉଥିବାରୁ ସଂକ୍ରମଣ ହେବାର ଆଶଙ୍କା କରି ଏହି ବନ୍ଦ କରାଯାଇଛି। ଜରୁରୀ କାମ ନ ଥିଲେ ବାହାରକୁ ବାହାରନ୍ତୁ ନାହିଁ। ମାସ୍କ ବ୍ୟବହାର କରନ୍ତୁ ବୋଲି ବିଡିଓ ପଦ୍ମନାଭ ତ୍ରିପାଠୀ ପରାମର୍ଶ ଦେଇଛନ୍ତି। କୋଭିଡ୍ ଗାଇଡ୍‌ଲାଇନ୍ ନ ମାନିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ ପ୍ରମୋଦ କୁମାର ନାୟକ ଓ ତହସିଲଦାର ପ୍ରଦୀପ କୁମାର କର କହିଛନ୍ତି।

# ଦିନରେ ପୂଜା ରାତିରେ ଜୁଆଖେଳ

ନବରଙ୍ଗପୁର,୧୭।୪(ବି.ପ୍ର.)


ନବରଙ୍ଗପୁର ଜିଲା ରାଇଘର ବ୍ଲକ ଡୁହୁଡି ଗ୍ରାମରେ ଜୁଆଖେଳ ଚାଲିଛି।

**ପୋଲିସ ନୀରବଦ୍ରଷ୍ଟା ସାଜିଥିବା ସ୍ଥାନୀୟ ଲୋକଙ୍କ ଅଭିଯୋଗ**

କର୍ଫ୍ୟୁ ଭିତରେ ଚାଲିଛି ଜୁଆ ଖେଳ। ନବରଙ୍ଗପୁରରେ ବର୍ଦ୍ଧିତ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ନାଇଟ୍ କର୍ଫ୍ୟୁ କରାଯାଉଛି। କିନ୍ତୁ ଅମାନିଆମାନେ ଏବେ ମଧ୍ୟ କଟକଣାକୁ ବେଖାତିର କରୁଛନ୍ତି। ଏହା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଥାନା ଅଧୀନ ଡୁରୁଡି ଗ୍ରାମରେ। ଏଠାରେ ଖୁଲମ୍‌ଖୁଲା ଚାଲିଛି ଜୁଆଖେଳ। ପୋଲିସ ସବୁଜାଣି ନୀରବଦ୍ରଷ୍ଟା ସାଜିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ରାଇଘର ବ୍ଲକ ଛତିଶଗଡ଼ ସୀମାରେ ରହିଛି। ଉକ୍ତ ବ୍ଲକ କରନା ସଂକ୍ରମଣରେ ଜିଲାରେ ହଟ୍‌ସ୍ପଟ୍ ପାଲଟିଛି। ଜିଲାର ରାଇଘର ବ୍ଲକରେ ସଂକ୍ରମିତ ସଂଖ୍ୟା ଅଧିକ ହୋଇଛନ୍ତି। ଏହା ମଧ୍ୟରେ ଡୁରୁଡି ଗ୍ରାମରେ ଶୁକ୍ରବାର ଶିବ ପୁଜା କରାଯାଇଥିଲା। ଉକ୍ତ ସ୍ଥାନରେ ରାତିରେ କରୋନା କଟକଣାକୁ ଅଣଦେଖା କରି ଜୁଆଖେଳ ଚାଲିଥିଲା। ପୋଲିସକୁ ଅଭିଯୋଗ କରିବା ପରେ ମଧ୍ୟ କୈଣସି କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଘଟଣା ସମ୍ପର୍କରେ ଜାଣିବାକୁ ଏସ୍‌ପି ପ୍ରହ୍ଲାଦ ସାହାଇ ମୀନାଙ୍କୁ ୮୭୬୩୩୪୮୧୦୦ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେଥିରୁ କୌଣସି ଉତ୍ତର ମିଳି ନ ଥିଲା। ଜିଲାପାଳଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ, ଏସ୍‌ପିଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ପାରିବାରିକ କଳହରୁ ସ୍ତ୍ରୀଙ୍କୁ ହତ୍ୟା

ଗୁଣପୁର,୧୭।୪(ଡି.ଏନ୍.ଏ.)

ଗୁଣପୁର ଥାନା ଅଧୀନ ଚିନାସାରି-କୁରୁଗୁଡ଼ା ରାସ୍ତା ଜଙ୍ଗଲରୁ ଜଣେ ନିଖୋଜ ମହିଳାଙ୍କ ମୃତଦେହ ଶୁକ୍ରବାର ଜବତ କରାଯାଇଛି। ହତ୍ୟା ଅଭିଯୋଗରେ ପୋଲିସ ତାଙ୍କ ସ୍ୱାମୀ ଗୁଣପୁର ଚେଞ୍ଚୁ ବାଉରି ସାହିର ସୁରେନ୍ଦ୍ର ଶବରଙ୍କୁ ଗିରଫ କରିଛି। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ସୁରେନ୍ଦ୍ର ୧୦ ବର୍ଷ ତଳେ ଗୌରୀ ବାଉରିଙ୍କୁ ବିବାହ କରି ଚେଞ୍ଚୁ ବାଉରି ସାହିରେ ରହୁଥିଲେ। ଅନେକ ସମୟରେ ସେମାନଙ୍କର ଝଗଡ଼ା ହେଉଥିଲା। ୪ ତାରିଖରେ ସୁରେନ୍ଦ୍ର ଚିନାସାରିସ୍ଥିତ ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ନିକଟକୁ ଯାଇଥିଲେ। ପାଖରେ ଘର ଖର୍ଚ୍ଚ ପାଇଁ ଟଙ୍କା ନ ଥିବାରୁ ଗୌରୀ ୫ ତାରିଖରେ ଚିନାସାରି ଗାଁକୁ ବାହାରିଥିଲେ। ଚିନାସାରି-କୁରୁଗଡ଼ା ଜଙ୍ଗଲ ରାସ୍ତାରେ ଉଭୟଙ୍କ ଦେଖା ହେବାପରେ ଝଗଡ଼ା ହୋଇଥିଲା। ସେଠାରେ ସୁରେନ୍ଦ୍ରଙ୍କ ମାଡ଼ରେ ଗୌରୀ ଅଚେତ ହୋଇପଡ଼ିଥିଲେ। ଏହାପରେ ସୁରେନ୍ଦ୍ର ତାଙ୍କ ତଣ୍ଟିଚିପି ହତ୍ୟା କରି ମୃତଦେହ ଜଙ୍ଗଲରେ ଫୋପାଡ଼ି ଦେଇଥିଲେ। ଗୌରୀଙ୍କୁ ତାଙ୍କ ବାପଘର ଲୋକେ ବହୁ ଖୋଜାଖୋଜି କରି ନ ପାଇବାରୁ ୧୨ରେ ଥାନାରେ ଏତଲା ଦେଇଥିଲେ। ପୋଲିସ ନିଖୋଜ ମାମଲା ରୁଜୁ କରି ସ୍ୱାମୀ ସୁରେନ୍ଦ୍ରଙ୍କୁ ଡାକି ପଚରାଉଚରା କରିଥିଲା। ଗୌରୀଙ୍କୁ ହତ୍ୟା କରିଥିବା ସେ ସ୍ୱୀକାର କରିଥିଲେ। ପୋଲିସ ମୃତଦେହକୁ ଜବତ କରି ନିଖୋଜ ମାମଲାକୁ ହତ୍ୟା ମାମଲା ନଂ ୪୮/୨୧ରେ ପରିବର୍ତ୍ତନ କରିଥିଲା। ଗୌରୀଙ୍କ ଅଭିଯୋଗରେ ପୂର୍ବରୁ ମଧ୍ୟ ସୁରେନ୍ଦ୍ର ଜେଲ୍ ଯାଇ ଫେରିଥିବା ପୋଲିସ ସୂଚନା ଦେଇଛି।

# ଖୋଜା ଚାଲିଛି ଖଟିଆ, ବେଡ୍, ଚଦର ସହ ତକିଆ

ମାଲକାନଗିରି,୧୭।୪(ଡି.ଏନ୍.ଏ.)

**ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇ ଜିଲା ପ୍ରଶାସନ ତତ୍ପର**

ଗତବର୍ଷ କୋଭିଡ୍ ମହାମାରୀ ପାଇଁ ମାଲକାନଗିରି ଜିଲାର ପ୍ରତି ପଞ୍ଚାୟତରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବା ସହ ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରମାନ ଖୋଲାଯାଇଥିଲା। ସେଠାରେ ପ୍ରାୟ ୭ହଜାର କରୋନା ଆକ୍ରାନ୍ତ ରୋଗୀଙ୍କୁ ଖାଦ୍ୟପେୟ ସହ ଖଟ, ବେଡ୍, ଚଦର, ତକିଆ, ବାଲ୍‌ଟି, ପାଣି ବୋତଲ, ମଗ୍ ଯୋଗାଇ ଦେଇଥିଲା ପ୍ରଶାସନ। ଏନେଇ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପୌରାଞ୍ଚଳ କର୍ମଚାରୀ ଏବଂ ଜିଲା ପ୍ରଶାସନ ଅଧିକାରୀମାନଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଗୁରୁତର ରୋଗୀଙ୍କ ଚିକିତ୍ସା ପାଇଁ ଜିଲା ସଦର ମହକୁମା ପୁରୁଣା ମେଡିକାଲ ପରିସରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ତେବେ ଅକ୍ଟୋବରରେ କରୋନା ପ୍ରଭାବ କମିଯିବା ପରେ ସମସ୍ତେ ଆଶ୍ୱସ୍ତ ହୋଇଥିଲେ ସତ ମାତ୍ର କରୋନା ସମୟରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି କିଣାଯାଇଥିବା ଉପରୋକ୍ତ ସାମଗ୍ରୀଗୁଡ଼ିକର ପତ୍ତା ଏବେ ମିଳୁନାହିଁ। କରୋନାର ଦ୍ୱିତୀୟ ଲହର ଆସିବା ପରେ ଏହିସବୁ ସାମଗ୍ରୀ କେଉଁଠି ଅଛି କାହା ଦାୟିତ୍ୱରେ ଅଛି,ଏବେ ଜିଲା ପ୍ରଶାସନ ଖୋଜିବା ଆରମ୍ଭ କରିଛି। ମାଲକାନଗିରି ବ୍ଲକ ଚଲାଣଗୁଡ଼ା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କରୋନା ରୋଗୀଙ୍କ ପାଇଁ ପ୍ରସ୍ତୁତି କରାଯାଉଛି। ଏଥିପାଇଁ ଖଟ, ବେଡ୍, ଚଦର, ବାଲ୍‌ଟି ଆଦି ସାମଗ୍ରୀ ମଧ୍ୟରୁ ଯେଉଁଗୁଡ଼ିକ ଭଲ ଥିବ ତାହାକୁ ବ୍ୟବହାର କରାଯିବ। ଆବଶ୍ୟକ ପଡ଼ିଲେ ନୂଆ ସାମଗ୍ରୀ କ୍ରୟ କରାଯାଇ ରୋଗୀଙ୍କ ସେବାରେ ଲଗାଯିବ ବୋଲି ବିଡିଓ ଅଜୟ କୁମାର ପ୍ରଧାନ କହିଛନ୍ତି।

# ନୂତନ ଜିଲା ଓ ଦୌରାଜଜ କୋର୍ଟ ଭବନ ଉଦ୍‌ଘାଟିତ

ନବରଙ୍ଗପୁର,୧୭।୪ (ବି.ପ୍ର.)



ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍.ମୁରଲୀଧର ଶନିବାର ଭିଡିଓ କଂଫେରେନ୍ସ ମାଧ୍ୟମରେ ନବରଙ୍ଗପୁରର ନୂତନ ଜିଲା ଓ ଦୌରାଜଜ୍ କୋର୍ଟ ଭବନର ଶୁଭ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲା ଓ ଦୌରା ଜଜ୍ ଅଶୋକ କୁମାର ପଣ୍ଡା , ଏଡିଜେ ପ୍ରଣୟ କୁମାର ଦାସ, ସିଜେଏମ୍ ସୁଦାମ ଚରଣ ଦାସ, ଜିଲା ଆଇନ ସେବା ପ୍ରାଧୀକରଣ ସମ୍ପାଦକ ପ୍ରସନ୍ନ ବେହେରା, ଏସ୍‌ଡିଜେଏମ୍ ପ୍ରିୟ ରଞ୍ଜନ ଓଝା, ଜେଏମ୍‌ଏଫସି ବନଜା ମହାନ୍ତି, ସୁମନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ।

ନବରଙ୍ଗପୁର ରଙ୍ଗମାଟିଗୁଡା ନିକଟରେ ୫ ଏକର ଜମିରେ ୨୨କୋଟି ଟଙ୍କା ବ୍ୟୟରେ ୪ ମହଲା ବିଶିଷ୍ଟ ଏହି କୋର୍ଟ ଭବନ ନିର୍ମାଣ କରାଯାଇଛି। ବର୍ତ୍ତମାନ ଏଥିରେ ୨ଟି ଲିଫ୍ଟ ବ୍ୟବସ୍ଥା ରହିଛି। ଏହା ପରିସରରେ ଜିଲା ଜଜ୍ କୋର୍ଟ, ପରିବାର ଅଦାଲତ, ଏଡିଜେ, ଭିଜିଲାନ୍ସ, ସିଜେଏମ୍ କୋର୍ଟ, ଆଇନ ସେବା ପ୍ରାଧିକରଣ, ରେଜିଷ୍ଟର ଅଫିସ, ଲାଇବ୍ରେରୀ, ବାର୍ ହଲ ଏବଂ ଦୁଇଟି କ୍ୟାଣ୍ଟିନ ବ୍ୟବସ୍ଥା ରହିଛି। ଏହା ମଧ୍ୟରେ ୧୧ଟି ସେଣ୍ଟ୍ରାଲ ଏସି ବିଶିଷ୍ଟ କୋର୍ଟ ହଲ ରହିଛି। ଏହାଛଡ଼ା ନୂଆ କୋର୍ଟ ଭବନରେ ଲୋକଙ୍କ ପାଇଁ ବସିବା ଏବଂ ବିଶ୍ରାମ ନେବା ପାଇଁ ସମସ୍ତ ସୁବିଧା ରହିଛି। ଆଗକୁ ଗୋଟିଏ କ୍ୟାଣ୍ଟିନ, ବିଶ୍ରାମ ଗୃହ , ଗାଡି ସାଇକଲ ଷ୍ଟାଣ୍ଡ ତିଆରି ହେବ ବୋଲି ଜିଲା ଓ ଦୌରା ଜଜ୍ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଜିଲା ଆଇନଜୀବୀ ସଂଘ ସଭାପତି ଆଶିଷ ରଞ୍ଜନ ପଟ୍ଟନାୟକ, ଉପସଭାପତି ପ୍ରତାପ କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ନାୟକ, କୋଷାଧ୍ୟକ୍ଷ ବିଧୁଶେଖର ତ୍ରିପାଠୀ, କାର୍ଯ୍ୟକାରୀ ସଦସ୍ୟ ଏ. ସତିଶ, ପ୍ରଦୀପ କୁମାର ସାହୁ, ବାଲାଜି ମିଶ୍ର, ଗୋପାଳ କୃଷ୍ଣ ଶତପଥୀ, ମିନାକ୍ଷୀ ପାଢ଼ୀ, ପ୍ରଶାନ୍ତ ପଟ୍ଟନାୟକ, ତପନ ପାଣିଗ୍ରାହୀଙ୍କ ସମେତ ନବରଙ୍ଗପୁର ଜିଲାର ସମସ୍ତ ଆଇନଜୀବୀ ଏବଂ କୋର୍ଟ କର୍ମଚାରୀମାନେ ଉପସ୍ଥିତ ଥିଲେ। ନବରଙ୍ଗପୁର ଜିଲ୍ଲା ଓକିଲ ସଂଘ ସମ୍ପାଦକ ରାମ ପ୍ରସାଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଳ୍ପାଞ୍ଚଳରେ ଗାଇଡ୍‌ଲାଇନ କଡ଼ାକଡ଼ି ପାଳନ ହେଉ

ରାୟଗଡ଼ା ଅଫିସ,୧୭।୪

**ଶିଳ୍ପସଂସ୍ଥା କର୍ତ୍ତୃପକ୍ଷଙ୍କୁ ନେଇ ଜିଲାପାଳଙ୍କ ଆଲୋଚନା**


ଭର୍ଚୁଆଲ ବୈଠକରେ ଜିଲାପାଳ ଏବଂ ବିଭିନ୍ନ ଶିଳ୍ପସଂସ୍ଥାର ଅଧିକାରୀମାନେ।

କରୋନା ସଂକ୍ରମଣକୁ ରୋକିବା ନିମନ୍ତେ ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ର ଜିଲାର ବିଭିନ୍ନ ଶିଳ୍ପସଂସ୍ଥା କର୍ତ୍ତୃପକ୍ଷଙ୍କୁ ନେଇ ଭର୍ଚୁଆଲ ବୈଠକ କରିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ସମସ୍ତ ଶିଳ୍ପସଂସ୍ଥାରେ କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜେକେ କାଗଜକଳର ଉପସଭାପତି ପାଣ୍ଡେ, ଲୋକ ସମ୍ପର୍କ ଅଧିକାରୀ ସୁନୀଲ କୁମାର ନାଥ, ଉତ୍କଳ ଆଲୁମିନାର ମୁଖ୍ୟ ମଜହର ବୈଗ୍, ଇମ୍ଫାର ଡିଜେଏମ କେ. କେ. ନୟକ, ଉପସଭାପତି କେ. ଭି. ରାଓ, ଶକ୍ତି ପ୍ରସାଦ ପାଣିଗ୍ରାହୀ ଏବଂ ଏଚ୍‌ପିସିଏଲ୍‌ର ଅଧିକାରୀ ଯୋଗ ଦେଇଥିଲେ। ମୁଖ୍ୟତଃ ଶିଳ୍ପାଞ୍ଚଳରେ ମାସ୍କ, ସାନିଟାଇଜର ବ୍ୟବହାର, ସାମାଜିକ ଦୂରତା ନିୟମକୁ କଡ଼ାକଡ଼ିଭାବେ ପାଳନ କରି ଶ୍ରମିକ ଓ ବାହାରୁ ଆସୁଥିବା ଲୋକଙ୍କୁ ସୁରକ୍ଷା ଦେବା ନିମନ୍ତେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ।

# ପ୍ରବାଦ ପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି

ନବରଙ୍ଗପୁର/ଡାବୁଗାଁ/ଉମରକୋଟ, ୧୭।୪ (ବି.ପ୍ର./ ଡି.ଏନ୍.ଏ./ସ୍ୱ.ପ୍ର.)

**ବିଜୁ ପଟ୍ଟନାୟକଙ୍କ ୨୪ତମ ଶ୍ରାଦ୍ଧ ଦିବସ**


ଉମରକୋଟଠାରେ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ଶନିବାର ପ୍ରବାଦ ପୁରୁଷ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। କରୋନା କଟକଣାରେ ବିଜେଡି ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏହା ପାଳିତ ହୋଇଛି।

ନବରଙ୍ଗପୁରଠାରେ ଅନୁଷ୍ଠିତ ବିଜୁବାବୁଙ୍କ ୨୪ତମ ଶ୍ରାଦ୍ଧ ଦିବସରେ ଜିଲା ବିଜେଡି ସଭାପତି ତଥା ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ସ୍ଥାନୀୟ ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ମାଝିଗୁଡା ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ରବି ପଟ୍ଟନାୟକ, ସନ୍ତୋଷ ଷଡ଼ଙ୍ଗୀ, ପ୍ରମୋଦ ରଥ ପ୍ରମୁଖ ଉପସ୍ଥିତ ଥିଲେ।

ଡାବୁଗାଁସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖ ମଣ୍ଡପରେ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ, ରାଜ୍ୟ ସଭା ସଦସ୍ୟଙ୍କ ପ୍ରତିନିଧି ରମାରାଓ ଚୌଧୁରୀ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବ୍ଲକ ବିଜେଡି ଉପସଭାପତି ପି. ନାଗା, ବ୍ଲକ ଯୁବ ବିଜେଡି ସଭାପତି ଟି. ଜୁଗୁନୁ, ଏମ୍. ବାସୀ ରାଓ, ଗେଦୁ ପଟ୍ଟନାୟକ, ଜି. ମୁରଲୀ ରାଓ, ଜି. ବାବୁଜୀ ରାଓ, ଆର୍. ପ୍ରକାଶ ରାଓ ଉପସ୍ଥିତ ଥିଲେ।

ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ଉମରକୋଟସ୍ଥିତ ବାସଭବନରେ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ବିଜେଡି ଜିଲା ସଂଯୋଜକ ପ୍ରମୋଦ ପାଢ଼ି, ବ୍ଲକ ସଭାପତି ଅଜିତ ପ୍ରଧାନ, ଜିଲା ଛାତ୍ର ବିଜେଡି ଉପସଭାପତି ହିମାଂଶୁ ଜେନା, ବ୍ଲକ ଯୁବ ବିଜେଡି ସଭାପତି ଟୁଟୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ମେଡିକାଲ ରାସ୍ତାରେ କଲଭର୍ଟ ନିର୍ମାଣ କାମ ଆରମ୍ଭ

ପଦ୍ମପୁର,୧୭।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂଯୋଗ କରୁଥିବା ରାସ୍ତାରେ ନିର୍ମାଣ ହୋଇଥିବା କଲଭର୍ଟର କଂକ୍ରିଟ୍ ପ୍ଲେଟ୍ ବର୍ଷେ ନ ପୁରୁଣୁ ଭାଙ୍ଗି ନଷ୍ଟ ହୋଇଛି। ଫଳରେ ଏହି ରାସ୍ତା ରୋଗୀ ଏବଂ ଗର୍ଭବତୀଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। ଏ ନେଇ ମାର୍ଚ୍ଚ ୧୩ ରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବ୍ଲକ୍ ଏବଂ ପଞ୍ଚାୟତ ପ୍ରଶାସନ ପକ୍ଷରୁ ପୁଣି କଲଭର୍ଟ ନିର୍ମାଣ କାର୍ଯ୍ୟ ଚାଲିଛି। ସୂଚନାଯୋଗ୍ୟ, ଏହି ଡାକ୍ତରଖାନା ଉପରେ ପଦ୍ମପୁର ବ୍ଲକ୍‌ର ୧୩ ପଞ୍ଚାୟତବାସୀ ନିର୍ଭରଶୀଳ। ମେଡିକାଲକୁ ସଂଯୋଗ କରୁଥିବା ଏହି ରାସ୍ତାରେ ୨୦୨୦ ସେପ୍ଟେମ୍ବର ୨୦ ରେ ୩୦ ହଜାର ଟଙ୍କା ବ୍ୟୟରେ ଏକ କଲଭର୍ଟ ନିର୍ମାଣ କରାଯାଇଥିଲା। ତେବେ ନିମ୍ନମାନର କାମ ଯୋଗୁ ନିର୍ମାଣର ବର୍ଷେ ନ ପୁରୁଣୁ ଏହି ଡ୍ରେନ୍ ଏବଂ କଲଭର୍ଟର କଂକ୍ରିଟ୍ ପ୍ଲେଟ୍ ଭାଙ୍ଗି ନଷ୍ଟ ହୋଇଥିଲା। ଫଳରେ ଏହି ଅସୁରକ୍ଷିତ ରାସ୍ତାଦେଇ ପ୍ରତ୍ୟେକ ଦିନ ରୋଗୀ ଏବଂ ଗର୍ଭବତୀଙ୍କୁ ନେଇ ଆମ୍ବୁଲାନ୍ସ ବହୁ କଷ୍ଟରେ ଯାତାୟାତ କରୁଥିଲା। ହେଲେ ଏହା ଉପରେ ପ୍ରଶାସନର ଦୃଷ୍ଟି ପଡୁ ନ ଥିଲା। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ନିର୍ମାଣ କାମ ଚାଲିଥିବା ଜଣାପଡ଼ିଛି।

**ଧରିତ୍ରୀ ପ୍ରଭାବ**


ପ୍ଲେଟ୍ ନିର୍ମାଣ କାର୍ଯ୍ୟ ଚାଲିଛି।

# ୩୦ ଆଦିବାସୀ ପରିବାରକୁ ଆହାର ଯୋଗାଉଛି 'ବତାକନ୍ଦା'

ଡାବୁଗାଁ, ୧୭।୪ (ଡି.ଏନ୍.ଏ.)


ଜଣେ ମହିଳା ବତାକନ୍ଦାକୁ ସଫା କରୁଛନ୍ତି।

ଆଦିବାସୀମାନେ ପରିବାର ପ୍ରତିପୋଷଣ ପାଇଁ ପ୍ରକୃତି ଉପରେ ବିଶେଷଭାବେ ନିର୍ଭର କରନ୍ତି। ଜଙ୍ଗଲଜାତ ଓ ପ୍ରାକୃତିକଭାବେ ମିଳୁଥିବା ବିଭିନ୍ନ ଦ୍ରବ୍ୟକୁ ବିକି ସେମାନେ ଗୁଜୁରାଣ ମେଣ୍ଟାଥାନ୍ତି। ଏଭଳି ଏକ ପ୍ରାକୃତିକ ଦ୍ରବ୍ୟ ହେଉଛି ବତାକନ୍ଦା। ଏହି ବତାକନ୍ଦାକୁ ବିକ୍ରି କରି ନବରଙ୍ଗପୁର ଜିଲା ମେଦନା ପଞ୍ଚାୟତ ସଦର ଗାଁର ୩୦ରୁ ଉର୍ଦ୍ଧ୍ୱ ପରିବାର ସ୍ୱାବଲମ୍ବୀ ହୋଇପାରିଛନ୍ତି।

ନଦୀ କୂଳରେ ଏହି ବତାକନ୍ଦା ଖରାଦିନମାନଙ୍କରେ ମିଳେ। ଓଡ଼ିଶାରେ ଏହାକୁ ବ୍ୟବହାର କରାଯାଉ ନ ଥିବାବେଳେ ଛତିଶଗଡ଼ରେ କିନ୍ତୁ ଏହାର ଚାହିଦା ବେଶୀ। ସେଠାରୁ ବ୍ୟବସାୟୀମାନେ ଆସି ଏହି ବତାକନ୍ଦା ନେଇ ଯାଉଛନ୍ତି। ଛତିଶଗଡ଼ରେ ଏଥିରୁ ଏକ ଔଷଧ ତିଆରି କରାଯାଏ ବୋଲି ବ୍ୟବସାୟୀମାନେ କହିଛନ୍ତି। ଗ୍ରାମବାସୀମାନେ ଖରାଦିନରେ ଏହାକୁ ସଂଗ୍ରହ କରିଥାନ୍ତି। ଛତିଶଗଡ଼ ବେପାରୀ ଏହାକୁ କିଲୋ ପ୍ରତି ୧୯ଟଙ୍କା ଦରରେ କିଣି ନେଇଥାନ୍ତି। ଓଡ଼ିଶାରେ ଏହାର ବଜାର ବ୍ୟବସ୍ଥା କଲେ ଲୋକଙ୍କ ଆର୍ଥିକ ଅବସ୍ଥା ଆହୁରି ସ୍ୱଚ୍ଛଳ ହୋଇପାରନ୍ତା ବୋଲି ବତାକନ୍ଦା ସଂଗ୍ରହକାରୀ ସୁନାଫୁଲ ପୂଜାରୀ, କନକ ଦେଇ ପୂଜାରୀ, ଉଆଁସୁ ପୂଜାରୀ, ସନମତି ପୂଜାରୀ, ଉର୍ବସୀ ପୂଜାରୀ, ଧନସାଇ ବିନ୍ଧାଣୀ, ଜେମା ପୂଜାରୀ, ନିଳାମ୍ବର ପୂଜାରୀ କହିଛନ୍ତି।

## ଅବକାରୀ ଚଢ଼ାଉ

କୋରାପୁଟ,(ସ୍ୱ.ପ୍ର.)- ନନ୍ଦପୁର ଅବକାରୀ ବିଭାଗ ପକ୍ଷରୁ ହାତବାରୀ ପଞ୍ଚାୟତର ନୁଆପୁଟ ଗ୍ରାମରେ ଶନିବାର ଚଢ଼ାଉ କରାଯାଇ ବହୁ ପରିମାଣରେ ମଦ ଓ ପୋଚ ଜବତ ହୋଇଛି। ମଦରନ୍ଧା ସାମଗ୍ରୀ ଜବତ କରାଯାଇଛି। ସେହିପରି ଗ୍ରାମର ଅନ୍ୟ ୩ ଜଣଙ୍କ ଘରେ ଚଢ଼ାଉ କରି ଦେଶୀ ରନ୍ଧା ମଦ ୧୫ ଲିଟର, ବିଦେଶୀ ମଦ ୪୬୮୦ ଲିଟର ଜବତ ହୋଇଛି। ଏନେଇ ୪ଟି ମାମଲା ରୁଜୁ ହୋଇଥିବା ଅବକାରୀ ଅଧିକାରୀ ଭବାନୀ ଶଙ୍କର ତ୍ରିପାଠୀ ସୂଚନା ଦେଇଛନ୍ତି। ଚଢ଼ାଉରେ ପ୍ରତିମା ବେହେରା, ସତ୍ୟ ପ୍ରଧାନ, ସୁଶାନ୍ତ ନାୟକ, ଦେବେନ୍ଦ୍ର ଖରା,ରୀତାରାଣୀ ଦଳପତି ସାମିଲ ରହିଥିଲେ।

# ଶଟ୍‌ଡାଉନ ପ୍ରଭାବ: ୩ ସହର ଜନଶୂନ୍ୟ

**ବନ୍ଦ ରହିଛି ଦୋକାନ ବଜାର,ଗାଡ଼ି ଚଳାଚଳ**
- ଘରୁ ବାହାରିନାହାନ୍ତି କୌଣସି ସାଧାରଣ ଲୋକ
- ବନ୍ଦରୁ ବାଦ୍ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ, ସ୍ୱାସ୍ଥ୍ୟସେବା
- ଯାଞ୍ଚ ବେଳେ କଡ଼ା ଆଭିମୁଖ୍ୟ ଗ୍ରହଣ କରୁଛି ପ୍ରଶାସନ

ମାଲକାନଗିରି/କୋରାପୁଟ/ଜୟପୁର, ୧୭।୪(ଡି.ଏନ୍.ଏ./ସ୍ୱ.ପ୍ର./ନି.ପ୍ର.)

କରୋନା ମହାମାରୀର ଦ୍ୱିତୀୟ ଲହରର ସଂକ୍ରମଣ ରୋକିବାକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ମାଲକାନଗିରିରେ ଥିବା ଦେଖିବାକୁ ମିଳିଛି। କେବଳ ସୁରକ୍ଷା କର୍ମୀ ଏବଂ ଜିଲା ପ୍ରଶାସନିକ ଅଧିକାରୀଙ୍କୁ ବାଦ୍ ଦେଲେ କୌଣସି ସାଧାରଣ ଲୋକ ଘରୁ ବାହାରି ନାହାନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ, ସ୍ୱାସ୍ଥ୍ୟସେବା ଏହି ବନ୍ଦରୁ ବାଦ୍ ପଡିଛି। ସୂଚନାଯୋଗ୍ୟ,



ଶଟ୍‌ଡାଉନ ଯୋଗୁ ଶନିବାର ଜୟପୁରରେ ବସ୍ ଚଳାଚଳ ବନ୍ଦ ରହିଛି ।


ଜନଶୂନ୍ୟ ହୋଇପଡ଼ିଥିବା ମାଲକାନଗିରି ସହର।

ସାପ୍ତାହାନ୍ତ ଶଟ୍‌ଡାଉନ ଆରମ୍ଭ ହୋଇଛି। ଶନିବାର ଏହି ସହରାଞ୍ଚଳର ସମସ୍ତ ଦୋକାନ ବଜାର ସହ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଛି। ଏଥିସହ ଜିଲାର ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ, କାଲିମେଳା ବ୍ଲକ ସଦର ମହକୁମାରେ ମଧ ଦୋକାନ ବଜାର ସହ ଗାଡ଼ି ଚଳାଚଳ ବନ୍ଦ ରହିଛି। ତେବେ ଜିଲା ଭିତରେ କେତେକାଂଶରେ ବସ୍ ଚଳାଚଳ କରୁଥିଲେ ମଧ ଯାତ୍ରୀ ସଂଖ୍ୟା ଖୁବ୍ କମ୍ ମାଲକାନଗିରି ଜିଲାରେ ଅନେକ ସ୍ଥାନରେ ଜନଗହଳି ହେଉଥିବା, ସମଦୂରତା ରକ୍ଷା କରାଯାଉ ନ ଥିବା ଏବଂ ଅଧିକାଂଶ ବ୍ୟକ୍ତି ମାସ୍କ ବ୍ୟବହାର କରୁ ନ ଥିବା ଦୃଷ୍ଟିକୁ ଆସିବା ପରେ ରାଜ୍ୟ ସରକାର ମାଲକାନଗିରି ସମେତ ୧୦ଟି ଜିଲାରେ ସନ୍ଧ୍ୟା ୬ରୁ ଭୋର ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି କରିବା ସହ ପ୍ରତ୍ୟେକ ସପ୍ତାହ ଶନିବାର ଓ ରବିବାରକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ପୂର୍ବରୁ ଛତିଶଗଡ଼ ସୀମାନ୍ତ ଚାଲାଣଗୁଡ଼ା ଓ ପଡ଼ିଆ, ଆନ୍ଧ୍ର ସୀମାନ୍ତ ମୋଟୁ ଓ ଚିତ୍ରକୋଣ୍ଡା ସୀମାନ୍ତ ପ୍ରବେଶ ପଥଗୁଡ଼ିକୁ ସିଲ୍ କରାଯାଇଛି।

କୋରାପୁଟ ଜିଲାରେ କରୋନା ପଜିଟିଭ ବୃଦ୍ଧି ଏବଂ ଲୋକେ ଏନେଇ ରହିଥିବା ଗାଇଡ୍‌ଲାଇନ ପାଳନ ନ କରିବାରୁ ଦୀର୍ଘମାସ ପରେ ଜିଲାକୁ ନାଇଟ୍ କର୍ଫ୍ୟୁ ସହ ସାପ୍ତାହାନ୍ତ ଶଟ୍‌ଡାଉନ ଫେରିଛି। ଏଥିଯୋଗୁ ସମସ୍ତ ଦୋକାନ ବଜାର, ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଛି । ଜିଲାରେ ଯାତ୍ରୀବାହୀ ଗାଡ଼ି ଚଳାଚଳ ବନ୍ଦ ରହିଛି । କେବଳ ଅତ୍ୟାବଶ୍ୟକ ସେବା ପରିବହନ କରୁଥିବା ଗାଡ଼ି ଚଳାଚଳ ସହ ଜରୁରୀ ସେବା ଯୋଗାଉଥିବା ଦୋକାନ ଖୋଲା ରହିଛି। କୋରାପୁଟ ଜିଲାପାଳ ଅବଦାଲ ମହମ୍ମଦ ଅଖତାରଙ୍କ ନିର୍ଦ୍ଦେଶରେ ଏସ୍‌ପି ବରୁଣ ଗୁଣ୍ଟୁପାଲି ଜିଲାର ସମସ୍ତ ଥାନା ଅଞ୍ଚଳରେ କୋଭିଡ୍ ଗାଇଡ୍‌ଲାଇନ କଡ଼ାକଡ଼ି ପାଳନ ନେଇ ନିର୍ଦ୍ଦେଶ ଦେଇଛନ୍ତି। ସହରରେ ଉପଜିଲାପାଳ ଲଳିତ କୁମାର କହଁର, ଏସ୍‌ଡିପିଓ ଗୁଣନିଧି ମଲ୍ଲିକଙ୍କ ସମେତ ଟାଉନ ଥାନା ପୋଲିସ ସହରର ଶାବର ଶ୍ରୀକ୍ଷେତ୍ର ମନ୍ଦିର ଛକ, ଚିନ୍ଦିରି, ଗାନ୍ଧୀନଗର, କୋରାପୁଟ-ଜୟପୁର ରାସ୍ତା, କୋରାପୁଟ-ସୁନାବେଡ଼ା ରାସ୍ତା ଅଞ୍ଚଳରେ ଯାଞ୍ଚକରି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଜରୁରୀ କାର୍ଯ୍ୟ ନ ଥିଲେ ଘରୁ ବାହାରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

ଜୟପୁରରେ ମଧ ଶଟ୍‌ଡାଉନର ପ୍ରଭାବ ଦେଖିବାକୁ ମିଳିଛି। ପ୍ରଥମ ଦିନରେ ଦୋକାନ ବଜାର ବନ୍ଦ ସହ ଘରୋଇ ଓ ସରକାରୀ ବସ୍ ଚଳାଚଳ ବନ୍ଦ ରହିଛି । ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ଓ ତହସିଲଦାର ପ୍ରଧାନ ଟୁଲି ଅମ୍ମା ସହରରେ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାରକରି ଲୋକଙ୍କୁ ସେତେ ଜରୁରୀ କାମ ନ ଥିଲେ ଘରୁ ନ ବାହାରିବା ପାଇଁ ପରାମର୍ଶ ଦେଇଛନ୍ତି। ଜୟପୁର ସମେତ କୋଟପାଡ଼, ସୁନାବେଡ଼ା, ସେମିଲିଗୁଡ଼ାରେ ମଧ ଶଟ୍‌ଡାଉନ ଜାରି ରହିଛି । ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି, ସଦର ଥାନା ଅଧିକାରୀ ଆଦିତ୍ୟ ମହାକୁଡଙ୍କ ତତ୍ତ୍ୱାବଧାନରେ ୨ ପ୍ଲାଟୁନ ଫୋର୍ସ ସହରର ବିଭିନ୍ନ ସ୍ଥାନରେ ମୁତୟନ ହୋଇଛନ୍ତି।

## ସଂକ୍ଷେପରେ

### ଯାଞ୍ଚ କଡ଼ାକଡ଼ି

ସୁନାବେଡ଼ା/ସେମିଲିଗୁଡ଼ା, ୧୭।୪ (ସ୍ୱ.ପ୍ର.)-ସୁନାବେଡ଼ା ଓ ସେମିଲିଗୁଡ଼ା ସହରର ଜନସାଧାରଣଙ୍କୁ ସାପ୍ତାହାନ୍ତ ଶଟ୍‌ଡାଉନ ଅବସରରେ ପୌର ପରିଷଦ ପକ୍ଷରୁ ଡାକବାଜି ଯନ୍ତ୍ର ମାଧମରେ ପ୍ରଚାର କରାଯାଇ ସଚେତନ କରାଯାଇଛି। ଶଟ୍‌ଡାଉନ ଯୋଗୁ ଉଭୟ ସହରର ସମସ୍ତ ଦୋକାନ ବଜାର ସହ ବସ୍ ଚଳାଚଳ ବନ୍ଦ ରହିଥିଲା। ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇ ଏହି ରାସ୍ତା ଦେଇ ବାହାର ରାଜ୍ୟରୁ ଆସୁଥିବା ଗାଡ଼ି ମୋଟର ସେମିଲିଗୁଡ଼ା ତହସିଲଦାର ଶରତ ମାଝିଙ୍କ ତତ୍ତ୍ୱାବଧାନରେ ଟ୍ରାଫିକ ଛକଠାରେ ଯାଞ୍ଚ କରାଯାଇଥିଲା। କେତେକ କ୍ଷେତ୍ରରେ ଅମାନିଆଙ୍କଠାରୁ ମୋଟା ଅଙ୍କରେ ଜରିମାନା ଆଦାୟ କରାଯାଇଛି।

### ୫୧ କେଜି ଗଞ୍ଜେଇ ଜବତ,୨ ଗିରଫ




କୋରାପୁଟ/ଲଭତାପୁଟ,୧୭।୪(ସ୍ୱ.ପ୍ର.)- କୋରାପୁଟ ଜିଲା ଲମତାପୁଟ ଅଞ୍ଚଳରୁ ଗଞ୍ଜେଇ ଚୋରାଚାଲାଣ ବେଳେ ପୋଲିସ ଏହାକୁ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ଦିଲୀର ପ୍ରେମାନନ୍ଦ ଶର୍ମା ଓ ମୋହିତ ଶର୍ମା। ଶୁକ୍ରବାର ବିଳମ୍ବିତ ରାତିରେ ଲମତାପୁଟ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଜୟପୁର ଆଡକୁ ଏକ କାର ଦ୍ରୁତ ଗତିରେ ଯାଉଥିବା ଦେଖି ସନ୍ଦେହରେ ପୋଲିସ ପିଛା କରି କାଡାମ ଛକଠାରେ କାରକୁ ଅଟକାଇ ଯାଞ୍ଚ କରିଥିଲା। କାରରୁ ଚୋରାଚାଲାଣ ହେଉଥିବା ଗଞ୍ଜେଇ ମିଳିଥିଲା । ଓଜନ ପରେ ଏହାର ପରିମାଣ ୫୧ କେଜି ଶହେ ଗ୍ରାମ ବୋଲି ଜଣାପଡିଛି। ଏହାର ମୂଲ୍ୟ ୧ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

### କୋଭିଡ୍ କଟକଣା ଭାଙ୍ଗି ଭ୍ୟାନ୍ ଅଟକ

ଦଶମନ୍ତପୁର,୧୭।୪(ଡି.ଏନ.ଏ.)- କୋଭିଡ୍ କଟକଣାକୁ ଉଲ୍ଲଂଘନ କରି ଦଶମନ୍ତପୁର ବ୍ଲକ ଦେଇ ଚାଲିଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍‌କୁ ପୋଲିସ ଧରିଛି। ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତ ପଦୁଗୁଡ଼ା ଗ୍ରାମର କେତେଜଣ ଲୋକ ରାୟଗଡ଼ା ଜିଲାରେ କାମ ସାରି ନିଜ ଗାଁକୁ ଏହି ଭ୍ୟାନ (ଏପି୩୧ଟିଟି-୦୦୩୭) ଯୋଗେ ଫେରୁଥିଲେ। ତେବେ ଉକ୍ତ ଭ୍ୟାନ୍‌ଟି କୋଭିଡ୍ କଟକଣା ଉଲ୍ଲଂଘନ କରି ସାମଗ୍ରୀ ପରିବହନ ବଦଳରେ ୨୦ ଜଣ ଯାତ୍ରୀଙ୍କୁ ଧରି ଆସୁଥିଲା। ଏଥିରେ ଥିବା ଯାତ୍ରୀମାନେ ମାସ୍କ ପିନ୍ଧି ନ ଥିଲେ। ଥାନା ଅତିକ୍ରମ କରି ଭ୍ୟାନ୍‌ଟି ପଦୁଗୁଡ଼ା ଗ୍ରାମକୁ ଯାଉଥିବା ବେଳେ ଏହା ଉପରେ ସ୍ଥାନୀୟ ପୋଲିସର ନଜର ପଡ଼ିଥିଲା। ଫଳରେ ଭ୍ୟାନ୍‌କୁ ପୋଲିସ ଅଟକ ରଖିଛି।

### କୋଭିଡ୍ ନିୟମ ମାନି ଚଳିବାକୁ ଶପଥ ନେଲେ ଗ୍ରାମବାସୀ



ମାଲକାନଗିରି,୧୭।୪(ଡି.ଏନ.ଏ)- ମାଲକାନଗିରି ଜିଲା ପଡ଼ିଆ ବ୍ଲକ ନିଲିଗୁଡ଼ା ପଞ୍ଚାୟତ ପୁରୁଣା ନିଲିଗୁଡା ଗ୍ରାମରେ ବନ ବିଭାଗ ଏବଂ ଉତ୍କଳ ସାମ୍ବାଦିକ ସଂଘର ମିଳିତ ଆନୁକୂଲ୍ୟରେ କୋଭିଡ୍ -୧୯, ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବୁଦୁରା କାର୍ତାମିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପଡ଼ିଆ ବନପାଳ ଗୁପ୍ତେଶ୍ୱର ରାଓ ଦୋରା, ଦୁର୍ମାଗୁଡା ବନ ସଂରକ୍ଷଣ ସମିତି ସଭାପତି ପଦ୍ମଚରଣ ମାଡକାମି , ଗ୍ରାମ ମୁଖିଆ ସିଙ୍ଗା କାମ୍‌ରାମି, ବନରକ୍ଷୀ ପପିତା ଆଜ୍‌ମିରା, କାନମ ବିଶ୍ୱାସ, ଉତ୍କଳ ସାମ୍ବାଦିକ ସଂଘର କୋଷାଧକ୍ଷ ଶ୍ରୀନିବାସ ପାତ୍ର, ସମ୍ପାଦକ ସତ୍ୟନାରାୟଣ ଦାସଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଏଥିରେ ଅଂଶଗ୍ରହଣ କରିଥିଲେ। ଗ୍ରାମାଞ୍ଚଳରେ ବସବାସ କରୁଥିବା ଶିଶୁଠାରୁ ବୃଦ୍ଧାବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଯେପରି ସତର୍କତା ଅବଲମ୍ବନ କରି କୋଭିଡ୍ ନିୟମ ମାନି ଚଳିବେ ସେନେଇ ଗ୍ରାମଦେବୀଙ୍କ ପୀଠରେ ଶପଥ ନେଇଥିଲେ। ପରେ ନିଜ ଅଞ୍ଚଳର ଜଙ୍ଗଲ ଏବଂ ବନ୍ୟଜନ୍ତୁ ସୁରକ୍ଷା ସହ ଜଙ୍ଗଲରେ ଯେପରି ନିଆଁ ନ ଲାଗିବ ଏ ଦିଗରେ ସମସ୍ତେ ସଚେତନ ରହିବାକୁ ବନପାଳ ଦୋରା ପରାମର୍ଶ ଦେଇଥିଲେ।

## ତାଲିକାରେ ନାଁ ଥାଇ ମିଳୁନି ଆବାସ

ଏମ୍‌ଭି୭୯, ୧୭।୪(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଟିଗୋଲ ପଞ୍ଚାୟତ ଅନ୍ତର୍ଗତ ଏମପିଭି-୪୫ ଗ୍ରାମର ଭଗବତୀ ମଣ୍ଡଳଙ୍କ ନାମ ଆବାସ ଗୃହ ତାଲିକାରେ ଥାଇ ମଧ ଏଯାଏ ତାଙ୍କୁ ଆବାସଟିଏ ମିଳିନାହିଁ।


ପଲିଥିନ୍ ଢାଙ୍କି ରହୁଛନ୍ତି ଭଗବତୀ ।

ଫଳରେ ଦୀର୍ଘବର୍ଷ ଧରି ସେ ପଲିଥିନ ଟଣା ଘରେ ଖରା,ବର୍ଷା ଓ ଶୀତକାଳରେ ସ୍ୱାମୀ ପିଲାଙ୍କୁ ଧରି ରହୁଛନ୍ତି। ୨୦୧୭ରେ ହୋଇଥିବା ଝଡ ବତାସରେ ତାଙ୍କ ମାଟି ଘରଟି ଭାଙ୍ଗି ଯାଇଥିଲା। ପ୍ରଶାସନ ତାଙ୍କୁ ପଲିଥିନ ଖଣ୍ଡିଏ ଯୋଗାଇ ଦେଇଥିଲା। ସେହି ପଲିଥିନ ଖଣ୍ଡିକ ଏଯାଏ ତାଙ୍କ ସାହାରା ପାଲଟିଛି। ଆବାସ ତାଲିକାରେ ତାଙ୍କ ନାମ ଥାଇ ମଧ ତାଙ୍କୁ ମଞ୍ଜୁର କରୁନି ପ୍ରଶାସନ। ତାଙ୍କୁ ମାସିକ ମିଳୁଛି ୫୦୦ ଟଙ୍କା ଭତ୍ତା ଏବଂ ଜଙ୍ଗଲରୁ ମହୁଲ, ଟୋଳା ସଂଗ୍ରହ କରି ବଜାରରେ ବିକ୍ରି କରି ଚଳୁଛି ଭଗବତୀଙ୍କ ପରିବାର। ଏ ସମ୍ପର୍କରେ ବିଡିଓ ଉମାଶାଙ୍କର ଦଲେଇଙ୍କୁ ପଚାରିବାରୁ ଖୁବ ଶୀଘ୍ର ବାସଗୃହ ଭଗବତୀଙ୍କୁ ଯୋଗାଇ ଦେବାକୁ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ଜିଲାରେ କୋଭିଡ୍ ସଂକ୍ରମିତ ରାଜ୍ୟର କେନ୍ଦୁପତ୍ର ବ୍ୟବସାୟୀ, ଶ୍ରମିକ

**ନିଜ ଦାୟିତ୍ୱ ଦାୟିତ୍ୱ ତୁଲାଇବାରେ ନୀରବ ରହିଛନ୍ତି ସରପଞ୍ଚ**

ମାଲକାନଗିରି,୧୭।୪(ଡି.ଏନ୍.ଏ.)

ମାଲକାନଗିରିଜିଲାରେ ଚଳିତ ବର୍ଷ କେନ୍ଦୁପତ୍ର ଉତ୍ପାଦନ ଅଧିକ ଥିବାରୁ ରାଜ୍ୟ ବାହାରର ଅନେକ ବ୍ୟବସାୟୀ ମାଲକାନଗିରି ଜିଲାରେ ଟେଣ୍ଡର ମାଧ୍ୟମରେ ବିଭିନ୍ନ ଅଞ୍ଚଳରୁ ପତ୍ର ଖରିଦ କରି ଅନ୍ୟ ରାଜ୍ୟକୁ ପଠାଇବା ପାଇଁ ଅନୁମତି ନେଇଛନ୍ତି। କେନ୍ଦୁପତ୍ର ସଂଗ୍ରହ ପରେ ଏହାକୁ ଗୋଦାମକୁ ଆଣିବା ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ କୁଶଳି ଶ୍ରମିକଙ୍କୁ ଏବେ ମହାରାଷ୍ଟ୍ର, ତେଲେଙ୍ଗାଣା, ଆନ୍ଧ୍ର, ବିହାର ଓ ଛତିଶଗଡ ଅଞ୍ଚଳରୁ ଅନେକ ବ୍ୟବସାୟୀ ମାଲକାନଗିରି ଆଣିଛନ୍ତି। ନିକଟରେ ମହାରାଷ୍ଟ୍ରରୁ ଅଣାଯାଇଥିବା କେତେକ ଶ୍ରମିକଙ୍କୁ ଆଭ୍ୟନ୍ତରୀଣ ଅଞ୍ଚଳକୁ ପଠାଯାଇଛଇ। ତେବେ ବର୍ତ୍ତମାନ ଦେଶରେ କରୋନାର ଦ୍ୱିତୀୟ ଲହର ସବୁ ରାଜ୍ୟ ପାଇଁ ଚିନ୍ତାର ବିଷୟ ହୋଇଥିବା ବେଳେ ଉପରୋକ୍ତ ରାଜ୍ୟଗୁଡ଼ିକ କରୋନା ପାଇଁ ଜଟିଳ ସ୍ଥିତିରେ ରହିଛି। ଓଡ଼ିଶାରେ ସଂକ୍ରମଣ ବୃଦ୍ଧିକୁ ରୋକିବା ଲାଗି ଶଟଡାଉନ ଓ ରାତ୍ରି କର୍ଫ୍ୟୁ ଜାରି କରାଯାଇଛି। ଏପରି ପରିସ୍ଥିତିରେ ବାହାର ରାଜ୍ୟର ଶ୍ରମିକ କୋଭିଡ୍ ଟିକା ଗ୍ରହଣ କରିଛନ୍ତି କି ନାହିଁ ଏନେଇ କାହା ପାଖରେ ତଥ୍ୟ ନାହିଁ। ଗତବର୍ଷ କୋଭିଡ୍ ସମୟରେ ସରକାର ପଞ୍ଚାତର ସରପଞ୍ଚଙ୍କୁ ଜିଲାପାଳ କ୍ଷମତା ଦେଇଥିଲେ। ସେହି ସରପଞ୍ଚମାନେ ନିଜ ପଞ୍ଚାୟତକୁ ଆସୁଥିବା ପ୍ରବାସୀଙ୍କୁ ସଙ୍ଗରୋଧରେ ରଖିବା ଏବଂ ପଞ୍ଚାୟତବାସୀ ଯେପରି କୋଭିଡ୍ ନିୟମ ମାନିବେ ଦେଖିବା ସହ ଆବଶ୍ୟକ ପଡିଲେ ପଞ୍ଚାୟତକୁ ଶଟଡାଉନ ଘୋଷଣା କରିପାରୁଥିଲେ। ଏବେ କରୋନାର ଦ୍ୱିତୀୟ ଲହର ସମୟରେ ମାଲକାନଗିରି ଜିଲାର ପଞ୍ଚାୟତଗୁଡ଼ିକର ସରପଞ୍ଚମାନଙ୍କ କାର୍ଯ୍ୟ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେମାନେ ନିଜ ପଞ୍ଚାୟତ ଅଞ୍ଚଳ ମାନଙ୍କରେ ନଜର ରଖିଥିଲେ ଏପରି ଜଟିଳ ସମୟରେ ବାହାର ରାଜ୍ୟର ବ୍ୟବସାୟୀ ଓ ଶ୍ରମିକମାନେ କେନ୍ଦୁପତ୍ର ସଂଗ୍ରହ ନେଇ ସେମାନଙ୍କ ପଞ୍ଚାୟତରେ ପ୍ରବେଶ କରିପାରି ନ ଥାନ୍ତେ ବୋଲି ମତ ପ୍ରକାଶ ପାଉଛି। ସମସ୍ତ ସରପଞ୍ଚମାନଙ୍କୁ ସତର୍କ ରହିବା ପାଇଁ ପୂର୍ବରୁ ପ୍ରଶାସନ ପରାମର୍ଶ ଥିବା ବେଳେ ସେମାନେ ଏଥିପ୍ରତି ଗୁରୁତ୍ୱ ନ ଦେଇନାହାନ୍ତି। ଯଦି ବାହାର ରାଜ୍ୟର ଏହି ବ୍ୟବସାୟୀ ଓ ଶ୍ରମିକଙ୍କ ପାଇଁ ସଂକ୍ରମଣ ବୃଦ୍ଧି ପାଏ ତେବେ ପଞ୍ଚାୟତଗୁଡ଼ିକର ଜିଲାପାଳ କ୍ଷମତା ପାଇଥିବା ସରପଞ୍ଚମାନେ ଦାୟୀ ରହିବେ ବୋଲିକେତେକ ଅଧିକାରୀ ପ୍ରକାଶ କରିଛନ୍ତି।

## ଚିତ୍ରକୋଣ୍ଡାରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା, ୧୭।୪(ଡି.ଏନ.ଏ.)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ଶନିବାର ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସଦର ମହକୁମାରେ ଚିତ୍ରକୋଣ୍ଡା ବିଜେଡି ପକ୍ଷରୁ ଜୀବନବିନ୍ଦୁକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ବିଜୁବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପରେ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଜେଡି ବ୍ଲକ ସଭାପତି ହରି ମୋହନ ଖିଲ,ବିଧାୟକ ପ୍ରତିନିଧି ଅମିତ ଅଗ୍ରୱାଲ,ଦୀପ୍ତିରଞ୍ଜନ ରଥ,ଜଗନ୍ନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରୁ ୧୮ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଡ଼ା କ୍ଷୀରୋଦ ଚନ୍ଦ୍ର ମହନ୍ତ, ଟେକ୍ନିସିଆନ ସୁଜଳ ରାୟ, ଏନ. ସୁବର୍ଣ୍ଣା ଓ କୈଳସ ନାୟକ ଶିବିର ପରିଚାଳନା କରିଥିଲେ।

## ନଦୀରୁ ନିଖୋଜଙ୍କ ମୃତଦେହ ଜବତ କଲା ଓଡ୍ରାଫ ଟିମ୍

କୋରାପୁଟ/ନନ୍ଦପୁର, ୧୭।୪,(ସ୍ୱ.ପ୍ର./ଡି.ଏନ୍.ଏ.)

କୋରାପୁଟ ଜିଲାର ପାଡୁଆଠାରୁ ୨୧ କି.ମି. ଦୂର ଜଲାପୁଟ ନଦୀରେ ବୁଡ଼ି ଜଣେ ବ୍ୟକ୍ତି ନିଖୋଜ ଥିଲେ। କୋରାପୁଟ ଓଡ୍ରାଫ ଟିମ୍ ଶନିବାର ତାଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ପ୍ରହ୍ଲାଦ ପାଙ୍ଗୀ(୪୦)। ଘର ନନ୍ଦପୁର ବ୍ଲକର କୁଲାସିଂ ପଞ୍ଚାୟତର ଅଏରଲା ଗ୍ରାମରେ ବୋଲି ଜଣାପଡିଛି । ବୁଧବାର ପ୍ରହ୍ଲାଦ ମାଛ ଧରିବାକୁ ଜଲାପୁଟ ନଦୀକୁ ଯାଇଥିବାବେଳେ କୌଣସି କାରଣରୁ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ । ଶୁକ୍ରବାର ଏନେଇ ତାଙ୍କ ପରିବାର ପକ୍ଷରୁ ପାଡୁଆ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଲାଗି କୋରାପୁଟ ଓଡ୍ରାଫ ଟିମ୍‌କୁ ଅନୁରୋଧ କରାଯାଇଥିଲା। ଓଡ୍ରାଫ ଟିମ୍ ଶନିବାର ଘଟଣାସ୍ଥଳକୁ ଯାଇ ପ୍ରହ୍ଲାଦଙ୍କ ମୃତଦେହ ଜବତ କରିଥିଲେ । ଓଡ୍ରାଫ ଟିମ୍‌ର ହାବିଲଦାର ଗୋପାଳ ନାୟକଙ୍କ ନେତୃତ୍ୱରେ ହୋଇଥିବା ଉଦ୍ଧାର କାର୍ଯ୍ୟରେ ଡ୍ରାଇଭର ହାବିଲଦାର ଏସ୍. ମିଶ୍ର, ଈଶ୍ୱର ମରିଗନ, ଭି.ଏକ୍କା, ତରୁଣ ଦାସ, ଚନ୍ଦନ ନାୟକ, ରମାକାନ୍ତ ବେହେରା, ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ସାମିଲ ଥିଲେ।

## ସବୁଠି ବିଜୁବାବୁଙ୍କ ତିରୋଧାନ ଦିବସ ପାଳିଲେ ନେତା, କର୍ମକର୍ତ୍ତା

କୋରାପୁଟ/ଜୟପୁର/ସେମିଲିଗୁଡା/ସୁନାବେଡା/ନନ୍ଦପୁର, ୧୭।୪(ସ୍ୱ.ପ୍ର./ନି.ପ୍ର./ଡି.ଏନ.ଏ)

କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ଶନିବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୪ତମ ତିରୋଧାନ ଦିବସ ପାଳିତ ହୋଇଛି। କୋରାପୁଟ ଜିଲା ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ଗ୍ୟାରେଜ ଲାଇନସ୍ଥିତ ବିଜୁପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ବିଜେଡି ଉପସଭାପତି ଉତ୍କଳ ରଞ୍ଜନ ନାୟକ ଅଧ୍ୟକ୍ଷତା କରିଥିଲେ। ବିଧାୟକ ରଘୁରାମ ପଡାଲ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ଜିଲା ପରିଷଦ ସଦସ୍ୟା ପାର୍ବତି ମନ୍ତ୍ରି, ଜିଲା ମହିଳା ସଭାନେତ୍ରୀ ରୀତା ପାଣିଗ୍ରାହୀ, ତ୍ରିନାଥ ପାଥିକା, ଅଶ୍ୱନି ସାହୁ, ଜୟନ୍ତ କୁମାର ମିଶ୍ର, ଲଲାଟ ରଞ୍ଜନ ସେଠୀ, ସନ୍ତୋଷ ପଣ୍ଡା, ସୁରେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ।

ଜୟପୁରଠାରେ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ଇନ୍ଦିରା ନନ୍ଦ, ବାଲା ରାୟ, ରମାନାଥ ମିଶ୍ର, ଅନ୍ନି ପଟ୍ଟନାୟକ, ଟୁକୁରୁ ଦାସ, ବାପି ପରିଡ଼ା ପ୍ରମୁଖ ଉପସ୍ଥିତ ରହି ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ବିଜୁ ଭବନଠାରେ ପୂର୍ବତନ ପୌର ଉପାଧ୍ୟକ୍ଷ ସୂର୍ଯ୍ୟନାରାୟଣ ରଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ବିଜୁପ୍ରେମୀମାନେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୂର୍ବତନ କାଉନସିଲର ମନୋଜ ବେହେରା, ଯଶପାଲ ସିଂ, ଅଶୁତୋଷ ସାନ୍ତ୍ରାପାତ୍ର, ନବୀନ ପାତ୍ର, ସୀମାଞ୍ଚଳ ବିଷୋୟୀ, ସନ୍ତୋଷ ନାୟକ, ଭଗବାନ ପୂଜାରୀ, ଟି. ରାବଣା ପ୍ରମୁଖ ଉପସ୍ଥିତ ଥିଲେ।

ସୁନାବେଡା ଓ ସେମିଲିଗୁଡାର ବିଭିନ୍ନ ସ୍ଥାନରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ଏହି ଅବସରରେ ସୁନାବେଡା ହାଲ ପକ୍ଷରୁ ବିଜୁ ପଟ୍ଟନାୟକ ମ୍ୟୁଜିୟମ ପରିସରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରଅତିଥିମାନେ ଏହି ପ୍ରବାଦ ପୁରୁଷଙ୍କ ଓଡିଶା ପ୍ରତି ତାଙ୍କର ଥିବା ଅବଦାନକୁ ସ୍ମୃତିଚାରଣ କରିଥିଲେ। ହାଲ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜିତେନ୍ଦ୍ର ମୋହନ ସାହୁ, ମହାପ୍ରବନ୍ଧକ ଆଶୁତୋଷ ମଲ୍ଲିକ,ଡିଜିଏମ ଏଚଆର କେ ଅଶୋକାନ,ସିଏମଏସଇସି ବି. ମାଙ୍ଗସୁଲି, ଆଇଆର ଆଣ୍ଡ ସିଏସଆର ମୁଖ୍ୟ ସୂର୍ଯ୍ୟକାନ୍ତ ରାଉତ, ଏଚଆର ରାହୁଲ କୁମାରଙ୍କ ସମେତ ଏଚଏଓଏ ଏବଂ ଏଚଏଇଏ ସଂଘ ସଭାପତି ଉପସ୍ଥିତ ଥିଲେ। ସେହିପରି କୋରାପୁଟ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପାଡାଲଙ୍କ ସମେତ ଦଳର ବହୁ କର୍ମକର୍ତ୍ତା ସୁନାବେଡା ପୌର ପରିଷଦର ବିଜୁ ପଟ୍ଟନାୟକ ପାର୍କ ପରିସରରେ ଥିବା ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ। ସେହିପରି ପଟାଙ୍ଗି ବିଧାୟକ ପିତମ ପାଢ଼ୀ ତାଙ୍କ ସେମିଲିଗୁଡାସ୍ଥିତ ବାସଭବନରେ ଜନନାୟକ ବିଜୁ ପଟ୍ଟନାୟକଙ୍କ ୨୪ ତମ ଶ୍ରାଦ୍ଧ ଦିବସ ପାଳନ କରି ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ସମୟରେ ଜଗନ୍ନାଥ ପାଙ୍ଗି, ଭଗବାନ ପେଟିଆ, ଅନନ୍ତ ରାମ ମାଟାମ,ଦିନେଶ ଖରା, ତ୍ରିନାଥ କଣ୍ଟା, ଅମିତ ଅଗ୍ରୱାଲ, ଭରତ ମଲ୍ଲିକ,ଈଶ୍ୱର ଆଲାଡଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତି ଥିଲେ। ନନ୍ଦପୁର ବ୍ଲକ ମହକୁମାସ୍ଥିତ ଐତିହାସିକ ବତ୍ରିଶ ସିଂହାସନ ପ୍ରାଙ୍ଗଣରେ ଶନିବାର ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୪ ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ଏହି ସ୍ମୃତି ସଭାରେ ଅତିଥିମାନେ ବିଜୁବାବୁଙ୍କ ଜୀବନୀ ଏବଂ ତାଙ୍କ କୃତିତ୍ୱର ସ୍ମୃତିଚାରଣ କରିଥିଲେ। ! ସାମାଜିକ କର୍ମୀ ଗୋପାଳ କୃଷ୍ଣ ବେବର୍ତ୍ତାଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି, ଜିଲା ପରିଷଦ ସଭ୍ୟ ପ୍ରଭାତ ଗୁରୁମାଇ, ମୁନା ଦଳପତି, ସୂର୍ଯ୍ୟ ଖେମୁଣ୍ଡୁ, ବିଜୟଲକ୍ଷ୍ମୀ ପଟ୍ଟନାୟକ, କୁନି ପାଲି, ଅରୁଣ ପାଣ୍ଡିଆ, ରାକେଶ ରଥ, ସୁରେନ୍ଦ୍ର ପାଙ୍ଗି ଉପସ୍ଥିତ ଥିଲେ।



କୋରାପୁଟ ଓ ଜୟପୁରରେ ବିଜେଡି ପକ୍ଷରୁ ବିଜୁବାବୁଙ୍କ ତିରୋଧାନ କାର୍ଯ୍ୟକ୍ରମରେ ଉପସ୍ଥିତ ନେତା ଓ କର୍ମକର୍ତ୍ତା ।

## ବିଭିନ୍ନ ସ୍ଥାନରେ ବିଜୁବାବୁଙ୍କ ଶ୍ରାଦ୍ଧଦିବସ

ମାଲକାନଗିରି,୧୭।୪(ଡି.ଏନ୍.ଏ.)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ ଶନିବାର ମାଲକାନଗିରି ଜିଲାର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି । ଜିଲା ସଦର ମହକୁମାସ୍ଥିତ ବୁଟିଗୁଡ଼ା ପ୍ରାଥମିକ ବିଦ୍ୟାଳୟ ପରିସରରେ ଉତ୍କଳ ସମ୍ମିଳନୀ ମାଲକାନଗିରି ଶାଖା ପକ୍ଷରୁ ହୋଇଥିବା କାର୍ଯ୍ୟକ୍ରମରେ ସମ୍ମିଳନୀର ସଭାପତି ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ରବୀନ୍ଦ୍ର କୁମାର ମହାରଣା, ଅଧ୍ୟାପକ ରଞ୍ଜନ କୁମାର ସ୍ୱାଇଁ ଯୋଗଦେଇ ଦେଶ ସ୍ୱାଧୀନତା ପାଇଁ ବିଜୁ ପଟ୍ଟନାୟକଙ୍କ ଅବଦାନ , ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ଓଡ଼ିଆ ଜାତିକୁ ବିଶ୍ୱରେ ପରିଚିତ କରାଇବା ଲାଗି ତାଙ୍କର ନିଷ୍ଠାପର ଉଦ୍ୟମ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକାନ୍ତ କୁମାର ସାହୁ, ପ୍ରମୋଦ କୁମାର ସେନାପତି, ଅଙ୍ଗୁରବାଳା ସ୍ୱାଇଁ , ରାଜେନ୍ଦ୍ର ସ୍ୱାଇଁ, ସୁକାନ୍ତ ପରିଡ଼ା, ଗୋବିନ୍ଦ ମାଝି, ସଙ୍ଗୀତାରାଣୀ ପାତ୍ର ଉପସ୍ଥିତ ଥିଲେ । ସେହିପରି ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ବିଧାୟକ ମାନସ ମାଡକାମିଙ୍କ ଅଧ୍ୟକ୍ଷତାରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଗୋପାଳକୃଷ୍ଣ ପଣ୍ଡା, ସଦାନନ୍ଦ ଖରା, ଲମ୍ବୋଦର ତୁରୁକ୍, ସର୍ବ ବିଶୋୟୀ, ମାନସ ସ୍ୱାଇଁ ପ୍ରମୁଖ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣକରି ତାଙ୍କ ଜୀବନ ଉପରେ ଆଲୋକପାତ କରିଥିଲେ ।



## ସଂକ୍ଷେପରେ

### ଚଳନ୍ତା ଟ୍ରେନରୁ ଖସି ଛାତ୍ରୀ ଗୁରୁତର

**ଖୋର୍ଦ୍ଧା ଅଫିସ,୧୭।୪:** ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ କାଲୁପଡ଼ା ଘାଟ ରେଲୱେ ଷ୍ଟେଶନରେ ଶନିବାର ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ମେମୁ ସ୍ପେଶାଲ ଟ୍ରେନରୁ ଖସିପଡ଼ି ଜଣେ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଟାଙ୍ଗୀ ଗୋବିନ୍ଦପୁର ସାହି ଅଞ୍ଚଳର ସୁପ୍ରିୟା ପ୍ରଧାନ। ରେଲୱେ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଖୋର୍ଦ୍ଧା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ସୁପ୍ରିୟା ବ୍ରହ୍ମପୁରରୁ ଭୁବନେଶ୍ୱର ଯାଉଥିବା ମେମୁ ଟ୍ରେନରେ ଆସୁଥିଲେ। ଟ୍ରେନ ଚାଲୁଥିବା ବେଳେ ହଠାତ୍ ତାଙ୍କ ଗୋଡ଼ ଖସିଯାଇଥିଲା। ସେ ପ୍ଲାଟଫର୍ମରେ ଘୋଷାଡ଼ି ହୋଇଯାଇଥିଲେ।

### ପୋଲିସ ପଞ୍ଝାରେ ପେସାଦାର ଲୁଟେରା
#### ବାଇକ ଓ ୧୩ ଫୋନ ଜବତ, ବିଭିନ୍ନ ଥାନାରେ ୨୨ ମାମଲା

**ଭୁବନେଶ୍ୱର,୧୭।୪(ବ୍ୟୁରୋ) :** ଏୟାରପୋର୍ଟ ଥାନା ପୋଲିସ ଶନିବାର ଜଣେ ପେସାଦାର ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଝରଣା ସାହିର ମଦନମୋହନ ମହାରଣା ଓରଫ ଶିବା(୨୯)। ତାଙ୍କଠାରୁ ଚୋରି ଜିନିଷ କିଣୁଥିବା ଉକ୍ତ ସାହିର ଅଜୟ କୁମାର ଦାସ ଓରଫ ବୁଲୁ(୪୪)ଙ୍କୁ ମଧ ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ଗୋଟିଏ ପଲସର ବାଇକ, ୧୩ ମୋବାଇଲ ଫୋନ, ୨ ସୁନା ଚେନ ଓ ୨୦ ହଜାର ଟଙ୍କା ଜବତ କରିଛି ପୋଲିସ। ଅଭିଯୁକ୍ତ ଶିବା ଜଣେ ପେସାଦାର ଲୁଟେରା ଓ ତାଙ୍କ ନାମରେ ଭୁବନେଶ୍ୱର ସମେତ ବିଭିନ୍ନ ଥାନାରେ ୨୨ ମାମଲା ରହିଛି। ସେହିପରି ଅଜୟ ଶିବାଙ୍କୁ ନିୟମିତଭାବେ ସହଯୋଗ କରିବା ସହ ଚୋରି ସାମଗ୍ରୀ ନେଇ ବିକ୍ରି କରୁଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି।

### ଖୋର୍ଦ୍ଧା ଜିଲାରେ ୩ ଲକ୍ଷ ଟପିଲା କୋଭିଡ୍ ଟେଷ୍ଟ

**ଖୋର୍ଦ୍ଧା ଅଫିସ,୧୭।୪:** ଖୋର୍ଦ୍ଧା ଜିଲାରେ ଶନିବାର ୯୪୯ଜଣଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। ସେଥିମଧ୍ୟରୁ ଆର୍‌ଟି-ପିସିଆର ୩୩୪ ଓ ଆଣ୍ଟିଜେନ ଟେଷ୍ଟ ୬୧୫। ସେହିପରି ଶନିବାର ସୁଦ୍ଧା ଜିଲାରେ ୩ ଲକ୍ଷ୨୦୮ ଜଣଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। ସେଥିରୁ ଆର୍‌ଟି-ପିସିଆର ୭୭୦୯୦, ଟ୍ରୁ-ନାଟ ୬୧୬ ଏବଂ ଆଣ୍ଟିଜେନ ଟେଷ୍ଟ ୨୨୨୫୦୨ଜଣଙ୍କର କରାଯାଇଛି। ଜିଲାରେ ୩ଟି କେନ୍ଦ୍ରରେ ୬୦୫ଜଣ ଟିକା ନେଇଛନ୍ତି। କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ ନେଇ ୬୨୦୦ଟଙ୍କା ଆଦାୟ କରାଯାଇଛି।

### ଦିନକରେ ୨୭ ପଜିଟିଭ୍

**ଖୋର୍ଦ୍ଧା ଅଫିସ,୧୭।୪:** ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ଧିରେ ଧିରେ ବୃଦ୍ଧି ପାଇବାରେ ଲାଗିଛି। ଶନିବାର ଖୋର୍ଦ୍ଧା ଜିଲାର ୧୦ଟି ବ୍ଲକରେ ଦିନକରେ ୨୭ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୬ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ମୋଟ ୧୩୬୫୫ ଜଣ ଆକ୍ରାନ୍ତ ହୋଇଥିବା ବେଳେ ୧୩୪୯୧ ଜଣ ସୁସ୍ଥ ହୋଇଛନ୍ତି। ୫୭ଜଣଙ୍କର କୋଭିଡ୍‌ରେ ଜୀବନ ଯାଇଛି। ୧୦୭ଜଣ ସକ୍ରିୟ ରହିଛନ୍ତି। ଦିନକରେ ବାଲିଅନ୍ତା ଓ ବାଲିପାଟଣା ବ୍ଲକରେ ୪ଜଣ ଲେଖାଏଁ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ମେଣ୍ଢାଶାଳ (ଭୁବନେଶ୍ୱର ବ୍ଲକ)ରେ ଜଣେ, ଜଟଣୀ ବ୍ଲକରେ ୩ ଏବଂ ଖୋର୍ଦ୍ଧା ବ୍ଲକରୁ ସର୍ବାଧିକ ୫ଜଣ ଚିହ୍ନଟ ହୋଇଛନ୍ତି। ବୋଲଗଡ଼, ଟାଙ୍ଗୀ, ଚିଲିକା ଓ ବାଣପୁର ବ୍ଲକରୁ ଜଣେ ଲେଖାଏଁ ପଜିଟିଭ ଚିହ୍ନଟ ହୋଇଛନ୍ତି। ତେବେ ବେଗୁନିଆ ବ୍ଲକରେ ଆକ୍ରାନ୍ତଙ୍କ ସଂଖ୍ୟା ଶୂନ ରହିଛି।

### ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

**ବଲଙ୍ଗା,୧୭।୪(ଡି.ଏନ୍.ଏ.):** ବଲଙ୍ଗା ଗ୍ରାମ ପ୍ରଧାନସାହି ଆର୍ତ୍ତତ୍ରାଣ ଦଳାଇଙ୍କ ଘରେ ପଶି ଦୁର୍ବୃତ୍ତମାନେ ଟଙ୍କା ଓ ସୁନା ଅଳଙ୍କାର ଚୋରି କରିନେଇଥିବା ଶନିବାର ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ.୯୬/୨୧)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଶୁକ୍ରବାର ରାତିରେ ପରିବାର ଲୋକେ ଶୋଇଥିଲେ। ଦୁର୍ବୃତ୍ତମାନେ ଘରର ପଛ କବାଟ ଭାଙ୍ଗି ସୁନାଚେନ, ମୁଦି, ଟଙ୍କା ଚୋରି କରି ନେଇଯାଇଥିବା ଆର୍ତ୍ତତ୍ରାଣଙ୍କ ପୁଅ ହରିହର ଅଭିଯୋଗ କରିଛନ୍ତି।

# ବଜ୍ରକାପ୍ତା ଚାଲାଣବେଳେ ଧରାପଡ଼ିଲା

**ଭୁବନେଶ୍ୱର (ବ୍ୟୁରୋ), ୧୭।୪ ବଡ଼ମ୍ବା (ଡି.ଏନ୍.ଏ.)**



**ଡିଲ୍ ସମୟରେ ଧରିଲା ଏସ୍‌ଟିଏଫ୍**
- ୧୪ କିଗ୍ରାର ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର
- ୩୫ ଲକ୍ଷ ଟଙ୍କାରେ ବିକ୍ରି ହୋଇଥାନ୍ତା
- ଅନ୍ତର୍ଜାତୀୟ ର୍‍ୟାକେଟ୍ ସମ୍ପୃକ୍ତି ନେଇ ଖୋଳତାଡ

ରାଜ୍ୟରେ ବେଧଡ଼କ ଚାଲିଛି ବନ୍ୟଜନ୍ତୁ ଶିକାର ଓ ଚୋରା ଚାଲାଣ। ଶୁକ୍ରବାର ଆଉଏକ ବଜ୍ରକାପ୍ତା ଚୋରା ଚାଲାଣ ର୍‍ୟାକେଟକୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଧରିଛି। ର୍‍ୟାକେଟରେ ସମ୍ପୃକ୍ତ ଜଣେ ଚାଲାଣକାରୀଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତ ହେଲେ କଟକ ଜିଲା ନରସିଂହପୁର ଥାନା ଅନ୍ତର୍ଗତ ଶରଧାପୁରର କେଶବ ସାହୁ (୪୩)। ଉଦ୍ଧାର ବଜ୍ରକାପ୍ତାଟି ୪ ଫୁଟ୍ ଲମ୍ବର ହୋଇଥିବାବେଳେ ଓଜନ ୧୪ କିଗ୍ରା ହେବ। ଏହାର ଅନ୍ତର୍ଜାତୀୟ ବଜାର ମୂଲ୍ୟ ପ୍ରାୟ ୩୫ଲକ୍ଷ ଟଙ୍କା ହେବ। ଏନେଇ ଏସ୍‌ଟିଏଫ୍ କେଶବଙ୍କ ବିରୋଧରେ ମାମଲା ନଂ.୧୪/୨୧ ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ବଜ୍ରକାପ୍ତାଟିକୁ ଆଠଗଡ ଡିଏଫ୍‌ଓଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଏହା ପଛରେ ଏକ ଅନ୍ତର୍ଜାତୀୟ ର୍‍ୟାକେଟ୍‌ର ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ ସହ ଅଧିକ ଖୋଳତାଡ଼ ଆରମ୍ଭ କରିଛି। ଏସ୍‌ଟିଏଫ୍। ସୂଚନା ଅନୁଯାୟୀ, ବନ୍ୟଜନ୍ତୁ ଚୋରାଚାଲାଣ ରୋକିବାକୁ ଏସ୍‌ଟିଏଫ୍ ପକ୍ଷରୁ ବର୍ଷକ ତଳେ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ କରାଯାଉଛି। ବନ୍ୟ ଜନ୍ତୁ ଚୋରା ଚାଲାଣକାରୀଙ୍କ ଉପରେ ଲଗାତର ନଜର ରଖାଯାଇଛି। ଖବର ପାଇବାମାତ୍ରେ ଯୋଜନାବଦ୍ଧ ଭାବେ ଚଢ଼ାଉ କରି ର୍‍ୟାକେଟକୁ ଧରୁଛନ୍ତି। ଶୁକ୍ରବାର କଟକ ଅଭିମାନପୁର ଅଞ୍ଚଳରେ ଜଣେ ବ୍ୟକ୍ତି ଏକ ଜୀବନ୍ତ ବଜ୍ରକାପ୍ତା ବିକ୍ରି ପାଇଁ ନେଉଥିବା ଖବର ପାଇ ଏସ୍‌ଟିଏଫର ଏକ ଟିମ୍ ସେଠାରେ ଚଢ଼ାଉ କରିଥିଲା। କେଶବଙ୍କୁ ଧରି ତାଙ୍କ ବ୍ୟାଗ୍ ଯାଞ୍ଚ କରାଯିବାରୁ ସେଥିରୁ ଜୀବନ୍ତ ବଜ୍ରକାପ୍ତା ମିଳିଥିଲା। ପରେ ତାଙ୍କୁ ସ୍ଥାନୀୟ ଥାନାକୁ ଆଣି ପଚରାଉଚରା କରାଯାଇଥିଲା। ଉକ୍ତ ବଜ୍ରକାପ୍ତାଟିକୁ ସେ ବିକ୍ରି କରିବାକୁ ଅନ୍ୟଜଣେ ବ୍ୟବସାୟୀଙ୍କୁ ଅପେକ୍ଷା କରିଥିଲେ ବୋଲି କହିଥିଲେ। ସେ ବ୍ୟବସାୟୀ ଜଣକ କିଏ ଓ ବଜ୍ରକାପ୍ତାକୁ କେଉଁଠୁ ଧରିଲ ସେ ସମ୍ପର୍କରେ ଅଭିଯୁକ୍ତ ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ତେବେ ପରେ ତାଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଏସ୍‌ଟିଏଫ୍‌ର ଜଣେ ଅଧିକାରୀ କହିଛନ୍ତି।

### ଦୁର୍ମୂଲ୍ୟ ରକ୍ତ, ମାଂସ, କାତି

ଅନ୍ତର୍ଜାତୀୟ ବଜାରରେ ବଜ୍ରକାପ୍ତାର ରକ୍ତ, ମାଂସ ଓ କାତିର ବହୁତ ଚାହିଦା ରହିଛି। ଏହାର ମାଂସ ସୁସ୍ୱାଦୁ ହୋଇଥିବାବେଳେ କାତି ଓ ରକ୍ତରୁ ଔଷଧ ପ୍ରସ୍ତୁତ କରାଯାଉଛି। ମୁଖ୍ୟତଃ ଚାଇନା, କୋରିଆ ଓ ସିଙ୍ଗାପୁର ଆଦି ଦେଶକୁ ଓଡ଼ିଶାରୁ ବଜ୍ରକାପ୍ତା ଚାଲାଣ କରାଯାଉଥିବା ବିଗତ ଘଟଣାରୁ ଜଣାପଡିଛି। ବଜ୍ରକାପ୍ତା କେଜି ପିଛା ୨ରୁ ୩ଲକ୍ଷ ଟଙ୍କାରେ ବିକ୍ରି କରାଯାଉଥିବା ସୂଚନା ମିଳିଛି। ତେଣୁ ଟଙ୍କା ଲୋଭରେ ସ୍ଥାନୀୟ ଅସାଧୁ ବ୍ୟବସାୟୀ ଜଙ୍ଗଲରୁ ଏହି ବିରଳ ଜନ୍ତୁ ଶିକାର କରି ଚାଲାଣକାରୀଙ୍କୁ ବିକ୍ରି କରି ମୋଟା ଅଙ୍କର ଅର୍ଥ ରୋଜଗାର କରୁଛନ୍ତି।

# କରୋନାରେ ନାଟ୍ୟକାର ବଟରାଜ ଦେବ ଗୋସ୍ୱାମୀ ଓ ସ୍ତ୍ରୀଙ୍କ ଦେହାନ୍ତ

**ପୁରୀ ଅଫିସ, ୧୭।୪**



ବଟରାଜ ଦେବ ଗୋସ୍ୱାମୀ।

ସୁପରିଚିତ ନାଟ୍ୟକାର, ଅଭିନେତା ତଥା ନିର୍ଦ୍ଦେଶକ ବଟରାଜ ଦେବ ଗୋସ୍ୱାମୀ ଓ ତାଙ୍କ ସହଧର୍ମିଣୀ ରାଧାମଣି ଗୋସ୍ୱାମୀଙ୍କର ଶନିବାର କରୋନାରେ ଜୀବନ ଯାଇଛି। ମୃତ୍ୟୁବେଳକୁ ବଟରାଜଙ୍କୁ ୭୩ବର୍ଷ ବୟସ ହୋଇଥିଲା। ଏହି ଦମ୍ପତି କରୋନାରେ ଆକ୍ରାନ୍ତ ହେବା ପରେ କୋଲକାତାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

୧୯୪୮ ମସିହା ଅଗଷ୍ଟ ମାସରେ ପୁରୀ ସହରର ମରିଚିକୋଟ ଲେନ୍‌ସ୍ଥିତ ଗୋସ୍ୱାମୀ ଭବନରେ ବଟରାଜ ଦେବ ଗୋସ୍ୱାମୀ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ୩ ସନ୍ତାନ ଅଛନ୍ତି। ସେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ମଞ୍ଚ ନାଟକରେ ଅଭିନୟ କରିବା ସହ ନିର୍ଦ୍ଦେଶନା ଦେଇଥିଲେ। ତାଙ୍କ ପରଲୋକ ନାଟ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି କହିଛନ୍ତି। ସେହିପରି ଅନେକ କଳାପ୍ରେମୀ ମଧ ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ତାଙ୍କର ଏକମାତ୍ର ପୁଅ ଶମ୍ଭୁନାଥ ଉଭୟ ମାତା ଓ ପିତାଙ୍କର ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି।

# ଝାରପଡ଼ା ସ୍ୱତନ୍ତ୍ର ଜେଲକୁ ଆଇଏସ୍‌ଓ ସାର୍ଟିଫିକେଟ୍

**ଭୁବନେଶ୍ୱର, ୧୭।୪(ବ୍ୟୁରୋ)**




ଝାରପଡା ସ୍ପେଶାଲ ଜେଲକୁ ଆଇଏସ୍‌ଓ (ଇଣ୍ଟରନ୍ୟାଶନାଲ ଅର୍ଗାନାଇଜେଶନ ଫର୍ ଷ୍ଟାଣ୍ଡାର୍ଡାଇଜେଶନ) ୯୦୦୧:୨୦୧୫ ସାର୍ଟିଫିକେଟ୍ ମିଳିଛି। ରାଜ୍ୟର ପ୍ରଥମ ଜେଲଭାବେ ବିକ୍ୟୁସି ଆସେସମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ବର୍ଷକ ପାଇଁ ଏହି ମାନ୍ୟତା ଦିଆଯାଇଛି। କ୍ୱାଲିଟି ମ୍ୟାନେଜମେଣ୍ଟ ସହ ଜେଲରେ ଦକ୍ଷତା ବିକାଶ, କଏଦୀଙ୍କ ମାନସିକ ଚାପ ଦୂର ପାଇଁ ପଦକ୍ଷେପ, କଏଦୀଙ୍କ ବୃତ୍ତିଗତ ଦକ୍ଷତା ବୃଦ୍ଧି, ଜେଲରେ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ, ସ୍ୱଚ୍ଛତା ଓ ପରିଚ୍ଛନ୍ନତା ଲାଗି ଏହି ମାନ୍ୟତା ମିଳିଥିବା ସୁପରିଣ୍ଟେଣ୍ଡେଣ୍ଟ ଧୀରେନ୍ଦ୍ରନାଥ ବାରିକ ସୂଚନା ଦେଇଛନ୍ତି। ଏହା ୨୦୨୧ ଏପ୍ରିଲ ୧୭ରୁ ୨୦୨୨ ଏପ୍ରିଲ ୧୬ ଯାଏ ବୈଧ ରହିବ। ବୈଧତା ସରିବା ପୂର୍ବରୁ ମାର୍ଚ୍ଚ ୧୭ ସୁଦ୍ଧା ସର୍ଭେଲାନ୍ସ ଅଡିଟ କରାଯିବ। ଯଦି ଜେଲ ଉପରୋକ୍ତ କ୍ଷେତ୍ରରେ ପୂର୍ବପରି ଗୁଣବତ୍ତା ବଜାୟ ରଖିଥିବ, ତେବେ ଏହି ମାନ୍ୟତା ବଳବତ୍ତର ରହିବ ବୋଲି ସଂସ୍ଥା ତରଫରୁ କୁହାଯାଇଛି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୨୭ରେ ବିକ୍ୟୁସି ଆସେସ୍‌ମେଣ୍ଟ ସଂସ୍ଥା ତରଫରୁ ୩ ଜଣିଆ ଟିମ ଝାରପଡା ସ୍ପେଶାଲ ଜେଲ ପରିଦର୍ଶନ କରି ପରିଚାଳନାଠାରୁ ଆରମ୍ଭ କରି କଏଦୀଙ୍କ କାର୍ଯ୍ୟ, ଖାଦ୍ୟ, ରହିବା ଆଦି ଯାଞ୍ଚ କରିଥିଲେ।




କରୋନା ସଂକ୍ରମଣ ପ୍ରତି କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବା ଦାବିରେ ଛାତ୍ରୀଛାତ୍ରମାନେ ସିଡିଏସ୍ଥିତ ଇପ୍‌ସାର ଶିକ୍ଷାନୁଷ୍ଠାନ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସରେ ରକ୍ତଦାନ ଶିବିର



ବିଜୁ ଯୁବ-ଛାତ୍ର ଜନତା ଦଳ କାର୍ଯ୍ୟାଳୟରେ ଅନୁଷ୍ଠିତ ରକ୍ତଦାନ ଶିବିର।

**ଭୁବନେଶ୍ୱର, ୧୭।୪ (ବ୍ୟୁରୋ)**

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଶନିବାର ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ପକ୍ଷରୁ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ଆନୁକୂଲ୍ୟରେ ଶନିବାର ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ୟୁନିଟ୍-୬ସ୍ଥିତ ବିଜୁ ଯୁବ-ଛାତ୍ର ଜନତା ଦଳ କାର୍ଯ୍ୟାଳୟଠାରେ ବିସିଜେଡିର ଖୋର୍ଦ୍ଧା ଜିଲା ସଭାପତି ବିଶ୍ୱଦୀପ୍ ପ୍ରଧାନଙ୍କ ନେତୃତ୍ୱରେ ଶିବିରରେ ମୋଟ ୭୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ଯୁବ ବ୍ୟାପାର ପ୍ରଣବ ବଳବନ୍ତରାୟ, ଖୋର୍ଦ୍ଧା ଜିଲା ସଭାପତି ବିଭୂତି ବଳବନ୍ତରାୟ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ପାତ୍ର, ବିଜେଡି ରାଜ୍ୟ ସମ୍ପାଦକ ଅମରେଶ ଜେନା, ମୀରା ପରିଡ଼ା, ଦୁର୍ଗା ସାମନ୍ତରାୟ, ରାଜ୍ୟ ସମ୍ପାଦକ ଛାତ୍ର ବ୍ୟାପାର ମନ୍ଦାକିନୀ କର, ଅମରଜିତ୍ ସେନାପତି, ଓଡ଼ିଶା ମୋ ପରିବାରର ସଂଯୋଜକ ରୁଦ୍ର ସାମନ୍ତରାୟ ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିସିଜେଡିର ଭୁବନେଶ୍ୱର ଜୋନ୍ ସଭାପତି ଭଗବାନ ସାହୁ, ରାଜ୍ୟ ଉପସଭାପତି ପ୍ରଦୋଷ ପରିଡ଼ା, ଅପୂର୍ବ ଅପରୂପା, ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ ପାଲଟାସିଂ, ମିକୁ ପ୍ରଧାନ, ଦେବସ୍ମିତା ଦାସ, ରାଜ୍ୟ ସମ୍ପାଦକ ଶୁଚିସ୍ମିତା ବେହେରା, ଚିନ୍ମୟୀ ଜେନା, ଦେବୀ ପ୍ରସାଦ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# କଂଗ୍ରେସ ଛାଡ଼ିଲେ ପୁରୀ ଜିଲା କିଷାନ୍ ସଭାପତି

## ଦଳର ଦୁର୍ବଳ ସ୍ଥିତି ପାଇଁ ପିସିସି ସଭାପତିଙ୍କୁ ଦୋଷ ଦେଲେ

**ପିପିଲି, ୧୭।୪: (ସ୍ୱ.ପ୍ର.)**

ପୁରୀ ଜିଲା କଂଗ୍ରେସ କିଷାନ କମିଟି ସଭାପତି ମକର ପ୍ରଧାନ ଶନିବାର ଦଳରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ରକୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ତେବେ ପିପିଲି ନିର୍ବାଚନମଣ୍ଡଳୀରେ ନିରଞ୍ଜନଙ୍କ ପାଇଁ କଂଗ୍ରେସ ଦୁର୍ବଳ ହୋଇଛି ବୋଲି ସେ ଅଭିଯୋଗ ଆଣିବା ସହ ଏହି କାରଣରୁ ଇସ୍ତଫା ଦେଇଥିବା ଏଠାରେ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ପ୍ରଧାନ କହିଛନ୍ତି ଯେ, ୨୦୧୯ ସାଧାରଣ ନିର୍ବାଚନବେଳେ ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟଙ୍କୁ ଦଳ ପକ୍ଷରୁ ଶେଷ ମୁହୂର୍ତ୍ତରେ ଟିକେଟ ଦିଆଯାଇଥିଲା। ଏହି ଘଟଣାରୁ ସ୍ପଷ୍ଟ ହେଉଛି ଯେ, ଦଳ ଓ ସଙ୍ଗଠନକୁ ପିସିସି ସଭାପତି ଅଣଦେଖା କରିଛନ୍ତି। ଏଥିସହ ଭଦ୍ରକ ଜିଲାର ଭଣ୍ଡାରିପୋଖରୀ ବିଧାନସଭା ଆସନକୁ ନିଜ ହାତକୁ ନେଇ ସତ୍ୟ ପ୍ରକାଶ ନାୟକଙ୍କୁ ପୁରୀ ଲୋକସଭା ପ୍ରାର୍ଥୀ ଭାବେ ଥଇଥାନ କରିବା ଲାଗି ଚକ୍ରାନ୍ତ କରିଛନ୍ତି। ଏ ପ୍ରକାର ମନୋଭାବକୁ ଦଳୀୟ କର୍ମୀ ଭୁଲି ପାରିବେନି। ଏଭଳି ଦ୍ୱନ୍ଦ୍ୱାତ୍ମକ ନିଷ୍ପତ୍ତି ଓ ପିପିଲି ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ସ୍ୱର୍ଗତ ଅଜିତ ମଙ୍ଗରାଜଙ୍କୁ ବିଳମ୍ବରେ ଟିକେଟ ଦିଆଯିବା ଘଟଣା ପାଇଁ କଂଗ୍ରେସ ଖରାପ ସ୍ଥିତି ଆଡ଼କୁ ଗତି କରୁଛି। ଦଳ ବିରୋଧୀଙ୍କୁ ଗୁରୁତ୍ୱ ଦିଆଯାଇ ଦଳୀୟ କର୍ମୀଙ୍କୁ ଅଣଦେଖା କରାଯାଉଛି ବୋଲି ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ତାଙ୍କର ଶତାଧିକ ସମର୍ଥକ ଖୁବ୍‌ଶୀଘ୍ର କଂଗ୍ରେସରୁ ଇସ୍ତଫା ଦେବେ ବୋଲି ପ୍ରଧାନ ସୂଚନା ଦେଇଛନ୍ତି। ତେବେ ତାଙ୍କର ଆଗାମୀ ରାଜନୈତିକ କ୍ୟାରିୟର ସମ୍ପର୍କରେ ସେ କିଛି ସ୍ପଷ୍ଟ କରିନାହାନ୍ତି। ଅନ୍ୟପକ୍ଷରେ ପ୍ରଧାନ ଆଣିଥିବା ଅଭିଯୋଗ ନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।



ମକର ପ୍ରଧାନ

# ଛାତ୍ରୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ, ଯୁବକ ଗିରଫ

**ଗୋପ,୧୭।୪(ଡି.ଏନ୍.ଏ.)**

ଗୋପ ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ସନ୍ତୋଷ ଓଝା। କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, କିଛି ଦିନ ପୂର୍ବେ ଅଭିଯୁକ୍ତ ସନ୍ତୋଷ ଛାତ୍ରୀଙ୍କ ଫଟୋ ସୋସିଆଲ ମିଡିଆରେ ଅପଲୋଡ କରିବା ପରେ ଆଉ ଜଣେ ଯୁବକଙ୍କ ଦ୍ୱାରା ଛାତ୍ରୀଙ୍କ ଫଟୋକୁ ଅଶ୍ଳୀଳ ଭିଡିଓ କରି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏହି ଘଟଣା ଜାଣିବା ପରେ ଛାତ୍ରୀଙ୍କ ପରିବାର ଲୋକେ ଅଭିଯୁକ୍ତଙ୍କ ବାପାଙ୍କୁ ଜଣାଇବା ପରେ ପାଟିତୁଣ୍ଡ ହୋଇଥିଲା। ଶନିବାର ଛାତ୍ରୀଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ସନ୍ତୋଷଙ୍କୁ ଗିରଫ କରିଥିଲା।

# ୧୪୬ ଡିଏସ୍‌ପିଙ୍କୁ ନୂଆ ନିଯୁକ୍ତି, ୧୨ଜଣଙ୍କୁ ବଦଳି

**ଭୁବନେଶ୍ୱର,୧୭।୪(ବ୍ୟୁରୋ)**

ଓଡିଶା ପୋଲିସର ୧୪୬ଜଣ ଡିଏସ୍‌ପିଙ୍କୁ ନୂଆ ନିଯୁକ୍ତି ପ୍ରଦାନ କରାଯାଇଛି। ଏଥିସହିତ ୧୨ଜଣ ଡିଏସ୍‌ପିଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଜାନୁୟାରୀ ୨୯ରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ୩୦୧ ଇନ୍ସପେକ୍ଟରଙ୍କୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ପୂର୍ବରୁ କେତେଜଣଙ୍କୁ ଡିଏସ୍‌ପି ଭାବେ ନୂଆ ଦାୟିତ୍ୱ ମିଳିସାରିଥିବାବେଳେ ଶନିବାର ଅନ୍ୟ ୧୪୬ ଡିଏସ୍‌ପିଙ୍କୁ ବଦଳି କରାଯାଇ ନୂତନ ସ୍ଥାନରେ ନିଯୁକ୍ତି ଦିଆଯାଇଛି। ରାଜ୍ୟ ପୋଲିସ ମୁଖ୍ୟାଳୟରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଓପିଟିସିଏଲ୍ ସର୍ଭିସ ମାନୁଆଲକୁ ବିରୋଧ

**ଭୁବନେଶ୍ୱର, ୧୭।୪ (ବ୍ୟୁରୋ)**

ଓପିଟିସିଏଲ୍ ବିଦ୍ୟୁତ୍ କର୍ମଚାରୀଙ୍କ ନୂଆ ସର୍ଭିସ ମାନୁଆଲକୁ ଏକତା ମଞ୍ଚ ତୀବ୍ର ବିରୋଧ କରିଛି। ଏହାକୁ ତର୍ଜମା ପରେ ମଞ୍ଚ କହିଛି, ଏହା ସଂପୂର୍ଣ୍ଣରୂପେ ବିଦ୍ୟୁତ୍ ଶ୍ରମିକଙ୍କ ବିରୋଧୀ। ଏଥିରେ ଥିବା ନିୟମର ବ୍ୟାପକ ପରିବର୍ତ୍ତନ କରାଯାଇଛି। ଲେବର କମିଶନଙ୍କ ସହ ଆଲୋଚନା କରା ନ ଯାଇ ଏହା ପ୍ରସ୍ତୁତ କରାଯାଇଥିବା ମଞ୍ଚ ଅଭିଯୋଗ କରିଛି। ଏହାକୁ ପ୍ରତ୍ୟାହାର କରା ନ ଗଲେ ଆଗାମୀ ଦିନରେ ଅନ୍ଦୋଳନ କରାଯିବ ବୋଲି ସଭାପତି ପ୍ରଶାନ୍ତ କୁମାର ମହାପାତ୍ର ପ୍ରକାଶ କରିଛନ୍ତି।

# ଶକ୍ତି ବିଭାଗ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ

**ଭୁବନେଶ୍ୱର, ୧୭।୪(ବ୍ୟୁରୋ)**

ଶକ୍ତି ବିଭାଗର ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର। ଶନିବାର ଗ୍ରୀଡ୍‌କୋ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଅଧ୍ୟକ୍ଷତା କରିବା ସହ ବିଭାଗରେ '୫-ଟି' ଓ 'ମୋ ସରକାର' ପ୍ରୟାସର କାର୍ଯ୍ୟାନ୍ୱୟନ, ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ଓ ଗ୍ରାମ୍ୟ ବିଦ୍ୟୁତୀକରଣ ଯୋଜନାଗୁଡ଼ିକର ନିର୍ଦ୍ଧାରିତ ଅବଧି ମଧ୍ୟରେ ଶେଷ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ଦୂରଦୂରାନ୍ତ ତଥା ଉପାନ୍ତ ଅଞ୍ଚଳର ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ପାଖରେ ଗୁଣାତ୍ମକ ବିଦ୍ୟୁତ ସେବା ଉପଲବ୍ଧ କରାଇବା ବିଭାଗର ସମସ୍ତ କର୍ମଚାରୀଙ୍କ ଉତ୍ତରଦାୟିତ୍ୱ। ସରକାର ତାଙ୍କ ନିର୍ବାଚନ ଇସ୍ତାହାରରେ ଦେଇଥିବା ଏହି ପ୍ରତିଶ୍ରୁତି ପରିପାଳନ ପାଇଁ ବିଭାଗ ବଦ୍ଧପରିକର ବୋଲି ସେ କହିଥିଲେ। ବିଭାଗର ପ୍ରମୁଖ ଶାସନ ସଚିବ ତଥା ଗ୍ରୀଡ୍‌କୋ- ଓପିଟିସିଏଲର ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଧଳ ବିଭିନ୍ନ ବିଦ୍ୟୁତୀକରଣ ଯୋଜନାର ଅଗ୍ରଗତି ଓ ଭବିଷ୍ୟତ ଯୋଜନାର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା ଓ ଓପିଟିସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ସିଂ, ସମସ୍ତ ନିର୍ଦ୍ଦେଶକ ତଥା ୪ ପରିବଣ୍ଟନ କମ୍ପାନୀର ମୁଖ୍ୟ ନିର୍ବାହୀ ଅଧିକାରୀ ଭିଡିଓ କନ୍‌ଫରେନ୍ସରେ ଯୋଗଦେଇ ଭବିଷ୍ୟତ କାର୍ଯ୍ୟ ପରିକଳ୍ପନା ସମ୍ବଳିତ ବିଭିନ୍ନ ପ୍ରସ୍ତାବଗୁଡ଼ିକ ଉପସ୍ଥାପନ କରିଥିଲେ।



ବୈଠକରେ ଉପସ୍ଥିତ ମନ୍ତ୍ରୀ ଓ ଅଧିକାରୀମାନେ।

## ସଂକ୍ଷେପରେ

### ଋଣଭାର ଚାପରେ ଜୀବନ ହାରିଲେ ବୃଦ୍ଧ

ପଦ୍ମପୁର, ୧୭।୪(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କିସ୍ମତକୃଷ୍ଣପୁର ଗାଁର ବଳରାମ ନାୟକ ନାମକ ଜଣେ ବୃଦ୍ଧ ଶନିବାର ପୂର୍ବାହ୍ନରେ ନିଜ ଘରେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ଗତ କିଛିଦିନ ହେଲା ସେ ଋଣଭାରରେ ମାନସିକ ସ୍ତରରେ ଚାପଗ୍ରସ୍ତ ରହୁଥିଲେ। ଏହାକୁ ନେଇ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ କହିଛନ୍ତି। ଖବର ପାଇ ନାୟକାଣିଡିହୀ ଥାନା ଏସ୍ଆଇ ନିରୋଦ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୭/୨୧) ରୁଜୁ କରାଯାଇଛି।

### ଗାଇଡ୍‌ଲାଇନ୍ ନ ମାନିଲେ ଦୋକାନ ସିଲ୍

ଖୋର୍ଦ୍ଧା ଅଫିସ,୧୭।୪: ଖୋର୍ଦ୍ଧା ପୌର ପ୍ରଶାସନ ଏବଂ ଟାଉନ ପୋଲିସ ମିଳିତ ଭାବେ ଶନିବାର ପୂର୍ବାହ୍ନରେ ଖୋର୍ଦ୍ଧା ସହରର ବିଭିନ୍ନ ଦୋକାନ, ହୋଟେଲ, ଶପିଂ ମଲ୍, ମାଛ ମାର୍କେଟ, ପରିବା ବଜାର ଉପରେ ଚଢ଼ାଉ କରି କୋଭିଡ ଗାଇଡ୍‌ଲାଇନ ପାଳନ ଲାଗି ତାଗିଦ୍ କରିଥିଲେ। ଜଣେ ପରିବା ବେପାରୀ ଅନ୍ୟ ଜଣଙ୍କଠାରୁ ୨ମିଟର ଦୂରତା ରଖି ବସିବାକୁ କହିଥିଲେ। ଦୋକାନ ଆଗରେ ଗ୍ରାହକ ଅଯଥା ଗହଳି କରିବେ ନାହିଁ। ବିନା ମାସ୍କରେ ଆସୁଥିବା ଗ୍ରାହକଙ୍କୁ ପରିବା, ସଉଦା ଦେବେ ନାହିଁ। ଦୋକାନ ଆଗରେ ଗୋଲାକାର ବୃତ୍ତ କରିବା ସହ ସାନିଟାଇଜ ବ୍ୟବସ୍ଥା କରିବେ। କୋଭିଡ୍ ଗାଇଡ୍‌ଲାଇନକୁ ଉଲ୍ଲଂଘନ କଲେ ଦୋକାନ ସିଲ୍ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସମବାୟ ଛକସ୍ଥିତ ପଞ୍ଚମୁଖୀ ପରିବା ବଜାର ସଂଘ ଏବଂ ଲକ୍ଷ୍ମୀ ମାର୍କେଟ ସଂଘ ସହ ଅଧିକାରୀମାନେ ଆଲୋଚନା କରିଥିଲେ। ଦିନେ ଛଡ଼ା ଦିନେ ଉଭୟ ସଂଘ ପରିବା ଦୋକାନ ଖୋଲିବେ। ବଜାର ମଧରେ କୋଭିଡ୍ ସଚେତନତା ପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଛି। ରାସ୍ତା ଉପରେ ପରିବା ରଖି ବେପାର କଲେ ଦୋକାନ ବନ୍ଦ କରିଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ପୂର୍ବ ପରି ଫୁଟ୍‌ପାଥରେ ବ୍ୟବସାୟ କରୁଥିବା ପରିବା ଓ ଫଳ ବେପାରୀଙ୍କୁ ହାବେଳି ପଡ଼ିଆକୁ ସ୍ଥାନାନ୍ତର କରାଯିବ।

# ସିଦ୍ଧେଶ୍ୱର ମନ୍ଦିର ନିକଟରୁ ପୁଣି ଶିବଲିଙ୍ଗ ଉଦ୍ଧାର

ଯାଜପୁର ଟାଉନ,୧୭।୪(ଡି.ଏନ.ଏ.)

ଯାଜପୁର ଜିଲା ଅନ୍ତର୍ଗତ ବୈତରଣୀ ନଦୀ ଅବବାହିକାର ସିଦ୍ଧେଶ୍ୱର ଘାଟରୁ ଶନିବାର ପୁଣି ୫ଫୁଟ ଲମ୍ବର ଏକ ମୁଗୁନିପଥର ନିର୍ମିତ ଶିବଲିଙ୍ଗ ଉଦ୍ଧାର କରାଯାଇଛି। ଉଦ୍ଧାର ଶିବଲିଙ୍ଗଙ୍କୁ ସ୍ଥାନୀୟ ଲୋକେ ସିଦ୍ଧେଶ୍ୱର ମନ୍ଦିରରେ ରଖି ପୂଜାର୍ଚ୍ଚନା କରୁଛନ୍ତି। ବାଲି ଉତ୍ତୋଳନ ବେଳେ ମାର୍ଚ୍ଚ ୧୧ରେ ପ୍ରଥମେ ସିଦ୍ଧେଶ୍ୱର ମନ୍ଦିର ନିକଟରୁ ଶିବଲିଙ୍ଗ ସହ ୨ଟି ଅମୁହାଁ ମନ୍ଦିର ଉଦ୍ଧାର ହୋଇଥିଲା। ମାର୍ଚ୍ଚ ୨୩ରେ ଦେବୀଗଡ଼ା ଘାଟରୁ ମୁଗୁନି ପଥରର ବାସୁଆ ବଳଦ, ଲକ୍ଷ୍ମୀ ମୂର୍ତ୍ତି, ଶିବଲିଙ୍ଗ ଓ ଭଗ୍ନ ଦେବୀମୂର୍ତ୍ତି ଉଦ୍ଧାର ହୋଇଥିବା ବେଳେ ଗତ ଶୁକ୍ରବାର ପୁଣି ଦେବୀଗଡ଼ା ଘାଟରୁ ପ୍ରାଚୀନ ନାରାୟଣ ମୂର୍ତ୍ତି ଓ ପ୍ରାଚୀନ କୀର୍ତ୍ତି ଥିବା ପଥରମାନ ଉଦ୍ଧାର କରାଯାଇଥିଲା। ତେବେ ବୈତରଣୀ ନଦୀରୁ ଏତେ ମାତ୍ରାର ପ୍ରାଚୀନ କୀର୍ତ୍ତି ଓ ପ୍ରାଚୀନ ମୂର୍ତ୍ତି ଉଦ୍ଧାର ହେଉଥିବାରୁ ସେଗୁଡ଼ିକର ରକ୍ଷଣାବେକ୍ଷଣା କରିବାକୁ ସ୍ଥାନୀୟ ଲୋକେ ଦାବି କରି ଆସୁଛନ୍ତି। ମାତ୍ର ଆଜି ପର୍ଯ୍ୟନ୍ତ ପ୍ରତ୍ନତତ୍ତ୍ୱ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର କହିଛନ୍ତି, ମୂର୍ତ୍ତି ଉଦ୍ଧାର ସମ୍ପର୍କରେ ପ୍ରତ୍ନତତ୍ତ୍ୱ ଓ ଦେବୋତ୍ତର ବିଭାଗକୁ ଚିଠି ଲେଖାଯାଇଛି। ଖୁବ୍‌ଶୀଘ୍ର ପ୍ରତ୍ନତତ୍ତ୍ୱ ବିଭାଗର ଏକ ଟିମ୍ ଆସି ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ।


ଉଦ୍ଧାର ଶିବଲିଙ୍ଗ


ଶନିବାର ରାତି ୯ଟାରୁ ପୁରୀ ସହରରେ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ ହେବା ପରେ ଶ୍ରୀମନ୍ଦିର ଭକ୍ତଶୂନ୍ୟ ହୋଇଯାଇଛି।

# ଖଇରାରେ ପଜିଟିଭ, ମାର୍କୋଣାରେ ନେଗେଟିଭ

ଖଇରା, ୧୭।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକରେ କରୋନା ପରୀକ୍ଷାକୁ ନେଇ ଲୋକଙ୍କ ମନରେ ସଂଶୟ ଦେଖାଦେଇଛି। ଗୋଟେ ପରୀକ୍ଷାରେ ପଜିଟିଭ ବାହାରୁଥିବା ବେଳେ ଅନ୍ୟ ସ୍ଥାନରେ କରାଯାଉଥିବା ପରୀକ୍ଷାରେ ନେଗେଟିଭ ବାହାରୁଥିବାରୁ ଲୋକେ ଦ୍ୱନ୍ଦ୍ୱରେ ରହୁଛନ୍ତି। ମାଖନପୁର ଗ୍ରାମରେ ଏଭଳି ଘଟଣା ଦେଖିବାକୁ ମିଳିଛି। ୧୪ତାରିଖରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରାଯାଇଥିବା ପରୀକ୍ଷାରେ ଏହି ଗ୍ରାମର ୧୭ଜଣଙ୍କଠାରେ କରୋନା ଭୁତାଣୁ ଥିବା ଚିହ୍ନଟ କରାଯାଇଥିଲା । ପରେ ସେମାନଙ୍କର ସନ୍ଦେହ ହେବାରୁ ପ୍ରଦୀପ କୁମାର ବାରିକ, ଶ୍ୟାମସୁନ୍ଦର ଦାସ, ବିଜୟ ବେହେରା, ମଧୁସୂଦନ ଦଳେଇ, ନାରାୟଣ ରାଉତ ପୁନଶ୍ଚ ୧୬ତାରିଖରେ ମାର୍କୋଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ପୁନଶ୍ଚ ପରୀକ୍ଷା କରାଇଥିଲେ। ପରୀକ୍ଷା ରିପୋର୍ଟ ନେଗେଟିଭ ଆସିଥିଲା। ଏ ସମ୍ପର୍କରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ପ୍ରଭାକର ମିଶ୍ରଙ୍କୁ ଯୋଗାଯୋଗ କରିବାରେ ଆଣ୍ଟିଜେନ ଟେଷ୍ଟରେ ନେଗେଟିଭ ବାହାରିଲେ ମଧ୍ୟ ଆର୍‌ଟି-ପିସିଆର ଟେଷ୍ଟରେ ପଜିଟିଭ ବାହାରିବାର ସମ୍ଭାବନା ରହିଛି।

# ଅଣସେବାୟତଙ୍କ ପ୍ରବେଶ ବଢ଼ାଇପାରେ ସଂକ୍ରମଣ

ପୁରୀ ଅଫିସ,୧୭।୪

ଶ୍ରୀମନ୍ଦିରରେ ଅଣସେବାୟତମାନଙ୍କ ଅବାଧ ପ୍ରବେଶ ଯୋଗୁ କରୋନା ସଂକ୍ରମଣ ବଢିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। କେତେଜଣ ଶ୍ରୀମନ୍ଦିର ସେବାୟତ ଏଭଳି ଆଶଙ୍କା ବ୍ୟକ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେବାୟତ ଲକ୍ଷ୍ମୀନାରାୟଣ ଦାଶ କହିଛନ୍ତି ଯେ, ଯାତ୍ରୀ ସେବାୟତମାନେ ଯାତ୍ରୀଙ୍କ ସୁବିଧା ପାଇଁ ଯାତ୍ରୀ ଗୁମାସ୍ତା କାମ କରି ପରିବାର ପ୍ରତିପୋଷଣ କରିଥାନ୍ତି। ମାତ୍ର ଗତ କିଛି ଦିନ ହେବ କେତେଜଣ ଅଣସେବାୟତ ଶ୍ରୀମନ୍ଦିର ମୁଖ୍ୟ ବ୍ୟାରିକେଡ୍ ପାଖରେ ରହି ଯାତ୍ରୀଙ୍କୁ ଶ୍ରୀମନ୍ଦିର ଭିତରକୁ ନେଇଯାଉଛନ୍ତି। ସମ୍ପୃକ୍ତ ଅଣସେବାୟତମାନଙ୍କୁ ଏଥିରୁ ବିରତ ରହିବାକୁ କୁହାଗଲେ ଓଲଟା ଧମକଚମକ ମିଳୁଛି। ସେମାନେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ପ୍ରଦତ୍ତ ଏକ ପରିଚୟ ପତ୍ର ସାଙ୍ଗରେ ରଖିଛନ୍ତି। ଉକ୍ତ ପରିଚୟପତ୍ର ନକଲି ବୋଲି ସେବାୟତମାନେ ଅଭିଯୋଗ କରିଛନ୍ତି। ସେହିଭଳି ଶ୍ରୀମନ୍ଦିର ସହ ସମ୍ପୃକ୍ତ ସେବାୟତ ଓ କର୍ମଚାରୀଙ୍କର ସଂକ୍ରମଣ ସଂଖ୍ୟା ୩୦ ଛୁଇଁ ସାରିଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ କୋଭିଡ୍ କଟକଣାକୁ ନେଇ ସଜାଗ ଥିବା ଦାବି କରୁଛି। ମାତ୍ର ଏଠାରେ ପ୍ରଶ୍ନ ଉଠୁଛି ଯେ, ନକଲି ପରିଚୟପତ୍ର ଧରି ଅଣସେବାୟତମାନେ ବିନା ଟେଷ୍ଟିଂ ଓ ଭ୍ୟାକ୍ସିନେଶନରେ ଶ୍ରୀମନ୍ଦିରରେ ପ୍ରବେଶ କରୁଥିବାବେଳେ ପ୍ରଶାସନ କାହିଁକି ଚୁପ୍ ବସିଛି। ଅନ୍ୟପକ୍ଷରେ ସେବାୟତମାନେ ଅଣସେବାୟତମାନଙ୍କୁ ଶ୍ରୀମନ୍ଦିର ପ୍ରବେଶ ରୋକିବା ପାଇଁ ସିଂହଦ୍ୱାର ଥାନାରେ ମାମଲା ଦେବା ସହ ଏ ନେଇ ଏସ୍‌ପିଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି ଯେ, ଶ୍ରୀମନ୍ଦିର ପାଖରେ ଥିବା ଆଉଟ୍ ପୋଷ୍ଟରେ ପୋଲିସ ଅଧିକାରୀମାନେ ଉପସ୍ଥିତ ରହୁଛନ୍ତି। ସେବାୟତମାନେ କୌଣସି ଅଣସେବାୟତଙ୍କୁ ଚିହ୍ନଟ କରି ଜଣାଇଲେ ପୋଲିସ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିଭଳି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଅଣସେବାୟତଙ୍କୁ ଚିହ୍ନଟ କରିବା ପାଇଁ ଖୁବ୍‌ଶୀଘ୍ର ପ୍ରକ୍ରିୟା ଆରମ୍ଭ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷରେ ସାଧାରଣରେ ଅଣସେବାୟତ ପ୍ରବେଶକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଶ୍ରୀମନ୍ଦିର ସହ ସମ୍ପୃକ୍ତ ଲୋକଙ୍କ ମଧ୍ୟରେ ସଂକ୍ରମଣ ବ୍ୟାପୁଥିବାରୁ ପ୍ରଶାସନ ପକ୍ଷରୁ ସମସ୍ତ ସେବାୟତଙ୍କର କୋଭିଡ୍ ଟେଷ୍ଟ ଓ ଭ୍ୟାକ୍ସିନେଶନ୍ କାର୍ଯ୍ୟକ୍ରମ ଚାଲୁ ରହିଛି।

# ସରକାରୀ ଫଡି ନିକଟରେ ବେସରକାରୀଙ୍କ ଭିଡ଼

ମାଲକାନଗିରି,୧୭।୪(ଡି.ଏନ୍.ଏ.)

## କେନ୍ଦୁପତ୍ର ସଂଗ୍ରହ

ମାଲକାନଗିରି ଜିଲାରେ କେନ୍ଦୁପତ୍ର ଆଦିବାସୀଙ୍କୁ ରୋଜଗାର ଦେଉଛି। ସେମାନେ କେନ୍ଦୁପତ୍ର ସଂଗ୍ରହ ନେଇ ସରକାର କେତେକ କ୍ଷେତ୍ରରେ କୋହଳ କରିଛନ୍ତି। ବାହାରର ବ୍ୟବସାୟୀମାନେ ସେମାନଙ୍କଠାରୁ କେନ୍ଦୁପତ୍ର କିଣିବା ଲାଗି ଜିଲାର ବିଭିନ୍ନ ସ୍ଥାନରେ ଭିଡ ଜମାଇଛନ୍ତି। ଚଳିତ ବର୍ଷ ମଧ କେନ୍ଦୁପତ୍ର ଉତ୍ପାଦନ ଅଧିକ ପରିମାଣରେ ହୋଇଛି। ଖବରରୁ ଜଣାପଡିଛି ଚଳିତବର୍ଷ କୋରୁକୋଣ୍ଡା ଓ ଚିତ୍ରକୋଣ୍ଡା ବ୍ଲକକୁ ବାଦ ଦେଲେ ଜିଲାର କାଲିମେଳା ବ୍ଲକରେ ୬୧, ଖଇରପୁଟ ବ୍ଲକରେ ୨୨, ପଡିଆ ବ୍ଲକରେ ୨୪, ମାଲକାନଗିରି ବ୍ଲକରେ ୨୪, ମାଥିଲି ବ୍ଲକରେ ୩୩ ଜଣ କେନ୍ଦୁପତ୍ର ସଂଗ୍ରହ ଲାଗି ପଞ୍ଜୀକରଣ କରିଛନ୍ତି। ଯେଉଁ ଅଞ୍ଚଳ ପାଇଁ ସେମାନେ ପଞ୍ଜୀକୃତ କରିଛନ୍ତି ସେହି ଅଞ୍ଚଳରୁ ପତ୍ର ସଂଗ୍ରହ ନ କରି କେନ୍ଦୁପତ୍ର ଭଲ ହୋଇଥିବା ଅଞ୍ଚଳରୁ ପତ୍ର ସଂଗ୍ରହ କରୁଛନ୍ତି। ବିନା ଲାଇସେନ୍ସରେ କୌଣସି ବ୍ୟକ୍ତି ପଞ୍ଚାୟତ ଅଞ୍ଚଳରେ କେନ୍ଦୁପତ୍ର ସଂଗ୍ରହ କଲେ ଏଥିପାଇଁ ସମ୍ପୃକ୍ତ ଅଞ୍ଚଳର ସରପଞ୍ଚ, ପଞ୍ଚାୟତ ଅଧିକାରୀ ଓ ବ୍ଲକ ଜିପିଓ ଦାୟୀ ରହିବା ନିୟମ ରହିଛି। ଏଥିସହ କେନ୍ଦୁପତ୍ର ତୋଳାଳିମାନେ ଯେପରି ସେମାନଙ୍କର ଉପଯୁକ୍ତ ପ୍ରାପ୍ୟ ପାଇବେ, କୋଭିଡ୍ ନିୟମ ଅନୁଯାୟୀ ପତ୍ର ସଂଗ୍ରହ, ଗୋଦାମରେ ରହିବା, ଗୋଦାମଗୁଡିକରେ ଗଚ୍ଛିତ ପତ୍ରର ସଠିକ୍ ବିବରଣୀ ଲିପିବଦ୍ଧ ହେବା ନେଇ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ କୋରୁକୋଣ୍ଡା ଓ ଚିତ୍ରକୋଣ୍ଡା ବ୍ଲକରେ କୌଣସି ବେସରକାରୀ ସଂସ୍ଥା ପଞ୍ଚାୟତରେ ଏଯାଏ ପଞ୍ଜୀକରଣ କରିନାହାନ୍ତି। ସମ୍ପୃକ୍ତ ଅଞ୍ଚଳରେ ବାହାର ଠିକାଦାରମାନେ କେନ୍ଦୁପତ୍ର ସଂଗ୍ରହ କରୁଥିବା ଅଭିଯୋଗ ହେଉଛି। କେନ୍ଦୁପତ୍ର ବିଭାଗ ପକ୍ଷରୁ ଜିଲାର ୬ଟି କେନ୍ଦୁପତ୍ର ରେଞ୍ଜ ଅଧୀନରେ ୭୮୦ରୁ ଉର୍ଦ୍ଧ୍ୱ ଫଡିରେ ପତ୍ର ସଂଗ୍ରହ କରାଯାଉଥିଲେ ମଧ ସେହି ସବୁ ଫଡି ନିକଟରେ ବାହାର ଅଞ୍ଚଳରୁ ଆସିଥିବା ବ୍ୟକ୍ତି ଫଡି କରିଛନ୍ତି। ଜିଲା ପ୍ରଶାସନ ଏବଂ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

## ପ୍ରଥମ ପୃଷ୍ଠାରୁ...

### ଖୋଲା ବଜାରରେ ...

ରାଜନୀତି ଆରମ୍ଭ ହୋଇଛି। ଟିକା ଅଭାବ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଚିଠି ଲେଖିବା ପରେ ଉଭୟ ଭାଜପା ଓ କଂଗ୍ରେସ ସରକାରଙ୍କୁ ଘେରିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଚିଠି ନ ଲେଖି ସିଧାସଳଖ କଥାବାର୍ତ୍ତା ହୋଇ ଟିକା ଅଭାବ ସମସ୍ୟା ଦୂର କରନ୍ତୁ ବୋଲି କଂଗ୍ରେସ ବିଧାୟକ ସୁରେଶ ରାଉତରାୟ କହିଛନ୍ତି। ସେହିପରି ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, କରୋନା ମୁକାବିଲା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟ କରିବା ଉଚିତ। ବର୍ତ୍ତମାନ ସମୟରେ କାହା ଉପରେ ଦୋଷ ଲଦାଲଦି କରି ରାଜନୀତି ନ କରିବାକୁ ଅପରାଜିତା କହିଛନ୍ତି।

### ଗାଇଡ୍‌ଲାଇନ୍‌ରେ ଚାଲିବ ...

ରହିବ ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ଏପରି କି ଏହି ସମୟରେ ସମସ୍ତ ହସ୍ପିଟାଲ, କ୍ଲିନିକ, ଔଷଧ ଦୋକାନ ଆମ୍ବୁଲାନ୍ସ ସେବା ଜାରି ରହିଛି। ଏଥିସହ ଜିଲା ଏବଂ ମ୍ୟୁନିସିପାଲିଟି କାର୍ଯ୍ୟାଳୟ, ପୋଲିସ, ଅଗ୍ନିଶମ ବିଭାଗ ଖୋଲା ରହିବ।

ଅପରପକ୍ଷରେ ରାତିରେ ଗମନାଗମନ ସ୍ଥିତିକୁ ଦେଖି କମିଶନରେଟ ପୋଲିସ ମଧ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଟୁଇନ୍ ସିଟି କଟକ ଓ ଭୁବନେଶ୍ୱରରେ ରାତ୍ରି କର୍ଫ୍ୟୁ ସହ ୧୪୪ ଧାରା ଜାରି କରାଯାଇଛି। ଶନିବାର ଅପରାହ୍ନରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏନେଇ ଘୋଷଣା କରି କହିଛନ୍ତି ଯେ, କଟକଣାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ଆମ ଦାୟିତ୍ୱ। ଜନସାଧାରଣ ରାତ୍ରି କର୍ଫ୍ୟୁକୁ ମାନନ୍ତୁ, କୋଭିଡ୍ ନିୟମକୁ ପାଳନ କରନ୍ତୁ। ନିୟମ ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ। ଜରିମାନା ଆଦାୟ କରାଯିବ। ଭୁବନେଶ୍ୱରରେ ୨୫ କୋଭିଡ୍ କଟକଣା ପଏଣ୍ଟରେ ପୋଲିସ ଦ୍ୱାରା ଯାଞ୍ଚ କରାଯାଇଛି। ଦାୟିତ୍ୱରେ ୬୦ରୁ ଅଧିକ ବରିଷ୍ଠ ଅଫିସର ରହିବା ସହ ୧୦ ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି। ଭୁବନେଶ୍ୱରକୁ ୩ ଜୋନରେ ବିଭକ୍ତ କରାଯାଇଥିବାବେଳେ ୩ ଡିଏସ୍‌ପି ପାହ୍ୟାର ଅଧିକାରୀ ଏହି ଦାୟିତ୍ୱରେ ରହିଛନ୍ତି। ସେହିଭଳି କଟକର ୨୩ ସ୍ଥାନକୁ ନାକାବନ୍ଦୀ କରାଯାଇ ଯାଞ୍ଚ ବ୍ୟବସ୍ଥା ହୋଇଥିବାବେଳେ ୮ପ୍ଲାଟୁନ ଫୋର୍ସ ମୁତୟନ ଅଛନ୍ତି। କର୍ଫ୍ୟୁ ସମୟରେ ସବୁ ଚିକିତ୍ସା ସେବା ସହ ସମ୍ପୃକ୍ତ ସଂସ୍ଥା ଖୋଲା ରହିବ। ପରିଚୟପତ୍ର ଦେଖାଇ ସ୍ୱାସ୍ଥ୍ୟକର୍ମୀ ଯାତାୟାତ କରିପାରିବେ। ସେଥିପାଇଁ ଜରୁରୀ ସେବା ପ୍ରଦାନକାରୀଙ୍କୁ କର୍ଫ୍ୟୁ କଟକଣାରୁ ବାଦ୍ ଦିଆଯାଇଛି। ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ ଯେଉଁମାନଙ୍କୁ ରାତିରେ ଯିବାଆସିବା ପାଇଁ ଅନୁମତି ମିଳିଛି ସେମାନେ ସଂସ୍ଥା ପକ୍ଷରୁ ମିଳିଥିବା ପରିଚୟପତ୍ର ଦେଖାଇ ଯାଇପାରିବେ ବୋଲି କମିଶନର କହିଛନ୍ତି।

### ଟ୍ରକ୍‌ରେ ମହିଳାଙ୍କୁ ୨୧ ଦିନ ...

ଏହି ସମୟରେ ଏକ ବୋଲେରୋରୁ ଜଣେ ବ୍ୟକ୍ତି କୁଲାଡ଼ ରାସ୍ତା କେଉଁଆଡ଼େ ପଚାରିଥିଲେ। ସେ ରାସ୍ତା କହିବା ପରେ ତାଙ୍କୁ ଅପହରଣ କରି ନେଇଥିଲେ। ଚେତା ଫେରିବା ପରେ ସେ ଜାଣିବାକୁ ପାଇଲେ ତାଙ୍କୁ ବଳାତ୍କାର କରାଯାଇଛି। ସେ ଏକ ବନ୍ଦ କଣ୍ଟେନର ଭିତରେ ଅଛନ୍ତି। ତାଙ୍କ ଦେହରେ ବସ୍ତ୍ର ନାହିଁ। କେବଳ ଓଢ଼ଣି ଘୋଡ଼ାଯାଇଛି। ହେଲେ ସେ ଖସି ପାରୁ ନ ଥିଲେ। ଗତ ୧୩ ତାରିଖ ରାତିରେ ବୋଲଗଡ଼ ଷ୍ଟେଶନ ନିକଟରେ କଣ୍ଟେନର ଥିବାବେଳେ କବାଟ ଖୋଲାଥିଲା। ପୀଡ଼ିତା ରାତିରେ ଖସି ଆସି ଫତେଗଡ଼ ଥାନା ଅଧୀନ ଜଗନ୍ନାଥପ୍ରସାଦ ଗାଁରେ ପହଞ୍ଚିଥିଲେ । ସେଠାରେ ଲକ୍ଷ୍ମୀପ୍ରିୟା ବେହେରାଙ୍କ ସହଯୋଗରେ ଜଗନ୍ନାଥପ୍ରସାଦ ଫାଣ୍ଡିରେ ଅଭିଯୋଗ କରିଥିଲେ। ସିଆରପିସି ଦଫା ୧୬୧ରେ ପୀଡ଼ିତାଙ୍କ ବୟାନ ରେକର୍ଡ ପରେ ପରିବାର ଲୋକ ତାଙ୍କୁ ନେଇଯାଇଛନ୍ତି। ଏନେଇ ତଦନ୍ତକାରୀ ଅଧିକାରୀ ଫତେଗଡ଼ ଥାନା ଆଇଆଇସି ଗିରିଜାନନ୍ଦନ ପଟ୍ଟନାୟକ କୁହନ୍ତି, ପୀଡ଼ିତାଙ୍କୁ ୩ରୁ ୪ଥର ବଳାତ୍କାର କରାଯାଇଛି। ଜଣେ ବ୍ୟକ୍ତି ଏପରି କରିଥିବା ପୀଡ଼ିତା ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଜାରି ରଖିଛି ।

### ମେ' ୧୩ରେ ପିପିଲି ...

ପ୍ରକ୍ରିୟା ଶେଷହେବ। ଏପ୍ରିଲ ୧୯ ତାରିଖରେ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ କୁହାଯାଇଛି।

ସୂଚନାଯୋଗ୍ୟ ଯେ କଂଗ୍ରେସ ପ୍ରାର୍ଥୀ ଅଜିତ ମଙ୍ଗରାଜଙ୍କ ଏପ୍ରିଲ ୧୪ ତାରିଖରେ କୋଭିଡ୍‌ରେ ମୃତ୍ୟୁ ହୋଇଥିଲା। ସେଥିପାଇଁ ଏପ୍ରିଲ ୧୭ ତାରିଖରେ ହେବାକୁ ଥିବା ପିପିଲି ଉପନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା। ବିଜେଡି ବିଧାୟକ ପ୍ରଦୀପ ମହାରଥୀଙ୍କ କୋଭିଡ୍‌ରେ ମୃତ୍ୟୁ ହେବା ପରେ ପିପିଲିରେ ଉପନିର୍ବାଚନ ଅନୁଷ୍ଠିତ ହେଉଥିଲା। କଂଗ୍ରେସ ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁ ଉପନିର୍ବାଚନ ପାଇଁ ଦ୍ୱିତୀୟ ଥର ଲାଗି ତାରିଖ ଘୋଷଣା କରାଯାଇଛି। ଏହି ନିର୍ବାଚନ ପାଇଁ ବିଜେଡି ଓ ଭାଜପା ପ୍ରାର୍ଥୀ ପୂର୍ବରୁ ନାମାଙ୍କନପତ୍ର ଦାଖଲ କରିଥିବାରୁ କେବଳ କଂଗ୍ରେସ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବେ।

### କାଷ୍ଟ୍ରୋ ଯୁଗର ...

ଅର୍ଥନୀତି, ରାଜନୀତି ଓ ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଥିଲା। ୨୦୧୬ରେ ଫିଡେଲଙ୍କର ପରଲୋକ ହୋଇଥିଲା।

୨୦୧୧ ଏପ୍ରିଲରେ ରାଉଲ୍ କ୍ୟୁବାର କମ୍ୟୁନିଷ୍ଟ ପାର୍ଟିର ମୁଖ୍ୟ ହୋଇଥିଲେ। ସେ ୧୯୬୫ରୁ କମ୍ୟୁନିଷ୍ଟ ପାର୍ଟି ପଲିଟବ୍ୟୁରୋ ସଦସ୍ୟ ଥିଲେ ଏବଂ ୧୯୫୯ରୁ ୨୦୦୮ ପର୍ଯ୍ୟନ୍ତ ପ୍ରତିରକ୍ଷା ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଫିଡେଲ ଅସୁସ୍ଥ ହେବା କାରଣରୁ ୨୦୦୬ ଜୁଲାଇ ୩୧ରୁ ସେ କ୍ୟୁବାର କାର୍ଯ୍ୟକାରୀ ରାଷ୍ଟ୍ରପତି ହୋଇଥିଲେ। ୨୦୦୮ ଫେବୃୟାରୀ ୨୪ରେ ତାଙ୍କୁ ରାଷ୍ଟ୍ରପତି ଘୋଷଣା କରାଯାଇଥିଲା। ୨୦୧୩ରେ ସେ ପୁନର୍ବାର ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। କିନ୍ତୁ ୨୦୧୮ରେ ପୁନର୍ବାର ନିର୍ବାଚିତ ହେବାକୁ ରାଜି ନ ହୋଇ ସେହିବର୍ଷ ଏପ୍ରିଲ ୧୯ରେ ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। କମ୍ୟୁନିଷ୍ଟ ପାର୍ଟି ମୁଖ୍ୟ ପଦରେ ରହିଥିବା ରାଉଲ ଶୁକ୍ରବାର ଇସ୍ତଫା ଘୋଷଣା କରିଛନ୍ତି।

ତାଙ୍କର ମିଶନ ପୂରଣ ହୋଇଛି ଏବଂ ଦେଶର ଭବିଷ୍ୟତ ଉପରେ ସେ ସମ୍ପୂର୍ଣ୍ଣ ଆସ୍ଥାବାନ ଅଛନ୍ତି ବୋଲି ଶୁକ୍ରବାର ପିସିସି ଅଷ୍ଟମ କଂଗ୍ରେସର ପ୍ରଥମ ଦିନରେ ଉଦ୍‌ବୋଧନ ଦେଇ ରାଉଲ କହିଛନ୍ତି। ସେ ଆଉ ଅଧିକ ଦିନ ସର୍ବୋଚ୍ଚ ପଦବୀରେ ରହିବାକୁ ଚାହୁଁ ନ ଥିବା ୮୯ ବର୍ଷୀୟ ରାଉଲ ନିଜର ଇଚ୍ଛାବ୍ୟକ୍ତ କରିଥିଲେ। ତେବେ ବଞ୍ଚିଥିବା ପର୍ଯ୍ୟନ୍ତ ବିପ୍ଳବୀ ଯୋଦ୍ଧା ଭାବେ ଦେଶ ପାଇଁ ଲଢ଼େଇ କରିବାକୁ ସେ ପ୍ରସ୍ତୁତ ବୋଲି କହିଥିଲେ। ସେଠାରେ ଉପସ୍ଥିତ ପ୍ରତିନିଧିମାନେ ଛିଡ଼ାହୋଇ ରାଉଲଙ୍କୁ ସମ୍ମାନ ଜଣାଇଥିଲେ। ପିସିସି ଅଷ୍ଟମ କଂଗ୍ରେସର ଶେଷ ଦିନ ସୋମବାର ଦଳର ନୂଆ ନେତା ନିର୍ବାଚନ କରାଯିବ ବୋଲି ଜଣାପଡ଼ିଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

Indus Digilat Tower
ପ୍ରଥମ ଥର ଓଡିଶାରେ ଏମିତି ଅଫର୍ ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 30,000,00/- ପାଆନ୍ତୁ ଓ ମାସକୁ ଭଡା 18,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
R-102, Cyber Building, Bangalore, Karnataka-400021.
6396901850
7505488038

Pratichi
ଏକ ପ୍ରଗତିଶୀଳ ଦୁଗ୍ଧ କାରଖାନା ପାଇଁ ଓଡ଼ିଶାର ପ୍ରତି ଜିଲ୍ଲାରୁ
ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ
ଯୋଗାଯୋଗ : ପ୍ରତିଚୀ ଡାଏରୀ ପ୍ରଡକ୍ଟ ପ୍ରା.ଲିଃ., ପ୍ଲଟ ନଂ. ୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ
ମୋ.- ୯୮୫୩୦୦୩୩୧୭
Email ID: pratichidairyproducts@gmail.com

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
ବାବା କମଲ୍ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

ଖର୍ଚ୍ଚ ଋଣରୁ କଟିବ
KUBER FINANCE
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଲୋନ୍
24 ଘଣ୍ଟାରେ ଘରେ ବସି ଲୋନ୍ ପ୍ରାପ୍ତ କରନ୍ତୁ
*T&C
ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
ଆଧାରକାର୍ଡ ଲୋନ୍, ଏଜୁକେଶନ ଲୋନ୍, ହୋମ୍ ଲୋନ୍, ପ୍ରପର୍ଟି ଲୋନ୍, ପର୍ସନାଲ ଲୋନ୍, ବିଜନେସ୍ ଲୋନ୍
1% ସୁଧ | 50% ଛାଡ଼
ମହିଳା, ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
076830-42752

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


DISTRICT OFFICE, DHENKANAL
(Debottar Section)
QUOTATION CALL NOTICE

Sealed quotations are invited from the interested gold makers/firms for making of **Gold Panchbaktri** and other ornaments of Lord Chandrasekhar jew Bije at Kapilash from 25.04.2021 at Collectorate, Dhenkanal premises. Interested persons are required to submit the quotations in their respective shop pads. The makers should submit the required documents before the Executive Officer, Debottar, Dhenkanal on or before 11 A.M. on 23.04.2021. All the quotations received shall be opened in the office chamber of A.D.M., Dhenkanal in presence of the purchasing committee and the applicants at 11.30 A.M. on 23.04.2021 for finalization of successful bidder. The detail terms and conditions of above quotation can be obtained from the Office of Executive Officer, Debottar, at Collectorate, Dhenkanal.

Sd./- Sub-Collector-cum-Executive Officer, Debottar, Dhenkanal


GOVT. OF ODISHA
OFFICE OF THE SUPERINTENDING ENGINEER
NORTH EASTERN RURAL WORKS CIRCLE, KEONJHAR
Tel.- 06766-258301 (O), Email ID: se_nerwkjr@rediffmail.com
Identification No. PMGSY Online NCB No. 300
No.1621 / Date: 10.04.2021

No.O-30:- 1. Name of the work : Construction of road & CD works under PMGSY Programme. 2. Total No. of packages: 02 Nos. individual packages. 3. Estimated cost of individual packages: Varies from Rs.239.80 lakh to Rs.422.22 lakh. 4. Period of completion: 11 calendar months for works below Rs.5.00 Cr. upto Rs.3.00 Cr. and 9 calendar months for works below Rs.3.00 Cr. as specified in DTCN. 5. Other details:

| Procurement Officer | Bid Identification No. | No. of packages | Availability of tender online for bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Superintending Engineer, North Eastern Rural Works Circle, Keonjhar | PMGSY Online NCB No.300 | 02 Nos. | 19.04.2021 at 11.00 A.M. | 03.05.2021 upto 5.00 P.M. |

Further details can be seen from the website: www.pmgsytenders.gov.in.
OIPR-25048/11/0002/2122
Sd./- Superintending Engineer, N.E.R.W. Circle, Keonjhar

# ଚିନ୍ତାରେ ଭବିଷ୍ୟତ









**ଦ୍ୱିତୀୟ ଲହର କରୋନା ସ୍ଥିତି ଦିନକୁଦିନ ଅଣାୟତ୍ତ ହେବାକୁ ଯାଉଛି । ସାରା ଦେଶରେ ସଂକ୍ରମଣ ସଂଖ୍ୟା ରେକର୍ଡ ଭାଙ୍ଗୁଛି। ପରିସ୍ଥିତିର ମୁକାବିଲା କରିବା ଲାଗି ଦେଶ ତଥା ରାଜ୍ୟ ସରକାର ଭିଡ଼ିଛନ୍ତି ଅଣ୍ଟା । ଆଉ ଜାରି କରିଛନ୍ତି ପ୍ରତ୍ୟେକ କ୍ଷେତ୍ର ଲାଗି ବିଭିନ୍ନ କଟକଣା, ଯେଉଁଥିରୁ ବାଦ୍ ପଡିନି ଶିକ୍ଷା ବ୍ୟବସ୍ଥା। ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଆଖିଆଗରେ ରଖି ଦେଶର ସମସ୍ତ ସିବିଏସ୍‌ସି ଏବଂ ରାଜ୍ୟର ସମସ୍ତ ଦଶମ ଓ ଯୁକ୍ତ ଦୁଇ ବୋର୍ଡ ପରୀକ୍ଷାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି, ଯାହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଖିବାକୁ ମିଳିଛି ବିଭିନ୍ନ ପ୍ରତିକ୍ରିୟା...**

ବଢୁଥିବା କରୋନା ସ୍ଥିତି ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି, ଯେଉଁଥିରେ ପ୍ରତ୍ୟେକ କାର୍ଯ୍ୟ ବିଶେଷକରି ଶିକ୍ଷା ବ୍ୟବସ୍ଥା ବେଶ୍ ପ୍ରଭାବିତ ହେଉଛି। ଛାତ୍ରୀଛାତ୍ରମାନେ ଦିନକୁ ଦିନ କ୍ଲାସ୍‌ରୁମ୍ ଟିଚିଂରୁ ଦୂରେଇ ଯାଉଛନ୍ତି ଏବଂ ଅନ୍‌ଲାଇନ୍ ଶିକ୍ଷା ସଭିଙ୍କ ଲାଗି ଫଳପ୍ରଦ ହୋଇ ପାରୁନାହିଁ। ନବମ ଏବଂ ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପରୀକ୍ଷା ବନ୍ଦ କରାଯାଇ ସେମାନଙ୍କୁ ସିଧାସଳଖ ପରବର୍ଷ ଶିକ୍ଷାଲାଗି ଉତ୍ତୀର୍ଣ୍ଣ କରାଯାଇଛି। ଏହା ସହ କରୋନା ପରିସ୍ଥିତି ନିୟନ୍ତ୍ରଣକୁ ନ ଆସିବା ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଦଶମ ଓ ଯୁକ୍ତ ଦୁଇ ୨ୟ ବର୍ଷ ବୋର୍ଡ ପରୀକ୍ଷାକୁ ସ୍ଥଗିତ ରଖିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଯେହେତୁ ମେ' ଆରମ୍ଭରୁ ମାଟ୍ରିକ୍ ପରୀକ୍ଷା ହେବାକୁ ନେଇ ଜାନୁୟାରୀରୁ ପ୍ରସ୍ତୁତି ଜୋର ଧରିଥିଲା ଏବଂ ଶହେ ଦିନିଆ ପାଠପଢ଼ା ଟାର୍ଗେଟ୍ ସହ ଦଶମ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ରଙ୍କୁ ଗଣଶିକ୍ଷା ବିଭାଗ ପକ୍ଷରୁ 'ଶିକ୍ଷା ଦର୍ପଣ' ବଣ୍ଟା ଯାଇଥିଲା, ତେଣୁ ସେମାନେ ମଧ୍ୟ ଏଥିପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ଥିଲେ। ଏମିତିରେ କରୋନା ସ୍ଥିତିକୁ ଦେଖି ହଠାତ୍ ପରୀକ୍ଷା ବାତିଲ ହେବା ଯୋଗୁ ସେମାନଙ୍କ ଉପରେ ଗଭୀର ପ୍ରଭାବ ପଡ଼ିଛି। ଏହାକୁ ନେଇ କ'ଣ ରହିଛି ସେମାନଙ୍କ ପ୍ରତିକ୍ରିୟା...



**ଅର୍ଣ୍ଣଭ ପ୍ରିୟଦର୍ଶୀ** (୧୦ମ ଶ୍ରେଣୀ, ରବୀନ୍ଦ୍ର ବିଦ୍ୟା ନିକେତନ, କେନ୍ଦୁଝର)– କରୋନା ଲାଗି ସୁରକ୍ଷା ଦୃଷ୍ଟିରୁ ପରୀକ୍ଷା ବାତିଲ ହୋଇଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ଆଉ ମାସେରୁ କମ୍ ସମୟ ଥିଲା ପରୀକ୍ଷା। ଏ ସମୟରେ ହଠାତ୍ ପରୀକ୍ଷା ବନ୍ଦ ହେବା କଥା ଶୁଣି ଚିନ୍ତା ଲାଗୁଛି। ଯେହେତୁ ମାଟ୍ରିକ୍ ପରୀକ୍ଷାରେ ଭଲ ରେଜଲ୍ଟ କ୍ୟାରିୟର ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ, ତେଣୁ ଭଲ ଭାବେ ପ୍ରସ୍ତୁତି ସାରିଥିଲି। ପରୀକ୍ଷା ହୋଇଥିଲେ ନିଜର ଦକ୍ଷତା ପ୍ରଦର୍ଶନ କରିପାରିଥା'ନ୍ତି। ଯଦି କୌଣସି କାରଣରୁ ଆଗକୁ ପରୀକ୍ଷା ନ ହୁଏ ଏବଂ ପୂର୍ବ ବର୍ଷ ରେଜଲ୍ଟ ଅନୁଯାୟୀ ମାର୍କ ଦିଆଯାଇ ପାସ୍ କରିଦିଆଯାଏ, ତେବେ ଫଳାଫଳକୁ ନେଇ ଅସନ୍ତୁଷ୍ଟ ଥିବା ପରୀକ୍ଷାର୍ଥୀଙ୍କୁ ପୁଣି ପରୀକ୍ଷା ଦେବାକୁ ସୁଯୋଗ ଦିଆଯିବା କଥା ଶୁଣାଯାଉଛି। ଏହା ସତ ହେଲେ ସମସ୍ତେ ଉପକୃତ ହୋଇପାରିବେ।



**ଦିବ୍ୟଲୋଚନ ନାଗ** (୧୦ମ ଶ୍ରେଣୀ, ବ୍ରଜମୋହନ ହାଇସ୍କୁଲ୍, ଭବାନୀପାଟଣା, କଳାହାଣ୍ଡି)– ବର୍ଷେ ହେବ କ୍ଲାସ୍‌ରୁମ୍ ଟିଚିଂରୁ ବଞ୍ଚିତ ହେବାକୁ ପଡୁଥିଲା କରୋନା ଲାଗି। ଏବେ ମାଟ୍ରିକ୍ ପରୀକ୍ଷା ପାଇଁ ଶହେଦିନିଆ ଟାର୍ଗେଟ୍ ସହ ସ୍କୁଲ୍‌ରେ ଜୋର୍‌ସୋର୍ ପାଠପଢ଼ା ହୋଇଥିଲା। ସମସ୍ତ ପ୍ରସ୍ତୁତି ଠିକ୍ ଭାବେ କରିସାରିବା ପରେ ହଠାତ୍ ପରୀକ୍ଷା ବାତିଲ ହେବା କଥା ଜାଣି ଟେନ୍‌ସନ୍ ବଢ଼ିଯାଇଛି।



**ସୁଶ୍ରୀ ସିଲୋନା ପ୍ରଧାନ** (ଯୁକ୍ତ ଦୁଇ ଛାତ୍ରୀ, କଲେଜ ଅଫ୍ ବେସିକ୍ ସାଇନ୍ସ ଆଣ୍ଡ ହ୍ୟୁମାନିଟିଜ୍, ଭୁବନେଶ୍ୱର)–କରୋନା କେବେ କମିବ, ଆମ ପରୀକ୍ଷା ହେବ ତାହା ସମସ୍ତଙ୍କ ଲାଗି ପ୍ରଶ୍ନବାଚୀ। ସୁରକ୍ଷା ଦୃଷ୍ଟିରୁ ସରକାରଙ୍କ ଏ ପଦକ୍ଷେପ ସମସ୍ତଙ୍କ ଲାଗି ଠିକ୍ ହେଲେ ମଧ୍ୟ ଏହାର ବିକଳ୍ପ ବ୍ୟବସ୍ଥା କିଛି କରାଯାଇଥିଲେ ଭଲ ହୋଇଥାନ୍ତା। କାରଣ ଏହା ନା କେବଳ ଆମ ଭଳି ବିଦ୍ୟାର୍ଥୀଙ୍କୁ ଚିନ୍ତାରେ ପକାଇଛି ବରଂ ଏକ ଅନିଶ୍ଚିତ ଭବିଷ୍ୟତ ଆଡ଼କୁ ଟାଣିନେଉଛି।



**ସମ୍ପନ୍ନ କାନୁନ୍‌ଗୋ** (ଯୁକ୍ତ ଦୁଇ, ପ୍ରଗତି ହାୟର ସେକେଣ୍ଡାରୀ ସ୍କୁଲ୍, ଭବାନୀପାଟଣା)– ପରୀକ୍ଷା ବାତିଲ ହୋଇଗଲା। ପରିସ୍ଥିତି ସୁଧୁରିଲେ ପରୀକ୍ଷା ହେବ। ଏହା କେବଳ ଆମ ଭଳି ଛାତ୍ରୀଛାତ୍ରଙ୍କ ଲାଗି କେବଳ ଏକ ଆଶ୍ୱାସନା ମାତ୍ର। କାରଣ ଗତବର୍ଷ ପାଖାପାଖି ବର୍ଷେ ପର୍ଯ୍ୟନ୍ତ କରୋନା ପ୍ରଭାବ କମି ନ ଥିବାରୁ ସ୍କୁଲ୍ କଲେଜ୍ ବନ୍ଦ ରହିଥିଲା। ଏଥର ଆଗକୁ କ'ଣ ହେବ କିଏବା କହିପାରିବ! ତଥାପି କ୍ୟାରିୟର୍ ଗଢ଼ିବାକୁ ଏହି ପରୀକ୍ଷାର ରେଜଲ୍ଟ ଭଲ ହେବାକୁ ନେଇ ଆଶାୟୀ ଥିବାରୁ ପରୀକ୍ଷା ନ ହେବା କଥା ଚିନ୍ତାରେ ପକାଇଛି।

## ଏ ସପ୍ତାହର ପ୍ରଶ୍ନ

୧– .............. ଦେଶ ପକ୍ଷରୁ ସମୁଦ୍ରକୂଳଗୁଡ଼ିକୁ 'ବ୍ଲୁ-ଫ୍ଲାଗ୍' ଇକୋ-ଲ୍ୟାବେଲ୍ ସାର୍ଟିଫିକେଟ୍ ପ୍ରଦାନ କରାଯାଉଛି ?
୨– ଏସ୍‌ଆଇଡିବିଆଇର ଫୁଲ୍‌ଫର୍ମ........... ?
୩– 'କପିରାଇଟ୍ ରୁଲ୍ସ-୨୦୨୧'................. ଦ୍ୱାରା କାର୍ଯ୍ୟକାରୀ କରାଯାଇଛି ?
୪– ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ.......... ମସିହାରେ ରାଷ୍ଟ୍ରୀୟକରଣ ହୋଇଥିଲା ?
୫– ............. ମସିହାରେ ବ୍ରିଟେନ୍‌ରେ ଦାସପ୍ରଥା ଉଚ୍ଛେଦ କରାଯାଇଥିଲା ?

## ଗତ ଥରର ଉତ୍ତର

୧ ରୁଷିଆ
୨ ବାଂଲାଦେଶ
୩ ଭାରତ ପେ
୪ ପ୍ୟାରିସ୍
୫ ଅକ୍ଟୋବର ୧୩

## ଉତ୍ତରଦାତା



ପ୍ରଦୀପ୍ତ ସୁନ୍ଦର ଦାସ, ସମ୍ବଲପୁର



ତପସ୍ୱିନୀ ପ୍ରଧାନ, ଖୋର୍ଦ୍ଧା



ରବୀନ୍ଦ୍ର କୁମାର ତ୍ରିପାଠୀ, ଭଦ୍ରକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସୁନ୍ଦର ଏୟାରପୋର୍ଟ

୧– ଇଞ୍ଚେଅନ୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ.......... ଇଞ୍ଚେଅନ୍, ସାଉଥ୍ କୋରିଆ
୨– ଦୁବାଇ ୱାର୍ଲ୍ଡ ସେଣ୍ଟ୍ରାଲ୍ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ..... ଦୁବାଇ
୩– ମେନାରାଇ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ........... ମାରାକେଚ୍, ମୋରୋକୋ
୪– ଡେନ୍‌ଭର୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ............ କଲରାଡୋ, ଆମେରିକା
୫– ବିଲ୍‌ବାଓ ଏୟାରପୋର୍ଟ.............................. ବିଲ୍‌ବାଓ, ସ୍ପେନ୍
୬– କାରାସ୍କୋ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ ........... ମଣ୍ଟେଭିଡିଓ, ଉରୁଗୁଏ
୭– ଜନ୍ ଏଫ୍. କେନେଡି ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ..... ନ୍ୟୁୟର୍କ, ଆମେରିକା
୮– ମାଡ୍ରିଡ୍- ବାରାଜାସ୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ..... ମାଡ୍ରିଡ୍, ସ୍ପେନ୍
୯– ବେଜିଂ କ୍ୟାପିଟାଲ୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ ...... ବେଜିଂ, ଚାଇନା
୧୦– କାନ୍ସାଇ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ............... ଓସାକା, ଜାପାନ



## ଅଭୁଲା ଅନୁଭୂତି

# ପ୍ରଭୁଙ୍କ କୃପାରୁ ବଞ୍ଚିଗଲି



ନୃସିଂହ ଖୁଣ୍ଟିଆ
ରୁକୁଣା ରଥ ସାରଥି, ଭୁବନେଶ୍ୱର

ପ୍ରତିବର୍ଷ ଅଶୋକାଷ୍ଟମୀ ଦିନ ବେଶ୍ ଚଳଚଞ୍ଚଳ ହୋଇଉଠେ ପୁରୁଣା ଭୁବନେଶ୍ୱର। ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୀଠକୁ ଛୁଟିଆଏ ଶ୍ରଦ୍ଧାଳୁଙ୍କ ସୁଅ । ସେଦିନ ଅନୁଷ୍ଠିତ ହୁଏ ପ୍ରଭୁଙ୍କ ପ୍ରସିଦ୍ଧ ରୁକୁଣା ରଥଯାତ୍ରା। ଦୀର୍ଘ ୨୬ ଦିନ ଧରି ରଥଖଳାରେ ମହାରଣା ସେବକଙ୍କ ଦ୍ୱାରା ରଥ ନିର୍ମାଣ ହୋଇ ନେତ୍ରୋତ୍ସବ ଦିନ ନିର୍ମାଣ ଶେଷ ହୁଏ ଓ ତା' ପରଦିନ ଅନୁଷ୍ଠିତ ହୁଏ ରଥଯାତ୍ରା। ମନ୍ଦିରରୁ ରଥ ଟଣା ହୁଏ ମାଉସୀମା' ମନ୍ଦିର (ରାମେଶ୍ୱର) ପର୍ଯ୍ୟନ୍ତ। ଆଉ ୫ ଦିନରେ ହୁଏ ବାହୁଡ଼ାଯାତ୍ରା। ତେବେ ମୋ ପାଇଁ ଏହି ରଥଯାତ୍ରା ବେଶ୍ ଗୁରୁତ୍ୱ ରଖେ। କାରଣ ଦୀର୍ଘ ୫୭ ବର୍ଷ ହେବ ମୁଁ ରଥରେ ସାରଥି ଭାବେ କାର୍ଯ୍ୟ କରିଆସୁଛି। ତେଣୁ ଏହି ସମୟରେ ଏକ ଭିନ୍ନ ଭାବନା ଥାଏ ମନ ଭିତରେ। ଭକ୍ତି ଏବଂ ଉତ୍କଣ୍ଠାର ଏକ ଅପୂର୍ବ ସମାହାର ସାଙ୍ଗକୁ ପ୍ରଭୁଙ୍କୁ ନେଇ ଠିକ୍ ଭାବେ ପହଞ୍ଚାଇବାର ଗୁରୁଦାୟିତ୍ୱ ଯେମିତି ମୋତେ ଅଧିକ ଦାୟିତ୍ୱବାନ୍ କରାଇଦିଏ। ତେବେ ଏତେବର୍ଷର ଅଭିଜ୍ଞତା ମଧ୍ୟରେ ୨୦୧୮ ମସିହା ରଥଯାତ୍ରା କଥା ମୋର ଅଭୁଲା ଅନୁଭୂତି ହୋଇ ରହିଯାଇଛି। ସେଦିନ ରଥ ଆସି ବଡ଼େଇବାଙ୍କ ପାଖରେ ପହଞ୍ଚି ସାରିଥିଲା। ରଥ ଖରଡା ଡେଇଁ ମୁଁ ଘୋଡ଼ା ଉପରକୁ ଯାଉଥିଲି। ହଠାତ୍ କେମିତି ଗୋଡ଼ ଖସିଗଲା ଏବଂ ୨୦ ଫୁଟ୍ ଉଚ୍ଚତାରୁ ମୁଁ ତଳକୁ ଖସିପଡ଼ିଲି। ଏହି ଦୃଶ୍ୟ ଦେଖି ଶ୍ରଦ୍ଧାଳୁଙ୍କ ଚିତ୍କାର ମୋ କାନରେ ବାଜୁଥିଲା ସତ, ହେଲେ ବୟସ ଅଧିକକୁ ଏତେ ଉଚ୍ଚରୁ ପଡ଼ିବା ପରେ ଅବସ୍ଥା ଯେ କ'ଣ ହେବ ସେକଥା ଭାବିବାକୁ ସମୟ ନ ଥିଲା। ଆଖି ବୁଜି ଅନେଇବା ଭିତରେ ନିଜକୁ ଆବିଷ୍କାର କଲି ଅନେକ ହାତରେ। ସେମାନେ ଯେପରି ଫୁଟ୍‌ବଲ ଭଳି ମୋତେ ପଡିବା କ୍ଷଣି ଧରି ପକାଇଥିଲେ। ଏତେବଡ଼ ଦୁର୍ଘଟଣା ସତ୍ତ୍ୱେ ମୋର କୌଣସି କ୍ଷତି ହୋଇ ନ ଥିଲା। ଏହା ମଧ୍ୟ ପ୍ରଭୁଙ୍କ ଦୟା ବୋଲି ବୁଝିବା ଆଉ ବାକି ନ ଥିଲା। ବର୍ତ୍ତମାନ କରୋନା ମହାମାରୀ ଲାଗି ରୁକୁଣା ରଥଯାତ୍ରା ବାଧାପ୍ରାପ୍ତ ହେଉଥିବାରୁ ଭାରି ମନ କଷ୍ଟ ହେଉଛି। ଶୀଘ୍ର ପ୍ରଭୁ ଲିଙ୍ଗରାଜ ଏ ମହାମାରୀଠାରୁ ପୃଥିବୀବାସୀଙ୍କୁ ରକ୍ଷାକରନ୍ତୁ ଏବଂ ପୁନର୍ବାର ପ୍ରଭୁଙ୍କ ରଥଯାତ୍ରା ପୂର୍ବଭଳି ଜାକଜମକରେ ହେଉ ବୋଲି ପ୍ରାର୍ଥନା କରିବି।

– ସୁବାସ ପ୍ରଧାନ

## ଜାଣନ୍ତୁ ଦୁନିଆ

# ଗ୍ରେଟ୍ ବ୍ଲୁ ହୋଲ୍



**ପୃଥିବୀରେ ଅନେକ ଅଦ୍ଭୁତ ଏବଂ ଆଶ୍ଚର୍ଯ୍ୟଜନକ ସ୍ଥାନ ରହିଛି। ଠିକ୍ ଯେମିତି ବ୍ଲୁ ହୋଲ୍। ଏହା ହେଉଛି ସମୁଦ୍ର ମଝିରେ ବିଭିନ୍ନ ସ୍ଥାନରେ ଥିବା ଏକ ନୀଳ ରଙ୍ଗର ଗର୍ତ୍ତ, ଯାହାକି ଆଜିର ଅତ୍ୟାଧୁନିକ ଯୁଗରେ ଏବେବି ରହସ୍ୟପୂର୍ଣ୍ଣ। ତେବେ ବେଲିଜେ ବ୍ଲୁ ହୋଲ୍ ହେଉଛି ପୃଥିବୀର ସବୁଠୁ ବଡ଼ ସାମୁଦ୍ରିକ ଗର୍ତ୍ତ, ଯାହାକୁ ଦି ଗ୍ରେଟ୍ ବ୍ଲୁ ହୋଲ୍ ବୋଲି ମଧ୍ୟ କୁହାଯାଇଥାଏ। ଆସନ୍ତୁ ଜାଣିବା ଏହା ସମ୍ପର୍କରେ କିଛି ତଥ୍ୟ...**

➔ସମୁଦ୍ର ମଝିରେ ଅନେକ ଛୋଟ ବଡ଼ କାର୍ବୋନେଟ୍ ଚଟାଣ ରହିଛି। ବିଜ୍ଞାନ ମତରେ ଏହି ଚଟାଣ ଦୀର୍ଘ ବର୍ଷ ଧରି ପାଣିରେ କଟି ବଡ଼ ଏବଂ ଗଭୀର ଖାଲ ସୃଷ୍ଟି କରିଥାଏ ଏବଂ ଏହା ମଧ୍ୟରେ ସମୁଦ୍ର ପାଣି ପଶିଯିବା କାରଣରୁ ଗଭୀର ନୀଳ ରଙ୍ଗ ଦେଖାଯାଇଥାଏ। ତା'ଛଡା ଏହା ଅଧିକ ଗଭୀର ହୋଇଥିବାରୁ ଏହା ମଧ୍ୟକୁ ଅଧିକ ସୂର୍ଯ୍ୟକିରଣ ଯାଏ ଏବଂ ଗାଢ଼ ନୀଳ ରଙ୍ଗ ଦେଖାଯାଏ। ଆଉ ଏଥିପାଇଁ ଏହାକୁ ବ୍ଲୁ ହୋଲ ବୋଲି ନାମ ରଖାଯାଇଛି। ଆହୁରି ମଧ୍ୟ କୁହାଯାଏ, ପ୍ରାୟ ୧୦,୦୦୦ ବର୍ଷ ପୂର୍ବେ ଅର୍ଥାତ୍ ଶେଷ ବରଫ ଯୁଗ ବେଳେ ପୃଥିବୀ ପୃଷ୍ଠରେ ଥିବା ବଡ଼ ବଡ଼ ଗୁମ୍ଫା ଉପରେ ପାଣି ମାଡ଼ିଯିବାରୁ ଏସବୁ ସୃଷ୍ଟି ହୋଇଛି। ପୃଥିବୀରେ ଥିବା ସମସ୍ତ ବ୍ଲୁ ହୋଲ୍ ମଧ୍ୟରୁ ବେଲିଜେ ବ୍ଲୁହୋଲ୍ ସବୁଠାରୁ ବଡ଼, ଯାହାର ପରିଧି ପ୍ରାୟ ୩୦୦ ମିଟର ହୋଇଥିବା ବେଳେ ଗଭୀରତା ପ୍ରାୟ ୧୦୮ ମିଟର।

➔ଏହା ବେଲିଜେ ସହରଠାରୁ ପ୍ରାୟ ୧୦୦କିମି. ଦୂର ସମୁଦ୍ରଠାରେ ଅବସ୍ଥିତ।

➔ମେରାଇନ୍ ବାୟୋଲୋଜିଷ୍ଟ ଜାକ୍ୱେସ୍ କଷ୍ଟେଉ ୧୯୭୧ ମସିହାରେ ଏହାକୁ ଦେଖିବା ପରେ ଏ ସମ୍ପର୍କରେ ଅନେକ ତଥ୍ୟ ଲୋକଲୋଚନକୁ ଆସିଲା ଏବଂ ଏହା ଅଧିକ ପ୍ରସିଦ୍ଧ ହୋଇଗଲା।

➔୧୯୮୮ ମସିହାରେ ବ୍ରିଟିଶ୍ ଡାଇଭର (ସମୁଦ୍ର ବୁଡାଳି) ନେଡ୍ ମିଡିଲ୍‌ଟନ୍ ନିଜ ପୁସ୍ତକ 'ଟେନ୍ ଇୟର୍ସ ଅଣ୍ଡରୱାଟର'ରେ ସେ ବେଲିଜେ ବ୍ଲୁ ହୋଲ୍‌କୁ 'ଗ୍ରେଟ୍ ବ୍ଲୁ ହୋଲ୍' ବୋଲି ଲେଖିଥିଲେ। ସେହିଠାରୁ ଏହି ନାଁ ପ୍ରଚଳିତ ହୋଇଆସୁଛି।

➔୨୦୧୨ ମସିହାରେ ଡିସ୍କଭରି ଚ୍ୟାନେଲ୍ ପକ୍ଷରୁ ଏହାକୁ ପୃଥିବୀର ସବୁଠୁ ବିସ୍ମୟକର ସ୍ଥାନର ମାନ୍ୟତା ମିଳିଥିଲା।



## ସଂକ୍ଷେପରେ

### ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୭।୪:ଇନ୍‌ଷ୍ଟିଚ୍ୟୁଟ ଅଫ୍ ମିନେରାଲ ଆଣ୍ଡ ମ୍ୟାଟେରିଆଲ ଟେକ୍ନୋଲୋଜି (ଆଇଏମ୍‌ଏମ୍‌ଟି)ର ୬୮ତମ ପ୍ରତିଷ୍ଠା ଦିବସ ଭିଡିଓ କନ୍‌ଫେରନ୍ସ ଜରିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସିଏସ୍‌ଆଇଆର୍ ମହାନିର୍ଦ୍ଦେଶକ ତଥା ଡିଏସ୍‌ଆଇଆର୍‌ର ସଚିବ ଡ. ଶେଖର ଚନ୍ଦ୍ର ମାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି ସିଏସ୍‌ଆଇଆର୍‌ର ନିର୍ଦ୍ଦେଶକ ପ୍ରଫେସର ଏସ୍. ବସୁ, ପ୍ରତିଷ୍ଠା ଦିବସର ଅଧକ୍ଷ ଡ. ଏ.କେ. ସାହୁଙ୍କ ସମେତ ବହୁ ବୈଜ୍ଞାନିକ ଓ ଅନ୍ୟ ବରିଷ୍ଠ ଅଧିକାରୀ ତଥା ଆଇଏମ୍‌ଏମ୍‌ଟିର କର୍ମଚାରୀମାନେ ମଧ ଏହି ଅବସରରେ ଉପସ୍ଥିତ ଥିଲେ। ସଂସ୍ଥାର ପ୍ରତିଷ୍ଠା ଦିବସ ଅବସରରେ ପ୍ରଫେସର ବସୁ ୨୦୨୦-୨୦୨୧ ବର୍ଷର ବାର୍ଷିକ ରିପୋର୍ଟ ଏବଂ 'ଅଭିବ୍ୟକ୍ତି' ନାମକ ହିନ୍ଦୀ ପତ୍ରିକାର ଉନ୍ମୋଚନ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ କହିଥିଲେ, ଆଇଏମ୍‌ଏମ୍‌ଟି ୧୬୫ ଟି ପ୍ରକଳ୍ପ ସହ ୮୩ ଟି ନୂତନ ପ୍ରକଳ୍ପରେ କାମ କରିବାରେ ସକ୍ଷମ ହୋଇପାରିଛି। ଏହି ଅବସରରେ ଦୁଇଟି ବୈଷୟିକ ସ୍ଥାନାନ୍ତର ନିମନ୍ତେ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ଇଣ୍ଡିଆନ୍ ପ୍ଲାଣ୍ଟ ଫିଡ୍, ଏମ୍‌ଏସ୍‌ଏମ୍‌ଇ ବିଭାଗ ଅଧୀନରେ ଆସୁଥିବା କଟକର ଏକ ସଂସ୍ଥା ପଟାସ ଯୁକ୍ତ ବାୟଚାରଫର୍ମ ୱେଷ୍ଟ ବାୟୋମାସ ଉପରେ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ବିକଶିତ ଟେକ୍ନୋଲୋଜି ଗ୍ରହଣ କରିବାକୁ ରାଜି ହୋଇଛନ୍ତି।

### ଏନ୍‌ଏସ୍‌ଓରେ ଆକାଶ ଛାତ୍ରୀଛାତ୍ରଙ୍କ ସଫଳତା

ନୂଆଦିଲ୍ଲୀ,୧୭।୪: ନ୍ୟାଶନାଲ ସାଇନ୍ସ ଅଲିମ୍ପିଆଡ୍ (ଏନ୍‌ଏସ୍‌ଓ)ରେ ଆକାଶ ଇନ୍‌ଷ୍ଟିଚ୍ୟୁଟ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଅନୁଷ୍ଠାନର ମୋଟ ୧୬୫୬ ଛାତ୍ରୀଛାତ୍ର ଏଥିପାଇଁ ସକ୍ଷମ ହୋଇଛନ୍ତି। ଆକାଶର ୩ ଛାତ୍ରୀଛାତ୍ର ଅନ୍ତର୍ଜାତୀୟ ଗୋଲ୍ଡ ମେଡାଲ ଲାଭ କରିଥିବା ବେଳେ ୧୫ ଛାତ୍ରୀଛାତ୍ର ଜୋନାଲ ର୍ୟାଙ୍କ ୧ ହାସଲ କରିଛନ୍ତି। ୨୦୧୯-୨୦ରେ ଏହି ଅନୁଷ୍ଠାନର ୮୦୦ ଛାତ୍ରୀଛାତ୍ର ଏଥିରେ ସଫଳତା ହାସଲ କରିଥିବା ବେଳେ ୨୦୨୦-୨୧ରେ ଏହା ୨ ଗୁଣକୁ ବୃଦ୍ଧି ପାଇଛି। ଛାତ୍ରୀଛାତ୍ରଙ୍କ ମଧରେ ବିଜ୍ଞାନ ସମ୍ମତ ପ୍ରତିଭାକୁ ପ୍ରୋତ୍ସାହିତ କରିବା ଲାଗି ଏଭଳି ଏକ ଅଲିମ୍ପିଆଡ୍ ଆୟୋଜନ କରାଯାଉଛି। ଏଥିରେ ଉଭୟ ଭାରତ ଏବଂ ବିଦେଶର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରୁଛନ୍ତି। ବର୍ଷକୁ ଗୋଟିଏ ଥର ଏହା ଅନୁଷ୍ଠିତ ହୋଇଥାଏ। ଅନ୍ତର୍ଜାତୀୟ ଗୋଲ୍ଡ ମେଡାଲ ଏବଂ ଜୋନାଲ ର୍ୟାଙ୍କ ୧ ଲାଭ କରିଥିବା ଛାତ୍ରୀଛାତ୍ରଙ୍କ ମଧରେ ବାଙ୍ଗାଲୋରର ଇସିକା ଭୂଇଁ, ଭୋପାଳର ମନନ ଖଣ୍ଡେଲୱାଲ ଏବଂ ମେଘା ଛାବଡା ରହିଛନ୍ତି। ଛାତ୍ରୀଛାତ୍ରଙ୍କ ସଫଳତାକୁ ନେଇ ଆନନ୍ଦିତ ବୋଲି ଆକାଶ ଏଜୁକେଶନାଲ ସର୍ଭିସ ଲିମିଟେଡ୍‌ର ଏମ୍‌ଡି ଆକାଶ ଚୌଧୁରୀ ସୂଚନା ଦେଇଛନ୍ତି।

### ପିଏନ୍‌ବି ଓଡ଼ିଶାର ୧୨୭ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୭।୪ : ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ୧୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ତଥା ଆଞ୍ଚଳିକ ପ୍ରବନ୍ଧକ ଅଶ୍ୱିନୀ କୁମାର ସ୍ଥାନୀୟ ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ବ୍ୟାଙ୍କର ପ୍ରତିଷ୍ଠାତା ସ୍ୱର୍ଗତ ଲାଲା ଲଜପତ୍ ରାୟଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏହି ପରିପ୍ରେକ୍ଷୀରେ ସେ ଗ୍ରାହକମାନଙ୍କୁ ଯଥା ସମ୍ଭବ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ । ୧୨୭ତମ ପ୍ରତିଷ୍ଠା ଦିବସକୁ ସ୍ମରଣୀୟ କରିବା ପାଇଁ ବ୍ୟାଙ୍କ ପକ୍ଷରୁ ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ବୃକ୍ଷରୋପଣ ଆଦିର ଆୟୋଜନ କରାଯାଇଥିଲା । ଓଡ଼ିଶା ରେଡ୍‌କ୍ରସ୍ ସହାୟତାରେ ଆୟୋଜିତ ରକ୍ତଦାନ ଶିବିରକୁ ଆଞ୍ଚଳିକ କାର୍ଯ୍ୟାଳୟର କର୍ମଚାରୀମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । ସେହିଭଳି ଭୁବନେଶ୍ୱର ଆମ୍ରି ହସ୍ପିଟାଲ ସହାୟତାରେ ବ୍ୟାଙ୍କର ଗ୍ରାହକ ଏବଂ କର୍ମଚାରୀମାନଙ୍କ ପାଇଁ ସ୍ଥାନୀୟ ପୋଖରୀପୁଟ ଶାଖା ପରିସରରେ ଏକ ସ୍ୱାସ୍ଥ୍ୟପରୀକ୍ଷା ଶିବିରର ଆୟୋଜନ ମଧ କରାଯାଇଥିଲା। କରୋନା ନିୟମାବଳୀକୁ ପାଳନକରି ରାଜ୍ୟର ସମସ୍ତ ଶାଖା ଓ ମଣ୍ଡଳ କାର୍ଯ୍ୟାଳୟରେ ଏକ କ୍ଷୁଦ୍ର ଗ୍ରାହକ ସମ୍ମିଳନୀର ଆୟୋଜନ ମଧ କରାଯାଇଥିଲା। ଜଗତ୍‌ସିଂହପୁରର ପଞ୍ଚପଲ୍ଲୀସ୍ଥିତ ଗ୍ରାମେଶ୍ୱର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କୁ ବ୍ୟାଙ୍କ ପକ୍ଷରୁ କମ୍ପ୍ୟୁଟର ପ୍ରଦାନ କରାଯାଇଥିଲା।

# ଆଗକୁ ମହଙ୍ଗା ହେବ ସୁନା

## ୧୫ ଦିନରେ ୬% ଦର ବୃଦ୍ଧି



ନୂଆଦିଲ୍ଲୀ,୧୭।୪

ଦେଶରେ ବର୍ତ୍ତମାନ କରୋନା ମହାମାରୀର ୨ୟ ଲହର ଜାରି ରହିଛି। ଏହି ସମୟରେ ଦେଶରେ ସୁନା ଓ ରୁପାର ଦର ଲଗାତର ଭାବେ ପରିବର୍ତ୍ତନ ହେଉଛି। ଶନିବାର ସୁନା ୧୭୫ ଟଙ୍କା ବୃଦ୍ଧି ପାଇ ୪୭,୩୫୦ ଟଙ୍କା ରହିଥିବା ଦେଖିବାକୁ ମିଳିଛି। ସେହିଭଳି ରୁପା ଦାମ ମଧ ସେହି ଅନୁପାତରେ ୬୨ଟଙ୍କା ବୃଦ୍ଧି ପାଇ ୬୮୬୦୨ ଟଙ୍କାରେ ପହଞ୍ଚିଛି। ଗତ ୧୫ ଦିନ ମଧରେ ସୁନାର ମୂଲ୍ୟ ପ୍ରାୟ ୬% ବୃଦ୍ଧି ପାଇଥିବା ସୂଚନା ମିଳିଛି। ଅନ୍ତର୍ଜାତୀୟ ବଜାରରେ ମଧ ସୁନା ଦର ପୁଣି ଥରେ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ସୁନାରେ ନିବେଶ କରିବାକୁ ନିବେଶକମାନେ ଅଧିକ ନିରାପଦ ମନେ କରୁଛନ୍ତି। ପ୍ରତି ୧୦ ଗ୍ରାମ ସୁନା ପିଛା ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍ସିଏକ୍ସ) ରେ ବର୍ତ୍ତମାନ ୪୭ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ରହିଛି। ଗତ ୭ ସପ୍ତାହ ମଧରେ ଏହି ଦର ସର୍ବାଧିକ ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଗତ ୩ ସପ୍ତାହରେ ସୁନା ଦାମ୍ ପାଖାପାଖି ୫.୪୦% ବଢି ୪୭୩୫୦ ଟଙ୍କାରେ ପହଞ୍ଚିଛି। ସେହିପରି ଅନ୍ତଃରାଷ୍ଟ୍ରୀୟ ସ୍ତରରେ ମଧ ଗୋଲ୍ଡ ରେଟ୍ ୪% ବୃଦ୍ଧି ପାଇ ୧୭୮୧ ଡଲାର ପ୍ରତି ଅଂଶ ହୋଇଯାଇଛି। ସେହିଭଳି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୪୪,୩୪୦ ଥିଲା ବେଳେ ରୁପା କେଜି ପ୍ରାୟ ୭୦ ହଜାର ଟଙ୍କା ରହିଥିବା ସୂଚନା ମିଳିଛି। ତେବେ ଏହା ମଧରେ ବିଶେଷଜ୍ଞମାନେ ଚକିତ କଲା ଭଳି ପୂର୍ବାନୁମାନ କରିଛନ୍ତି, ୨୦୨୧ରେ ସୁନା ଏବଂ ରୁପା ଦର ରେକର୍ଡ ସ୍ତରକୁ ଛୁଇଁବ। ଏହାରି ମଧରେ ଗ୍ରାହକମାନଙ୍କ ମଧରେ ଆଶଙ୍କା ଦେଖିବାକୁ ମିଳିଛି ଯେ, ସୁନା ଏବଂ ରୁପାର ଦାମ ପୁଣି ଥରେ ପୂର୍ବ ଦରକୁ ଫେରିଆସିବ କି ? ଅଗଷ୍ଟ ୨୦୨୦ରେ ଦେଶରେ ସୁନାର ମୂଲ୍ୟ ୧୦ ଗ୍ରାମ ପିଛା ୫୬,୨୦୦ ଟଙ୍କା ଥିଲା ।

# ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସହ ଓପିଟିସିଏଲ୍‌ର ଏମ୍‌ଓୟୁ



ଭୁବନେଶ୍ୱର,୧୭।୪

ରାଜ୍ୟରେ ସ୍ୱଚ୍ଛ ସରକାର ପ୍ରଦାନ ପାଇଁ ଓଡ଼ିଶା ସରକାର ୫-ଟି ଯୋଜନା ପ୍ରଣୟନ କରିଛନ୍ତି। ଏହାଦ୍ୱାରା ଶାସନରେ ସବୁ କ୍ଷେତ୍ରରେ ସ୍ୱଚ୍ଛତା ରହିବା ସହ ଅନ୍ୟାନ୍ୟ ସୁବିଧା ସାଧାରଣ ଜନତାଙ୍କୁ ମିଳିବ। ଫଳରେ ସରକାର ସ୍ୱଚ୍ଛତା ବଜାୟ ରଖିବା ଏବଂ ସବୁ ସରକାରୀ କାର୍ଯ୍ୟକୁ ଡିଜିଟାଇଜେଶନ ଓ ନିରପେକ୍ଷତା ମଧରେ ହୋଇପାରିବ। ଏହାକୁ ବାସ୍ତବରେ ଫଳପ୍ରଦ କରିବା ପାଇଁ ଏଇ ନିକଟରେ ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ (ଓପିଟିସିଏଲ୍) ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମଧରେ ଏକ ବୈଷୟିକ ଜ୍ଞାନକୌଶଳରେ ପ୍ରସ୍ତୁତ ଆପ୍ 'ଜିପିଏମ୍‌ଏସ୍' ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଉକ୍ତ ଆପ୍ ଜରିଆରେ ସରକାର ବିଭିନ୍ନ ପ୍ରୋଜେକ୍ଟର କାର୍ଯ୍ୟକାରିତାକୁ ସହଜରେ ମନିଟରିଂ କରିପାରିବେ। ଗଭର୍ନମେଣ୍ଟ ପ୍ରୋଜେକ୍ଟ ମନିଟରିଂ ସିଷ୍ଟମ (ଜିପିଏମ୍‌ଏସ୍) ମାଧମରେ ସରକାର ସବୁ ପ୍ରକାର କାର୍ଯ୍ୟକୁ ଅତି ସହଜରେ ଜାଣିବା ସହ ତା'ର କାର୍ଯ୍ୟପନ୍ଥା ବିଷୟରେ ପଦକ୍ଷେପ ଗ୍ରହଣ କରିପାରିବେ ବୋଲି ଜଣାପଡିଛି। ଏହି ଅବସରରେ ଓପିଟିସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ସିଂହ, ଡାଇରେକ୍ଟର (ପ୍ରୋଜେକ୍ଟ) ଆର୍.ଏଲ୍. ପଣ୍ଡା, ଡାଇରେକ୍ଟର (ଫାଇନାନ୍ସ) ସମୀର ସ୍ୱାଇଁ, ସିଜିଏମ୍ କନଷ୍ଟ୍ରସନ ସୁଦୀପ ସେନଗୁପ୍ତାଙ୍କ ସମେତ ଏଚ୍‌ଡିଏଫ୍‌ସିର ଓଡ଼ିଶା ସର୍କଲ ହେଡ୍ ଦୀପକ କୁମାର ସିଂହ, ଉପସଭାପତି ଅନିମେଶ ବିଶ୍ୱାଳ ପ୍ରମୁଖଙ୍କ ଉପସ୍ଥିତରେ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିଲା ବୋଲି ସୂଚନା ମିଳିଛି। ଏହି ଆପ୍ ମାଧମରେ ସରକାର ଓ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ପ୍ରୋଜେକ୍ଟ ଓ କାର୍ଯ୍ୟକୁ ମନିଟରିଂ କରିପାରିବେ। ସେହିଭଳି ଏହାଦ୍ୱାରା ମଧ ପ୍ରି ଟେଣ୍ଡର ଆକ୍ଟିଭିଟି, ପୋଷ୍ଟ ଟେଣ୍ଡର ଆକ୍ଟିଭିଟି, ୱାର୍କ ଏକ୍‌ଜିକ୍ୟୁଶନ,ବିଲିଂ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ସହଜରେ କରିପାରିବେ ବୋଲି ଏହାର ବିଶେଷଜ୍ଞମାନେ ଉକ୍ତ ଆପ୍ ସମ୍ପର୍କରେ ବିସ୍ତୃତ ବୁଝାଇ ଦେଇଥିଲେ।

## ସେଣ୍ଟ୍ରାଲ ବ୍ୟାଙ୍କର ସ୍ୱତନ୍ତ୍ର ଜମା ଯୋଜନା

ଭୁବନେଶ୍ୱର,୧୬।୪

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏକ ସୁସ୍ଥ ସମାଜ ଗଠନ ଦିଗରେ ତାହାର ସାମାଜିକ ପ୍ରତିବଦ୍ଧତାର ଅଂଶସ୍ୱରୂପ କୋଭିଡ୍-୧୯ ଟିକାକରଣକୁ ଉତ୍ସାହିତ କରିବାକୁ ପଦକ୍ଷେପ ନେଇଛି। କୋଭିଡ୍ ଟିକା ନେଇଥିବା ନାଗରିକଙ୍କ ପାଇଁ ପ୍ରଚଳିତ ସୁଧହାରଠାରୁ ଅଧିକ ୨୫ ବେସିସ୍ ପଏଣ୍ଟ ସୁଧ ପ୍ରଦାନ କରୁଥିବା ୧୧୧୧ ଦିନ ଅବଧିର ଏକ ସ୍ୱତନ୍ତ୍ର ଆକର୍ଷଣୀୟ ଜମା ଯୋଜନା 'ଇମ୍ୟୁନ ଇଣ୍ଡିଆ ଡିପୋଜିଟ ସ୍କିମ୍' ପ୍ରଚଳନ କରିଛି। ନାଗରିକମାନେ କୋଭିଡ୍-୧୯ ଟିକା ନେବାକୁ ବ୍ୟାଙ୍କ ନିବେଦନ କରିବା ସହିତ ଏହି ଆକର୍ଷଣୀୟ ଅଫରର ସୁଯୋଗ ନେବାକୁ କହିଛି। ଏହି ଅଫର ସୀମିତ ସମୟ ପାଇଁ ଉପଲବ୍ଧ ହେଉଛି। ବରିଷ୍ଠ ନାଗରିକ ସେମାନଙ୍କ ପାଇଁ ପ୍ରଯୁଜ୍ୟ ଅତିରିକ୍ତ ସୁଧ ପାଇବାକୁ ଯୋଗ୍ୟ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। କୋଭିଡ୍-୧୯ ପ୍ରତି ଜନସାଧାରଣଙ୍କ ଆଭିମୁଖ୍ୟ ସମ୍ପର୍କରେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ମୁତାବକ ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବା ଏବଂ ବାରମ୍ବାର ହାତ ଧୋଇବା ଉପରେ ଗୁରୁତ୍ୱ ଦିଆଯାଉଛି।

## ଦ୍ରୁତ ସଂକ୍ରମଣର କାରଣ ନୂଆ ଷ୍ଟ୍ରେନ, କୋଭିଡ୍ ନିୟମ ଉଲ୍ଲଂଘନ

ନୂଆଦିଲ୍ଲୀ, ୧୭।୪

ଭାରତରେ କ୍ରମାଗତ ୩ ଦିନ ହେଲା ଦୈନିକ ସଂକ୍ରମଣ ୨ ଲକ୍ଷରୁ ଅଧିକ ରହିଛି। ସଂକ୍ରମଣ ଦ୍ରୁତ ବୃଦ୍ଧି ପଛରେ ଏକାଧିକ କାରଣ ରହିଛି। ଜନସାଧାରଣ କୋଭିଡ୍ ନିୟମାବଳୀ ପାଳନ ନ କରିବା ଏବଂ ଭୂତାଣୁର ନୂଆ ରୂପ ଦ୍ରୁତ ସଂକ୍ରମଣର ଦୁଇଟି ମୁଖ୍ୟ କାରଣ ବୋଲି ଏମ୍ସ ନିର୍ଦ୍ଦେଶକ ଡ. ରଣଦୀପ ଗୁଲେରିଆ ଶନିବାର କହିଛନ୍ତି। ଗତ ଜାନୁୟାରୀ-ଫେବୃୟାରୀରେ ଯେତେବେଳେ ସଂକ୍ରମଣ କମିଗଲା ଏବଂ ଟିକାକରଣ ଆରମ୍ଭ ହେଲା, ସେତେବେଳେ ଲୋକେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ଆଦି କୋଭିଡ୍ କଟକଣାକୁ ସମ୍ପୂର୍ଣ୍ଣ ଭୁଲିଗଲେ। ଏଥିସହିତ ଭୂତାଣୁର ନୂଆ ନୂଆ ରୂପ ସଂକ୍ରମଣକୁ ଦ୍ରୁତ ବୃଦ୍ଧି କରାଉଥିବା ଡ. ଗୁଲେରିଆ କହିଛନ୍ତି।

# ରେନୋର ରୁରାଲ ଆଉଟରିଚ୍ ପଦକ୍ଷେପ

ନୂଆଦିଲ୍ଲୀ,୧୭।୪

ଦେଶର ଗ୍ରାମାଞ୍ଚଳରେ ଉପସ୍ଥିତି ଜାହିର କରିବା ଲାଗି ରେନୋ ଇଣ୍ଡିଆ ପକ୍ଷରୁ ନୂଆ ରୁରାଲ ଆଉଟରିଚ୍ ପଦକ୍ଷେପ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପଦକ୍ଷେପ ଅଧୀନରେ କମ୍ପାନୀ ସିଏସ୍‌ସି ଗ୍ରାମୀଣ ଷ୍ଟୋର ସହ ଚୁକ୍ତିରେ ସାମିଲ ହୋଇଛି। ଏହା ସିଏସ୍‌ସି ଗଭର୍ନାସ ସର୍ଭିସେସ୍ ଇଣ୍ଡିଆ ଲିମିଟେଡ୍ (ସିଏସ୍‌ସି-ଏସ୍‌ପିଭି)ର ଏକ ସହଯୋଗୀ ସଂସ୍ଥା। ଏହାଦ୍ୱାରା ରେନୋ ଇଣ୍ଡିଆର ପ୍ରମୁଖ ଲାଇନ ଅପ୍ ସିଏସ୍‌ସି ଗ୍ରାମୀଣ ଷ୍ଟୋରରେ ସୂଚୀଭୁକ୍ତ କରାଯିବ। ଗ୍ରାମାଞ୍ଚଳରେ ରହିଥିବା ଆକାଂକ୍ଷୀ ଉଦ୍ୟୋଗୀଙ୍କ ଦ୍ୱାରା ସମ୍ଭାବ୍ୟ ଗ୍ରାହକଙ୍କ ନିକଟରେ କମ୍ପାନୀ ପହଞ୍ଚିବାକୁ ଯୋଜନା ରଖିଛି। ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଅଧୀନରେ ସିଏସ୍‌ସି ଗ୍ରାମୀଣ ଷ୍ଟୋର ଏକ ଇ-କମର୍ସ ପଦକ୍ଷେପ। ଗ୍ରାମାଞ୍ଚଳରେ ଡିଜିଟାଲ ଭାବେ ସାମଗ୍ରୀ ଅର୍ଡର କରିବା ଏବଂ ଡେଲିଭରି ଦେବାରେ ଏହା ନିରନ୍ତର ଯୋଗଦାନ ରଖୁଛି। ତୃଣମୂଳ ସ୍ତରରେ ଡିଜିଟାଲ ଅନ୍ତର୍ଭୁକ୍ତୀକରଣକୁ ଏହା ତ୍ୱରାନ୍ୱିତ କରିବା ଦିଗରେ ସହାୟକ ହେଉଛି। ରେନୋର ଯୋଜନା ମୁତାବକ ବଛାବଛା ସିଏସ୍‌ସିରେ ପ୍ରଡକ୍ଟ ସୂଚୀଭୁକ୍ତ କରାଇବା ନେଇ ଯୋଜନା ରଖାଯାଇଛି। ରେନୋ ଅଧିକୃତ ଡିଲରଶିପ ଦ୍ୱାରା ଏହି ସେଣ୍ଟରଗୁଡ଼ିକ ସଂଯୋଗ କରିପାରିବେ। ଦେଶର ଗ୍ରାମାଞ୍ଚଳ ବଜାରରେ ଅନେକ ସମ୍ଭାବନା ରହିଥିବାରୁ ଏହାକୁ ଧ୍ୟାନରେ ରଖି ନୂଆ ପଦକ୍ଷେପ ନିଆଯାଇଥିବା ରେନୋ ଇଣ୍ଡିଆ ସିଇଓ ଭେଙ୍କଟରାମ ମାମିଲାପାଲେ ସୂଚନା ଦେଇଛନ୍ତି।

# କାନାରା ବ୍ୟାଙ୍କ ପକ୍ଷରୁ ଆମ୍ବେଡକର ଜୟନ୍ତୀ

ଭୁବନେଶ୍ୱର,୧୭।୪

କାନାରା ବ୍ୟାଙ୍କର ସର୍କଲ ଅଫିସ ଭୁବନେଶ୍ୱର ପକ୍ଷରୁ ଭାରତୀୟ ସମ୍ବିଧାନର ଜନକ ଡ. ବି.ଆର୍ ଆମ୍ବେଡକରଙ୍କ ୧୩୦ ତମ ଜୟନ୍ତୀ ଏଇ ନିକଟରେ ବ୍ୟାଙ୍କର ସର୍କଲ ଅଫିସ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ, ଭୁବନେଶ୍ୱର ଅଞ୍ଚଳର ସହକାରୀ ନିର୍ଦ୍ଦେଶକ ଭି.ଅଶୋକ ବର୍ଦ୍ଧନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାରତୀୟ ସମ୍ବିଧାନ ଗଠନ କରିବାରେ ଆମ୍ବେଡକରଙ୍କ ଅବଦାନ ଏବଂ ମୁକ୍ତ ଭାରତରେ ଜାତିଆଣ ଭେଦଭାବ ତଥା ଅସମାନତାକୁ ଦୂରକରିବା କ୍ଷେତ୍ରରେ ତାଙ୍କ ନିରନ୍ତର ପ୍ରୟାସ ସମ୍ପର୍କରେ ସେ ବିସ୍ତୃତ ଆଲୋଚନା କରିଥିଲେ। ସେହିଭଳି ବ୍ୟାଙ୍କର ଭୁବନେଶ୍ୱର ସର୍କଲ ମହାପ୍ରବନ୍ଧକ ତଥା ସର୍କଲ ମୁଖ୍ୟ ବି.ଏଲ୍. ମୀନା ସଭାରେ ସଭାପତିତ୍ୱ କରି ଆମ୍ବେଡକରଙ୍କ ଜୀବନୀ ଏବଂ ସମାଜର ବଞ୍ଚିତ ଗୋଷ୍ଠୀ ଏବଂ ମହିଳାମାନଙ୍କ ଉନ୍ନତି କ୍ଷେତ୍ରରେ ଆମ୍ବେଡକରଙ୍କ ଉଦ୍ୟମ ସମ୍ପର୍କରେ କହିଥିଲେ। ସେହିପରି ଭୁବନେଶ୍ୱର ସର୍କଲ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ସୂର୍ଯ୍ୟନାରାୟଣ ପଣ୍ଡା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ କରାଇଥିଲେ। ପରିଶେଷରେ ଭୁବନେଶ୍ୱର ସର୍କଲ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ କେ.ଏସ୍. ଗୁପ୍ତା ସଭାରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ହୋଣ୍ଡାର ନୂଆ ବୈଦେଶିକ ବ୍ୟବସାୟ ଆରମ୍ଭ

ନୂଆଦିଲ୍ଲୀ,୧୭।୪

ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ନୂଆ ବୈଦେଶିକ ବ୍ୟବସାୟ ଶାଖାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ନୂତନ ଶାଖା ଜରିଆରେ କମ୍ପାନୀ ଏହାର ଦୁଇଚକିଆ ଯାନଗୁଡ଼ିକୁ ଦୁନିଆର ସବୁଠୁ ଉନ୍ନତ ବଜାରକୁ ରପ୍ତାନି କରିବାକୁ ସକ୍ଷମ ହୋଇପାରିବ ବୋଲି କହିଛି। ହୋଣ୍ଡା ଟୁହୁଇଲର୍ସ ଇଣ୍ଡିଆରେ ହୋଇଥିବା ପ୍ରମୁଖ ସଂସ୍ଥାଗତ ପୁନର୍ଗଠନରେ ବିଭିନ୍ନ ବିଭାଗର ୧୦୦ରୁ ଅଧିକ ସହଯୋଗୀ ଏକତ୍ରିତ ହୋଇ ଦୁଇଚକିଆ ଯାନ ରପ୍ତାନି ପାଇଁ ହୋଣ୍ଡା ଇଣ୍ଡିଆକୁ ବିଶ୍ୱସ୍ତରୀୟ ହବ୍‌ରେ ପରିଣତ କରିବା ଲକ୍ଷ୍ୟ ପୂରଣ ଲାଗି ଆଗେଇ ଆସିଛନ୍ତି। ନୂଆ ବୈଦେଶିକ ବ୍ୟବସାୟ ଶାଖାରେ ବିକ୍ରି, ଇଞ୍ଜିନିୟରିଂ, ବିକାଶ, କିଣାକିଣି ଓ ଗୁଣାତ୍ମକ ମାନ ଆଦି ସମନ୍ୱିତ କରାଯାଇଛି। ଏହା ହୋଣ୍ଡା ଟୁହୁଇଲର୍ସ ଇଣ୍ଡିଆର ଆମଦାନୀ ଓ ରପ୍ତାନି କାର୍ଯ୍ୟକୁ ସମନ୍ୱିତ କରିବ। ଏ ସମ୍ପର୍କରେ କମ୍ପାନୀର ସିଇଓ ଆତ୍‌ସୁସି ଓଗାତା କହିଛନ୍ତି, ଭବିଷ୍ୟତକୁ ନଜରରେ ରଖି ହୋଣ୍ଡା ଟୁହୁଇଲର୍ସ ଇଣ୍ଡିଆ ହୋଣ୍ଡାର ବିଶ୍ୱସ୍ତରୀୟ ମୋଟରସାଇକେଲ ବ୍ୟବସାୟ ଏହାର ଏକ ନମ୍ବର ସ୍ଥିତିକୁ ଆହୁରି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ବିଏସ୍-୬ ଯୁଗରେ ଭାରତ ଏବଂ ଦୁନିଆ ପାଇଁ ଏଥି ସହିତ ମେକ୍ ଇନ୍ ଇଣ୍ଡିଆର ନୂଆ ଅଧ୍ୟାୟକୁ ଏହା ଉନ୍ମୁକ୍ତ କରିବ। ଏହି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗତ ପୁନର୍ଗଠନ ସହିତ କମ୍ପାନୀ ଏହାର ବ୍ୟବସାୟକୁ ଆହୁରି ଦୃଢ଼ କରିଛି। ଗ୍ଲୋବାଲ ହୋଣ୍ଡାର ଉଚ୍ଚ ଅଭିଳାଷ ପୂରଣ କରିବା ଲାଗି ପ୍ରତିଦ୍ୱନ୍ଦ୍ୱିତାରେ ଉନ୍ନତି ଆଣିଛି ବୋଲି ଓଗାତା ମତ ରଖିଛନ୍ତି।

# ସାରା ବିଶ୍ୱରେ ଟୁଇଟର ସେବା ଠପ୍

ନୂଆଦିଲ୍ଲୀ,୧୭।୪

ଶନିବାର ଅଚାନକ ଟୁଇଟର ସେବା ଠପ୍ ହୋଇପଡ଼ିଛି। ଗତ ୧୦ ଦିନ ମଧରେ ଏହା ୨ୟ ଥର ପାଇଁ ସମସ୍ୟା ସୃଷ୍ଟି କରିଥିବା ଜଣାପଡିଛି। ଟୁଇଟର ୟୁଜରମାନେ ଏହା ଫଳରେ ବିଭିନ୍ନ ଅସୁବିଧାର ସାମ୍ନା କରିଛନ୍ତି। ଗତ ସପ୍ତାହରେ ଶୁକ୍ରବାର ମଧ ଟୁଇଟର ସେବା ହଠାତ୍ ଠପ୍ ହୋଇପଡ଼ିବାରୁ ଲୋକମାନେ ଟୁଇଟ କରିପାରି ନ ଥିଲେ। ତେବେ ଏହି ସମସ୍ୟା କେବଳ ଭାରତରେ ନୁହେଁ ବରଂ ସାରା ବିଶ୍ୱରେ ଦେଖିବାକୁ ମିଳିଛି। ଏହା କୋଟି କୋଟି ଟୁଇଟର ବ୍ୟବହାରକାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ବର୍ତ୍ତମାନ ସମୟରେ କିଛି ଟୁଇଟର ୟୁଜର ଟୁଇଟ୍ କରିପାରୁଥିବା ଦେଖିବାକୁ ମିଳିଛି। ମୁଖ୍ୟତଃ ଏଭଳି ସମସ୍ୟା ଟୁଇଟରର ଯାନ୍ତ୍ରିକତ୍ରୁଟି ପାଇଁ ହୋଇଥିବା ସୂଚନା ମିଳିଛି। ତେବେ ଡେସ୍କଟପ୍‌ରେ ଟୁଇଟର ଆକାଉଣ୍ଟ ସ୍ୱୟଂଚାଳିତ ଭାବେ ଲଗ୍‌ଆଉଟ ହୋଇଯାଇଥିବା ବେଳେ ଆଣ୍ଡ୍ରୋଏଡ ଏବଂ ଆଇଫୋନ ୟୁଜରଙ୍କୁ କୌଣସି ଅସୁବିଧା ସାମ୍ନା କରିବାକୁ ପଡ଼ି ନ ଥିଲା ବୋଲି ବିଭିନ୍ନ ସୂତ୍ରରୁ ଜଣାପଡ଼ିଛି। ଏହି ସମସ୍ୟା କେବଳ ଡେସ୍କଟପ୍‌ରେ ସୀମିତ ଥିଲା ବୋଲି କୁହାଯାଉଛି। ଏହା ପୂର୍ବରୁ ଏପ୍ରିଲ ୧୭ରେ ସକାଳ ୬ଟା ୨୧ରେ ମଧ ଟୁଇଟ୍ ସେବା ଠପ୍ ହୋଇଯାଇଥିଲା।

# ଏସ୍‌ବିଆଇ ପକ୍ଷରୁ ଅନୁଗୋଳ ପୋଲିସକୁ ପିସିଆର୍ ଭ୍ୟାନ୍ ପ୍ରଦାନ




ଭୁବନେଶ୍ୱର,୧୭।୪

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ନିକଟରେ ଏକ ନିରାଡ଼ମ୍ବରପୂର୍ଣ୍ଣ ଉତ୍ସବରେ ଅନୁଗୋଳ ଜିଲା ପୋଲିସକୁ ଏକ ନୂଆ ପିସିଆର୍ ଭ୍ୟାନ୍ ପ୍ରଦାନ କରାଯାଇଛି। ବ୍ୟାଙ୍କର ସାମାଜିକ ଦାୟିତ୍ୱବୋଧତାର କାର୍ଯ୍ୟକ୍ରମ ଆଧାରରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ଥାନୀୟ ଲୋକଙ୍କ ସୁରକ୍ଷା ଓ ସର୍ବସାଧାରଣଙ୍କ ହିତ ପାଇଁ ଜିଲା ପୋଲିସକୁ ଏହି ପେଟ୍ରୋଲିଂ ଗାଡ଼ି ପ୍ରଦାନ କରାଯାଇଛି ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଭୁବନେଶ୍ୱର ମଣ୍ଡଳର ମହାପ୍ରବନ୍ଧକ (ନେଟ୍‌ୱର୍କ-୧) ସି.ଏଲ୍.ଏନ୍. ଚାର୍ୟଲୁ, ଉପମହାପ୍ରବନ୍ଧକ(ଜୋନ-୨) କୁନ୍ଦନ ଜ୍ୟୋତି, କ୍ଷେତ୍ରୀୟ ପ୍ରବନ୍ଧକ ପ୍ରମୋଦ କୁମାର ପ୍ରଧାନଙ୍କ ସମେତ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ସାର୍ଥକ ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ଅନୁଗୋଳ ଜିଲା ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନାଙ୍କୁ ଗାଡ଼ିର ଚାବି ହସ୍ତାନ୍ତର କରାଯାଇଥିଲା। ଅନୁଗୋଳ ଜିଲା ପୋଲିସ ଉକ୍ତ ଗାଡ଼ିକୁ ଜିଲାର ଆଇନ ଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟବହାର କରିବା ସହ ବ୍ୟାଙ୍କର ଡିଜିଟାଲ ବ୍ୟାଙ୍କିଙ୍ଗ୍‌ର ପ୍ରଚାର ପ୍ରସାର କରାଇବାରେ ସହାୟତା କରିବ ଏବଂ ଜିଲାବାସୀଙ୍କୁ ଷ୍ଟେଟ ବ୍ୟାଙ୍କର ଅନନ୍ୟ ଏକକ ବ୍ୟାଙ୍କିଙ୍ଗ୍ ସମାଧାନ ପ୍ରଣାଳୀ ୟୋନୋ ଆପ୍‌ର ବ୍ୟବହାର ବାବଦରେ ମଧ ସଚେତନା କରିବାରେ ଏହା ବେଶ୍ ସହାୟକ ହେବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ମତବ୍ୟକ୍ତ କରିଥିଲେ।

# ଉତ୍କଳ ଅଟୋମୋବାଇଲ୍ସ ପକ୍ଷରୁ ଇଲେକ୍ଟ୍ରିକ୍ ଯାନ ପ୍ରଦାନ


ଭୁବନେଶ୍ୱର,୧୭।୪





ଦେଶର ଅଗ୍ରଣୀ ଅଟୋମୋବାଇଲ ଉତ୍ପାଦନକାରୀ କମ୍ପାନୀ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପକ୍ଷରୁ ଓଡ଼ିଶାର ଅଧିକୃତ ବିକ୍ରେତା ଉତ୍କଳ ଅଟୋମୋବାଇଲ୍ସ ପରିସରରୁ ଏକା ଥରକେ ୮ଟି ଇଲେକ୍ଟ୍ରିକ୍ ଯାନ ପ୍ରଦାନ କରାଯାଇଛି। ସଂସ୍ଥାର ପଳାଶୁଣୀ ଶୋ'ରୁମ୍ ପରିସରରୁ ଏହି ଇଲେକ୍ଟ୍ରିକ୍ ପିକ୍ ଅପ୍ ଭ୍ୟାନ୍(୩ ଚକିଆ)ଗୁଡିକୁ ଭିଏଲ୍‌ଆର୍ ଲଜିଷ୍ଟିକ୍ସ କମ୍ପାନୀକୁ ପ୍ରେରଣ କରାଯାଇଛି। ଏହି ଅବସରରେ ମହିନ୍ଦ୍ରାର ଓଡ଼ଶା ମୁଖ୍ୟ (ସର୍ଭିସ ଇଞ୍ଜିନିୟର) ସୁଶୋଭନ ନନ୍ଦ ଉକ୍ତ ଗାଡ଼ି ଓ ଚାବି ଭିଏଲ୍‌ଆର୍ ଲଜିଷ୍ଟିକ୍ସ କମ୍ପାନୀର ବରିଷ୍ଠ ଅଧିକାରୀ ଲଙ୍କାଲ ପଲ୍ଲୀ ହରିହର ରାଓଙ୍କୁ ହସ୍ତାନ୍ତର କରିଥିଲେ।

କମ୍ପାନୀର ପ୍ରଥମ ଲିଥିୟମ ଆୟନ ବ୍ୟାଟେରି ଥିବା ୩ ଚକିଆ ଇଲେକ୍ଟ୍ରିକ୍ ଗାଡି ହେଉଛି ମହିନ୍ଦ୍ରା ଟ୍ରିଓ। ଏହାର ରକ୍ଷଣାବେକ୍ଷଣା ସହ ଏହାକୁ ଚଳାଇବାରେ ବହୁ କମ୍ ଖର୍ଚ୍ଚ ହେଉଥିବା ସହ ଏହାର ଗ୍ରାହକମାନେ ପ୍ରତି କିଲୋମିଟର ପିଛା ଅନ୍ୟ ଗାଡ଼ି ଅପେକ୍ଷା ଅଧିକ ଆୟ କରିପାରିବେ ବୋଲି ନନ୍ଦ ମତବ୍ୟକ୍ତ କରିଥିଲେ।

ଏକା ସାଙ୍ଗରେ ୫୫୦କେଜି ମାଲ ପରିବହନ କରିବାର କ୍ଷମତା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଏହାକୁ ଥରେ ଚାର୍ଜ କଲେ ୧୨୫ କି.ମି. ଯାତ୍ରା ବିନା ସମସ୍ୟାରେ କରିପାରିବ। ସେହିପରି ଏହା ୩ ରୁ ୪ ଘଣ୍ଟା ମଧରେ ଫୁଲ୍ ଚାର୍ଜ ହୋଇଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଉତ୍କଳ ଅଟୋମୋବାଇଲ୍ସର ଜିଏମ୍ ଶୁଭେନ୍ଦୁ ପଟ୍ଟନାୟକ, ସଂସ୍ଥାର ସେଲ୍ସ ମ୍ୟାନେଜର ଜ୍ଞାନେନ୍ଦ୍ର କୁମାର ମହାନ୍ତି, ପିଡିଆଇ ମ୍ୟାନେଜର ସତ୍ୟନାରାୟଣ ରାଓ, ବିଡିଏମ୍ ପ୍ରସନ୍ନ ମଲ୍ଲିକ ଏବଂ ଭିଏଲ୍‌ଆର୍ ଲଜିଷ୍ଟିକ୍ସ ମ୍ୟାନେଜର ପ୍ରସାଦ ନାଇଡୁ ପ୍ରମୁଖ ଉପସ୍ଥିତ ରହିଥିଲେ।



ହାତକୁ ଦୁଇ ହାତ ହେବେ ଲୋକପ୍ରିୟ କମେଡିଆନ ସୁଗନ୍ଧା ମିଶ୍ରା। ପେସାରେ ଡାକ୍ତର ତଥା କମେଡିଆନ ଭାବେ ଜଣାଶୁଣା ସଙ୍କେତ ଭୋସଲେଙ୍କୁ ସେ ବିବାହ କରିବାକୁ ଯାଉଛନ୍ତି। ଉଭୟଙ୍କ ନିର୍ବନ୍ଧ ସରିଛି। ଏନେଇ ସେମାନେ ସୋସିଆଲ ମିଡିଆରେ ପ୍ରଶଂସକଙ୍କୁ ଖୁସି ଖବର ଜଣାଇଛନ୍ତି। ଛୋଟ ପରଦାର ଅନେକ କମେଡି କାର୍ଯ୍ୟକ୍ରମରେ ସୁଗନ୍ଧା ଓ ସଙ୍କେତଙ୍କୁ ଦେଖିବାକୁ ମିଳେ। ସୁଗନ୍ଧା କମେଡି କିଙ୍ଗ କପିଲ ଶର୍ମାଙ୍କ ଶୋ'ରେ ନଜର ଆସୁଥିବା ବେଳେ ସଞ୍ଜୟ ଦତ୍ତଙ୍କ ନକଲ କରିବାକୁ ନେଇ ଚର୍ଚ୍ଚାରେ ରହିଥାନ୍ତି ସଙ୍କେତ। ଉଭୟଙ୍କୁ ପ୍ରଶଂସକଙ୍କ ସହ ସାଥୀ କଳାକାର ତଥା ଶୁଭଚିନ୍ତକମାନଙ୍କ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।



# ମୃତଦେହ ବି ଖାଇଯିବେ ମଙ୍ଗଳ ମହାକାଶ ଯାତ୍ରୀ

**ୱାଶିଂଟନ:** ପୃଥିବୀ ବାହାରେ ବସତି ସ୍ଥାପନ ପାଇଁ ମହାକାଶ ବିଜ୍ଞାନୀମାନେ ଲଗାତାର ଉଦ୍ୟମ ଜାରି ରଖିଛନ୍ତି। ମଙ୍ଗଳ ଗ୍ରହରେ ବାସ କରିବା ଲାଗି ଏବେ ଯୋଜନା ଜୋର୍ସୋରେ ଆରମ୍ଭ ହୋଇଛି। ପୃଥିବୀଠାରୁ ମଙ୍ଗଳଗ୍ରହର ଦୂରତା ପ୍ରାୟ ୧୭ କୋଟି ମାଇଲ ଅର୍ଥାତ ୨କୋଟି ୭୩ ଲକ୍ଷ ୫୮ ହଜାର ୮୪୮ କିଲୋମିଟର। ଏତେ ଦୀର୍ଘ ବାଟ ଯିବା ପାଇଁ ୭ ମାସ ସମୟ ଲାଗିବ। ଏକ ଛୋଟ ମହାକାଶ କ୍ୟାପସୁଲରେ ବସି ଯାତ୍ରା କରିବା କଷ୍ଟକର। ସେହିପରି ମଙ୍ଗଳରେ ପହଞ୍ଚିଗଲେ ମଧ୍ୟ ବିଭିନ୍ନ ଅଜଣା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ଯଦି ମଙ୍ଗଳ ଅଭିଯାନ ସମୟରେ କୌଣସି ମହାକାଶ ଯାତ୍ରୀଙ୍କର ମୃତ୍ୟୁ ଘଟେ ତେବେ ତାଙ୍କୁ ପୃଥିବୀକୁ ଆଣିବା ପାଇଁ ବହୁ ଦିନ ଲାଗିବ। ତେଣୁ ମୃତଦେହକୁ ମହାକାଶରେ ଭସାଇ ଦିଆଯିବ ଅବା ମଙ୍ଗଳରେ ପହଞ୍ଚିବା ପରେ ମାଟିରେ କବର କିମ୍ବା ଜଳାଇ ଦିଆଯିବ। ଜଳାଇ ଦିଆଯିବା ଉପଯୁକ୍ତ ହେବ ବୋଲି ମହାକାଶବିଜ୍ଞାନୀମାନେ ମତପୋଷଣ କରିଛନ୍ତି। ଏହାଦ୍ୱାରା କୌଣସି ସଂକ୍ରମଣ ହେବାର ଆଶଙ୍କା ଆଉ ରହିବ ନାହିଁ। ତେବେ ଖାଦ୍ୟର ଅଭାବରେ ସାଥୀ ଯାତ୍ରୀଙ୍କ ମୃତଦେହ ଖାଇବାର ବିକଳ୍ପ ମଧ୍ୟ ରହିଛି। ତେଣୁ ଯାତ୍ରା ଶେଷ ନ ହେବା ପର୍ଯ୍ୟନ୍ତ ମୃତଦେହକୁ କ୍ୟାପସୁଲରେ ଥିବା ଫ୍ରିଜ୍‌ରେ ସଂରକ୍ଷିତ ରଖାଯିବ ବୋଲି ମହାକାଶ ବିଜ୍ଞାନୀମାନେ ମତପୋଷଣ କରିଛନ୍ତି। ଏପର୍ଯ୍ୟନ୍ତ ମଣିଷର ମହାକାଶ ଅଭିଯାନରେ ୨୧ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ମହାକାଶ ଅଭିଯାନରେ ସବୁବେଳେ ବିପଦର ଆଶଙ୍କା ରହିଥାଏ। ତେଣୁ ସାଥୀ ଯାତ୍ରୀଙ୍କ ମୃତଦେହକୁ ଖାଦ୍ୟ ଭାବେ ବ୍ୟବହାର କରିବା ସାଧାରଣ କଥା ବୋଲି ମହାକାଶ ବିଶେଷଜ୍ଞ କହିଥାନ୍ତି।

ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା



Hrithika Sarangi
ପାତ୍ରପଡ଼ା, ଭୁବନେଶ୍ୱର
ଆଜି ତୋର ୮ମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇବାବାଙ୍କ ନିକଟରେ ପ୍ରାର୍ଥନା କରୁଛି, ସେ ତୋତେ ଦୀର୍ଘାୟୁ କରନ୍ତୁ, ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
-:ଶୁଭେଚ୍ଛା ସହ:- ବାପା, ମାଆ, ପାପା, ମାମା, ଅଜା, ଆଈ, ମାମୁ, ପିଉସା, ପିଉସୀ, ମଉସା, ମାଉସୀ, ଗୁଡୁକାକା, ଆଣ୍ଟି, ଦିଶାନାନୀ, ନିଶି, ଲାଡ୍‌ଲି, ଡୁଡୁଲି ଓ ପରିବାରବର୍ଗ।
ଧ-୬୯୪୯୭

# ରେଡିଓଆକ୍ଟିଭ ଜଳ ବଦଳାଇଦେବ ଡିଏନ୍‌ଏ

**ଦଶନ୍ଧି ତଳେ ଜାପାନ ଦେଖିଥିଲା ପ୍ରଳୟଙ୍କରୀ ସୁନାମି। ଏଥିରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା ଫୁକୁଶିମା ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ। ନିକଟରେ ଉକ୍ତ ପାୱାର ଷ୍ଟେଶନର ତେଜସ୍କ୍ରିୟ ଜଳକୁ ସମୁଦ୍ରରେ ଛାଡ଼ିବାକୁ ଯୋଜନା କରୁଛି ଜାପାନ। ଉକ୍ତ ଜଳରେ ରେଡିୟମ ୨୨୬ ଭଳି କ୍ଷତିକାରକ ତତ୍ତ୍ୱ ରହିଛି, ଯାହା ମଣିଷର ଡିଏନ୍‌ଏକୁ ବଦଳାଇଦେଇପାରେ। ଜାପାନର ଏହି ନିଷ୍ପତ୍ତିରେ ଚାଇନା ଖପ୍ପା ହୋଇଥିବାବେଳେ ପୁଣି ଥରେ ମୁହାଁମୁହିଁ ହୋଇଛନ୍ତି ଦୁଇ ଦେଶ।**



**ନୂଆଦିଲ୍ଲୀ:** ଫୁକୁଶିମା ନ୍ୟୁକ୍ଲିୟର ପ୍ଲାଣ୍ଟର ରେଡିଓଆକ୍ଟିଭ୍ ଜଳକୁ ପ୍ରଶାନ୍ତ ମହାସାଗରରେ ନିର୍ଗମନ କରିବାକୁ ନିଷ୍ପତ୍ତି ନେଇଛି ଜାପାନ। ଏହାକୁ ନେଇ ଚାଇନାର ଚିନ୍ତା ବଢ଼ିଛି। ଜାପାନ ଏକତରଫା ଭାବେ ଏଭଳି କିଛି କାର୍ଯ୍ୟ କଲେ ପରିଣାମ ଭୟାବହ ହେବ ବୋଲି ଧମକ ଦେଇଛି ବେଜିଂ। ଚାଇନାର ଏପରି ପ୍ରତିକ୍ରିୟାର ଜବାବ ରଖି ଜାପାନ କହିଛି, ସମୁଦ୍ରରେ ନ୍ୟୁକ୍ଲିୟର ପ୍ଲାଣ୍ଟର ପାଣି ଛଡ଼ାଯିବା ପୂର୍ବରୁ ଯଥେଷ୍ଟ ଗବେଷଣା କରାଯାଇଛି। ଏଥିରେ ସାମୁଦ୍ରିକ ପ୍ରାଣୀ କିମ୍ବା ଜୈବବିବିଧତା ଉପରେ କୌଣସି ପ୍ରଭାବ ପଡ଼ିବନାହିଁ। ଏସବୁ ସତ୍ତ୍ୱେ ଜାପାନ କଥା ଉପରେ ଚାଇନାର ଭରସା ପାଉନି।

୨୦୧୧ ମାର୍ଚ୍ଚରେ ପ୍ରଳୟଙ୍କରୀ ସୁନାମିରେ ଦୋହଲିଯାଇଥିଲା ଜାପାନ। ସାମୁଦ୍ରିକ ଜଳପ୍ରଳୟରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ଫୁକୁଶିମା ପରମାଣୁ ୟୁନିଟ୍। ଏବେ ବି ଏହା ଭିତରେ ୧୦ ଲକ୍ଷ ଟନ୍ ରେଡିଓଆକ୍ଟିଭ୍ ପାଣି ରହିଛି, ଯାହାକୁ ପ୍ରଶାନ୍ତ ମହାସାଗରରେ ଛଡ଼ାଯିବାକୁ ଯୋଜନା କରାଯାଉଛି।

## ଜାପାନ ପାଇଁ ଚିନ୍ତାରେ ଚାଇନା

ଏହାର କାରଣ ଟୋକିଓ ଅଲିମ୍ପିକ୍। କାରଣ କ୍ରୀଡ଼ାସ୍ଥଳରୁ ଫୁକୁଶିମା ଆଣବିକ ରିଆକ୍ଟରର ଦୂରତ୍ୱ ମାତ୍ର ୬୦ କିମି। ସାରା ପୃଥିବୀର ବିଭିନ୍ନ ସ୍ଥାନରୁ ହଜାର ହଜାର କ୍ରୀଡ଼ାବିତ୍ ଏହି କ୍ରୀଡ଼ା ମହାକୁମ୍ଭରେ ଯୋଗଦେବେ। ଗଚ୍ଛିତ ରେଡିଓଆକ୍ଟିଭ୍ ପାଣି କାରଣରୁ ଦୁର୍ଘଟଣା ଘଟିବା ଏବଂ ସେମାନଙ୍କ ସ୍ୱାସ୍ଥ୍ୟ ବିପଦରେ ପଡ଼ିବା ଆଶଙ୍କା ଦେଖାଦେଇଛି। କ୍ରୀଡ଼ାବିତ୍‌ଙ୍କ ମନରୁ ଏହି ଭୟ ଦୂର କରିବା ଲାଗି ଜାପାନ ସରକାର ଉକ୍ତ ତେଜସ୍କ୍ରିୟ ପାଣିକୁ ସମୁଦ୍ରକୁ ଛାଡ଼ିବାକୁ ଯୋଜନା କରୁଥିବା କୁହାଯାଉଛି। ଇତିମଧ୍ୟରେ ଗତ ମଙ୍ଗଳବାର ତେଜସ୍କ୍ରିୟ ପାଣିକୁ ସମୁଦ୍ରକୁ ଛାଡ଼ିବା ଯୋଜନାକୁ ମଞ୍ଜୁରୀ ମିଳିଛି। ସମୁଦ୍ରକୁ ଛଡ଼ାଯିବା ପୂର୍ବରୁ ଏହି ପାଣିକୁ ବିଶୋଧନ କରାଯିବ। ଉକ୍ତ ଜଳରୁ ରେଡିୟମକୁ ପୃଥକ୍ କରାଯିବ। ହେଲେ ପ୍ରଥମ ଥର ଲାଗି ଜାପାନ ପକ୍ଷରୁ ନିଆଯାଉଥିବା ଏପରି ଦୁଃସାହସିକ ପଦକ୍ଷେପ ଚାଇନା ସମେତ ଅନେକ ଦେଶକୁ ଚିନ୍ତାରେ ପକାଇଛି।

### ବିରୋଧ କରୁଛନ୍ତି ମତ୍ସ୍ୟଜୀବୀ

ଫୁକୁଶିମା ପରମାଣୁ ୟୁନିଟ୍‌ର ବର୍ଜ୍ୟ ତେଜସ୍କ୍ରିୟ ପାଣିକୁ ସମୁଦ୍ରରେ ଛାଡ଼ିବା ନିଷ୍ପତ୍ତିକୁ ବିରୋଧ କରୁଛନ୍ତି ସ୍ଥାନୀୟ ମତ୍ସ୍ୟଜୀବୀ। ସେମାନଙ୍କ କହିବା କଥା, ଏହି ପାଣି ସେମାନଙ୍କ ଜୀବିକା ବୁଡ଼ାଇଦେବ। ଉଲ୍ଲେଖଯୋଗ୍ୟ, ସାମୁଦ୍ରିକ ଜୀବଙ୍କୁ କ୍ଷତି ପହଞ୍ଚାଇବାରେ ଜାପାନୀ ମତ୍ସ୍ୟଜୀବୀ କୁଖ୍ୟାତି ଅର୍ଜିଛନ୍ତି। କଡ଼ା କଟକଣା ଲାଗୁ କରାଯିବା ପରେ ସେମାନଙ୍କ ଛବି ସାମାନ୍ୟ ବଦଳିଛି। ତଥାପି ଫୁକୁଶିମା ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରୁ ଧରାଯାଉଥିବା ସି-ଫୁଡ୍‌କୁ ଲୋକମାନେ କିଣିବାରେ ଆଗ୍ରହ ଦେଖାଉନାହାନ୍ତି। ରେଡିଓଆକ୍ଟିଭ୍ ପାଣି ସମୁଦ୍ରରେ ମିଶିଲେ ଜଳ ବିଷାକ୍ତ ହୋଇଯିବ। ଏପରି ହେଲେ ଫୁକୁଶିମା ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳର ସି-ଫୁଡ୍ ଆଉ କେହି କିଣିବେ ନାହିଁ ବୋଲି ମତ୍ସ୍ୟଜୀବୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

### ମଣିଷ ପାଇଁ ଘାତକ

ରେଡିଓଆକ୍ଟିଭ୍ ପାଣିରେ ପ୍ଲୁଟୋନିୟମ, ୟୁରାନିୟମ ଭଳି ଘାତକ ତତ୍ତ୍ୱ ରହିଛି। ଏହି ବିଷାକ୍ତ ପଦାର୍ଥ ସିଧାସଳଖ ରକ୍ତରେ ମିଶି ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରେ। କେବଳ ଏତିକି ନୁହେଁ, ରକ୍ତ କର୍କଟ ଭଳି ମାରାତ୍ମକ ରୋଗର କାରଣ ସାଜିପାରେ। ମଣିଷ ପାଇଁ ଏହି ତେଜସ୍କ୍ରିୟ ଜଳ ବେଶ୍ ବିପଜ୍ଜନକ। ଏହାର ଅନ୍ୟ ଏକ ସମସ୍ୟା ହେଉଛି, ଏଭଳି କ୍ଷତିକାରକ ପଦାର୍ଥର ବିକିରଣ ଦୀର୍ଘବର୍ଷ ଧରି ରହିଥାଏ। ତେଣୁ ଏହାକୁ ଅତି ସୁରକ୍ଷିତ ଭାବେ ପରିଚାଳନା କରାଯାଏ। ଫୁକୁଶିମା ଆଣବିକ ରିଆକ୍ଟରରେ ଗଚ୍ଛିତ ଜଳରେ ରେଡିୟମ ୨୨୬ ଭଳି ଅତ୍ୟଧିକ କ୍ଷତିକାରକ ତତ୍ତ୍ୱ ରହିଛି। ଏହାର ସିଧାସଳଖ ସଂସ୍ପର୍ଶରେ ଆସିଲେ ଡିଏନ୍‌ଏ ବଦଳିଯିବା ସହ ଭୟଙ୍କର ଶାରୀରିକ ବିକୃତି ଦେଖାଦେବା ଆଶଙ୍କା ରହିଛି। ମଣିଷ ଭଳି ସାମୁଦ୍ରିକ ଜୀବମାନଙ୍କ ପାଇଁ ମଧ୍ୟ ଏହା ସେତିକି ବିପଜ୍ଜନକ। ଏହାର ସଂସ୍ପର୍ଶରେ ଆସୁଥିବା ଜଳଚର ଜୀବଙ୍କ ଶରୀର ବିଷାକ୍ତ ହୋଇଯାଏ। ଏହାକୁ ଖାଇବା ପରେ ମଣିଷଠାରେ ଏହାର ପ୍ରତିକ୍ରିୟା ଦେଖାଯାଇଥାଏ।

# ଦୋସ୍ତାନା-୨ରୁ କାର୍ତ୍ତିକ ଆଉଟ୍

**ମୁମ୍ବାଇ:** ଧର୍ମା ପ୍ରଡକ୍ସନର ଅପ୍‌କମିଂ ଫିଲ୍ମ ଦୋସ୍ତାନା-୨ରୁ ବାଦ୍ ପଡ଼ିଛନ୍ତି ଅଭିନେତା କାର୍ତ୍ତିକ ଆର୍ଯ୍ୟନ। କଲିନ ଡି କୁହ୍ନାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ କରନ୍ ଜୋହର କାର୍ତ୍ତିକ , ଜାହ୍ନବୀ କପୁରଙ୍କୁ ମୁଖ୍ୟ ଭୂମିକାରେ ନେବା ପାଇଁ ୨୦୧୯ରେ ଘୋଷଣା କରିଥିଲେ। କିନ୍ତୁ ଶୁକ୍ରବାର ସନ୍ଧ୍ୟାରେ ଧର୍ମା ପ୍ରଡକ୍ସନ ପକ୍ଷରୁ ଏକ ଟୁଇଟ୍ କରାଯାଇଛି ଯେଉଁଥିରେ କୁହାଯାଇଛି, କାର୍ତ୍ତିକ ଦୋସ୍ତାନା-୨ ପାଇଁ କାମ କରିବେ ନାହିଁ। ଏହି ଖବର ଆସିବା ପରେ କରନ ଓ କାର୍ତ୍ତିକଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିବା ଚର୍ଚ୍ଚା ଜୋର ଧରିଛି। କରନ ଏବେ ଇନ୍‌ଷ୍ଟାଗ୍ରାମରେ ତାଙ୍କୁ ଅନ୍‌ଫଲୋ କରିଦେଇଛନ୍ତି। ଫିଲ୍ମ ଦୋସ୍ତାନା-୨ପାଇଁ କାର୍ତ୍ତିକ ୨୦ ଦିନର ଶୁଟିଂ କରିଥିଲେ। ହେଲେ ଫିଲ୍ମର ସେକେଣ୍ଡ ପାର୍ଟ ସ୍କ୍ରିପ୍ଟ ତାଙ୍କୁ ପସନ୍ଦ ଆସି ନ ଥିଲା। ପରେ କରନ କାର୍ତ୍ତିକଙ୍କୁ ରିପ୍ଲେସ୍ କରିଥିବା ଖବର ସାମ୍ନାକୁ ଆସିଛି।



କାର୍ତ୍ତିକ ଆର୍ଯ୍ୟନ

# ଫିଟ୍ ରହିବାକୁ କୁକୁର ଯାଉଛି ଜିମ୍

ପ୍ରତ୍ୟେକ ଦିନ ସୋସିଆଲ ମିଡିଆରେ କିଛି ନା କିଛି ଭିଡିଓ ଏବଂ ଫଟୋ ଭାଇରାଲ ହେଉଛି। ସେଥିରୁ କେତେକ ଭିଡିଓ ଏବଂ ଫଟୋ ହସର ଖୋରାକ ଯୋଗାଉଥିବା ବେଳେ କେତେକ ଭାବପ୍ରବଣ କରିଦିଏ। ଟୁଇଟରରେ ଏବେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ ଏକ କୁକୁର ଫିଟ ରହିବା ପାଇଁ ଜିମ ଯାଉଥିବା ଦେଖିବାକୁ ମିଳିଛି। ସେଠାରେ ଏକ ୱାକ୍‌ରରେ ସେ ଚାଲୁଥିବା ବେଳେ ମା'କୁ ଦେଖି ଛୁଆ ମଧ୍ୟ ତଳେ ଛିଡ଼ା ହୋଇ ଗୋଟିଏ ଗୋଡ ରଖି ସେହିପରି କରୁଛି। ଭିଡିଓକୁ ଭାରତୀୟ ବନସେବା ଅଧିକାରୀ ସୁଶାନ୍ତ ନନ୍ଦ ତାଙ୍କ ଟୁଇଟରରେ ଶେୟାର କରିଛନ୍ତି। ଏହି ଭିଡିଓଟି ଭାଇରାଲ ହେବାରେ ଲାଗିଛି।

# ସେଓ ବଦଳରେ ଆସିଲା ଆଇଫୋନ୍

**ୱାଶିଂଟନ୍:** ଆମେରିକାର ନିକ୍ ଜେମ୍ସ ନାମକ ଜଣେ ଯୁବକ ଟେସ୍କୋରୁ ଘର ପାଇଁ କିଛି ସାମଗ୍ରୀ ଅର୍ଡର କରିଥିଲେ। ଏହି ଘରକରଣା ସାମଗ୍ରୀ ସହିତ ସେ ଅନ୍‌ଲାଇନରେ ସେଓ ବି ମଗାଇଥିଲେ। ମାତ୍ର ତାଙ୍କ ନିକଟକୁ ଯେଉଁ ପାର୍ସଲ ଆସିଥିଲା ତାହା ଖୋଲିବା ସମୟରେ ଏଥିରେ ଏକ ଆପଲ କମ୍ପାନୀର ଆଇଫୋନ ଥିଲା। ଯାହା ଦେଖି ଜେମ୍ସ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଶେଷଥର ପାଇଁ ଜେମ୍ସ ଯେତେବେଳେ ସାମଗ୍ରୀଗୁଡ଼ିକୁ ପୁଣି ଥରେ ଯାଞ୍ଚ କଲେ ସେ ଏକ ବିଲ୍ ଦେଖିଲେ। ଯେଉଁଥିରୁ ତାଙ୍କ ଆକାଉଣ୍ଟରୁ କେବଳ ସେଓ ପାଇଁ ପଇସା କଟିଥିଲା, ଫୋନ ପାଇଁ ନୁହେଁ। ପରେ ଯେତେବେଳେ ଜାଣିଲେ କି ଷ୍ଟୋର ପକ୍ଷରୁ ଗ୍ରାହକଙ୍କୁ ଖୁସି କରିବାକୁ ଏମିତି ସରପ୍ରାଇଜ ଗିଫ୍ଟ ପଠାଯାଇଥିଲା ସେତେବେଳେ ତାଙ୍କ ଖୁସିର ସୀମା ନ ଥିଲା।



# ମ୍ୟାଗି ଲଡ୍ଡୁ

**ନୂଆଦିଲ୍ଲୀ:** ଖାଦ୍ୟକୁ ନେଇ ଏକ୍ସପେରିମେଣ୍ଟ କରିବାରେ ଅନେକଙ୍କର ସଉକ ରହିଥାଏ। ହେଲେ ଏମିତି କେତେଜଣ ଥାଆନ୍ତି, ଯେଉଁମାନେ ଅଜବ ଢଙ୍ଗରେ ଖାଦ୍ୟ ପ୍ରସ୍ତୁତ କରି ଚର୍ଚ୍ଚିତ ହୋଇଥାଆନ୍ତି। ଠିକ୍ ଏମିତି ଏକ ଖାଦ୍ୟ ହେଉଛି ମ୍ୟାଗି ଲଡ୍ଡୁ। ମ୍ୟାଗିରେ ତିଆରି ଲଡ୍ଡୁ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି।


ମ୍ୟାଗିର ଏହି ନୂଆ ରେସିପି ହେଉଛି ମ୍ୟାଗି ଲଡ୍ଡୁ। ମ୍ୟାଗି ଲଡ୍ଡୁର ନାଁ ଶୁଣି ଅବଶ୍ୟ ଯେକେହି ବି ଆଶ୍ଚର୍ଯ୍ୟ ହୋଇଯିବ। ମ୍ୟାଗିର ସ୍ୱାଦ ଯେଉଁଭଳି, ସେଥିରେ ପୁଣି ଲଡ୍ଡୁ ତିଆରି କଲେ ତାହା କିଭଳି ଲାଗିବ ସେକଥା ଚିନ୍ତା ବି କରିହେଉନି। କିନ୍ତୁ ଟୁଇଟରରେ ସୁଗାର କପ୍ ଆକାଉଣ୍ଟରେ ଏଭଳି ଏକ ଖାଦ୍ୟ ପ୍ରସ୍ତୁତ ହୋଇଥିବା ନେଇ ଏକ ଫଟୋ ପୋଷ୍ଟ ହୋଇଛି। ଫଟୋ କ୍ୟାପ୍‌ସନ୍‌ରେ ଲେଖାଯାଇଛି- କେହି ଜଣେ ମ୍ୟାଗିରେ ଲଡ୍ଡୁ ତିଆରି କରିଛନ୍ତି। ଫଟୋରେ ଥିବା ମ୍ୟାଗି ଲଡ୍ଡୁକୁ ଦେଖି ଜଣାପଡୁଛି କି କଞ୍ଚା ମ୍ୟାଗିକୁ ଗୁଡ଼ରେ ପାଗ କରି ଏହି ଲଡ୍ଡୁ ତିଆରି କରାଯାଇଛି। ଏହା ସହିତ ଅଧିକ ସ୍ୱାଦ ପାଇଁ ମ୍ୟାଗି ଲଡ୍ଡୁରେ କାଜୁ ମଧ୍ୟ ପକାଯାଇଛି। ଏଭଳି ଏକ ଲଡ୍ଡୁ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ପ୍ରକାରର ଖାଦ୍ୟକୁ କିଏ କ'ଣ ଚିନ୍ତା କରି ତିଆରି କରିଛନ୍ତି ତାହା ତ ଜଣାପଡ଼ିନି, କିନ୍ତୁ ଏହାକୁ ନେଇ ଲୋକେ ନକାରାତ୍ମକ ମତ ଦେଇଛନ୍ତି। କେହି କେହି ଏଭଳି ଖାଦ୍ୟକୁ ଅତ୍ୟନ୍ତ ଖରାପ ଖାଦ୍ୟ ବୋଲି କହିଛନ୍ତି। କ୍ଷୀରରେ ମ୍ୟାଗି ରାନ୍ଧିବା, ରୋଜ୍ ପେଟାଲ ସହିତ ରାନ୍ଧିବା, ବିଭିନ୍ନ ପ୍ରକାରର ଏସେନ୍ସ ସହିତ ରାନ୍ଧିବା ଏବଂ ଚକୋଲେଟ୍ ମ୍ୟାଗି ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।



# କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆଗାମୀ ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, କେନ୍ଦୁଝର, ଦେଓଗଡ଼,ମୟୁରଭଞ୍ଜ,ବାଲେଶ୍ୱର, ଯାଜପୁର, ଭଦ୍ରକ, ଗଜପତି ଜିଲାର କେତେକ ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଅନ୍ୟ ଜିଲାଗୁଡ଼ିକରେ ପାଗ ଶୁଖିଲା ରହିବ। ଦିନର ସର୍ବାଧିକ ତାପମାତ୍ରା୨ରୁ ୪ ଡିଗ୍ରୀ ବୃଦ୍ଧି ପାଇପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ରବିବାର ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ଓ ସର୍ବନିମ୍ନ ୨୬ ଡିଗ୍ରୀ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ ହୋଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୮ | ୨୫.୬ |
| ଚାନ୍ଦବାଲି | ୩୭.୭ | ୨୪.୫ |
| କଟକ | ୩୭.୨ | ୨୪.୫ |
| ପାରାଦୀପ | ୩୨.୦ | ୨୭.୦ |
| ଭୁବନେଶ୍ୱର | ୩୮.୬ | ୨୫.୫ |
| ଗୋପାଳପୁର | ୩୨.୧ | ୨୫.୭ |
| ପୁରୀ | ୩୨.୬ | ୨୭.୪ |
| ଅନୁଗୋଳ | ୩୯.୭ | ୨୪.୬ |
| ବାରିପଦା | ୪୦.୦ | ୨୫.୬ |
| ଝାରସୁଗୁଡ଼ା | ୪୦.୨ | ୨୩.୨ |
| କେନ୍ଦୁଝର | ୩୭.୪ | ୨୨.୪ |
| ସମ୍ବଲପୁର | ୩୯.୬ | ୨୪.୨ |
| ସୁନ୍ଦରଗଡ଼ | ୩୯.୦ | ୨୦.୦ |
| ହୀରାକୁଦ | ୩୯.୧ | ୨୨.୬ |
| ତାଳଚେର | ୩୯.୧ | ୨୪.୦ |
| ଭବାନୀପାଟଣା | ୩୯.୭ | ୨୪.୬ |
| ବଲାଙ୍ଗୀର | – | ୨୩.୧ |
| କୋରାପୁଟ | ୩୫.୦ | ୧୮.୬ |
| ଫୁଲବାଣୀ | ୩୭.୦ | ୧୭.୫ |
| ଟିଟିଲାଗଡ଼ | ୪୦.୬ | ୨୫.୫ |
| ମାଲକାନଗିରି | ୪୦.୦ | ୨୨.୫ |
| ସୋନପୁର | ୩୯.୪ | ୨୨.୦ |
| ଦାରିଙ୍ଗବାଡ଼ି | ୩୫.୫ | ୨୦.୫ |
| ନୟାଗଡ଼ | ୩୮.୬ | ୨୪.୫ |
| ବୌଦ୍ଧ | ୩୯.୦ | ୨୪.୦ |
| ଛତ୍ରପୁର | ୩୩.୪ | ୨୫.୪ |
| ପାରଳାଖେମୁଣ୍ଡି | ୩୫.୦ | ୨୩.୦ |
| ରାୟଗଡ଼ା | ୩୫.୮ | ୨୦.୫ |

ଡିଗ୍ରୀ ସେଲ୍‌ସିୟସ୍

# ଆମ୍ବୁଲାନ୍ସ ପାଇଁ ରାସ୍ତା ଖାଲି କଲେ

**ୱାଶିଂଟନ୍:** ଯେତେବେଳେ ରୋଗୀଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନିଆଯାଏ, ପ୍ରତ୍ୟେକ ମିନିଟ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଜରୁରିକାଳୀନ ପରିସ୍ଥିତିରେ ଟ୍ରାଫିକ ସର୍ବଦା ଅନୁକୂଳ ହୋଇ ନ ଥାଏ। କିନ୍ତୁ ଆମେରିକାରେ ଲୋକମାନେ ଏମିତି କିଛି କରି ଦେଖାଇଛନ୍ତି ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ରାସ୍ତାରେ ଅନେକଗୁଡ଼ିଏ ଆମ୍ବୁଲାନ୍ସ ଯାଉଥିବାର ଦେଖିବା ପରେ ଲୋକମାନେ ପୁରା ରାସ୍ତାକୁ ଖାଲି କରିଦେଇଥିଲେ। ଯାହାଫଳରେ ଉକ୍ତ ଆମ୍ବୁଲାନ୍ସଗୁଡିକ ଠିକ ସମୟରେ ହସ୍ପିଟାଲରେ ପହଞ୍ଚିପାରିବ ଏବଂ ରୋଗୀ ଅସୁବିଧାର ସମ୍ମୁଖୀନ ହେବ ନାହିଁ। ଏହି ଘଟଣା କ୍ୟାମେରାରେ କଏଦ ହୋଇଛି। ଯାହାକି ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖିବାକୁ ମିଳୁଛି ଯେ, ରାସ୍ତାରେ ଲୋକମାନେ ନିଜ ଗାଡିରୁ ଓହ୍ଲାଇ ଯାଉଛନ୍ତି ଏବଂ ଆମ୍ବୁଲାନ୍ସ ଯିବା ପାଇଁ ପୁରା ରାସ୍ତାକୁ ଖାଲି କରୁଛନ୍ତି।



# ନଦୀରେ ବହିଲା କ୍ଷୀର

**ନ୍ୟୁୟର୍କ:** କ୍ଷୀର ନଦୀ ବହିବା କାହାଣୀ ଆମେ ଶୁଣିଛୁ। କିନ୍ତୁ ଏହାକୁ କେବେ ଆଖିରେ ଦେଖି ନାହୁଁ। କିନ୍ତୁ ଏବେ ସେମିତି କିଛି ଦେଖିବାକୁ ମିଳିଛି ଆମେରିକାରେ। ଗତ ଏପ୍ରିଲ ୧୫ରେ ଡୁଲାଇସ ନଦୀର ପାଣି ହଠାତ୍ ଧଳା ହୋଇଯାଇଥିଲା। ଅର୍ଥାତ ନଦୀରେ ପାଣି ପରିବର୍ତ୍ତେ କ୍ଷୀର ବୋହିବାକୁ ଲାଗିଲା। ଏହାକୁ ଦେଖିବା ପରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପ୍ରକୃତ ଘଟଣା ହେଲା, ନଦୀ ପାଖଦେଇ ଯାଉଥିବା ଏକ କ୍ଷୀର ଭର୍ତ୍ତି ଟ୍ରକ ଓଲଟିପଡ଼ିଲା। ଏହାପରେ ଟ୍ୟାଙ୍କରରେ ଥିବା ସମ୍ପୂର୍ଣ୍ଣ କ୍ଷୀର ନଦୀ ମଧ୍ୟରେ ବହିବାକୁ ଲାଗିଲା। ଏହି କାରଣରୁ ନଦୀର ପାଣି ଧଳା ହୋଇଗଲା। ନଦୀରେ କ୍ଷୀର ବହୁଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଡୁଲାଇସ ନଦୀରେ ଦୀର୍ଘ ସମୟ ପର୍ଯ୍ୟନ୍ତ କ୍ଷୀର ପ୍ରଭାବିତ ହୋଇଥିଲା। ଏହାକୁ ଦେଖିବା ପରେ ଲୋକେ ଘରୁ ବାଲ୍ଟି, ବାସନ ଆଦି ଆଣି କ୍ଷୀର ବୋହି ନେବାରେ ଲାଗିଥିଲେ।

ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ



୰ଶୈଳବାଳା ପଟ୍ଟନାୟକ
ଗ୍ରା: କେନ୍ଦୁପଲ୍ଲୀ, ପୋ: ମାଧପୁର, ଭାୟା: କଣ୍ଟିଲୋ, ଜି: ନୟାଗଡ଼
ତିରୋଧାନ: ୦୮।୦୪।୨୦୨୧
ବୋଉ, ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ତୋର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୋର ତ୍ୟାଗ, ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ ଜୀବନରେ ପାଥେୟ ହେଉ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ହତଭାଗ୍ୟ ପୁତ୍ର: ଟୁଲୁ ଏବଂ ପରିବାରବର୍ଗ।
ଧ-୭୦୮୪୧

# ନୂଆ ରଣନୀତି ଆପଣେଇବେ ମୋର୍ଗାନ

ଚେନ୍ନାଇ,୧୭।୪(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ରବିବାର ପ୍ରଥମଥର ପାଇଁ ଦୁଇଟି ମ୍ୟାଚ୍ ଖେଳାଯିବ। ଲିଗ୍‌ର ଦଶମ ମ୍ୟାଚ୍‌ରେ ଇଅନ ମୋର୍ଗାନଙ୍କ କୋଲକାତା ନାଇଟ ରାଇଡର୍ସ ଓ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପରସ୍ପରକୁ ଭେଟିବେ। ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ବିଶ୍ୱର ଶ୍ରେଷ୍ଠ ଦୁଇ ହ୍ୱାଇଟ୍ ବଲ୍ ଅଧିନାୟକ କୋହଲି ଓ ମୋର୍ଗାନଙ୍କ ମଧ୍ୟରେ ଏହି ମ୍ୟାଚ୍‌ରେ ରୋମାଞ୍ଚକ ମୁକାବିଲା ଦେଖିବାକୁ ମିଳିବ।

ବାଙ୍ଗାଲୋର ୨ଟି ମ୍ୟାଚ୍ ଖେଳି ଦୁଇଟି ବିଜୟ ହାସଲ କରି ପଏଣ୍ଟ ତାଲିକାର ଶୀର୍ଷରେ ରହିଛି। ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ବାଙ୍ଗାଲୋର ୨ ଉଇକେଟରେ ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ସନ ରାଇଜର୍ସ ହାଇଦ୍ରାବାଦ୍‌କୁ ୬ ରନରେ ପରାସ୍ତ କରିଥିଲା। ଅନ୍ୟପଟେ କୋଲକାତା ତା'ର ପ୍ରଥମ ମ୍ୟାଚ୍‌ରେ ହାଇଦ୍ରାବାଦକୁ ୧୦ ରନରେ ହରାଇଥିଲା ଓ ଦ୍ୱିତୀୟ ମ୍ୟାଚରେ ମୁମ୍ବାଇଠାରୁ ୧୦ ରନରେ ପରାସ୍ତ ହୋଇଥିଲା।

ନିଜର ମ୍ୟାନେଜମେଣ୍ଟ ସ୍କିଲ୍ ଓ ସୂକ୍ଷ୍ମ ରଣନୀତି ପାଇଁ ଜଣାଶୁଣା ଥିବା ବିଶ୍ୱକପ୍ ବିଜୟୀ ଇଂଲଣ୍ଡ ଅଧିନାୟକ ମୋର୍ଗାନ କୋଲକାତାକୁ ବିଜୟଧାରାକୁ ଫେରାଇ ଆଣିବା ପାଇଁ ପ୍ରୟାସ କରିବେ। ଗତ ମୁମ୍ବାଇ ବିପକ୍ଷ ମ୍ୟାଚ୍‌ରେ ଦଳର ମିଡ୍‌ଲ ଅର୍ଡର ବିପର୍ଯ୍ୟୟ ହୋଇଥିଲା। ତେବେ ଏହାକୁ ରୋକିବା ପାଇଁ ମୋର୍ଗାନ ଭିନ୍ନ ରଣନୀତି ଆପଣାଇବେ ବୋଲି ଆଶା କରାଯାଉଛି। ଗତ ଦୁଇଟି ସଂସ୍କରଣରେ ମାମୁଲି ପ୍ରଦର୍ଶନ କରିଥିବା କୋଲକାତା ହାଇଦ୍ରାବାଦକୁ ହରାଇ ଏଥର ବିଜୟ ଅଭିଯାନ ଆରମ୍ଭ କରିଥିଲା। ତେବେ ମଧ୍ୟକ୍ରମର ବିପର୍ଯ୍ୟୟ ଯୋଗୁ ମୁମ୍ବାଇ ବିପକ୍ଷରେ କୋଲକାତା ଗତ ୧୩ ମ୍ୟାଚ୍‌ରୁ ୧୨ଟି ପରାସ୍ତ ହୋଇଛି। ମୁମ୍ବାଇକୁ କୋଲକାତା ୧୫୨ ରନରେ ଅଲ୍‌ଆଉଟ କରିଥିଲା। ଆନ୍ଦ୍ରେ ରସେଲ ବୋଲିଂରେ ୫ ଉଇକେଟ ଅକ୍ତିଆର କରିଥିଲେ ମଧ୍ୟ ବ୍ୟାଟିଂରେ ଫେଲ୍ ମାରିଥିଲେ। ରସେଲଙ୍କ ସମେତ ଉପ ଅଧିନାୟକ ଦୀନେଶ କାର୍ତ୍ତିକ ମଧ୍ୟ ବିଫଳ ହୋଇଥିଲେ। ନୀତୀଶ ରାଣା ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ ମଧ୍ୟ ଯୁବ ଓପନର ଶୁବମନ ଗିଲ୍ ଆଶାନୁରୂପ ଖେଳିପାରି ନାହାନ୍ତି। ଆଗାମୀ ଦିନରେ ସେ ଦମ୍‌ଦାର ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି।

ଚେନ୍ନାଇର ସ୍ଲୋ ପିଚ୍‌ରେ ଷ୍ଟାଡିୟମରେ ଡେଥ୍ ଓଭରରେ ବ୍ୟାଟିଂ କରିବା ଚ୍ୟାଲେଞ୍ଜପୂର୍ଣ୍ଣ ହୋଇଥିବା ବେଳେ ମୋର୍ଗାନ ନିଜ ବୋଲରମାନଙ୍କୁ ଅତି ଚତୁରତାର ସହିତ ବ୍ୟବହାର କରିଛନ୍ତି। ବୋଲିଂରେ କୋଲକାତା ବାଙ୍ଗାଲୋରକୁ ସମସ୍ୟାରେ ପକାଇବ ବୋଲି ଆଶା କରାଯାଉଛି। ଅଭିଜ୍ଞ ଭାରତୀୟ ଅଫ୍ ସ୍ପିନରଙ୍କ ବଦଳରେ ବାମହାତୀ ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କୁ ଖେଳାଯିବା ଯୋଜନା କିଛି ମନ୍ଦ ନୁହେଁ ବୋଲି କୁହାଯାଇପାରେ।


କୋଲକାତା ଅଧିନାୟକ ଇଅନ ମୋର୍ଗାନ।


ବାଙ୍ଗଲୋର ଦଳର ହର୍ଶଲ ପଟେଲ।

**ଆଜିର ମ୍ୟାଚ**

| | |
|---|---|
| କୋଲକାତା ନାଇଟ ରାଇଡର୍ସ **ବନାମ** ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର | ଦିଲ୍ଲୀ କ୍ୟାପିଟାଲ୍ସ **ବନାମ** ପଞ୍ଜାବ କିଙ୍ଗ୍ସ |
| ସ୍ଥାନ : ଚେନ୍ନାଇ<br>ସମୟ: ଅପରାହ୍ନ ୩.୩୦ | ସ୍ଥାନ : ମୁମ୍ବାଇ<br>ସମୟ: ସନ୍ଧ୍ୟା ୭.୩୦ |

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଦୁଇଟି ମ୍ୟାଚ୍‌ରେ ହରଭଜନ ପ୍ରଥମ ଓଭର ବୋଲିଂ କରିଥିଲେ।

କୋହଲି, ଏବି ଡିଭିଲର୍ସ, ଗ୍ଲେନ ମ୍ୟାକ୍ସୱେଲ ଓ ପ୍ରତିଭାସମ୍ପନ୍ନ ଯୁବ ଓପନର ଦେବଦତ୍ତ ପଡିକାଲଙ୍କୁ ନେଇ ତାରକା ଖଚିତ ବାଙ୍ଗାଲୋର ଦଳର ଟପ୍ ଅର୍ଡର ବେଶ୍ ଦୃଢ ମନେ ହେଉଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପୂର୍ଣ୍ଣ ଦକ୍ଷତାରେ ବ୍ୟାଟିଂ କରିପାରିନାହିଁ। ତେବେ ଦୁଇଟି ମ୍ୟାଚ୍‌ରେ ବିଜୟୀ ହୋଇଥିବାରୁ ବ୍ୟାଟିଂ ବିଫଳତାକୁ ସେତେଟା ଗୁରୁତ୍ୱ ଦିଆଯାଇନାହିଁ। ନୂଆ କରି ଦଳରେ ସାମିଲ ହୋଇଥିବା ଅଲରାଉଣ୍ଡ ଗ୍ଲେନ୍ ମ୍ୟାକ୍ସ ଦଳକୁ ଆହୁରି ଦୃଢ଼ କରିବାରେ ସହାୟ ହୋଇଛନ୍ତି। ସେହିପରି ଶାହାବାଜ ଅହମଦ ଓ ହର୍ଶଲ ପଟେଲ ବୋଲିଂରେ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ୨୦୨୧ ନିଲାମରେ ମ୍ୟାକ୍ସୱେଲ ୧୪.୨୫ କୋଟି ଟଙ୍କା ବିନିମୟରେ ବାଙ୍ଗାଲୋର ଦଳରେ ସାମିଲ ହୋଇଥିଲେ। ଗତ ସଂସ୍କରଣରେ ସେ ବିଫଳ ହୋଇଥିଲେ ମଧ୍ୟ ଏଥର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏକ କଷ୍ଟକର ବ୍ୟାଟିଂ ଉଇକେଟରେ ମ୍ୟାକ୍ସୱେଲ ୫୯ ରନ ସଂଗ୍ରହ କରିଥିଲେ ଓ ୫ ବର୍ଷ ପରେ ପ୍ରଥମ ଆଇପିଏଲ ଅର୍ଦ୍ଧଶତକ ହାସଲ କରିଥିଲେ। ୧୭ ଓଭରରେ ୩ ଉଇକେଟ ନେଇ ବାମହାତୀ ସ୍ପିନର ଶାହାବାଜ ହାଇଦ୍ରାବାଦକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ପ୍ରଥମ ମ୍ୟାଚ୍‌ରେ ହର୍ଶଲ ପଟେଲ ୫ ଉଇକେଟ ନେଇଥିଲେ ଓ ଡିଭିଲର୍ସ ୪୮ ରନକରି ଦଳକୁ ୨ ଉଇକେଟରେ ବିଜୟୀ କରାଇଥିଲେ। କୋଲକାତା ବିପକ୍ଷରେ କୋହଲି ନିଜ ଦଳର ବ୍ୟାଟିଂକୁ ଆହୁରି ସୁଧାରିବାକୁ ପ୍ରୟାସ କରିବେ ବୋଲି ଆଶା କରାଯାଉଛି।

**ଆରସିବି ଦଳ:** ବିରାଟ କୋହଲି (ଅଧିନାୟକ), ଏବି ଡିଭିଲର୍ସ, ଦେବଦତ୍ତ ପଡିକାଲ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ସିରାଜ, କେନ୍ ରିଚାର୍ଡସନ, ୱାଶିଂଟନ ସୁନ୍ଦର, ପବନ ଦେଶପାଣ୍ଡେ, ଫିନ ଆଲେନ, ଶାହାବାଜ ଅହମଦ, ନବଦୀପ ସଇନି, ଆଡାମ ଜାମ୍ପା, କାଏଲ ଜେମିଶନ, ଗ୍ଲେନ ମ୍ୟାକ୍ସୱେଲ, ରଜଦ ପଟିଦାର, ସଚିନ ବେବି, ମହମ୍ମଦ ଆଝାରୁଦ୍ଦିନ, ଡାନିଏଲ କ୍ରିଷ୍ଟିଆନ, କେ.ଏସ. ଭାରତ, ସୂୟାଶ ପ୍ରଭୁଦେଶାଇ, ଡାନିଏଲ ସାମ୍ସ ଓ ହର୍ଶଲ ପଟେଲ।

**କୋଲକାତା ଦଳ:** ଇଅନ ମୋର୍ଗାନ (ଅଧିନାୟକ), ଦୀନେଶ କାର୍ତ୍ତିକ, ଶୁବମନ ଗିଲ, ନୀତୀଶ ରାଣା, ଟିମ୍ ସିଫର୍ଟ, ରିଙ୍କୁ ସିଂ, ଆନ୍ଦ୍ରେ ରସେଲ, ସୁନୀଲ ନାରିନ, କୁଲଦୀପ ଯାଦବ, ଶିବମ ମାଭି, ଲୋକି ଫର୍ଗୁଶନ, ପ୍ୟାଟ୍ କୁମିନ୍ସ, କମଲେଶ ନାଗରକୋଟି, ସନ୍ଦୀପ ୱାରିୟର, ପ୍ରସିଦ୍ଧ କ୍ରିଷ୍ଣା, ରାହୁଲ ତ୍ରିପାଠୀ, ବରୁଣ ଚକ୍ରବର୍ତ୍ତୀ, ସାକିବ ଅଲ ହାସନ, ଶେଲଡନ ଜ୍ୟାକଶନ, ବୈଭବ ଆରୋରା, ହରଭଜନ ସିଂ, କରୁନା ନାୟାର, ବେନ୍ କଟିଂ, ଭେଙ୍କଟେଶ ଆୟାର ଓ ପବନ ନେଗୀ।

# କିରେନ ରିଜିଜୁଙ୍କୁ କରୋନା

ନୂଆଦିଲ୍ଲୀ, ୧୭।୪ (ପି.ଟି.)



କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ କରୋନା ସଂକ୍ରମିତ ହୋଇଛନ୍ତି। ତେବେ ସେ ଫିଟ୍ ଓ ସୁସ୍ଥ ଅନୁଭବ କରୁଥିବା ଶନିବାର ପ୍ରକାଶ କରିଛନ୍ତି। ୪୯ ବର୍ଷୀୟ ରିଜିଜୁ ତାଙ୍କ ଟୁଇଟର ପେଜ୍‌ରେ କହିଛନ୍ତି ଏକାଧିକ ଥର କୋଭିଡ୍ ଟେଷ୍ଟ ପରେ ସେ ପଜିଟିଭ ଥିବା ଜଣାପଡ଼ିଥିଲା। ସେ ବର୍ତ୍ତମାନ ସେଲ୍ଫ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନେ କୋଭିଡ୍ ଟେଷ୍ଟ କରାଇ ନେବାକୁ ସେ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ରିଜିଜୁ ଶୁକ୍ରବାର ଡେହେରିଠାରେ ଏକ ୱାଟର ସ୍ପୋର୍ଟ୍ସ ଆଣ୍ଡ୍ ଆଡ୍‌ଭେଞ୍ଚର ଇନ୍‌ଷ୍ଟିଚ୍ୟୁଟ୍‌ର ଉଦ୍‌ଘାଟନ ପାଇଁ ଉତ୍ତରାଖଣ୍ଡ ଗସ୍ତ କରିଥିଲେ। ଏହି ଉତ୍ସବରେ ସେ ରାଜ୍ୟ ମୁଖ୍ୟମନ୍ତ୍ରୀ ତିରଥ ସିଂ ରାୱତଙ୍କ ସଂସ୍ପର୍ଶରେ ଆସିଥିଲେ, ଯିଏକି ନିକଟରେ କରୋନାରୁ ଆରୋଗ୍ୟ ଲାଭ କରିଛନ୍ତି।

# ଲାବୁସେନଙ୍କ ଆକର୍ଷଣୀୟ ୧୯୨ରନ

ବ୍ରିସବେନ୍, ୧୭।୪ (ଏପି)

ମାର୍ନସ ଲାବୁସେନଙ୍କ ଆକର୍ଷଣୀୟ ୧୯୨ ରନ ସହାୟତାରେ କୁଇନ୍ସଲାଣ୍ଡ ଅଷ୍ଟ୍ରେଲିଆର ପ୍ରଥମଶ୍ରେଣୀ କ୍ରିକେଟ ଟାଇଟଲ ଶିଫିଲ୍ଡ ଶିଲ୍ଡ ହାସଲ ପଥରେ ଅଗ୍ରସର ହେଉଛି। ଲାବୁସେନ କ୍ରିଜ୍‌ରେ ୧୦ଘଣ୍ଟା ଧରି ମହଜୁଦ ରହି ୩୫୩ ବଲ୍ ସାମ୍ନା କରିବା ସହ ୨୧ ଚୌକା ଲଗାଇଥିଲେ। ଫଳରେ କୁଇନ୍ସଲାଣ୍ଡ ୩୮୯ ରନ ସଂଗ୍ରହ କରିପାରିବା ସହ ୨୪୬ରନ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିପାରିଛି। ଅଲାନବର୍ଡର ଫିଲ୍ଡରେ ଚାଲିଥିବା ଏହି ୫ ଦିନିଆ ମ୍ୟାଚର ଶନିବାର ଥିଲା ତୃତୀୟ ଦିବସ। ନ୍ୟୁସାଉଥ ୱେଲ୍ସ ଏହାର ଦ୍ୱିତୀୟ ଇନିଂରେ ୫ ଉଇକେଟ ବିନିମୟରେ ୧୪୦ ରନ କରିଛି। ବ୍ୟାଡ୍‌ଲାଇଟ ଯୋଗୁ ଖେଳ ସ୍ଥଗିତ ରହିବା ବେଳକୁ ଦଳ ଆହୁରି ୧୦୬ ରନ ପଛୁଆ ରହିଥିଲା। ସିନ ଆବଟ ୨୦ ଏବଂ ବାକ୍ସଟର ହଲ୍ଟ ୧୦ ରନ କରି ଅପରାଜିତ ରହିଛନ୍ତି। କୁଇନ୍ସଲାଣ୍ଡ ପକ୍ଷରୁ ଜାଭିଅର ବାର୍ଟଲେଟ୍ ୩୧ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଯୋଗୁ ଅଷ୍ଟ୍ରେଲୀୟ ଟେଷ୍ଟ ଖେଳାଳି ଷ୍ଟିଭ ସ୍ମିଥ୍, ପ୍ୟାଟ୍ କୁମିନ୍ସ, ଡେଭିଡ୍ ୱାର୍ନର ଓ ମୋଇସେସ୍ ହେନରିକ୍ସଙ୍କ ବିନା ନ୍ୟୁ ସାଉଥୱେଲ୍ସ ଖେଳୁଛି। ଶିଫିଲ୍ଡ ଶିଲ୍ଡ ଟେବୁଲରେ କୁଇନ୍ସଲାଣ୍ଡ ଶୀର୍ଷରେ ରହିଛି। ନ୍ୟୁ ସାଉଥୱେଲ୍ସଠାରୁ ୧.୬୬ ପଏଣ୍ଟ ବ୍ୟବଧାନରେ ଆଗୁଆ ରହିଛି।


ଶତକ ହାସଲ ପରେ ମାର୍ନସ ଲାବୁସେନ।

# ଅଙ୍କିତ, ମନୀଷ ପ୍ରି-କ୍ୱାର୍ଟରରେ

ନୂଆଦିଲ୍ଲୀ, ୧୭।୪ (ପି.ଟି.)

ଏସିଆନ ରୌପ୍ୟ ବିଜେତା ଭାରତୀୟ ବକ୍ସର ଅଙ୍କିତ ନରୱାଲ (୬୪କେଜି) ଓ ମନୀଷ (୭୫କେଜି) ପୋଲାଣ୍ଡର କିଲ୍‌ସିଠାରେ ଚାଲିଥିବା ଯୁଥ୍ ବକ୍ସିଂ ଚାମ୍ପିୟନଶିପ୍ ପୁରୁଷ ବିଭାଗ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଅଙ୍କିତ ୫-୦ରେ ଉଜବେକିସ୍ତାନର ଆଖମଦଜନ ଆଖମେଦୋଭଙ୍କୁ ହରାଇ ଦେଇଥିବାବେଳେ ମନୀଷ ଇସ୍ରାଏଲର ଦାନିଏଲ ଇଲ୍ୟୁସୋନୋକଙ୍କ ବିପକ୍ଷ ବାଉଟ୍ ୪-୧ରେ ଜିତିଛନ୍ତି। ଅଙ୍କିତ ପ୍ରି-କ୍ୱାର୍ଟରରେ ପୋଲାଣ୍ଡର ଓଲିୱିଅର ଜାମୋଜସ୍କିଙ୍କ ସହ ମୁକାବିଲା କରିବେ। ଜାମୋଜସ୍କି ଦ୍ୱିତୀୟ ରାଉଣ୍ଡରେ ଲିଥୁଆନିଆର ନେଦାସ ଗୁଡମସ୍କାସଙ୍କୁ ପରାସ୍ତ କରିଥିଲେ। ସେହିପରି ମନୀଷ ଓପିନଂ ରାଉଣ୍ଡରେ ବାଇ ପାଇଥିବା ଜୋର୍ଡାନର ଅବଦୁଲ୍ଲା ଅଲାରାଗ୍‌ଙ୍କୁ ଭେଟିବେ। ଏହି ଚାମ୍ପିୟନଶିପ୍‌ରେ ୫୨ଟି ଦେଶର ୪୧୪ ବକ୍ସର ଭାଗ ନେଇଛନ୍ତି। ଭାରତରୁ ୧୦ ପୁରୁଷ ଓ ୧୦ ମହିଳା ପ୍ରତିଯୋଗୀ ଭାଗ ନେଉଛନ୍ତି।

# ଆଜିଠୁ ମହିଳା ହକି ଦଳର ଜାତୀୟ କ୍ୟାମ୍ପ

ନୂଆଦିଲ୍ଲୀ, ୧୭।୪ (ପି.ଟି.)

୧୦ ଦିନ ଛୁଟି ପରେ ରବିବାରଠାରୁ ବେଙ୍ଗାଲୁରୁରେ ଭାରତୀୟ ମହିଳା ହକି କୋର୍ ଗ୍ରୁପ୍‌ର ଜାତୀୟ କ୍ୟାମ୍ପ ଆରମ୍ଭ ହେବ। ଟୋକିଓ ଗେମ୍ସ ପାଇଁ ସେମାନେ ପ୍ରସ୍ତୁତି ଆରମ୍ଭ କରିବେ। ଟ୍ରେନିଂ ଆରମ୍ଭ କରିବା ପୂର୍ବରୁ ୨୫ ଜଣିଆ ଅଲିମ୍ପିକ କୋର୍ ଗ୍ରୁପ୍ କ୍ୱାରାଣ୍ଟାଇନ୍‌ରେ ରହିବା ବାଧ୍ୟତାମୂଳକ। ଜାନୁୟାରୀରେ ଦଳ ଆର୍ଜେଣ୍ଟିନା ଟୁର୍‌ରେ ଯାଇଥିଲା। ସେଠାରେ ଦେଶର ଜୁନିୟର, ବି' ଟିମ୍ ବିଶ୍ୱର ଦ୍ୱିତୀୟ ର୍ୟାଙ୍କିଂପ୍ରାପ୍ତ ସିନିୟର ଦଳ ବିପକ୍ଷରେ ୭ଟି ମ୍ୟାଚ ଖେଳିଥିଲା। ୧୨ ମାସରେ ଦଳର ଏହା ପ୍ରଥମ ଟୁର୍ ଥିଲା। ଫେବୃୟାରୀରେ ଦଳ ଡସେଲଡର୍ଫ, ଜର୍ମାନୀ ଗସ୍ତ କରିଥିଲା। ସେଠାରେ ଆୟୋଜକ ସିନିୟର ଦଳ ବିପକ୍ଷରେ ୪ ମ୍ୟାଚ ଖେଳିଥିଲା। ନିଜର ଦୋଷତ୍ରୁଟି ସଜାଡିବା କ୍ଷେତ୍ରରେ ଏହି ମ୍ୟାଚଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ପ୍ରକାଶ କରିଛନ୍ତି।

**୨୫ ଜଣିଆ ସମ୍ଭାବ୍ୟ ଦଳ:** ଗୋଲକିପର: ସବିତା, ରଜନୀ ଏଟିମାର୍ପୁ ଓ ବିଚୁଦେବୀ ଖରିବାମ୍। ଡିଫେଣ୍ଡର: ଦୀପଗ୍ରେସ୍ ଏକ୍କା, ରୀନା ଖୋଖାର, ସାଲିମା ଟେଟେ, ମନପ୍ରୀତ କୌର, ଗୁରଜିତ୍ କୌର ଓ ନିଶା।
**ମିଡ୍‌ଫିଲ୍ଡର:** ନିକ୍କି ପ୍ରଧାନ, ମୋନିକା, ନେହା, ଲିଲିମା ମିଞ୍ଜ, ସୁଶିଲା ଚାନୁ, ପୁଖ୍ରାମ୍‌ବାମ୍ ଓ ନମିତା ଟପ୍ପୋ।
**ଫରୱାର୍ଡ:** ରାନୀ ଲାଲ୍‌ରେମସିଆମି, ବନ୍ଦନାମ କାଟାରିୟା, ନଭଜୋତ କୌର, ନଭନିତ କୌର, ରାଜୱିନ୍ଦର କୌର, ଜ୍ୟୋତି ଶର୍ମିଳା ଦେବୀ, ଉଦିତା, ରଶ୍ମିତା ମିଞ୍ଜ।


ମୋନାକୋ: ମଣ୍ଟେ କାର୍ଲୋ ଟେନିସ ପ୍ରତିଯୋଗିତାରେ ଶନିବାର ଖେଳାଯାଇଥିବା ଏକ ସେମିଫାଇନାଲରେ ବ୍ରିଟେନର ଡାନିଏଲ୍ ଇଭାନ୍ସଙ୍କୁ ପରାସ୍ତ କରିବା ପରେ ଖୁସି ମୁହୂର୍ତ୍ତରେ ଗ୍ରୀସ୍‌ର ଷ୍ଟିଫାନସ ସିତ୍‌ସିପାସ୍।

# ସେପ୍ଟେମ୍ବରରୁ ଘରୋଇ କ୍ରିକେଟ ସିଜନ

## ବିସିସିଆଇ ଆପେକ୍ସ କାଉନ୍‌ସିଲ ବୈଠକ

ନୂଆଦିଲ୍ଲୀ, ୧୭।୪ (ପି.ଟି.)

ସେପ୍ଟେମ୍ବରରେ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟ ସହ ୨୦୨୧-୨୨ ଘରୋଇ ସିଜନ ଆରମ୍ଭ କରିବା ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଯୋଜନା ରହିଛି। ମୁଖ୍ୟ ଟୁର୍ନାମେଣ୍ଟ ରଣଜୀ ଟ୍ରଫି ପାଇଁ ଡିସେମ୍ବରରୁ ୩ ମାସ ସମୟ ହାତରେ ରଖାଯାଇଛି। କୋଭିଡ୍ ଯୋଗୁ ଗତବର୍ଷ ଏହି ଟୁର୍ନାମେଣ୍ଟ ବାତିଲ ହୋଇଯାଇଥିଲା। ପ୍ରସ୍ତୁତ କରାଯାଇଥିବା ପରୀକ୍ଷାମୂଳକ କ୍ୟାଲେଣ୍ଡରରେ ଦୁଲିପ ଟ୍ରଫି, ଦେଓଧର ଟ୍ରଫି ଓ ଇରାନୀ ଟ୍ରଫି ସ୍ଥାନ ପାଇ ନାହିଁ। ଏହାଛଡ଼ା ୫ଟି ମହିଳା ପ୍ରତିଯୋଗିତାକୁ ମଧ୍ୟ ଏଥିରୁ ବାଦ୍ ଦିଆଯାଇଛି। କରୋନା ମହାମାରୀ ଯୋଗୁ ୨୦୨୦-୨୧ ସିଜନ ବିଶେଷ ପ୍ରଭାବିତ ହୋଇଥିଲା। କେବଳ ଜାତୀୟ ଟି୨୦ (ମୁସ୍ତାକ ଅଲି) ଏବଂ ଅନ୍ତର୍ଜାତୀୟ ଦିନିକିଆ (ବିଜୟ ହଜାରେ ଟ୍ରଫି) ଚାମ୍ପିୟନଶିପ୍ ଆୟୋଜିତ ହୋଇଥିଲା। ମହିଳାମାନଙ୍କ ଲାଗି କେବଳ ଜାତୀୟ ଦିନିକିଆ ଟୁର୍ନାମେଣ୍ଟ ହୋଇଥିଲା।

ଘରୋଇ ସିଜନ ପ୍ରସ୍ତୁତ ପାଇଁ ପରୀକ୍ଷାମୂଳକ କ୍ୟାଲେଣ୍ଡର

**ପୁରୁଷ ସିନିୟର:** * ସୟେଦ ମୁସ୍ତାକ ଅଲ୍ଲୀ ଟି୨୦(ସେପ୍ଟେମ୍ବର ମଧ୍ୟଭାଗ), ବିଜୟ ହଜାରେ ଟ୍ରଫି (ନଭେମ୍ବର '୨୧), ରଣଜୀ ଟ୍ରଫି (ଡିସେମ୍ବର '୨୧ରୁ ମାର୍ଚ୍ଚ '୨୨)।

**୨୩ ବର୍ଷରୁ କମ୍ ପୁରୁଷ:** * ଜାତୀୟ ଦିନିକିଆ ( ଅକ୍ଟୋବର ମଧ୍ୟଭାଗରୁ ନଭେମ୍ବର '୨୧), * ସି.କେ. ନାଇଡୁ ଟ୍ରଫି(ଡିସେମ୍ବର '୨୧ରୁ ମାର୍ଚ୍ଚ '୨୨)

**୧୯ ବର୍ଷରୁ କମ୍ ବାଳକ:** * ଭିନୁ ମଙ୍କଡ (ଅକ୍ଟୋବର '୨୧)
ଦିନିକିଆ ଚ୍ୟାଲେଞ୍ଜର (ନଭେମ୍ବର '୨୧)
* କୁଚ ବିହାର (ନଭେମ୍ବର '୨୧ରୁ ଜାନୁୟାରୀ '୨୨)

**୧୬ ବର୍ଷରୁ କମ୍ ବାଳକ:** * ବିଜୟ ମର୍ଚ୍ଚାଣ୍ଟ ଟ୍ରଫି (ଅକ୍ଟୋବର-ଡିସେମ୍ବର '୨୧)।

**ସିନିୟର ମହିଳା:** * ଟି୨୦ ଲିଗ୍ (ଅକ୍ଟୋବର '୨୧)
* ଦିନିକିଆ ଲିଗ୍ (ନଭେମ୍ବର '୨୧ )।

**୨୩ ବର୍ଷରୁ କମ୍ ମହିଳା:** * ଟି୨୦ ଲିଗ୍ (ଡିସେମ୍ବର, '୨୧)
* ଦିନିକିଆ ଲିଗ୍ (ଜାନୁୟାରୀ '୨୨)।

**୧୯ ବର୍ଷରୁ କମ୍ ବାଳିକା:** * ଟି୨୦ ଲିଗ୍ ( ଜାନୁୟାରୀ '୨୨)
ଦିନିକିଆ ଲିଗ୍ ( ମାର୍ଚ୍ଚ '୨୨ ଶେଷ ସପ୍ତାହ)

ଇଣ୍ଟର ଜୋନାଲ ୟୁନିଭର୍ସିଟି କ୍ରିକେଟ: ଭିଜି ଟ୍ରଫି ପୁରୁଷ ବିଭାଗ (ଏପ୍ରିଲ ୨୦୨୨)।

# ପାକିସ୍ତାନ କ୍ରିକେଟ ଖେଳାଳିଙ୍କୁ ଭିଜା ମିଳିବ

**ଭାରତରେ ଟି୨୦ ବିଶ୍ୱକପ୍**

ନୂଆଦିଲ୍ଲୀ, ୧୭।୪ (ପି.ଟି.)

ଅକ୍ଟୋବରରେ ଭାରତରେ ଖେଳାଯିବାକୁ ଥିବା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବା ଲାଗି ପାକିସ୍ତାନ ଖେଳାଳିଙ୍କୁ ଭିଜା ମିଳିବ। କେନ୍ଦ୍ର ସରକାରଙ୍କଠାରୁ ଏନେଇ ନିର୍ଭର ପ୍ରତିଶ୍ରୁତି ମିଳିଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। ଶୁକ୍ରବାର ବିସିସିଆଇ ଆପେକ୍ସ କାଉନ୍‌ସିଲର ଏକ ବୈଠକ ଭିଡିଓ କନଫରେନ୍ସ ଜରିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶାହା ମଧ୍ୟ ଭାଗ ନେଇଥିଲେ। ଟି୨୦ ବିଶ୍ୱକପ୍ ୯ଟି ଭେନ୍ୟୁରେ ହେବ। ଫାଇନାଲ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଆୟୋଜନ ହେବ। ଅନ୍ୟ ଭେନ୍ୟୁଗୁଡ଼ିକ ହେଲା ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, କୋଲକାତା, ବେଙ୍ଗାଲୁରୁ, ହାଇଦ୍ରାବାଦ, ଧର୍ମଶାଳା ଓ ଲକ୍ଷ୍ନୌ। ପାକିସ୍ତାନ କ୍ରିକେଟ ଟିମ୍ ପାଇଁ ଭିଜା ସମସ୍ୟାର ସମାଧାନ ହୋଇଛି। ତେବେ ମ୍ୟାଚ ଦେଖିବା ଲାଗି ସୀମା ଆରପଟୁ ଖେଳପ୍ରେମୀମାନଙ୍କୁ ଅନୁମତି ମିଳିବ କି ନା ତାହା ସ୍ପଷ୍ଟ ହୋଇପାରିନାହିଁ। ଏ ସମ୍ପର୍କରେ ନିଷ୍ପତ୍ତି ପରେ ନିଆଯିବ। ଭାରତ ଓ ପାକିସ୍ତାନ ମଧ୍ୟରେ କୂଟନୈତିକ ଉତ୍ତେଜନା ଯୋଗୁ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଦଶନ୍ଧି ହେଲା ଦ୍ୱିପାକ୍ଷିକ କ୍ରିକେଟ ସମ୍ଭବ ହୋଇପାରି ନାହିଁ। ଟି୨୦ ବିଶ୍ୱକପ୍‌ର ୭ମ ସଂସ୍କରଣରେ ଭାଗ ନେବା ଲାଗି ଏହାର ୧୬ ଜଣିଆ ଦଳ ପାଇଁ ଭିଜା ଲାଗି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ଠାରୁ ନିର୍ଭର ପ୍ରତିଶ୍ରୁତି ଚାହିଁଥିଲା ପାକିସ୍ତାନ।

# ହାଇଦ୍ରାବାଦର ପ୍ରଭାବୀ ବୋଲିଂ

**ଚେନ୍ନାଇ,୧୭।୪**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ନବମ ମୁକାବିଲାରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଡେଭିଡ ୱାର୍ନରଙ୍କ ସନ୍‌ରାଇଜର୍ସ ହାଇଦ୍ରାବାଦ ପରସ୍ପରକୁ ଭେଟିଛନ୍ତି। ସ୍ଥାନୀୟ ଚେପକ୍ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ ଜିତି ମୁମ୍ବାଇ ଅଧିନାୟକ ରୋହିତ ଶର୍ମା ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ତାଙ୍କର ଏହି ନିଷ୍ପତ୍ତି ସେତେଟା ଫଳପ୍ରଦ ହୋଇ ନ ଥିଲା। ଦଳ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ହାଇଦ୍ରାବାଦର ବୋଲିଂ ପ୍ରଭାବୀ ସାବ୍ୟସ୍ତ ହୋଇଥିଲା। ଫଳରେ ୨୦ ଓଭରରେ ମୁମ୍ବାଇ ୫ ଉଇକେଟ ହରାଇ ମାତ୍ର ୧୫୦ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଓପନର କ୍ୱିଣ୍ଟନ ଡିକକ୍ ସର୍ବାଧିକ ୪୦ ରନ ସଂଗ୍ରହ କରିଥିଲେ।

**ପୋଲାର୍ଡ ୨୦୦ ଛକା ପୂରଣ କଲେ**

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ମୁମ୍ବାଇ ଜବରଦସ୍ତ ଆରମ୍ଭ କରିଥିଲା। ପ୍ରଥମ ଉଇକେଟରେ ଦୁଇ ଓପନର କ୍ୱିଣ୍ଟନ ଡିକକ୍ ଓ ଅଧିନାୟକ ରୋହିତ ଶର୍ମା ୪୧ ବଲରୁ ୫୫ ରନ ସଂଗ୍ରହ କରିଥିଲେ। ପ୍ରଥମ ଉଇକେଟ ଭାବେ ରୋହିତ ୨୫ ବଲରୁ ୨ଟି ଲେଖାଏ ଛକା ଓ ଚୌକା ସହ ୩୨ ରନ କରିଥିବା ବେଳେ ଡିପ୍ ମିଡ୍‌ଉଇକେଟରେ ବିରାଟ ସିଂଙ୍କୁ କ୍ୟାଚ୍ ଦେଇ ବିଜୟ ଶଙ୍କରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଇନ୍‌ଫର୍ମ ଟପ୍‌ଅର୍ଡର ବ୍ୟାଟ୍ସମ୍ୟାନ ସୂର୍ଯ୍ୟକୁମାର ଯାଦବ ଫେଲ୍ ମାରିଥିଲେ। ସେ ୬ ବଲରୁ ଗୋଟିଏ ଲେଖାଏ ଛକା ଓ ଚୌକା ସହ ୧୦ ରନ କରି ଶଙ୍କରଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଏହାପରେ ଡିକକ୍ ୩୯ ବଲରୁ ୫ ଚୌକା ସହ ସର୍ବାଧିକ ୪୦ ରନ କରି ଅଫ୍ ସ୍ପିନର ମୁଜିବ ଉର ରହମାନଙ୍କ ବଲରେ ଡିପ୍ ମିଡ୍‌ଉଇକେଟରେ ବଦଳ ଖେଳାଳି ଜେ. ସୁଚିତଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଫଳରେ ୯୮ ରନରେ ମୁମ୍ବାଇ ଟପ୍ ଅର୍ଡରର ୩ ଉଇକେଟର ପତନ ହୋଇଥିଲା। ଯୁବ ବ୍ୟାଟ୍ସମ୍ୟାନ ଇଶାନ କିଷନ ମଧ୍ୟ ବିଫଳ ହୋଇଥିଲେ। ୨୧ଟି ବଲ୍ ଖେଳି ମାତ୍ର ୧୨ ରନକରି ସେ ଉଇକେଟକିପର ଜନି ବେୟାରଷ୍ଟୋଙ୍କୁ କ୍ୟାଚ୍ ଦେଇ ମୁଜିବଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ କ୍ରିଜ୍‌ରେ ବେଶି ସମୟ ତିଷ୍ଠିପାରି ନ ଥିଲେ। ୫ ବଲ ଖେଳି ୧ ଚୌକା ସହ ୭ ରନ କରିଥିବା ବେଳେ ସେ ବିରାଟ ସିଂଙ୍କୁ କ୍ୟାଚ୍ ଦେଇ ଖଲିଲ ଅହମ୍ମଦଙ୍କ ଦ୍ୱାରା ଆଉଟ ହୋଇଥିଲେ। ଫଳରେ ୧୩୧ ରନରେ ମୁମ୍ବାଇ ୫ ଉଇକେଟ ହରାଇଥିଲା। ତେବେ ଷଷ୍ଠ ଉଇକେଟରେ କିରନ ପୋଲାର୍ଡ ଓ କ୍ରୁନାଲ ପାଣ୍ଡ୍ୟା ୮ ବଲରୁ ଦ୍ରୁତ ୧୯ ରନ କରିଥିଲେ। କ୍ରୁନାଲ ୩ ଓ ପୋଲାର୍ଡ ୨୨ ବଲରୁ ୧ ଚୌକା ଏବଂ ୩ ଛକା ସହ ୩୫ ରନକରି ଅପରାଜିତ ରହି ଦଳର ସ୍କୋରକୁ ଦେଢ଼ଶହରେ ପହଞ୍ଚାଇଥିଲେ। ଏଥିସହ ପୋଲାର୍ଡ ଆଇପିଏଲ୍‌ରେ ୨୦୦ ଛକା ପୂରଣ କରିଛନ୍ତି। ୨୦୧ଟି ଛକା ମାରି ସେ ବିରାଟ କୋହଲିଙ୍କ ସମକକ୍ଷ ହୋଇଛନ୍ତି। ଅନ୍ତିମ ଦୁଇ ବଲ୍‌ରେ ସେ ଦୁଇଟି ଛକା ମାରିଥିଲେ। ରୋହିତ ମଧ୍ୟ ଭାରତୀୟଙ୍କ ମଧ୍ୟରେ ଆଇପିଏଲ୍‌ରେ ସର୍ବାଧିକ ୨୧୭ଟି ଛକା ମାରି ମହେନ୍ଦ୍ର ସିଂ ଧୋନୀଙ୍କୁ ପଛରେ ପକାଇଛନ୍ତି। ବୋଲିଂରେ ହାଇଦ୍ରାବାଦ ତରଫରୁ ମୁଜିବ ଓ ଶଙ୍କର ୨ଟି ଲେଖାଏ, ଖଲିଲ ଗୋଟିଏ ଉଇକେଟ ନେଇଥିଲେ।

**ହାଇଦ୍ରାବାଦ ଦଳରେ ୪ ପରିବର୍ତ୍ତନ**

ହାଇଦ୍ରାବାଦ ଦଳରେ ୪ଟି ପରିବର୍ତ୍ତନ କରାଯାଇଥିଲା। ଋଦ୍ଧିମାନ ଶାହା, ଜାସନ ହୋଲ୍ଡର, ଟି. ନଟରାଜନ ଓ ଶାହବାଜ ନଦିମଙ୍କ ବଦଳରେ ବିରାଟ ସିଂ, ଅଭିଷେକ ଶର୍ମା, ମୁଜିବ ଓ ଖଲିଲଙ୍କୁ ସୁଯୋଗ ଦିଆଯାଇଥିଲା। ସେହିପରି ମୁମ୍ବାଇ ଦଳରେ ଗୋଟିଏ ପରିବର୍ତ୍ତନ କରାଯାଇଥିଲା। ମାର୍କୋ ଜେନସନଙ୍କ ବଦଳରେ ଆଡମ ମିଲେନଙ୍କୁ ଖେଳାଯାଇଥିଲା। ବିଦେଶୀ ଖେଳାଳିଭାବେ ମୁମ୍ବାଇ ଦଳରେ ଡିକକ, ପୋଲାର୍ଡ, ଆଡମ ମିଲ୍‌ନେ ଓ ଟ୍ରେଣ୍ଟ ବୋଲ୍ଟ ଖେଳିଛନ୍ତି। ସେହିପରି ହାଇଦ୍ରାବାଦ ଦଳରେ ଅଧିନାୟକ ୱାର୍ନରଙ୍କ ସମେତ ଜନି ବେୟାରଷ୍ଟୋ, ରସିଦ ଖାଁ, ମୁଜିବ ଉର ରହମାନ ବିଦେଶୀ ଭାବେ ଖେଳିଥିଲେ।

**ସଂକ୍ଷିପ୍ତ ସ୍କୋର:**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୫୦/୫ (ଡିକକ୍- ୪୦, ପୋଲାର୍ଡ- ୩୫*, ରୋହିତ- ୩୨, କିଷନ- ୧୨, ସୂର୍ଯ୍ୟକୁମାର- ୧୦, ମୁଜିବ- ୨/୨୯, ଶଙ୍କର- ୨/୧୯, ଖଲିଲ- ୧/୨୪ )।



ମୁମ୍ବାଇ ଇଣ୍ଡିଆନ୍ସର ଟପ୍ ସ୍କୋରର୍ କ୍ୱିଣ୍ଟନ ଡିକକ୍ ଏକ ଆକର୍ଷଣୀୟ ସଟ୍ ଖେଳୁଛନ୍ତି।

# ହାମିଲଟନଙ୍କୁ ପୋଲ୍ ପୋଜିଶନ

**ଇମୋଲା (ଇଟାଲି), ୧୭।୪**

ରବିବାର ହେବାକୁ ଥିବା ଇମିଲିଆ ରୋମାଗ୍ନା ଗ୍ରାଁ ପ୍ରି ପାଇଁ ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ପୋଲ୍ ପୋଜିଶନ ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ ରୋମାଞ୍ଚକ କ୍ୱାଲିଫାଇଙ୍ଗ ସେସନରେ ସେ ରେଡ୍‌ବୁଲ୍‌ର ସର୍ଗିଓ ପେରେଜଙ୍କୁ ମାତ୍ର ୦.୦୩୫ ସେକେଣ୍ଡ ଟାଇମିଂରେ ପଛରେ ପକାଇ ରେସ୍ ଜିତିଥିଲେ। ହାମିଲଟନଙ୍କ କ୍ୟାରିୟରର ଏହା ହେଉଛି ୯୯ତମ ପୋଲ୍ ପୋଜିଶନ। ପେରେଜ ନିଜ ଟିମ୍‌ମେଟ୍ ମାକ୍ସଭର୍ଷ୍ଟାପେନ୍‌ଙ୍କ ଆଗରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ଚତୁର୍ଥ ହୋଇଥିଲେ। ୫ମରୁ ୧୦ମ ସ୍ଥାନ ଅଧିକାର କରିଥିବା ଅନ୍ୟମାନେ ହେଲେ ପିଏରେ ଗାସ୍‌ଲି (ଆଲ୍‌ଫା ଟାଉରି), ଡାନିଏଲ ରିକାର୍ଡୋ (ମ୍ୟାକଲାରେନ), ଲାଣ୍ଡୋ ନୋରିସ (ମ୍ୟାକଲରେନ), ଭାଲଟୋରି ବୋଟାସ (ମର୍ସିଡିଜ୍),ଷ୍ଟିବାନ ଓକନ (ଆଲପାଇନ୍) ଓ ଲାନ୍ସ ଷ୍ଟ୍ରୋଲ୍ (ଆଷ୍ଟନ ମାର୍ଟିନ)। ସୂଚନାଯୋଗ୍ୟ, ଇମିଲିଆ ରୋମାଗ୍ନା ଗ୍ରାଁ ପ୍ରି ହେଉଛି ଚଳିତ ଫର୍ମୁଲା ୱାନ ସିଜନର ଦ୍ୱିତୀୟ ରେସ୍। ଗତ ମାସରେ ଅନୁଷ୍ଠିତ ବାହାରିନ ଗ୍ରାଁ ପ୍ରିରେ ବିଶ୍ୱ ଚାମ୍ପିୟନ ଲୁଇସ୍ ହାମିଲଟନ ଟାଇଟଲ ବିଜୟୀ ହୋଇଥିଲେ।








## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ | ୨ | ୨ | ୦ | ୪ | +୦.୧୭୫ |
| ଚେନ୍ନାଇ ସୁପରକିଙ୍ଗ୍ସ | ୨ | ୧ | ୧ | ୨ | +୦.୬୧୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୨ | ୧ | ୧ | ୨ | +୦.୨୨୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୧ | ୧ | ୨ | +୦.୧୯୫ |
| ରାଜସ୍ଥାନ ରୟାଲ୍ସ | ୨ | ୧ | ୧ | ୨ | +୦.୦୫୨ |
| ନାଇଟ ରାଇଡର୍ସ | ୨ | ୧ | ୧ | ୨ | ୦.୦୦୦ |
| ପଞ୍ଜାବ କିଙ୍ଗ୍ସ | ୨ | ୧ | ୧ | ୨ | -୦.୯୦୯ |
| ସନ୍‌ରାଇଜର୍ସ | ୨ | ୦ | ୨ | ୦ | -୦.୪୦୦ |

# ପଡିକାଲଙ୍କୁ ଲାରାଙ୍କ ପ୍ରଶଂସା

**ମୁମ୍ବାଇ,୧୭।୪(ପି.ଟି.):** ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଯୁବ ଓପନର ଦେବଦତ୍ତ ପଡିକାଲଙ୍କୁ ପ୍ରଶଂସା କରିଛନ୍ତି କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜ କ୍ରିକେଟର ବ୍ରାଏନ୍ ଲାରା। ସେ ଜଣେ ଉଚ୍ଚକୋଟୀର ବ୍ୟାଟ୍ସମ୍ୟାନ। ତେବେ ତାଙ୍କର କେତୋଟି ଟେକ୍‌ନିକାଲ ସମସ୍ୟା ରହିଛି। ସେଗୁଡିକୁ ସୁଧାରିପାରିଲେ ସେ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଆହୁରି ଉନ୍ନତ ପ୍ରଦର୍ଶନ କରିପାରିବେ ବୋଲି ସେ କହିଛନ୍ତି।

ଆଇପିଏଲ୍‌ର ଗତ ସଂସ୍କରଣରେ ପଡିକାଲ ୪୭୪ ରନ ସଂଗ୍ରହ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ୫ଟି ଅର୍ଦ୍ଧଶତକ ସାମିଲ ରହିଥିଲା। ବାଙ୍ଗାଲୋରର ଅଭିଯାନରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଏଥର କରୋନ ଭାଇରସ ଦ୍ୱାରା ସଂକ୍ରମିତ ହୋଇଥିବା ପଡିକାଲ ପ୍ରଥମ ମ୍ୟାଚ୍ ଖେଳିପାରି ନ ଥିଲେ ଓ ଦ୍ୱିତୀୟ ମ୍ୟାଚ୍‌ରେ ହାଇଦ୍ରାବାଦ ବିପକ୍ଷରେ ମାତ୍ର ୧୧ ରନ ସଂଗ୍ରହ କରିଥିଲେ।

ପଡିକାଲ ଜଣେ ଅସାଧାରଣ ବ୍ୟାଟ୍ସମ୍ୟାନ। ଗତବର୍ଷ ସେ ୫ଟି ଅର୍ଦ୍ଧଶତକ ହାସଲ କରିଥିଲେ। ଭଲ ବ୍ୟାଟିଂ କରି ଅଧିନାୟକ ବିରାଟ କୋହଲିଙ୍କୁ ସେ ଉପଯୁକ୍ତ ସହାୟତା ପ୍ରଦାନ କରିଥିଲେ ବୋଲି ଲାରା ଏକ ସାକ୍ଷାତକାରରେ କହିଛନ୍ତି। ଗତ ୫ ମାସ ହେବ ସେ କଠିନ ପରିଶ୍ରମ କରିଛନ୍ତି ଓ ନିଜ କୌଶଳରେ ଉନ୍ନତି ଆଣିଛନ୍ତି। ତେଣୁ ସେ ଆଗକୁ ସଫଳ ହେବେ ବୋଲି ଲାରା ଆଶାପ୍ରକାଶ କରିଛନ୍ତି।

# ପନ୍ତ-ରାହୁଲ ମୁକାବିଲା

**ମୁମ୍ବାଇ,୧୭।୪(ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ରବିବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ରିଷଭ ପନ୍ତଙ୍କ ଦିଲ୍ଲୀ କ୍ୟାପିଟାଲ୍ସ ଓ ଲୋକେଶ ରାହୁଲଙ୍କ ନେତୃତ୍ୱାଧୀନ ପଞ୍ଜାବ କିଙ୍ଗ୍ସ ପରସ୍ପରକୁ ଭେଟିବେ। ବିଭିନ୍ନ ଦୃଷ୍ଟିକୋଣରୁ ଦିଲ୍ଲୀ ପାଦେ ଆଗରେ ଥିବା ପରି ଜଣାପଡୁଛି। ତେବେ ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ସନ୍ଧ୍ୟାରେ ଖେଳାଯିବାକୁ ଥିବା ଲିଗ୍‌ର ଏହି ୧୧ତମ ମ୍ୟାଚ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ଦୁଇଟି ଯାକ ଦଳ ସେମାନଙ୍କ ଗତ ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି।

ଆଇପିଏଲ୍‌ରେ ନେତୃତ୍ୱ ଦୃଷ୍ଟିକୋଣରୁ ବିଚାର କରାଗଲେ ପନ୍ତ ସାମାନ୍ୟ ଅନଭିଜ୍ଞ ଜଣା ପଡୁଛନ୍ତି। ଗତ ମ୍ୟାଚ୍‌ରେ ଏହି କାରଣରୁ ସେ ସୁଯୋଗ ହରାଇଥିଲେ। ଦଳର ଶ୍ରେଷ୍ଠ ବୋଲର ରବିଚନ୍ଦ୍ରନ ଅଶ୍ୱିନଙ୍କ କୋଟା ପୂରଣ ନ କରି ସେ ଟମ୍ କୁରାନଙ୍କ ଭଳି ମିଡିୟମ ପେସରଙ୍କୁ ବ୍ୟବହାର କରିଥିଲେ। କୋଚ୍ ରିକିପଣ୍ଟିଂ ଏ ନେଇ ମଧ୍ୟ ଅଙ୍ଗୁଳିନିର୍ଦ୍ଦେଶ କରିଛନ୍ତି। ସେ ଏହି ତ୍ରୁଟି ସୁଧାରିବେ ବୋଲି ଆଶା କରାଯାଉଛି। ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ ୭ ଉଇକେଟରେ ଚେନ୍ନାଇକୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଥିଲା। ତେବେ ଦ୍ୱିତୀୟ ମ୍ୟାଚ୍‌ରେ ଦିଲ୍ଲୀ ରାଜସ୍ଥାନ ରୟାଲ୍ସଠାରୁ ୩ ଉଇକେଟରେ ପରାସ୍ତ ହୋଇଥିଲା। ଦ୍ରୁତ ବୋଲର ଅନରିଚ୍ ନର୍ଜେ ଅନ୍ତିମ ଏକାଦଶରେ ସାମିଲ ହେଲେ ଦିଲ୍ଲୀ ଦଳର ବୋଲିଂ ଆଟାକ ଆହୁରି ଦୃଢ ହେବ ବୋଲି କୁହାଯାଇପାରେ। ଗତ ମ୍ୟାଚ୍‌ରେ କୁରାନଙ୍କ ବୋଲିଂରେ ପେସ୍ ନ ଥିବାରୁ କ୍ରିସ୍ ମୋରିସ ଓ ଡେଭିଡ ମିଲର ଏହାର ଭରପୂର ଫାଇଦା ଉଠାଇଥିଲେ।

ଅପରପକ୍ଷରେ ପଞ୍ଜାବ କିଙ୍ଗ୍ସ ପ୍ରଥମ ମ୍ୟାଚ୍‌ରେ ରାଜସ୍ଥାନକୁ ୪ ରନରେ ପରାସ୍ତ କରିଥିଲା। ତେବେ ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇଠାରୁ ୬ ଉଇକେଟରେ ପରାସ୍ତ ହୋଇଥିଲା। ଦୀପକ ଚହରଙ୍କ ଅତିରିକ୍ତ ବାଉନ୍ସ ଓ ସିମ୍ ମୁଭମେଣ୍ଟକୁ ମାପିପାରି ପଞ୍ଜାବ ବ୍ୟାଟ୍ସମ୍ୟାନ ଫେଲ ମାରିଥିଲେ। ପ୍ରଥମ ମ୍ୟାଚ୍‌ରେ ୨୦୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିଥିଲେ ମଧ୍ୟ ପଞ୍ଜାବ ଦ୍ୱିତୀୟ ମ୍ୟାଚ୍‌ରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା।

ଫ୍ଲଡ୍‌ଲାଇଟ୍ ତଳେ ୱାଙ୍ଖେଡେ ପିଚ୍ ନେଇ କେତୋଟି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କ୍ୱାଲିଟି ଫାଷ୍ଟ ବୋଲିଂ ଆଗରେ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନମାନେ ସଂଘର୍ଷ କରୁଥିବା ଲକ୍ଷ୍ୟ କରାଯାଇଛି। ତେଣୁ ରାହୁଲ ବନାମ କାଗିସେ ରାବାଡ଼ା ମୁକାବିଲା ରୋମାଞ୍ଚକ ହେବ। ସେହିପରି କ୍ରିସ୍ ଗେଲ୍‌ଙ୍କୁ କ୍ରିସ ୱୋକ୍ସଙ୍କ ବୋଲିଂ ମଧ୍ୟ ଦେଖିବାଯୋଗ୍ୟ ହେବ। ସେହିପରି ମହମ୍ମଦ ସାମିଙ୍କୁ ପୃଥ୍ୱୀ ଶ କିପରି ଖେଳୁଛନ୍ତି ଓ ଅର୍ଶଦୀପ ସିଂଙ୍କୁ ଶିଖର ଧାୱନ କିଭଳି ମୁକାବିଲା କରୁଛନ୍ତି ତାହା ଦେଖିବା ମଜାଦାର ହେବ।

ଦୁଇ ଦଳର ବ୍ୟାଟିଂ ବେଶ୍ ଦୃଢ ମନେହୁଏ। ଦିଲ୍ଲୀ ପୃଥ୍ୱୀ, ଧାୱନ ଓ ପନ୍ତଙ୍କ ଉପରେ ନିର୍ଭରଶୀଳ ହେବ। ସେହିପରି ପଞ୍ଜାବର ବ୍ୟାଟିଂ ରାହୁଲ, ଗେଲ ଓ ଦୀପକ ହୁଡାଙ୍କ ଉପରେ ନିର୍ଭର କରିବ। ଦୁଇ ଦଳର ଦୁର୍ବଳତା ମଧ୍ୟ ଠିକ୍ ସମାନ। ଅଜିଙ୍କ୍ୟ ରାହାନେଙ୍କଠାରେ ପାୱାର ହିଟିଂ କ୍ଷମତାର ଅଭାବ ରହିଛି। ମାର୍କସ ଷ୍ଟୋଇନିସ୍‌ଙ୍କ ଅସ୍ଥିର ପ୍ରଦର୍ଶନ ଦିଲ୍ଲୀ ମିଡ୍‌ଲ ଅର୍ଡରକୁ ପ୍ରଭାବିତ କରୁଛି। ସେହିପରି ନିକୋଲା ପୁରନ ଓ ମୟଙ୍କ ଅଗ୍ରୱାଲଙ୍କ ଦୁର୍ବଳ ପ୍ରଦର୍ଶନ ପଞ୍ଜାବ ପ୍ରଦର୍ଶନକୁ ପ୍ରଭାବିତ କରିଛି। ଦୁଇ ଦଳର ମିଡ୍‌ଲ ଅର୍ଡର ଆଶାନୁରୂପ ପ୍ରଦର୍ଶନ କରିବାରେ ସଫଳ ହୋଇନାହିଁ। ପଞ୍ଜାବ ଦଳରେ ସାମି, ଝେ ରିଚାର୍ଡସନ, ରିଲେ ମର୍ଡିଥଙ୍କ ଭଳି କ୍ୱାଲିଟି ପେସର ରହିଛନ୍ତି। ମିଷ୍ଟ୍ରି ସ୍ପିନର ମୁରୁଗାନ ଅଶ୍ୱିନ ସେତେଟା ସଫଳ ହୋଇନାହାନ୍ତି। ତେଣୁ ରବି ବିଷ୍ଣୋଇଙ୍କୁ ନେଇ କୋଚ୍ ଅନିଲ କୁମ୍ବଲେ ଓ ରାହୁଲ ବିକଳ୍ପ ରୂପେ ବ୍ୟବହାର କରିପାରନ୍ତି।

**ପଞ୍ଜାବ କିଙ୍ଗ୍ସ ଦଳ:** କେ.ଏଲ୍. ରାହୁଲ (ଅଧିନାୟକ/ଉଇକେଟକିପର), ମୟଙ୍କ ଅଗ୍ରୱାଲ, କ୍ରିସ୍ ଗେଲ୍, ମନଦୀପ ସିଂ,ପ୍ରଭ୍‌ସିମରନ ସିଂ, ନିକୋଲାସ ପୁରାନ (ଉଇକେଟକିପର), ସର୍ଫରାଜ ଖାନ୍, ଦୀପକ ହୁଡା, ମୁରୁଗାନ ଅଶ୍ୱିନ, ରବି ବିଷ୍ଣୋଇ, ହରପ୍ରୀତ ବ୍ରାର୍, ମହମ୍ମଦ ସାମି, ଆକାଶଦୀପ ସିଂ, ଇଶାନ ପୋରେଲ, ଦର୍ଶନ ନାଲକାଣ୍ଡେ, କ୍ରିସ୍ ଜୋର୍ଡାନ, ଡାୱିଡ ମାଲାନ, ଝେ ରିଚାର୍ଡସନ, ଶାହରୁଖ ଖାନ୍, ରିଲେ ମର୍ଡିଥ୍, ମୋଇସେସ୍ ହେନରିକ୍, ଜଲଜ ସାକ୍ସେନା, ଉତ୍କର୍ଷ ସିଂ, ଫାବିଏନ୍ ଆଲେନ୍ ଓ ସୌରଭ କୁମାର।

**ଦିଲ୍ଲୀ କ୍ୟାପିଟାଲ୍ସ ଦଳ:** ରିଷଭ ପନ୍ତ (ଅଧିନାୟକ), ଶିଖର ଧାୱନ, ପୃଥ୍ୱୀ ଶ, ଅଜିଙ୍କ୍ୟ ରାହାନେ, ଶିମରନ ହେଟମେୟର, ମାର୍କସ ଷ୍ଟୋଇନିସ୍, କ୍ରିସ୍ ୱୋକ୍ସ, ଆର. ଅଶ୍ୱିନ, ଅକ୍ଷର ପଟେଲ, ଅମିତ ମିଶ୍ରା, ଲଲିତ ଯାଦବ, ପ୍ରବୀଣ ଦୁବେ, କାଗିସୋ ରାବାଡ଼ା, ଅନରିଚ ନୋର୍ଜେ, ଈଶାନ୍ତ ଶର୍ମା, ଆଭେସ ଖାଁ, ଷ୍ଟିଭ ସ୍ମିଥ୍, ଉମେଶ ଯାଦବ, ରିପଲ ପଟେଲ, ବିଷ୍ଣୁ ବିନୋଦ, ଲୁକ୍‌ମ୍ୟାନ ମେରିୱାଲା, ଏମ୍. ସିଦ୍ଧାର୍ଥ, ଟମ୍ କୁରାନ ଓ ସାମ୍ ବିଲିଙ୍ଗ୍ସ।



ଅଭ୍ୟାସ ସେସନ ଅବସରରେ ଦିଲ୍ଲୀ କ୍ୟାପିଟାଲ୍ସ ଦଳର ସାମ୍ ବିଲିଙ୍ଗସ୍ ଓ କାଗିସୋ ରାବାଡ଼ା।








Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ